ALLEN
ADMISSIONS OPEN
Session 2025-26
Page No.- 3

ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଶ୍ରୀଦେବୀଙ୍କ ବାୟୋପିକ୍‌ରେ କାମ କରିବାକୁ ଚାହାଁନ୍ତି ତମନ୍ନା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com


ଏକବିଂଶତମ ବର୍ଷ ସଂଖ୍ୟା-୩୪୮ Vol. 21 No-348 20 MARCH 2025 THURSDAY BHUBANESWAR ଗୁରୁବାର, ୨୦ ମାର୍ଚ୍ଚ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦

# ମହାଶୂନ୍ୟରୁ ପୃଥିବୀ ଦୀର୍ଘ ପ୍ରତୀକ୍ଷାର ଅବସାନ

# ସୁନୀତାଙ୍କ ସୁରକ୍ଷିତ ଅବତରଣ







**ବୁଧବାର ଭୋର ୩.୨୭ରେ ପୃଥିବୀପୃଷ୍ଠ ଛୁଇଁଲେ**

**ସୁନୀତା ଓ ବୁଚ୍‌ଙ୍କୁ ପ୍ରଥମେ ସ୍ୱାଗତ କଲା ସମୁଦ୍ର**

**କଥା ଦେଇଥିଲୁ, କଥା ରଖିଲୁ: ଟ୍ରମ୍ପ**

**ଟ୍ରମ୍ପଙ୍କୁ ଧନ୍ୟବାଦ ଦେଲେ ଏଲନ୍ ମସ୍କ**

**ଭାଉଜଙ୍କୁ ମାଗିଥିଲେ କୁମ୍ଭମେଳା ଫଟୋ**

**ଭାରତର ବିଭିନ୍ନ ସ୍ଥାନରେ ବିଜୟ ଉତ୍ସବ**

**ମେଡ଼ିକାଲ ଟିମ୍ ନଜରରେ ରହିବେ ୪୫ ଦିନ**

ନୂଆଦିଲ୍ଲୀ, ୧୯।୩: ମହାଶୂନ୍ୟରୁ ପୃଥିବୀ ଦୀର୍ଘ ପ୍ରତୀକ୍ଷାର ଘଟିଛି ଅବସାନ। ସବୁ ଆଶା ଓ ଆଶଙ୍କାର ହୋଇଛି ଅନ୍ତଃ। ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ଫସିଥିବା ଭାରତୀୟ ବଂଶୋଦ୍ଭବ ସୁନୀତା ୱିଲିୟମ୍ସ ତିନି ସାଥୀଙ୍କ ସହ ବୁଧବାର ସକାଳେ ପୃଥିବୀ ପୃଷ୍ଠରେ ସୁରକ୍ଷିତ ଅବତରଣ କରିଛନ୍ତି। ମହାକାଶଯାନ ସ୍ପେସ୍ ସେଣ୍ଟରରୁ ଅଲଗା ହୋଇ ପୃଥିବୀକୁ ଫେରିଛି। ଏହି ମହାକାଶ ଯାନ ବୁଧବାର ଭୋର ୩.୨୭ରେ ଫ୍ଲୋରିଡା ତଟରେ ଅବତରଣ କରିଛି। ସୁନୀତାଙ୍କ ପ୍ରତ୍ୟାବର୍ତ୍ତନରେ ବିଶ୍ୱବ୍ୟାପୀ ଖୁସିର ଲହରୀ ଖେଳିଯାଇଛି। ସୁନୀତାଙ୍କ ସହ ମହାକାଶଚାରୀ ବୁଚ୍ ୱିଲମୋର ଓ ଆଉ ଦୁଇଜଣ ମହାକାଶଚାରୀ ଦୀର୍ଘ ୧୭ ଘଣ୍ଟାର ଯାତ୍ରାପରେ ସ୍ପେସ୍ ଷ୍ଟେସନରୁ ବାହାରି ପୃଥିବୀରେ ପହଞ୍ଚିଛନ୍ତି। ବୁଧବାର ସକାଳେ ଫ୍ଲୋରିଡା ତଟରେ ଅବତରଣ କରିଥିଲା ସ୍ପେସ୍ ଏକ୍ସ କ୍ରିୟୁ ଡ୍ରାଗନ୍ କ୍ୟାପସୁଲ। ମହାକାଶରେ ୯ ମାସ ବିନା ଗ୍ରାଭିଟ୍‌ରେ ବିତାଇବା ପରେ ଏବେ ସୁନୀତା ଓ ତାଙ୍କ ସାଥୀଙ୍କୁ ପୃଥିବୀ ପୃଷ୍ଠରେ ରହିବାରେ ଅନେକ ସମସ୍ୟା ଦେଖାଦେବ। ଡ୍ରାଗନ ସ୍ପେସ୍ କ୍ରାଫ୍ଟରୁ ସୁନୀତା ଓ ବୁଚ୍ ବାହାରିବା ପରେ ସେମାନଙ୍କୁ ଷ୍ଟ୍ରେଚରରେ ନାସାର ବିମାନ ଭିତରକୁ ନିଆଯାଇଥିଲା। ଏହାପରେ ତାଙ୍କୁ ହ୍ୟୁଷ୍ଟନରେ ଥିବା ଜନସନ ସ୍ପେସ୍ ସେଣ୍ଟରକୁ ନିଆଯାଇଛି। ସେଠାରେ ୪୫ ଦିନରୁ ଅଧିକ ସମୟ ଦୁଇ ମହାକାଶଚାରୀ ଡାକ୍ତରଙ୍କ ନଜରରେ ରହିବେ। କାରଣ ସୁନୀତା ଓ ଅନ୍ୟ ମହାକାଶଚାରୀଙ୍କୁ ପୃଥିବୀ ପୃଷ୍ଠରେ ଆଡଜଷ୍ଟ କରିବା ଖୁବ୍ କଷ୍ଟକର ହେବ। କାରଣ ତାଙ୍କ ଚାଲିବାରେ ସମସ୍ୟା ଦେଖାଦେବ। ୯ମାସ ମହାକାଶରେ ରହିବା ପରେ ତାଙ୍କର ତଳିପାଦ ନରମ ପଡ଼ିଯିବାର ଦେଖାଯାଇଛି। ଏହି କାରଣରୁ ତାଙ୍କର ଚାଲିବା କଷ୍ଟକର ହେବ ବୋଲି କୁହାଯାଉଛି। କାରଣ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି କାରଣରୁ ପାଦର ଚମଡ଼ା ମୋଟା ଓ ଶକ୍ତ ହୋଇଥାଏ। ପୂର୍ବଭଳି ସୁନୀତାଙ୍କ ପାଦ ହେବାପାଇଁ ଆଉ କିଛି ସପ୍ତାହ କିମ୍ବା ମାସ ଲାଗିବାର ସମ୍ଭାବନା ରହିଛି। ମହାକାଶରେ ହାଡର ଘନତ୍ୱ କମ୍ ହୋଇଯାଇଥାଏ। ଫଳରେ ହାଡ ଦୁର୍ବଳ ହେବା ସହ ପାଦ, ପିଠି, ବେକର ମାଂସପେଶୀରେ ପ୍ରଭାବ ପଡ଼ିଥାଏ। ମହାକାଶଯାତ୍ରୀ ପୃଥିବୀ ଫେରିବା ପରେ ତାଙ୍କୁ ସିଧାସଳଖ ଘରକୁ ଯିବାକୁ ଅନୁମତି ମିଳିନଥାଏ। ତାଙ୍କୁ କିଛିଦିନ ପାଇଁ ଡାକ୍ତରଙ୍କ ଦେଖାଶୁଣାରେ ରଖାଯାଇଥାଏ। ଏହା ଏକ ନିୟମିତ ପ୍ରକ୍ରିୟା। ମେଡ଼ିକାଲ ଯାଞ୍ଚ ପ୍ରକ୍ରିୟା ଶେଷ ହେବାପରେ ସୁନୀତା ଓ ସାଥୀ ଅବଜରଭେସନରେ ରହିବେ। ଏହି ସମୟରେ ତାଙ୍କୁ ପରିବାର ସଦସ୍ୟ ଓ ବନ୍ଧୁଙ୍କୁ ଦେଖା କରିବାକୁ ଅନୁମତି ଦିଆଯାଇଥାଏ। ସୁନୀତା ପୃଥିବୀକୁ ଫେରିବା ପରେ ତାଙ୍କ ପରିବାରରେ ଖୁସିର ଲହରୀ ଖେଳିଯାଇଛି। ସୁନୀତା ଚଳିତବର୍ଷ ଭାରତ ଆସିବେ ବୋଲି ତାଙ୍କ ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ସକାଳେ ସମୁଦ୍ରରେ ସ୍ପେସକ୍ରାଫ୍ଟ ଅବତରଣ କରିବା ପରେ ସେଥିରୁ ହସି ହସି ବାହାରିଥିଲେ ସୁନୀତା ଓ ବୁଚ୍ । ମହାକାଶରୁ ଆସି ମାଟି ଛୁଇଁବା ପରେ ସେମାନଙ୍କ ମୁହଁରେ ଖୁସିର ଲହରୀ ଦେଖିବାକୁ ମିଳିଥିଲା। ମହାକାଶରୁ ସୁନୀତାଙ୍କୁ ପ୍ରଥମେ ସ୍ୱାଗତ କରିଥିଲା ସମୁଦ୍ର। ନୀଳ ଜଳରାଶିର ଢେଉ ସୁନୀତାଙ୍କୁ ଅଭିନନ୍ଦନ ଜଣାଉଥିଲା ତ ଆଉ ଅଥଳ ଜଳର ଗର୍ଜନ ସୁନା ଝିଅକୁ ସଲାମ କରୁଥିଲା। ଖାଲି ଆମେରିକା କାହିଁକି, ସୁନୀତାଙ୍କ ପୃଥିବୀ ପ୍ରତ୍ୟାବର୍ତ୍ତନ ଖୁସିରେ ଝୁମିଛି ସାରା ବିଶ୍ୱ। ସାରା ବିଶ୍ୱରେ ସୁନୀତାଙ୍କୁ ନେଇ ଚର୍ଚ୍ଚା, ଖୁସି ଆଉ ସେଲିବ୍ରେସନ। ସୁନୀତା ଭାରତୀୟ ବଂଶୋଦ୍ଭବ ହୋଇଥିବାରୁ ଗୁଜରାଟରେ ଲୋକେ ବାଣ ଫୁଟାଇ ସୁନୀତାଙ୍କ ଫେରିବାକୁ ବିଜୟ ଉତ୍ସବ ଭାବେ ପାଳନ କରିଛନ୍ତି। ● ପୃଷ୍ଠା ୫ ଦେଖନ୍ତୁ

## ସୁନୀତା ଆମ ସମସ୍ତଙ୍କ ପାଇଁ ଆଇକନ୍: ମୋଦୀ



ନୂଆଦିଲ୍ଲୀ, ୧୯।୩: ଦୀର୍ଘ ୯ ମାସ ପରେ ମହାକାଶରୁ ପୃଥିବୀ ପୃଷ୍ଠକୁ ମହିଳା ମହାକାଶଚାରୀ ସୁନୀତା ୱିଲିୟମ୍ସ ଫେରିବା ପରେ ସବୁଠି ଖୁସିର ମାହୋଲ ଦେଖାଦେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏ ନେଇ ଖୁସି ପ୍ରକଟ କରିଛନ୍ତି । ସେ ନିଜର ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି ଯେ ଆମ ସମସ୍ତଙ୍କ ପାଇଁ ସୁନୀତା ଜଣେ ଆଇକନ। ଏଥିସହ ସେ କ୍ରୁ-୯କୁ ଅଭିନନ୍ଦନ ମଧ୍ୟ ଜଣାଇଛନ୍ତି। ସୁନୀତାଙ୍କୁ ସ୍ୱାଗତ କରି ମୋଦୀ ଲେଖିଛନ୍ତି ଯେ ପୃଥିବୀ ତୁମକୁ ମନେ ପକାଇଲା । ତୁମର ଧୈର୍ଯ୍ୟ, ସାହସ ଓ ବିଶାଳ ମାନବୀୟ ଆତ୍ମାର ପରୀକ୍ଷା ସରିଯାଇଛି। ତୁମେ ପ୍ରମାଣକରି ଦେଖାଇଛ ଯେ ଦୃଢ଼ତାର ପ୍ରକୃତ ଅର୍ଥ କ'ଣ। ବିଶାଳ ଅଜଣା ପରିସ୍ଥିତିର ସାମ୍ନାରେ ତୁମର ଦୃଢ଼ ସଂକଳ୍ପ ସବୁବେଳେ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଯୋଗାଇବ। ତେବେ ସୁନୀତା ଓ ତାଙ୍କ ସାଥୀଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ସୁନିଶ୍ଚିତ କରିବା ପାଇଁ ଯେଉଁମାନେ ସାହସିକତାର ସହ କାମ କରିଥିଲେ ସେମାନଙ୍କୁ ମୋଦୀ ଶୁଭେଚ୍ଛା ଜଣାଇ କହିଛନ୍ତି ଯେ ତୁମମାନଙ୍କ ପାଇଁ ଆମେ ବହୁ ଗର୍ବିତ।

## ସଂକ୍ଷେପରେ...

### ମାଟ୍ରିକ ଖାତାଦେଖା ଆରମ୍ଭ

କଟକ, ୧୯।୩(ଭାସ୍କର ନ୍ୟୁଜ): ବୁଧବାରଠାରୁ ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷାଖାତା ମୂଲ୍ୟାୟନ। ରାଜ୍ୟର ୫୧ଟି ମୂଲ୍ୟାୟନ କେନ୍ଦ୍ରରେ ଏହି ଖାତାଦେଖା ଆରମ୍ଭ କରାଯାଇଛି। ପରୀକ୍ଷା ଖାତା ମୂଲ୍ୟାୟନ ପାଇଁ ୧୨ହଜାର ଶିକ୍ଷକ ଓ ଶିକ୍ଷୟିତ୍ରୀ ନିୟୋଜିତ ହୋଇଛନ୍ତି। ତେବେ ମୂଲ୍ୟାୟନ ପ୍ରକ୍ରିୟାରେ ୧୧ହଜାର ୮ଶହ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତ ହୋଇଥିବାବେଳେ ପ୍ରତି ମୂଲ୍ୟାୟନ କେନ୍ଦ୍ରରେ ୧୦ଜଣ ଲେଖାଏଁ ମୂଲ୍ୟାୟନକାରୀଙ୍କୁ ରିଜର୍ଭରେ ରଖାଯାଇଛି। ଚଳିତବର୍ଷ ମାଟ୍ରିକ ପରୀକ୍ଷା ପାଇଁ ୫ଲକ୍ଷ ୨୨ ହଜାର ୩୩୬ଜଣ ପରୀକ୍ଷାର୍ଥୀ ଫର୍ମ ଫିଲପ କରିଥିଲେ। ୩୧୩୩ ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା ହୋଇଥିଲା। ଫେବୃଆରୀ ୨୧ରୁ ଆରମ୍ଭ ହୋଇଥିବା ପରୀକ୍ଷା ମାର୍ଚ୍ଚ ୬ରେ ଶେଷ ହୋଇଥିଲା। ବୋର୍ଡର ପୂର୍ବ ନିଷ୍ପତ୍ତି ମୁତାବକ ବୁଧବାରଠାରୁ ମୂଲ୍ୟାୟନ ଆରମ୍ଭ ହୋଇଛି, ଯାହାକୁ ସଂପୂର୍ଣ୍ଣ ତ୍ରୁଟିଶୂନ୍ୟ କରିବା ପାଇଁ ସମସ୍ତ ବନ୍ଦୋବସ୍ତ କରାଯାଇଥିବା ବୋର୍ଡ ପକ୍ଷରୁ କୁହାଯାଇଛି। ତେବେ ବିଜ୍ଞାନ ପରୀକ୍ଷା ସମୟରେ ସି ସେଟ୍ ସବ୍‌ଜେକ୍ଟିଭରେ ୪ ନମ୍ବର ମିସ୍ ପ୍ରିଣ୍ଟ ରହିଥିଲା, ● ପୃଷ୍ଠା ୫ ଦେଖନ୍ତୁ


### ଟ୍ରିପଲ ମର୍ଡର ଘଟଣାରେ ୧୩ କୋର୍ଟ ଚାଲାଣ

ଆସ୍କା, ୧୯।୩(ଭାସ୍କର ନ୍ୟୁଜ): ମଙ୍ଗଳବାର ଗଞ୍ଜାମ ଜିଲ୍ଲା ଆସ୍କା ଖାରିପାଲି ଗାଁରେ ଗୁଣିଗାରେଡି ସନ୍ଦେହରେ ଘଟିଥିବା ଗୋଷ୍ଠୀ ସଂଘର୍ଷରେ ୩ଜଣଙ୍କ ମୃତ୍ୟୁପରେ ପୋଲିସ ତଦନ୍ତ କରି ବୁଧବାର ୧୩ଜଣଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ଆଗକୁ ଅଧିକ ଲୋକ ଗିରଫ ହେବାର ସମ୍ଭାବନା ଥିବା ପୋଲିସ ପକ୍ଷରୁ କୁହାଯାଇଛି। ଗାଁରେ ଅଧିକ ସଂଖ୍ୟକ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ସେନ୍‌ସେକ୍ସ: ୭୫,୪୪୯.୦୫
ସର୍ବାଧିକ: ୩୩.୮ ଡିଗ୍ରୀ
ସର୍ବନିମ୍ନ: ୨୪.୨ ଡିଗ୍ରୀ

**୧୯।୩।୨୦୨୫ ର ମତାମତ**

ହାତୀବଂଶ ସୁରକ୍ଷା ପାଇଁ ରାଜ୍ୟ ସରକାର ଠୋସ୍ ପଦକ୍ଷେପ ନେବା ଉଚିତ୍ ନୁହେଁ କି ?




**ଆଜିର ପ୍ରସଙ୍ଗ**

ସାନି ତଦନ୍ତରେ ନବ ଦାସଙ୍କ ପ୍ରକୃତ ହତ୍ୟାକାରୀ ଚିହ୍ନଟ କରାଯିବା ସମ୍ଭବ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ସୁନୀତା ଫେରିଲେ ନଅମାସ ପରେ
ଥିଲେ ଶୂନ୍ୟେ ମହାଶୂନ୍ୟେ,
ଅନ୍ତରୀକ୍ଷ ଯାତ୍ରା କରିଥିଲେ ସିଏ
ଫେରିଥାନ୍ତେ ଆଠଦିନେ ।
ସଂକଳ୍ପ ଥିବାରୁ ମନେ,
ପ୍ରତିକୂଳ ସ୍ଥିତି ସତ୍ତ୍ୱେ ଆଣିଦେଲା
ସଫଳତା ଅଭିଯାନେ !

## ନବ ଦାସଙ୍କ ପରିବାରକୁ ଭରସା ଦେଲେ ମୁଖ୍ୟମନ୍ତ୍ରୀ

# ପ୍ରକୃତ ଦୋଷୀକୁ ଧରିବୁ



- **ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବୁ**
- **ତଦନ୍ତକାରୀ ଅଧିକାରୀଙ୍କୁ ସହଯୋଗ ପରାମର୍ଶ**
- **ସିବିଆଇ ତଦନ୍ତ ପାଇଁ ଚିଠି ଦେଲୁ: ଦୀପାଳି**

ଭୁବନେଶ୍ୱର, ୧୯।୩(ଭାସ୍କର ନ୍ୟୁଜ): ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ନବ ଦାସଙ୍କ ହତ୍ୟାକାଣ୍ଡ ନେଇ ଉଚିତ ତଦନ୍ତ କରାଯାଇ ପ୍ରକୃତ ଦୋଷୀକୁ ଆଇନ ଅନୁଯାୟୀ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯିବ। ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ଦାସଙ୍କ ପରିବାରକୁ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ମର୍ମରେ ଭରସା ଦେଇଛନ୍ତି। ସ୍ୱର୍ଗତଃ ଦାସଙ୍କ ପତ୍ନୀ ମିନତୀ ଦାସ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଭେଟି ତାଙ୍କ ସ୍ୱାମୀଙ୍କ ହତ୍ୟାକାଣ୍ଡ ତଦନ୍ତ ସଂପର୍କରେ ଆଲୋଚନା କରିଥିଲେ। ଆଲୋଚନା ସମୟରେ ସ୍ୱର୍ଗତଃ ଦାସଙ୍କ କନ୍ୟା ପୂର୍ବତନ ବିଧାୟିକା ଦୀପାଳି ଦାସ ଓ ପୁଅ ବିଶାଳ ଦାସ ମଧ୍ୟ ଉପସ୍ଥିତ ରହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯେଉଁଭଳି ଭାବେ ଏହି ଘଟଣା ଘଟିଲା ତାହା ଅତ୍ୟନ୍ତ ଦୁଃଖଦ ଓ ନିନ୍ଦନୀୟ। ଏହି ଘଟଣାରେ ସରକାର ସବୁ ଦିଗକୁ ପୁଣିଥରେ ତନ୍ନତନ୍ନ କରି ପରୀକ୍ଷା କରିବେ ଓ ପ୍ରକୃତ ଦୋଷୀକୁ ଖୋଜି ବାହାର କରିବେ। ଆଇନର ମର୍ଯ୍ୟାଦା ଭିତରେ ଦୋଷୀ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଶ୍ରୀମତୀ ଦାସଙ୍କୁ ତଦନ୍ତକାରୀ ସଂସ୍ଥାକୁ ସହଯୋଗ କରିବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯେକୌଣସି ସମୟରେ ସେ ତାଙ୍କୁ ବ୍ୟକ୍ତିଗତ ଭାବେ ଏ ସଂପର୍କରେ ଅବଗତ କରାଇପାରିବେ। ସେ ନିଜେ ଓ ତାଙ୍କ ସରକାର ନ୍ୟାୟ ସପକ୍ଷରେ ● ପୃଷ୍ଠା ୫ ଦେଖନ୍ତୁ

# ଏପ୍ରିଲ ୨ରୁ ସକାଳୁଆ ସ୍କୁଲ



ଭୁବନେଶ୍ୱର, ୧୯।୩(ଭାସ୍କର ନ୍ୟୁଜ): ରାଜ୍ୟରେ ଆସନ୍ତା ଏପ୍ରିଲ ୨ ତାରିଖରୁ ସକାଳୁଆ ସ୍କୁଲ ହେବ। ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଏ ନେଇ ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି, ସକାଳ ୭ଟାରୁ ୯ଟା ଯାଏ ରାଜ୍ୟରେ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲା ରହିବ। ତାତି ବଢିଲେ ଅଙ୍ଗନାୱାଡ଼ି କେନ୍ଦ୍ର ଛୁଟି ସହିତ ପିଲାଙ୍କ ପାଇଁ ଖାଦ୍ୟ ହୋମ୍ ଡେଲିଭରି କରାଯିବ। ସେହିଭଳି ଶ୍ରମିକମାନଙ୍କ ପାଇଁ ମଧ୍ୟ ନିର୍ଦ୍ଦିଷ୍ଟ ସମୟସୀମା ନିର୍ଦ୍ଧାରଣ କରାଯାଇଛି। ଦିନ ୧୧ଟାରୁ ଅପରାହ୍ନ ୩ଟା ଯାଏ ଶ୍ରମିକମାନଙ୍କ ପାଇଁ କାମ ବନ୍ଦ ରହିବ। ଏଥିରେ ଖିଲାପ କଲେ ଖିଲାପକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବନ୍ୟା, ବାତ୍ୟା ଭଳି ଗ୍ରୀଷ୍ମ ପ୍ରବାହରେ ମଧ୍ୟ ରାଜ୍ୟ ସରକାର ଜିରୋ କାଜୁଆଲିଟି ଲକ୍ଷ୍ୟ ରଖିଛନ୍ତି। ଛାଇ ପାଇଁ ରାସ୍ତାର ବିଭିନ୍ନ ସ୍ଥାନରେ ଛାମୁଣ୍ଡିଆ କରାଯିବ ଓ ଜଳଛତ୍ର ଖୋଲାଯିବ। ନଳକୂପ ଖନନ ପାଇଁ ଜିଲ୍ଲାଗୁଡ଼ିକୁ ୩୦୦ କୋଟି ଟଙ୍କା ଦିଆଯାଇଛି। ● ପୃଷ୍ଠା ୫ ଦେଖନ୍ତୁ

## ତିନିଦିନିଆ ରିମାଣ୍ଡରେ ରାଜା ଚକ୍ର

କେନ୍ଦୁଝର, ୧୯।୩(ଭାସ୍କର ନ୍ୟୁଜ): ବହୁଚର୍ଚ୍ଚିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଦୁର୍ନୀତି ମାମଲାରେ କ୍ରାଇମବ୍ରାଞ୍ଚ ଦ୍ୱାରା ଗିରଫ ହୋଇଥିବା ରାଜା ଚକ୍ରଙ୍କୁ ତିନିଦିନିଆ ରିମାଣ୍ଡ ପାଇଁ ଅଦାଲତ ଅନୁମତି ଦେଇଛନ୍ତି। କ୍ରାଇମବ୍ରାଞ୍ଚ ପକ୍ଷରୁ ୫ ଦିନିଆ ରିମାଣ୍ଡ ପାଇଁ ଆବେଦନ କରାଯାଇଥିବାବେଳେ ବାଲେଶ୍ୱର ଓପିଆଇଡି କୋର୍ଟ ତିନିଦିନ ରିମାଣ୍ଡ ପାଇଁ ଅନୁମତି ଦେବାପରେ କ୍ରାଇମବ୍ରାଞ୍ଚ ରାଜାଙ୍କୁ ସାଙ୍ଗରେ ନେଇଛି।

**ଖଦି ଏବଂ ଗ୍ରାମୋଦ୍ୟୋଗ ଆୟୋଗ**

ଭାରତ ସରକାରଙ୍କ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ
ଗ୍ରାମୋଦୟ, ୩, ଇରଲା ରୋଡ୍, ଭିଲେପାରଲେ(ପଶ୍ଚିମ), ମୁମ୍ବାଇ-୪୦୦୦୫୬ ଟେଲିଫୋନ୍:୦୨୨-୨୬୭୧୩୫୩୮, ଇ-ମେଲ୍: legaltrademark.kvic@gov.in ୱେବସାଇଟ୍: www.kvic.gov.in

**ସତର୍କ ସୂଚନା**

ଖଦି ଏବଂ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇସି) ହେଉଛି ସଂସଦର ଏକ ଆଇନ, 'ଖାଦି ଏବଂ ଗ୍ରାମୋଦ୍ୟୋଗ ଆୟୋଗ ଆଇନ ୧୯୫୬' ଅନୁଯାୟୀ ପ୍ରତିଷ୍ଠିତ ଏକ ସାମ୍ବିଧାନିକ ସଂସ୍ଥା ଯାହା ଭାରତ ସରକାରଙ୍କ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରେ। ଏହାର ପଞ୍ଜିକୃତ କାର୍ଯ୍ୟାଳୟ 'ଗ୍ରାମୋଦ୍ୟୋଗ', ୩ ଇରଲା ରୋଡ୍, ଭିଲେପାର୍ଲେ (ପଶ୍ଚିମ) ମୁମ୍ବାଇ, ମହାରାଷ୍ଟ୍ର - ୪୦୦୦୫୬ରେ ଅବସ୍ଥିତ। ଆୟୋଗ ସାଧାରଣ ଜନତାଙ୍କ ସୂଚନା ପାଇଁ ସୂଚିତ କରୁଛି ଯେ କେଭିଆଇସି ହେଉଛି ନିମ୍ନରେ ଉଲ୍ଲେଖିତ ସମସ୍ତ ସାମଗ୍ରୀ ଏବଂ ସେବାର ଟ୍ରେଡମାର୍କର ମାଲିକ ଅଟେ :

Khadi India | KVIC कामये दुःखतप्तानाम्। प्राणिनाम् आर्तिनाशनम्॥ | Khadi India | Khadi INDIA | ଖଦି (ଶବ୍ଦ ଚିହ୍ନ) | Khadi India Prakritik Paint (INDIA'S FIRST COW DUNG PAINT)

ଉପରୋକ୍ତ ଟ୍ରେଡମାର୍କଗୁଡ଼ିକ ଭାରତ ଏବଂ ବିଶ୍ୱର ବିଭିନ୍ନ ଦେଶରେ ସୁରକ୍ଷିତ ଓ ପଞ୍ଜିକୃତ ଏବଂ ସାରା ବିଶ୍ୱରେ କେଭିଆଇସି ଦ୍ୱାରା ନିରନ୍ତର ଏବଂ ଖୋଲାଖୋଲି ଭାବରେ ବ୍ୟବହାର କରାଯାଉଛି। କେଭିଆଇସିର ଆଇନଗତ ଅଧିକାରକୁ ସୁରକ୍ଷା ଦେବା ପାଇଁ, ଆୟୋଗ କେଭିଆଇସିର ଉପରୋକ୍ତ ଟ୍ରେଡମାର୍କ ଏବଂ/ କିମ୍ବା ଯେକୌଣସି ଦ୍ୱନ୍ଦ୍ୱପୂର୍ଣ୍ଣ ସମାନ ଟ୍ରେଡମାର୍କର ଯେକୌଣସି ଅନଧିକୃତ ବ୍ୟବହାରରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ, ଯେଉଁଥିରେ କେଭିଆଇସିର 'ଖଦି' ଟ୍ରେଡମାର୍କକୁ ଏକ ସଫିକ୍ସ କିମ୍ବା ପ୍ରିଫିକ୍ସ ଭାବରେ ବ୍ୟବହାର କରିବା ଅନ୍ତର୍ଭୁକ୍ତ, ଯାହା ଟ୍ରେଡମାର୍କ, ବାଣିଜ୍ୟ ନାମ ଏବଂ/କିମ୍ବା ଡୋମେନ୍ ନାମର ଅଂଶ ଭାବରେ ହେଉ, ତାହା ଅନ୍ତର୍ଭୁକ୍ତ। ଯଦି ସାଧାରଣ ଜନତାଙ୍କ ପାଖରେ ଖଦି ଏବଂ ଗ୍ରାମୋଦ୍ୟୋଗ ଆୟୋଗଙ୍କ ଦ୍ୱାରା ଅଧିକୃତ ସଂସ୍ଥା/ବ୍ୟକ୍ତିଙ୍କ ବ୍ୟତୀତ ଉପରୋକ୍ତ ଟ୍ରେଡମାର୍କର ବ୍ୟବହାର ବିଷୟରେ କୌଣସି ଜ୍ଞାନ/ସୂଚନା ଅଛି, ତେବେ ସେମାନଙ୍କୁ legaltrademark.kvic@gov.in ଇମେଲ ମାଧ୍ୟମରେ କେଭିଆଇସିକୁ ଜଣାଇବାକୁ ଅନୁରୋଧ କରାଯାଉଛି।

ସ୍ୱା/- ଉପ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ଆଇନଗତ ବ୍ୟାପାର)

CBC 25103/15/0003/2425



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଜୈବ ବିବିଧତାର ଅନନ୍ୟ ସୃଷ୍ଟି ହେଉଛି ଘରଚଟିଆ । ମାତ୍ର ଆଜିର ଅସନ୍ତୁଳିତ ପରିବେଶ, ପକ୍କାଘର, ମୋବାଇଲ୍ ଟାୱାରର ବିକିରଣର ପ୍ରଭାବ, ଜଙ୍ଗଲ ହ୍ରାସ, ରାସାୟନିକ ସାର ବ୍ୟବହାର, ପେଟ୍ରୋଲ, ଡ଼ିଜେଲ୍ ଧୂଆଁ ଆଦି ପ୍ରଭାବରେ ଏହି ସରଳ, ସୁନ୍ଦର ପକ୍ଷୀଟି ଏବେ ନିଜର ପରିଚୟ ହରାଇବାକୁ ବସିଲାଣି । ଏହି ଛୋଟ ପକ୍ଷୀଟିକୁ ଏବେ ଦେଖିବା ପ୍ରାୟ ସ୍ୱପ୍ନ । ଘରେ ରହିବାକୁ ପସନ୍ଦ କରୁଥିବା ଘରଚଟିଆ ଏବେ ଖୋଜୁଛି ଘର । ସିମେଣ୍ଟ, କଂକ୍ରିଟ ଗାଆଁ ଦାଣ୍ଡରେ ଖୋଜି ପାଉନି ନୁଆଁଣିଆ ଚାଳ ଘରଟିଏ । ଯେଉଁଠି ସେ ବସାଟିଏ ତୋଳିବ, ହେଲେ ସେ ପାଉନି । ଯେଉଁଥିପାଇଁ ଏମାନଙ୍କ ବଂଶ ଲୋପ ପାଇବାକୁ ବସିଲାଣି । ଆଉ ଶୁଭୁନି ସେମାନଙ୍କର ସୁମଧୁର କିଚିରି ମିଚିରି ଶବ୍ଦ । ଏହି ଘରଚଟିଆଙ୍କୁ ସୁରକ୍ଷା ଦେବା ପାଇଁ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ ବିଶ୍ୱ ଘରଚଟିଆ ଦିବସ ଭାବରେ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଘରଚଟିଆକୁ ରାଜ୍ୟ ପକ୍ଷୀର ମାନ୍ୟତା ଦେବା ଲାଗି ପରିବେଶକର୍ମୀ ସୁଶାନ୍ତ ସାହୁ ଦାବି କରିଛନ୍ତି । ୨୦୧୨ ମସିହାରେ ଦିଲ୍ଲୀ ସରକାର ଏହାକୁ ରାଜ୍ୟ ପକ୍ଷୀର ମାନ୍ୟତା ଦେଇଛନ୍ତି । ସରକାରୀ ଓ ବେସରକାରୀ ସ୍ତରରେ ଏହି କ୍ଷୁଦ୍ର ପକ୍ଷୀର ବଂଶ ବଞ୍ଚାଇବା ପାଇଁ ପ୍ରତ୍ୟେକ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଛାତରେ କୃତ୍ରିମ ବସା ଲଗାନ୍ତୁ ।



ଭୁବନେଶ୍ୱରରର ଜନତା ମୈଦାନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୯ତମ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳାର ଉଦ୍‌ଘାଟନ କରୁଛନ୍ତି ।

## ରାସନ କାର୍ଡ ଫେରାଇଲେଣି ୨୩୧୩୮ ଅଯୋଗ୍ୟ ହିତାଧିକାରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାସନ କାର୍ଡ ଫେରାଇଲେଣି ୨୩ହଜାର ୧୩୮ ଜଣ ଅଯୋଗ୍ୟ ହିତାଧିକାରୀ । ଏନେଇ ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ରାସନ କାର୍ଡ ଫେରାଇଥିବା ପରିବାର ସଂଖ୍ୟା ୮୭ହଜାର ୮୪୪ । ୪ ଲକ୍ଷ ୮ ହଜାର ୧୦୭ ଭୂତ କାର୍ଡକୁ ବାଦ ଦିଆଯାଇଛି । ଏବେ ଖାଦ୍ୟ ସୁରକ୍ଷା ଯୋଜନାରେ ୯୭ ଲକ୍ଷ ୫୫ ହଜାର ୪୪୨ କାର୍ଡ ରେ ୩ କୋଟି ୩୦ ଲକ୍ଷ ୨୮ ହଜାର ୮୮୦ ହିତାଧିକାରୀ ରହିଛନ୍ତି ।

### ଆପାର୍ଟମେଣ୍ଟ ପଞ୍ଜିକରଣ ମାମଲା

## ଅନ୍ତରୀଣ ରହିତାଦେଶ ବଳବତ୍ତର

କଟକ(ଭାସ୍କର ନ୍ୟୁଜ): ଆପାର୍ଟମେଣ୍ଟ ପଞ୍ଜିକରଣ ସମ୍ପର୍କିତ ମାମଲାରେ ଜବାବ ଦାଖଲ ପାଇଁ ଆଜି ରାଜ୍ୟ ସରକାର ସମୟ ଲୋଡିଛନ୍ତି । ହାଇକୋର୍ଟ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଜବାବ ଦାଖଲ କରିବାକୁ ଆଦେଶ ଦେଇଛନ୍ତି । ସୂଚନାଥାଉକି ନୂତନ ଓରେରା (ଓଡ଼ିଶା ରିଅଲ୍ ଇଷ୍ଟେଟ୍ ରେଗୁଲେଟୋରୀ ଅଥରିଟି) ଆଇନ ୨୦୧୭ ମସିହା ପୂର୍ବରୁ ନିର୍ମାଣ ହୋଇଥିବା ଫ୍ଲାଟ୍ ବା ପ୍ରକଳ୍ପ ଉପରେ ଲାଗୁ ହୋଇପାରିବ ନାହିଁ । ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ଏକ ବିଜ୍ଞପ୍ତି ଉପରେ ପୂର୍ବରୁ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି ।

## ବ୍ରିଟିଶ ହାଇ କମିଶନରଙ୍କ ସହ ଉପ-ମୁଖ୍ୟମନ୍ତ୍ରୀଙ୍କ ସୌଜନ୍ୟମୂଳକ ସାକ୍ଷାତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବୁଧବାର ନିଜ ଲୋକସେବା ଭବନର କାର୍ଯ୍ୟାଳୟରେ ବ୍ରିଟିଶ ହାଇ କମିଶନର ମିଷ୍ଟର ଆଣ୍ଡ୍ରୟୁ ଫ୍ଲେମିଙ୍ଗଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତକାରରେ ମିଷ୍ଟର ଫ୍ଲେମିଙ୍ଗ ଓଡ଼ିଶା ପର୍ଯ୍ୟଟନ ସହ ଓଡ଼ିଶା ସରକାରଙ୍କ ଦୂରଦୃଷ୍ଟି ସମ୍ପନ୍ନ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ । ଓଡ଼ିଶାର କ୍ରୀଡା ଓ ପର୍ଯ୍ୟଟନ ବିକାଶ ଅନ୍ୟ ସମସ୍ତ ଦେଶ ପାଇଁ ପ୍ରେରଣାର ଉତ୍ସ ବୋଲି ସେ ଉଲ୍ଲେଖ କରିଥିଲେ । ୱାର୍ଲ୍ଡ ଟ୍ରାଭେଲ ମାର୍କେଟରେ ଓଡ଼ିଶାର ଅଂଶଗ୍ରହଣକୁ ମଧ୍ୟ ସେ ପ୍ରଶଂସା କରିଥିଲେ । ଏହି ଆଲୋଚନାରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଓଡ଼ିଶା ପର୍ଯ୍ୟଟନ ଭିତିଭୂମି ର ବିକାଶ ଉପରେ ବିଶେଷ ଆଲୋକପାତ କରିବା ସହ ରାଜ୍ୟର ମହିଳା ମାନଙ୍କ ପାଇଁ ଦକ୍ଷତା ବିକାଶ କେନ୍ଦ୍ରିକ ତାଲିମ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇଥିଲେ । ଶିଶୁ ଶ୍ରମିକ ଓ ମହିଳା ଓ ଶିଶୁ ଚୋରା ଚାଲାଣ ରୋକିବା ପାଇଁ ସହଭାଗିତାରେ କାର୍ଯ୍ୟ କରିବା ନିମନ୍ତେ ଏହି ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା ।

## ଅଯୋଧ୍ୟା-ବାରଣାସୀ ଯାତ୍ରା କଲେ ୭୭୫ ଜଣ ବରିଷ୍ଠ ନାଗରିକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବରିଷ୍ଠ ନାଗରିକମାନଙ୍କ ଧାର୍ମିକ ଆକାଂକ୍ଷା ପୂରଣ କରିବା ନିମନ୍ତେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଏକ ଅନନ୍ୟ କାର୍ଯକ୍ରମ । ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ସପ୍ତମ ପର୍ଯ୍ୟାୟରେ ୬ ଟି ଜିଲ୍ଲା ଯଥା ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, ଢେଙ୍କାନାଳ, କେନ୍ଦ୍ରାପଡ଼ାରୁ ୭୭୫ ଜଣ ତୀର୍ଥଯାତ୍ରୀମାନେ ଅଯୋଧ୍ୟା ଓ ବାରଣାସୀ ଯାତ୍ରା କରି ଶ୍ରୀ ରାମଲାଲଙ୍କ ଆଶୀର୍ବାଦ ପ୍ରାପ୍ତ କରିବେ ବୋଲି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ସପ୍ତମ ପର୍ଯ୍ୟାୟର ଶୁଭାରମ୍ଭ କାର୍ଯ୍ୟକ୍ରମରେ ମତବ୍ୟକ୍ତ କରିଛନ୍ତି । ବୁଧବାର ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ରେଳବାଇର ସହଭାଗିତାରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ସପ୍ତମ ପର୍ଯ୍ୟାୟରେ ୭୭୫ ଜଣ ବରିଷ୍ଠ ନାଗରିକ ଓ ୨୫ ଜଣ ପ୍ରଶାସନିକ ଅଧିକାରୀ ଅଯୋଧ୍ୟା ଓ ବାରଣାସୀ ଅଭିମୁଖେ ଭୁବନେଶ୍ୱରରୁ ଯାତ୍ରା ଆରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେବା ସହ ଉତରପ୍ରଦେଶର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜୟବୀର ସିଂ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ କହିଲେ ଯେ ଏହି ଯାତ୍ରା ଉତରପ୍ରଦେଶ ଓ ଓଡ଼ିଶାର ସଂସ୍କୃତି ବିନିମୟ କାର୍ଯ୍ୟକ୍ରମକୁ ତ୍ୱରାନିତ କରିବ । ଉତରପ୍ରଦେଶରେ ଅନୁଷ୍ଠିତ ମହାକୁମ୍ଭରେ ଓଡ଼ିଶାର ବହୁ ଶ୍ରଦ୍ଧାଳୁ ଭକ୍ତି ଓ ବିଶ୍ୱାସରେ ବୁଡ ମାରିଛନ୍ତି ବୋଲି ସେ ଉଲ୍ଲେଖ କରିଥିଲେ । ଉତରପ୍ରଦେଶ ଓ ଓଡ଼ିଶାର ସଂସ୍କୃତିର ବିକାଶରେ ବିକଶିତ ଭାରତ ୨୦୪୭ ର ସ୍ୱପ୍ନ ପୂରଣ ହେବ ବୋଲି ସେ ଦୃଢ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇ କହିଲେ ଯେ ମନରେ ସ୍ୱପ୍ନ ଦେଖୁଥିବା ଓ ଆର୍ଥିକ ସମସ୍ୟା ଦେଇଯାଉଥିବା ବରିଷ୍ଠ ନାଗରିକମାନଙ୍କୁ ତୀର୍ଥଯାତ୍ରାର ସୁଯୋଗ ପ୍ରଦାନ କରିବା ଏକ ଅଭିନବ ଉଦ୍ୟମ । ବରିଷ୍ଠ ନାଗରିକମାନଙ୍କ ଆଶୀର୍ବାଦରେ ବିକଶିତ ଓଡ଼ିଶାର ସ୍ୱପ୍ନ ପୂରଣ ହେଉ ବୋଲି ସେ କାମନା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ଉପସ୍ଥିତ ଥିଲେ । ଏହା ସହ ଖୋର୍ଦ୍ଧା ଜିଲ୍ଲା ଜିଲ୍ଲାପାଳ ଚଂଚଳ ରାଣା, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଶ୍ରୀମତୀ ମାନସୀ ନାମ୍ଭିଆ, ଅତିରିକ୍ତ ସଚିବ ବାଳମୁକନ୍ଦ ଭୂୟାଁ ଓ ରେଳବାଇର ଅଧିକାରୀ ବୃନ୍ଦ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ନୃତ୍ୟ ଶିଳ୍ପୀ ଜାହ୍ନବୀ ବେହେରାଙ୍କୁ ମାହାରୀ ସମ୍ମାନ ପ୍ରଦାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗୁରୁ ପଙ୍କଜଚରଣ ଓଡିଶୀ ଗବେଷଣା ପ୍ରତିଷ୍ଠାନ ତରଫରୁ ୩୧ତମ ଗୁରୁପଙ୍କଜ ଉତ୍ସବ ମାହାରୀ ସମ୍ମାନ ଉଦଯାପନୀ ଦିବସ ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ଭାବେ ମୁଖ୍ୟ ସାଧାରଣ ପରିଚାଳକ ଏସବିଆଇ ଏଜିଏମ୍ ବିଶ୍ୱଜିତ ମିଶ୍ର ଭୁବନେଶ୍ୱର, କର୍ପୋରେଟ ଆଫାୟର୍ସ ବେଦାନ୍ତ ଆଲୁମିନିୟମ ଅମିତ ସିଂହ, ଅବସରପ୍ରାପ୍ତ ପ୍ରଶାସକ ଅଶୋକ କୁମାର ତ୍ରିପାଠୀ, ଅନୁଷ୍ଠାନର ସଭାପତି ବଟକୃଷ୍ଣ ତ୍ରିପାଠୀ, ନିର୍ଦ୍ଦେଶକ ଶରତ ଦାସ, ଗୁରୁ ସୁହାଗ ନଳିନି ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଗୁରୁ ପଙ୍କଜ ଚରଣ ଓଡିଶୀ ଗବେଷଣା ପ୍ରତିଷ୍ଠାନ ତରଫରୁ ଚଳିତ ବର୍ଷ ମର୍ଯ୍ୟାଦାଜନକ ମାହାରୀ ସମ୍ମାନ ବିଶିଷ୍ଟ ଓଡିଶୀ ଶିଳ୍ପୀ ତଥା ଜାତୀୟ ଆନ୍ତର୍ଜାତିୟ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ଜାହ୍ନବୀ ବେହେରାଙ୍କୁ ଏହି ସମ୍ମାନ ବାବଦକୁ ନଗଦ ଏକ ଲକ୍ଷ ଟଙ୍କା ସହ ମାନ ପତ୍ର, ଅଙ୍ଗ ବସ୍ତ୍ର ଓ ଫଳକ ପ୍ରଦାନ କାରାଯାଇଥିଲା । ପ୍ରଥମେ ଆଜିର ମାହାରୀ ସମ୍ମାନ ବିଜୟନୀ ଆଦିଗୁରୁ ସଂଚରିତ ନୃତ୍ୟ ମଧୁରାଷ୍ଟକମ ପରିବେଷଣ କରି ଦର୍ଶକ ମନ୍ତ୍ରମୁଗ୍ଧ କରିଥିଲେ । ମଞ୍ଚ ପରିଚାଳନା କରିଥିଲେ ନଜିଆ ଆଲାମ ।



ବାଚସ୍ପତି ସୁରମା ପାଢ଼ୀ ଓ ବିଧାୟକ, ବିଧାୟିକାଙ୍କ ସହ ବିଧାନସଭା ପରିଭ୍ରମଣରେ ଆସିଥିବା ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଦି ନିଉ ଏଜ ୟୁରୋ କିଡ୍ ସ୍କୁଲର ଛାତ୍ର, ଛାତ୍ରୀ ଉପସ୍ଥିତ ।

## ୨ରେ ପ୍ରଥମ ଶ୍ରେଣୀ ଓ ଶିଶୁ ବାଟିକାରେ ନାମ ଲେଖାଇବେ ଛାତ୍ରଛାତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ ସରକାର ୨୦୨୫-୨୬ ଶିକ୍ଷାବର୍ଷରୁ ଜାତୀୟ ଶିକ୍ଷା ନୀତି ୨୦୨୦କୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିବେ । ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ସୁଦୃଢ଼ ଭିତ୍ତିଭୂମି ସୃଷ୍ଟି ଓ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ ସହ ଓଡ଼ିଶାର ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ୨୦୨୫-୨୦୨୬ ଶିକ୍ଷାବର୍ଷରୁ ସବୁ ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ ଲେଖାଏଁ ଅତିରିକ୍ତ ପ୍ରାକ୍ ପ୍ରାଥମିକ ଶ୍ରେଣୀ ବା 'ଶିଶୁ ବାଟିକା' ଖୋଲାଯିବାକୁ ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ୫ ରୁ ୬ ବର୍ଷ ବୟସର ପିଲାମାନଙ୍କୁ ପ୍ରାକ୍-ବିଦ୍ୟାଳୟ ଶିକ୍ଷା ବା ଶିଶୁ ବାଟିକା ପାଇଁ ନାମଲେଖା ଓ ୨୦୨୫-୨୦୨୬ ଶିକ୍ଷାବର୍ଷରୁ ପ୍ରଥମ ଶ୍ରେଣୀ ପାଇଁ ନାମଲେଖା ବୟସକୁ ୬ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ବର୍ଷ ବୟସ ବୋଲି ଘୋଷଣା କରାଯାଇଛି । ଅପ୍ରେଲ ୨ ତାରିଖରୁ ରାଜ୍ୟର ସମସ୍ତ ବିଦ୍ୟାଳୟରେ ଶିଶୁ ବାଟିକା ଶ୍ରେଣୀ ଓ ପ୍ରଥମ ଶ୍ରେଣୀ ପାଇଁ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ଦିବସ ପାଳନ କରାଯିବ । ଏଥିପାଇଁ ଯୋଗ୍ୟ ବିବେଚିତ ପରିବାରକୁ ଜିଲ୍ଲା ପ୍ରଶାସନ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷରିତ ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଉଛି । ଏହି ଉତ୍ସବକୁ ପ୍ରତ୍ୟେକ ବିଦ୍ୟାଳୟରେ ଚାରି ଦିନବ୍ୟାପୀ ଏକ ଆନନ୍ଦମୟ ପରିବେଶରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ପାଳନ କରିବାକୁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି ।

## ରାଜ୍ୟପାଳଙ୍କୁ ଭେଟିଲେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ.) ଆଶୁତୋଷ ବିଶ୍ୱାସ ବୁଧବାର ରାଜଭବନରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟିଙ୍କୁ ସାକ୍ଷାତ କରିଛନ୍ତି । ଏହି ଅବସରରେ, ଡ. ବିଶ୍ୱାସ ରାଜ୍ୟପାଳଙ୍କୁ ଏମ୍ସ ଭୁବନେଶ୍ୱରରେ ରୋଗୀ ସେବା ସହିତ ଜଡିତ ଅନେକ ପ୍ରମୁଖ ବିକାଶମୂଳକ ପ୍ରସଙ୍ଗ ବିଷୟରେ ଅବଗତ କରାଇଥିଲେ । ଡ. ବିଶ୍ୱାସ ଅନୁଷ୍ଠାନରେ ପ୍ରଦାନ କରାଯାଉଥିବା ସ୍ୱାସ୍ଥ୍ୟସେବା ସେବାକୁ ଆହୁରି ଉନ୍ନତ କରିବା ପାଇଁ ଜାରି ରହିଥିବା ବିଭିନ୍ନ ପଦକ୍ଷେପ ଏବଂ ରଣନୀତି ଉପରେ ମଧ୍ୟ ଆଲୋଚନା କରିଥିଲେ । ଏହି ବୈଠକରେ ଏମ୍ସ ଭୁବନେଶ୍ୱର ଡିଡିଏ ଲେଫ୍ଟନାଂଟ କର୍ଣ୍ଣେଲ ଅଭିଜିତ ସରକାର ମଧ୍ୟ ଉପସ୍ଥିତ ଥିଲେ ।

## ବାବା ଲିଙ୍ଗରାଜଙ୍କ ଦର୍ଶନ କଲେ ୟୁପି ପର୍ଯ୍ୟଟନ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବୁଧବାର ସକାଳୁ ବାବା ଲିଙ୍ଗରାଜଙ୍କ ଦର୍ଶନ କରିଛନ୍ତି ଉତ୍ତର ପ୍ରଦେଶ ପର୍ଯ୍ୟଟନ ମନ୍ତ୍ରୀ ଜୟବୀର ସିଂ । ତାଙ୍କ ସହ ବିହାର ବିଧାୟକ ସଂଜୀବ ଚୌରସିଆ ମଧ୍ୟ ଉପସ୍ଥିତ ଥିଲେ । ବାବା ଲିଙ୍ଗରାଜଙ୍କ ଦର୍ଶନ କରି ଖୁସି ବ୍ୟକ୍ତ କରିଛନ୍ତି ଉଭୟ । ଉତ୍ତର ପ୍ରଦେଶ ପର୍ଯ୍ୟଟନ ମନ୍ତ୍ରୀ ଲିଙ୍ଗରାଜ ମନ୍ଦିର ବ୍ୟବସ୍ଥା ଏବଂ ସ୍ୱଚ୍ଛତାକୁ ପ୍ରଶଂସା କରିଥିଲେ ।

## ଗ୍ରୀଷ୍ମ ପ୍ରବାହ ପାଇଁ ଅଙ୍ଗନବାଡି ହେବ ସକାଳୁଆ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଅଙ୍ଗନବାଡି କେନ୍ଦ୍ର ଗୁଡ଼ିକୁ ସକାଳ ୭ ଟା ରୁ ୯ ଟା ଯାଏଁ କରିବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲାପାଳ ମାନଙ୍କୁ ଚିଠି କରାଯାଇଛି । ଆବଶ୍ୟକସ୍ଥଳେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁଁ ନିଜ ଜିଲ୍ଲାର ଅଙ୍ଗନବାଡି କେନ୍ଦ୍ର ଗୁଡିକୁ ଛୁଟି କରିବା ନିମନ୍ତେ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି ।

### ଏପ୍ରିଲ ୧୮ରୁ କ୍ରେଡାଇ ଓଡ଼ିଶା ପକ୍ଷରୁ 'ହୋମ୍ ଆଣ୍ଡ ଡେକୋର ଏକ୍ସପୋ ୨୦୨୫'

## ଓଡିଶାର ସବୁଠାରୁ ବଡ଼ ସମ୍ପତ୍ତି ପ୍ରଦର୍ଶନୀ





ଭୁବନେଶ୍ୱର(ଭାସ୍କର ନ୍ୟୁଜ): କନଫେଡେରେସନ ଅଫ୍ ରିଅଲ୍ ଇଷ୍ଟେଟ୍ ଡେଭଲପର୍ସ ଆସୋସିଏସନ୍ସ ଅଫ୍ ଇଣ୍ଡିଆ (କ୍ରେଡାଇ) ଓଡ଼ିଶା ପକ୍ଷରୁ ରାଜ୍ୟର ସର୍ବବୃହତ ସମ୍ପତ୍ତି ପ୍ରଦର୍ଶନୀ 'ହୋମ୍ ଆଣ୍ଡ ଡେକୋର ଏକ୍ସପୋ ୨୦୨୫' ଆସନ୍ତା ଏପ୍ରିଲ ୧୮ ରୁ ୨୭ ତାରିଖ ପର୍ଯ୍ୟନ୍ତ ଜନତାମଇଦାନ ଆୟୋଜିତ ହେବ । ଏହି କାର୍ଯ୍ୟକ୍ରମ କ୍ରେତା, ବିଲ୍ଡର, ନିବେଶକ, ଆଭ୍ୟନ୍ତରୀଣ ଡିଜାଇନର୍ ଏବଂ ନିର୍ମାଣ ସାମଗ୍ରୀ କମ୍ପାନୀଗୁଡ଼ିକୁ ଗୋଟିଏ ଛାତ ତଳେ ଏକାଠି କରିବ । ଏଥିସହ ରିଅଲ୍ ଇଷ୍ଟେଟ୍ ଏବଂ ଗୃହ ସାଜସଜ୍ଜାର ନୂତନତମ ଧାରା ଅନୁସନ୍ଧାନ କରିବାର ଏକ ଅତୁଳନୀୟ ସୁଯୋଗ ପ୍ରଦାନ କରିବ । ଗୃହ କ୍ରେତା ଏବଂ ନିବେଶକଙ୍କ ପାଇଁ ଏକ-ଷ୍ଟପ୍ ଡେଷ୍ଟିନେସନ: ସମ୍ଭାବ୍ୟ ଗୃହ କ୍ରେତା, ରିଅଲ୍ ଇଷ୍ଟେଟ୍ ନିବେଶକ ଏବଂ ଶିଳ୍ପ ବୃତ୍ତିଗତଙ୍କ ଆବଶ୍ୟକତା ପୂରଣ କରିବା ପାଇଁ 'ହୋମ୍ ଆଣ୍ଡ ଡେକୋର ଏକ୍ସପୋ ୨୦୨୫' ଡିଜାଇନ୍ କରାଯାଇଛି । ଏହି ଏକ୍ସପୋରେ ଆବାସିକ ଏବଂ ବାଣିଜ୍ୟିକ ସମ୍ପତ୍ତି, ସ୍ମାର୍ଟ ସିଟି ବିକାଶ ଏବଂ ବିଳାସପୂର୍ଣ୍ଣ ଭିଲା ପ୍ରକଳ୍ପଗୁଡ଼ିକର ଏକ ବ୍ୟାପକ ପରିସର ପ୍ରଦର୍ଶିତ ହେବ, ଯାହା କ୍ରେତାମାନଙ୍କୁ ସୂଚନାପ୍ରଦ ନିବେଶ ନିଷ୍ପତ୍ତି ନେବାର ସୁଯୋଗ ପ୍ରଦାନ କରିବ । ୩୦୦+ ରୁ ଅଧିକ ଡେଭଲପରଙ୍କ ଅଂଶଗ୍ରହଣ ସହିତ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର, ଝାରସୁଗୁଡ଼ା, ବାଲେଶ୍ୱର ଏବଂ ପୁରୀର ଜିଲ୍ଲା ଶାଖାଗୁଡ଼ିକ ମଧ୍ୟ ସେମାନଙ୍କର ସବୁଠାରୁ ଆଗ୍ରହୀ ପ୍ରକଳ୍ପଗୁଡ଼ିକୁ ପ୍ରଦର୍ଶନ କରିବେ ବୋଲି କ୍ରେଡାଇ ଓଡିଶାର ଅଧକ୍ଷ ଡି.ଏସ୍. ତ୍ରିପାଠି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଏହି ସାମ୍ବାଦିକ ସମ୍ମିଳନୀରେ ଉପାଧକ୍ଷ ବିନୟ କୃଷ୍ଣ ଦାସ, ସଭାପତ ସ୍ୱଦେଶ କୁମାର ରାଉତରାୟ, ଉପସଭାପତି ଉମେଶ ଖଣ୍ଡେଲୱାଲ, ଉପସଭାପତ ସନ୍ତୋଷ କୁମାର ସାହୁ, ସଂପାଦକ ଅନିଲ କୁମାର ଅଗ୍ରୱାଲ, କୋଷାଧକ୍ଷ ସୂର୍ଯ୍ୟକାନ୍ତ ବେହେରା, ଏକ୍ସପୋ କମିଟି ସଦସ୍ୟ ଜଗତ କୁମାର କର, ପଙ୍କଜ ମୋଟୱାନୀ, ମନୋଜ ସାହୁ, ଶଶିକାନ୍ତ ବାରିକ, କ୍ରେଡାଇ କଟକ ସଭାପତି ପି.ଆର. ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

## ପୁରୀ କେବୁଲ ଲ୍ୟାଣ୍ଡିଂ ଷ୍ଟେସନ ପ୍ରକଳ୍ପ ଡିପିଆର୍ ଅଗ୍ରଗତି ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାକୁ ଏକ ବୈଷୟିକ ଡିଜିଟାଲ ହବ୍ ରେ ପରିଣତ କରିବା ପାଇଁ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ପୁରୀ ଠାରେ ଏକ କେବୁଲ ଲ୍ୟାଣ୍ଡିଂ ଷ୍ଟେସନ ସ୍ଥାପନ କରିବାକୁ ପଦକ୍ଷେପ ନେଉଛି । ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ରାଜ୍ୟର ଡିଜିଟାଲ ଭିତିଭୂମିକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବା ସହ ଡାଟା ସେଣ୍ଟରରେ ନିବେଶକୁ ତ୍ୱରାନ୍ୱିତ କରିବ ଏବଂ ଉଚ୍ଚସ୍ତରୀୟ ପ୍ରଯୁକ୍ତିବିଦ୍ୟାକୁ ଆକୃଷ୍ଟ କରିବା ଦ୍ୱାରା ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ବୁଧବାର ରେଳଟେଲ ଏବଂ ଡେଲଏଟ୍ ଦ୍ୱାରା ମିଳିତ ଭାବେ ପ୍ରସ୍ତୁତ କରାଯାଉଥିବା ପ୍ରକଳ୍ପର ଡିପିଆର ଅଗ୍ରଗତି ସମୀକ୍ଷା କରିଛନ୍ତି । ଭବିଷ୍ୟତକୁ ଦୃଷ୍ଟିରେ ରଖିବା ସହ ଏହାର କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ହାଇପରସ୍କେଲର୍ସ ଏବଂ ଏଥି ସହିତ ଜଡ଼ିତ ପ୍ରମୁଖ ସଂସ୍ଥାମାନଙ୍କ ସହ ଶିଳ୍ପ ପରାମର୍ଶର ଆବଶ୍ୟକତା ଉପରେ ଶ୍ରୀ ଆହୁଜା ଗୁରୁତ୍ୱାରୋପ କରିଥିଲେ । ଆଗାମୀ ତିନି ବର୍ଷ ମଧ୍ୟରେ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ଉପରେ ଧ୍ୟାନ ଦେଇ ପ୍ରକଳ୍ପ ଅନୁମୋଦନ ପାଇଁ ଡିପିଆର ଶୀଘ୍ର ଦାଖଲ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ତଥା ଓକାକର ପରିଚାଳନା ନିର୍ଦ୍ଦେଶକ ମାନସ ରଞ୍ଜନ ପଣ୍ଡା, ରେଳଟେଲର ପ୍ରମୁଖ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଜାକିର ହୁସେନ୍ ସିଦ୍ଦିକି, ଓକାକର ବୈଷୟିକ ପରାମର୍ଶଦାତା (ଟେଲିକମ୍) ଅଭିନ୍ନ କୁମାର ପହି ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ, ରେଳଟେଲ ଏବଂ ଡେଲଏଟ୍ ର ଅଧିକାରୀଗଣ ଏହି ବୈଠକରେ ଉପସ୍ଥିତ ଥିଲେ ।

ALLEN NEET (UG) 2024 Results validated by
Official result validator
EY

# ALLEN

# Unlock Your Dreams to Become a Doctor



AIIMS (MBBS)
**660**
ALLENites secured seats out of 2207 in AIIMS 2024

GMCs (MBBS)
**10000+**
ALLENites secured their seat in Govt. Medical Colleges (2024)

## Turning Dreams Into Success Stories

NEET (UG) 2024 AIR 1 — 720/720
**Divyansh Jitender** — 2-Year classroom student

NEET (UG) 2024 AIR 1 — 720/720
**Mazin Mansoor** — 2-Year classroom student

NEET (UG) 2024 AIR 1 — 720/720
**Neha K. Mane** — 1-Year classroom student

NEET (UG) 2024 AIR 1 — 720/720
**Prachita** — 2-Year classroom student

NEET (UG) 2024 AIR 1 — 720/720
**Taijas Singh** — 2-Year classroom student

## Odisha Success Stories in NEET (UG)-2024

710/720 AIR 285 — **Sankalpitaa B.** — Classroom student

710/720 AIR 363 — **Shubham Anand** — Classroom student

705/720 AIR 698 — **Snehasish Mohanty** — Classroom student

705/720 AIR 781 — **G. Parinika** — Classroom student

705/720 AIR 791 — **Parijat Sahoo** — Classroom student

700/720 AIR 1210 — **Aman Raj** — Classroom student

700/720 AIR 1334 — **Piyush R. Dash** — Classroom student

## CRASH COURSE

Target: NEET (UG) 2025 | Admission Mode: Direct

27 March 2025

SIGN-UP FOR ASAT
GET SCHOLARSHIP UP TO* 90%
23 & 30 March
*Subject to the scholarship rules and the T&Cs.

## ADMISSIONS OPEN: Batches Starting from 03 April

NEET (UG) | JEE (Main+Adv.) | Olympiads | Class 6th to 12th & 12th Pass

**ALLEN Odisha Center**
95137 31588 allen.ac.in/bhubaneswar

**ALLEN Kota Center**
0744-3556677 allen.ac.in

Disclaimer: We provide an academic ecosystem and environment to prepare students for their target examinations. Studying in a coaching institute does not guarantee selection for the examination. Selection depends on preparation, admission seats in competitive exam and the number of applicants appearing. All the students mentioned are part of paid courses.

ଓଡ଼ିଶା ଭାସ୍କର
ସମ୍ପାଦକୀୟ



ତୁମେ ଭଗବାନଙ୍କୁ ସେପର୍ଯ୍ୟନ୍ତ ବିଶ୍ୱାସ କରିପାରିବ ନାହିଁ, ଯେପର୍ଯ୍ୟନ୍ତ ତୁମେ ନିଜେ ନିଜକୁ ବିଶ୍ୱାସ ନକରିଛ ।

-ସ୍ୱାମୀ ବିବେକାନନ୍ଦ



କାହିଁରୁ ମୁଁ ଥିଲି ଆସି କାଳ -ସ୍ରୋତେ ଭାସି
ଶୂନ୍ୟହସ୍ତେ ପୁଣି ଯିବି କାହିଁ ?
କୁଟୁମ୍ବାଦି ବନ୍ଧୁ ବିତ୍ତ ଧରମ ବ୍ୟତୀତ
ମୋ' ସାଙ୍ଗେ କେହି ତ' ଯିବେ ନାହିଁ ।

- ଖଗେଶ୍ୱର ସେଠ୍



## ମହାକାଶ ବିଜ୍ଞାନ କ୍ଷେତ୍ରରେ ଚମତ୍କାରିତା

# ସୁନୀତାଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ

ମହାକାଶ ବିଜ୍ଞାନ କ୍ଷେତ୍ରରେ ଆଉ ଏକ ଚମତ୍କାରିତା ଦେଖିବାକୁ ମିଳିଛି, ଯୁକ୍ତରାଷ୍ଟ୍ର ଆମେରିକା ରଚିଛି ସଫଳତାର ନୂଆ ଇତିହାସ । ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇ ପୃଥିବୀ ପୃଷ୍ଠକୁ ଫେରିଛନ୍ତି ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ ସୁନୀତା ୱିଲିୟମ୍ସ ଓ ତାଙ୍କର ସହଯୋଗୀ ବୁଚ୍ ୱିଲମୋର୍ । ଗତ ୨୦୨୪ ଜୁନ୍ ୫ ତାରିଖରେ ମାତ୍ର ଆଠଦିନ ପାଇଁ ମହାକାଶକୁ ଯାତ୍ରା କରିଥିବା ସୁନୀତାଙ୍କ ମହାକାଶଯାନ ବିଭିନ୍ନ ଯାନ୍ତ୍ରିକ ତ୍ରୁଟି କାରଣରୁ ୯ମାସରୁ ଅଧିକ ସମୟ ଧରି ଫସି ରହିଥିଲା । ସେମାନେ ଆଉ ନିରାପଦରେ ପୃଥିବୀ ପୃଷ୍ଠକୁ ଫେରିପାରିବେ କି ନାହିଁ, ସେଥିନେଇ ସନ୍ଦେହ ସୃଷ୍ଟି ହୋଇଥିଲା । ମାତ୍ର ବୈଜ୍ଞାନିକମାନଙ୍କର ଅକ୍ଳାନ୍ତ ଉଦ୍ୟମ ଫଳରେ ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରି ବୁଧବାର ବଡ଼ି ଭୋର ଭାରତୀୟ ସମୟ ୩ଟା ୨୭ ମିନିଟ୍ ସମୟରେ ମହାକାଶଯାନ ଷ୍ଟାର୍ ଲାଇନର୍ ସୁରକ୍ଷିତ ଅବତରଣ କରିଛି । ଆମେରିକାର ଫ୍ଲୋରିଡା ନିକଟବର୍ତ୍ତୀ ସମୁଦ୍ର କୂଳରେ ସ୍ପେସ୍ ଏକ୍ସର୍ କୁ ଡ୍ରାଗନ୍ ପହଞ୍ଚିବା ମାତ୍ରେ ବୈଜ୍ଞାନିକମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଥିଲା । ସୁନୀତା ନିରାପଦରେ ମହାକାଶରୁ ପୃଥିବୀ ପୃଷ୍ଠକୁ ଫେରି ଆସିଥିବାରୁ ଭାରତରେ ଅଧିକ ଖୁସି ଓ ଆଶ୍ୱସ୍ତି ପ୍ରକାଶ ପାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆନନ୍ଦ ବ୍ୟକ୍ତ କରି ତାଙ୍କୁ ଭାରତକୁ ଆସିବା ଲାଗି ଆମନ୍ତ୍ରଣ ଜଣାଇଛନ୍ତି । ମହାକାଶଚାରୀଙ୍କୁ ନେଇ ଫେରୁଥିବା ଯାନଟି ବାୟୁମଣ୍ଡଳରେ ପ୍ରବେଶ କରିବା ହେଉଛି ସବୁଠାରୁ ବିପଦପୂର୍ଣ୍ଣ ଘଡ଼ିସନ୍ଧି ମୁହୂର୍ତ୍ତ । କାରଣ ସେହି ସମୟରେ ବାୟୁମଣ୍ଡଳ ସହ ଘର୍ଷଣରେ ମହାକାଶଯାନ ୨୦୦୦ ଡିଗ୍ରୀ ସେଲ୍‌ସିୟସ୍ ଉତ୍ତପ୍ତ ହୋଇ ଜଳିଯିବାର ଅଧିକ ସମ୍ଭାବନା ରହିଥାଏ । ସୁଖର କଥା ସେହି ବିପଦକୁ ଟାଳିବା ଲାଗି ମହାକାଶ ବିଜ୍ଞାନୀମାନେ ସବୁପ୍ରକାର ପ୍ରଚେଷ୍ଟା ଚଳାଇ ଶେଷରେ ସଫଳ ହୋଇଥିଲେ । ଶବ୍ଦର ବେଗ ଠାରୁ ୨୨ଗୁଣରୁ ଅଧିକ ବେଗରେ ଏହା ଯେତେବେଳେ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କଲା, ସେତେବେଳେ ଏହାର ବାହ୍ୟ ତାପମାତ୍ରା ୩୫୦୦ଡିଗ୍ରୀ ଫରେନହିଟ୍ ବା ୧୯୨୬ ଡିଗ୍ରୀ ସେଲ୍‌ସିୟସ୍‌କୁ ବୃଦ୍ଧି ପାଇଥିଲା । ଠିକ୍ ସେହି ମୁହୂର୍ତ୍ତରେ ମହାକାଶଯାନର ବେଗକୁ ନିୟନ୍ତ୍ରଣ କରିବା ପାଇଁ ଖୁବ୍ କମ୍ ସମୟ ବ୍ୟବଧାନରେ ଦୁଇଟି ପର୍ଯ୍ୟାୟରେ ପାରାସୁଟ୍ ଖୋଲାଯାଇଥିଲା । ମହାକାଶ ଯାନଟି କକ୍ଷପଥରେ ପରିକ୍ରମା କରିବା ସମୟରେ ଏହାର ବେଗ ଘଣ୍ଟା ପ୍ରତି ପ୍ରାୟ ୨୮ହଜାର କିଲୋମିଟର ଥିବା ସ୍ଥଳେ ସମୁଦ୍ରରେ ଅବତରଣ ବେଳକୁ ଏହି ବେଗ ମାତ୍ର ୩୨ କିଲୋମିଟରକୁ କମି ଆସିଥିଲା । ତେବେ ସୁରକ୍ଷିତ ଅବତରଣର ଗୋଟିଏ ଘଣ୍ଟା ପୂର୍ବରୁ ସୁନୀତାଙ୍କୁ ନେଇ ଫେରୁଥିବା ମହାକାଶ ଯାନ ସହିତ 'ନାସା'ର ଯୋଗାଯୋଗ ହଠାତ୍ ବିଚ୍ଛିନ୍ନ ହୋଇ ପଡିଥିଲା । ଫଳରେ କୌଣସି ଏକ ଅଘଟଣ ଆଶଙ୍କାରେ ବୈଜ୍ଞାନିକମାନେ ବ୍ୟସ୍ତ ଓ ବିଚଳିତ ହୋଇ ଉଠିଥିଲେ । ମାତ୍ର ଏହି ବିପଦ କଟିଯାଇ ଯାନ ସହ ପୁଣି ସମ୍ପର୍କ ସ୍ଥାପନ କରାଯାଇ ପାରିଥିଲା । ପ୍ରାୟ ୧୭ଘଣ୍ଟା ଯାତ୍ରାର ପରିସମାପ୍ତି ଘଟାଇ ଫ୍ଲୋରିଡା ଉପକୂଳରେ ପହଞ୍ଚିବା ପରେ ସୁନୀତା ଓ ବୁଚ୍ ସେଠାରେ ଅନ୍ତିମ ଫଟୋ ଉଠାଇଥିବାର ଦେଖାଯାଇଥିଲା । ଆଜକୁ କିଛିବର୍ଷ ପୂର୍ବେ ମହାକାଶଯାନରେ ଯାଇଥିବା ଅନ୍ୟଜଣେ ଭାରତୀୟ ବଂଶୋଦ୍ଭବ ମହିଳା କଳ୍ପନା ଚାୱଲା ଭୂ-ପୃଷ୍ଠରେ ଅବତରଣ କରିବାର ଠିକ୍ ପୂର୍ବରୁ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ । ସେହି ଦୁଃଖଦ ଘଟଣାର ଯେପରି ପୁନରାବୃତ୍ତି ନଘଟେ ଏବଂ ସୁନୀତା ନିରାପଦରେ ଫେରି ଆସନ୍ତି, ସେଥିପାଇଁ ପ୍ରତି ଭାରତୀୟଙ୍କ ପ୍ରାର୍ଥନା ଈଶ୍ୱର ଶୁଣିଥିଲା ଭଳି ମନେ ହେଉଛି ।

# ପେଜ, ପଖାଳ ଓ ପ୍ରଭୁ ଜଗନ୍ନାଥ

କବୀର କୁମାର ଜେନା
ଅଣିକଣା, ବରୀ, ଯାଜପୁର
ମୋ : ୮୯୧୭୦୭୭୯୮୭

ଆମ କୋଟି ଓଡ଼ିଆଙ୍କ ମଉଡ଼ମଣି ଆମ ହୃଦୟର ସ୍ପନ୍ଦନ, ଆମ ଭାବର ଆରାଧ୍ୟ ହୃଦେଶ୍ୱର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା ସମ୍ପୂର୍ଣ୍ଣ ଭାବେ ମାନବୀୟ ଲୀଳା ଭାବେ ପରିଗଣିତ । ପ୍ରତିଟି ମଣିଷର ଜୀବନ ଚକ୍ର ପରି ପ୍ରତିଦିନ କର୍ମ ସମ୍ପାଦନ ପରି ସେ ତାଙ୍କର ପ୍ରତିଟି କର୍ମ କରିଥାନ୍ତି । ଷାଠିଏ ପଉଟି ପ୍ରସାଦ ପ୍ରତିଦିନ ନିର୍ଦ୍ଧାରିତ ସମୟରେ ଗ୍ରହଣ କରୁଥିବା ମହାପ୍ରଭୁ ମଧ୍ୟ ଆମ ଓଡ଼ିଆଙ୍କ ପରି ପଖାଳ ଖାଇଥାନ୍ତି ।

ଆମ ଓଡ଼ିଆ ମାଟି, ପାଣି, ପବନର ପ୍ରତିଟି ଆଞ୍ଚଳିକ ଖାଦ୍ୟ ଭିତରେ ପଖାଳର ବାସ୍ନା ସ୍ୱତନ୍ତ୍ର । ପ୍ରାୟ ପ୍ରତିଟି ଓଡ଼ିଆ ଘରର ଜନଜୀବନରେ ଏହି ପଖାଳ ଯୋଡ଼ା ହୋଇଛି । ତେବେ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଶ୍ରୀମନ୍ଦିର ପରମ୍ପରାରେ ମଧ୍ୟ ପଖାଳର ବିଧି ରହିଛି । ମହାପ୍ରଭୁଙ୍କ ନିକଟରେ ଦୈନନ୍ଦିନ ଲାଗି ହେଉଥିବା ଛପନ ଭୋଗ ମଧ୍ୟରେ ପଖାଳ ଅନ୍ୟତମ । ଶ୍ରୀଗୁଣ୍ଡିଚା ଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସମୟକୁ ଛାଡ଼ିଦେଲେ ବାକି ବର୍ଷର ସମସ୍ତ ଦିବସରେ ବାଡ଼ୁଅଁଶ ପଖାଳରେ ଅଭ୍ୟନ୍ତରୀଣ ପାଉଥାନ୍ତି । ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ଲାଗି ଚନ୍ଦନ ଯାତ୍ରା ଅବସରରେ ଦହିପଖାଳ ମଣୋହି କରି ମଦନମୋହନ ଗୃହ ଭିତରେ ଯାଇଁ ବାହାରନ୍ତି । ଖରାଦିନେ ଭକ୍ତମାନେ ମହାପ୍ରସାଦକୁ ପଖାଳ କରି ଖାଇଥାନ୍ତି । ଶ୍ରୀମନ୍ଦିରରେ ଯେଉଁ ଟଙ୍କତୋରାଣି ମିଳେ ତାହା ମହାପ୍ରଭୁଙ୍କ ପଖାଳରୁ ପ୍ରସ୍ତୁତ ହୋଇଥାଏ । ଏହି ପଖାଳ ତୁଣ ସୁଆର ଓ ଥାଳି ସୁଆର ସେବକମାନେ ପ୍ରସ୍ତୁତ କରିଥାନ୍ତି । ପନ୍ତି ବଢୁ ସେବକ ଯେଉଁ ଭୋଗରେ ଯେଉଁ ପଖାଳ ଲାଗି ହେବା କଥା ତାହା ପନ୍ତି ଲଗାଇଥାନ୍ତି ।

ଶ୍ରୀ ମନ୍ଦିରରେ ପଖାଳ ବ୍ୟବସ୍ଥା ସମ୍ପର୍କରେ ସ୍କନ୍ଦପୁରାଣ ମଧ୍ୟ ଉଲ୍ଲେଖ ରହିଛି । ବଢୁ ସୁଆର ନିଯୋଗ ପରିଚାଳିତ ଏହି ପଖାଳରେ ଶ୍ରୀମନ୍ଦିରରେ ପାଞ୍ଚ ପ୍ରକାର ପଖାଳ ଅର୍ପଣ ହୋଇଥାଏ । ସେଗୁଡ଼ିକ ହେଉଛି ଘିଅ ପଖାଳ, ଦହି ପଖାଳ, ଚିପୁଡ଼ା ପଖାଳ, ତରା ପଖାଳ ଓ ସୁବାସିତ ପଖାଳ । ଏହି ପଖାଳ ତିଆରି ପାଇଁ ଶ୍ରୀମନ୍ଦିରର ରୋଷ ଘର ଭିତରେ ସ୍ୱତନ୍ତ୍ର ଗାଧୁଆ ଘଡ଼ି ପରାରେ ଏକ ପଖାଳ କୁଣ୍ଡ ରହିଛି ଯେଉଁଥିରେ ଅନ୍ନ ଓ ପାଣି ଦ୍ୱାରା ମହାପ୍ରଭୁଙ୍କ ପାଇଁ ଦିବ୍ୟ ପଖାଳ ପ୍ରସ୍ତୁତ ହୋଇଥାଏ ।

ମହାପ୍ରଭୁଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ଅନ୍ନରେ ପାଣି, ଲୁଣ ଇତ୍ୟାଦି ମିଶା ଯାଇ ଏକ ଗୋଲିରେ ରଖାଯାଏ ଏବଂ ଏହା ଉପରେ ଅଦା, ପାତି, ଭଜା ଜିରା ପକାଯାଇ ଚିପୁଡ଼ା ପଖାଳ ପ୍ରସ୍ତୁତ କରାଯାଇଥାଏ । ପ୍ରତିଦିନ ମଧ୍ୟାହ୍ନ ଧୂପ ସମୟରେ ଏହି ପଖାଳ ଠାକୁରଙ୍କ ପାଖରେ ଲାଗି କରାଯାଏ । ଏହାକୁ ଚିପୁଡ଼ା ପଖାଳ କୁହାଯାଏ । ସେହିପରି ଆମ ଓଡ଼ିଆରେ ତରା ଯାହାକି ଠିକ୍ କମଳା ଭଳି ଦେଖାଯାଉଥିବା ଗ୍ରାମାଞ୍ଚଳରେ ଉପଲବ୍ଧ ହେଉଥିବା ଏକ ଖଟା ଜାତୀୟ ଫଳ । ଏହାସହ ଜିରା, ଲୁଣ, ଅଦାଖଣ୍ଡ ଓ ପାଣି ମିଶ୍ରିତ ହୋଇ ପ୍ରସ୍ତୁତ କରାଯାଏ । ଏହା ମହାପ୍ରଭୁଙ୍କ ପାଖରେ ଦ୍ୱିପହର ଧୂପ ସମୟରେ ଲାଗି କରାଯାଏ । ସେହିପରି ଅନ୍ନରେ ପାଣି ମିଶ୍ରିତ ପୂର୍ବକ ଏଥିରେ ଲୁଣ, ଭଜା ଜିରା, ଅଦାଖଣ୍ଡ, ଲବଙ୍ଗ, ଗୋଲମରିଚ ଇତ୍ୟାଦି ପକାଯାଇ ସୁବାସିତ ପଖାଳ ପ୍ରସ୍ତୁତ ହୋଇଥାଏ । ଏହା ମଧ୍ୟ ମଧ୍ୟାହ୍ନ ଧୂପରେ ଠାକୁରଙ୍କ ପାଖରେ ଲାଗି କରାଯାଇଥାଏ । ତେବେ ଦହି ପଖାଳଟି ଯେଉଁଥିରେ ଅନ୍ନରେ ପାଣି ମିଶ୍ରିତ ପୂର୍ବକ ଏଥିରେ ଲୁଣ, ଭଜା ଜିରା, ଅଦାଖଣ୍ଡ, ଦହି ଇତ୍ୟାଦି ପକାଯାଇ ଏହି ପଖାଳ ପ୍ରସ୍ତୁତ ହୋଇଥାଏ । ଏହା ସନ୍ଧ୍ୟା ଧୂପରେ ଠାକୁରଙ୍କ ପାଖରେ ଲାଗି କରାଯାଇଥାଏ । ତେବେ ସବୁଠାରୁ ଆକର୍ଷଣୀୟ ହେଉଥିବା ଘିଅ ପଖାଳ ଯାହା ମହାପ୍ରଭୁଙ୍କ ବଡ଼ ସିଂହାର ଧୂପ ପରେ ଅର୍ପଣ ହୋଇଥାଏ । ଏଥିରେ ଅନ୍ନ, ଲୁଣ, ଅଦାଖଣ୍ଡ, ଦହି, ଭଜା ଜିରା ଇତ୍ୟାଦି ଭଳିରେ ରଖାଯାଇ ଏଥିରେ ଘିଅ ମିଶାଯାଏ । ଶ୍ରୀମନ୍ଦିର ପାରମ୍ପରିକ ପରିଭାଷାରେ ଏହାକୁ ଘିଅ ପଖାଳ କୁହାଯାଏ । ଏଭଳି ଭାବରେ ଅର୍ପିତ ଓ ପ୍ରସ୍ତୁତ ପରମ୍ପରା ବାସ୍ତବିକ ସମଗ୍ର ବିଶ୍ୱରେ ବିରଳ । ଯେଉଁଥିପାଇଁ ଏକ ପ୍ରବାଦ ରହିଛି –

'ଏମିତିଆ ଦିହଁ କେଉଁଠି ଅଛି,
ପଖାଳ ଭାତରେ ଘିଅ ଖାଉଛି ।'

ଶ୍ରୀମନ୍ଦିର ପରମ୍ପରାରେ ପଖାଳ ସମ୍ପର୍କରେ ଶାସ୍ତ୍ରୀୟଭାବେ ଯାହା ବର୍ଣ୍ଣନା ରହିଛି ସେଥି ମୁତାବକ ମାଦଳା ପାଞ୍ଜିରେ ଉଲ୍ଲେଖ ଥିବା ନୀତି ବ୍ୟବସ୍ଥାରେ ମହାପ୍ରଭୁଙ୍କ ପିଠା ଓ ଭୋଗ ଯୋଡ଼ା ଯାଇଥିବା ସହିତ ପଖାଳ କିନ୍ତୁ ଏହା ଭିତରୁ ପ୍ରାଚୀନ ଓ ସର୍ବପ୍ରଥମ । ତେବେ କେଶରୀ ବଂଶଙ୍କ ସମୟରେ ଥିବା ରୋଷ ଘରେ ପଖାଳ ସମ୍ପର୍କରେ କିଛି ତଥ୍ୟ ମଧ୍ୟ ରହିଛି । ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଦିବ୍ୟ ମାନବ ବାଦର ସମନ୍ୱିତ ଲୀଳାଖେଳାର ଶ୍ରେଷ୍ଠତମ ପ୍ରତୀକ । ସାଧାରଣ ମଣିଷଟିଏ ପରି ଦୈନନ୍ଦିନ ଓ ଅନ୍ୟାନ୍ୟ ବିଶେଷ କର୍ତ୍ତବ୍ୟ ସମ୍ପାଦନ କରି ସେ ଜନ୍ମ ଓ ମୃତ୍ୟୁ ମଧ୍ୟ ପ୍ରାପ୍ତ ହୁଅନ୍ତି । ଜନ୍ମ-ଜୀବନ-ମୃତ୍ୟୁ, ମୃତ୍ୟୁ ପରେ ପୁଣି ଜୀବନ ଓ ଜୀବନର ପୁନଶ୍ଚ ମୃତ୍ୟୁ ସାରା ଜୀବଜଗତ ପାଇଁ ଏକ ସ୍ୱାଭାବିକ ପ୍ରକ୍ରିୟା ।





ଓଡ଼ିଆରେ ଗୋଟିଏ କଥା ଅଛି 'ଶାଗଖିଆକୁ ପେଜପିଆ ସହିପାରେ ନାହିଁ ।' ଏହାର ଅର୍ଥ ଯିଏ ପେଜ ପିଇ ଜୀବନ ବଞ୍ଚୁଥାଏ, ଅର୍ଥାତ୍ ଅତି ଗରିବ, ସିଏ ଶାଗ ପଖାଳ ଖାଇ ବଞ୍ଚୁଥିବା ଗରିବ ଲୋକଟିକୁ ଈର୍ଷା କରେ । କିନ୍ତୁ ଏଇ ପେଜ ଓ ପଖାଳ ଏ ଜାତିର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ କଥା ଓ ଗାଥା ସହ ଯୋଡ଼ି ହୋଇ ଏହାକୁ ଗୌରବ ଦେଇଛି । ଆମେ ମହାପ୍ରଭୁଙ୍କ ପଖାଳ ନୀତି ସମ୍ପର୍କରେ ଆଲୋଚନା ରଖିବାବେଳେ ଆମ ସାମ୍ନାକୁ ଆସିଥିଲା ମହାନ ଭକ୍ତ ରାମଦାସଙ୍କ ଦ୍ୱାରା ଲିଖିତ 'ଦାର୍ଢ୍ୟତା ଭକ୍ତି' ପୁସ୍ତକ ସମ୍ପର୍କରେ ଯେଉଁଥିରେ ମହାପ୍ରଭୁଙ୍କ ସେହି ପ୍ରାତଃ ସ୍ମରଣୀୟ ଭକ୍ତ ଦାସିଆ ବାଉରୀଙ୍କ କଥା ଉଲ୍ଲେଖ ରହିଛି । ତତ୍କାଳୀନ ଶ୍ରୀକ୍ଷେତ୍ର ପୁରୀ ଠାରୁ ଅନ୍ୟୁନ ଦୁଇକୋଶ ଦୂରରେ ବାଲିଗାଁ ବା ବାଲି ଗ୍ରାମ । ପାରମ୍ପରିକ କୌଳିକ ଜାତିରେ ସେ ଥିଲେ 'ଖନ୍ଦାଳ' ସମ୍ପ୍ରଦାୟର । ଏହି ଖନ୍ଦାଳ ବା ଖଦାଳ ତନ୍ତୀ ଜାତିବିଶେଷ ଲୁଗାପଟା ନିଜ ତନ୍ତ ଦ୍ୱାରା ତିଆରି କରି ଜୀବନ ନିର୍ବାହ କରନ୍ତି । ଦାସିଆ ବାଉରୀଙ୍କ ସଂସାର ବୋଇଲେ ସ୍ୱାମୀ-ସ୍ତ୍ରୀ ଦୁଇଜଣ । ତାଙ୍କର କୋଳ କିନ୍ତୁ ଶୂନ୍ୟ ଥିଲା । ଦୁଇ ପ୍ରାଣୀଙ୍କ ସଂସାରରେ ପିଲାଝିଲ୍ଲା ହିଁ ନଥିଲେ । ଭକ୍ତ ଦାସିଆ ତାଙ୍କ ସମୟରେ ଗ୍ରାମରେ ବ୍ରାହ୍ମଣଙ୍କ ଘରେ ବ୍ରତ ବା ଆଧାତ୍ମିକ କାର୍ଯ୍ୟ ସମ୍ପାଦନ ବେଳେ ଯେଉଁ ନାମ ଗାୟନ ସବୁ ହୁଏ ତାହା ତାଙ୍କୁ ଭିତର ହୃଦୟରୁ ଯେପରି କେହି କିଛି ସଂକେତ ଦେଇ ଡାକିଥାଏ ।

ଜାତିରେ ଛୋଟ ହୋଇଥିବାରୁ ମାଙ୍ଗଳିକ କାର୍ଯ୍ୟକ୍ରମ ସମ୍ପାଦିତ ସ୍ଥାନ ଠାରୁ ଦୂରରେ ରହି ସେ ଏହାକୁ ଶୁଣୁଥାନ୍ତି । ଏହି ଶୁଣିବା ଭିତରେ ହିଁ ତାଙ୍କର ଦିବ୍ୟ ଜ୍ଞାନର ଚୈତନ୍ୟ ଉଦୟ ହୋଇଥିଲା । ସମାଜରେ ଗୁରୁଜ୍ଞାନୀ, ବିଦ୍ୱାନ ମଣ୍ଡଳୀଙ୍କ ଠାରୁ ଟିକେ ଦୂରରେ ହେଉ ବରଂ ବସି ଭଗବତ ଜ୍ଞାନ ଶୁଣୁଥିଲେ । କର୍ମମୟ ଜୀବନରେ ପୁଣ୍ୟ କ'ଣ ପାପ କ'ଣ ସେ ବୁଝି ପାରିନଥାଏ । ପ୍ରତିଦିନ ଯେତିକି ଯାହା ମିଳେ ସେଇଥିରେ ସେ ଆନନ୍ଦରେ ନିଜକୁ ଅତିବାହିତ କରିଥାଏ । ସୁଖ ବି ଠାକୁର ଦେଇଛନ୍ତି ଦୁଃଖ ବି ଠାକୁର ଦେଇଛନ୍ତି । ଏହାକୁ ଗ୍ରହଣ କରି ସେ ତାଙ୍କ ଦୈନନ୍ଦିନ ଜୀବନ ଆଗେଇ ନେଉଥିବାବେଳେ ପ୍ରତିବର୍ଷ ପରି ସେ ବର୍ଷଟି ଥିଲା ଗୁଣ୍ଡିଚା ଯାତ୍ରା ଆସିବାର ପୂର୍ବ ସମୟ । ଛୋଟିଆ ତନ୍ତୀ କାରିଗରଟି ହୋଇଥିଲେ ମଧ୍ୟ ଭକ୍ତ ଭାବନାରେ ଗଦ ଗଦ ହୋଇ ମହାପ୍ରଭୁଙ୍କୁ ରଥାରୁଢ଼ରେ ଦର୍ଶନ କରି ଭାବତନ୍ମୟ ହୋଇପଡୁଥିଲା । ଦାର୍ଢ୍ୟତ୍ୟା ଭକ୍ତିରେ କବି ରାମଦାସ ଅତି ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି – 'କଳା ଶ୍ରୀମୁଖକୁ ଅନାଇ, ବେନି ନୟନୁ ଧାର ବହି, ରଙ୍ଗ ଅଧର କଳା ଡୋଳା, ଦେଖି ଭାବରେ ହେଲା ଭୋଳା ।' ଶ୍ରୀକ୍ଷେତ୍ରରୁ ରଥାରୁଢ଼ ପରମବ୍ରହ୍ମ କାଳିଆ ସାଆନ୍ତଙ୍କୁ ପେଟ ପୁରାଇ ଦର୍ଶନ କରି ଭକ୍ତ ଦାସିଆ ଘରକୁ ଫେରିଥିଲେ । ତନ୍ତୀ ଘର ଯେହେତୁ, ତାଙ୍କ ଧର୍ମପତ୍ନୀ ଘରେ ଥିବା ରଙ୍ଗ ହାଣ୍ଡିରେ ରାନ୍ଧିଥିବା ଖାଦ୍ୟ ଭାବେ ପେଜମିଶା ଭାତ ବା ଜାଉ ଆଣି ତାଙ୍କ ସାମ୍ନାରେ ରଖିଥିଲେ । ଆଉ ତା' ମଝିରେ ଥିଲା ନିଜ ବାରିର ମେଞ୍ଚାଏ ଶାଗ ଭଜା । ହୃଦୟସ୍ପର୍ଶୀ ଭାବେ ଏହାର ଅତି ସୁନ୍ଦର ବର୍ଣ୍ଣନା ରହିଛି 'ଦାର୍ଢ୍ୟତା ଭକ୍ତି'ରେ । ତାହା ଦେଖି ଦାସିଆ ମନରେ ଭାବାନ୍ତର ହେଲା 'ହାଣ୍ଡି ସୁରଙ୍ଗ ପେଜ ଧଳା, ତା' ମଧ୍ୟେ ଶାଗ ଦିଶେ କଳା, ସାକ୍ଷାତେ ପଦ୍ମଡୋଳା, ଏହି, ଗୋଳି କି ରୂପେ ଖାଇବଇଁ ।'


ଆମ ଓଡ଼ିଆ ଚଳଣୀରେ ଓ ଖାଦ୍ୟ ପ୍ରସ୍ତୁତିରେ ପେଜ ହେଉଛି ରନ୍ଧା ଭାତର ଫେଣ । ଭାତ ରାନ୍ଧିଲେ ଯେଉଁ ଫେଣମୟ ଜଳ ବାହାରେ ତାହା ପେଜ । ପେଜ ମଧ ଅନେକ ଅଞ୍ଚଳରେ ରନ୍ଧାଭାତକୁ ବୁଝାଏ । ତାତ୍ପର୍ଯ୍ୟପୂର୍ଣ୍ଣ ଏହି ଯେ ଦାସିଆ ବାଉରିର ଏହି ପେଜ ବା ପଖାଳ ମଧ ତା' ନଡ଼ିଆ ପରି ଭକ୍ତଭାବଗ୍ରାହୀଙ୍କ କିମ୍ବଦନ୍ତୀ ଅଙ୍ଗ ହୋଇଛି । ଶ୍ରୀଜଗନ୍ନାଥଙ୍କ ଭୋଗସାମଗ୍ରୀ ମଧ୍ୟରେ ଅନ୍ୟୁନ୍ୟ ପାଞ୍ଚ ପ୍ରକାରର ପଖାଳ ଭୋଗ । ଶ୍ରୀଜଗନ୍ନାଥଙ୍କ ପଖାଳପ୍ରିୟତାର ନିଦର୍ଶନ ହୋଇଯାଇଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମସ୍ତ ନୀତିକାନ୍ତି ଓଡ଼ିଆ ଭକ୍ତି ଭାବନାର ବିଶ୍ୱାସ, ପରମ୍ପରା ଓ ବିଚାର ଉପରେ ପର୍ଯ୍ୟବେଶିତ । ମହାପ୍ରଭୁ ଆମ ସମସ୍ତଙ୍କୁ କୃପା ପ୍ରଦାନ କରୁଥାନ୍ତୁ ଏହା ହିଁ କାମନା ।

# ଓଡ଼ିଆଙ୍କ ପରିଚୟ ପଖାଳ



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଲ, ଭୁବନ, ଢେଙ୍କାନାଳ
ମୋ: ୯୪୩୭୭୨୯୩୮୪

ଓଡ଼ିଆ ଲୋକ ଯିଏ ଯେଉଁଠି ଥାଆନ୍ତୁନା କାହିଁକି ଆଜିର ଦିନ ମାର୍ଚ୍ଚ ୨୦କୁ ପଖାଳ ଦିବସ ଭାବେ ପାଳନ କରିଥାନ୍ତି । ପଖାଳ ଓଡ଼ିଆଙ୍କ ପ୍ରିୟ ଖାଦ୍ୟ । ଗ୍ରୀଷ୍ମର ପ୍ରକୋପ ବୃଦ୍ଧି ସହିତ ପଖାଳ ପ୍ରତି ରୁଚି ମଧ୍ୟ ବଢିଥାଏ । ଭାତକୁ ପାଣିରେ ପଖାଳି ତିଆରି କରାଯାଉଥିବାରୁ ଏହାକୁ ପଖାଳ କୁହାଯାଏ । ଭାରତର ଅନେକ ରାଜ୍ୟରେ ଭାତ ମୁଖ୍ୟ ଖାଦ୍ୟର ମାନ୍ୟତା ପାଇଥିବା ବେଳେ ଓଡ଼ିଶାରେ ଭାତରୁ ପ୍ରସ୍ତୁତ ପଖାଳ ପାଇଛି ଲୋକ ଖାଦ୍ୟର ମାନ୍ୟତା । ଓଡ଼ିଆ ଘରର ପଖାଳ ଓଡ଼ିଆ ଜାତିର ପରିଚୟ ସଦୃଶ । ପଖାଳ କହିଲେ ଓଡ଼ିଶାର ସଂସ୍କୃତିକୁ ବୁଝାଏ । ପଖାଳ ଓଡ଼ିଶାର ପରିଚୟ । କାହିଁ କେତେ କାଳରୁ ପଖାଳ ସହିତ ଓଡ଼ିଆ ମାନଙ୍କର ରହି ଆସିଛି ଭାବଗତ ସମ୍ପର୍କ । ପଖାଳ ଶବ୍ଦ ପାଲି ଭାଷା ପଖାଳିବାରୁ ଆସିଛି । ଯାହାର ଅର୍ଥ ଧୋଇବା । ଗରମ ଭାତ ଥଣ୍ଡା ହେବା ପରେ ତାକୁ ଧୋଇ ସେଥିରେ ପାଣି ମିଶାଇ ତିଆରି କରାଯାଉଥିବାରୁ ଏହାର ଏପରି ନାମକରଣ ହୋଇଛି । ଏହି ପଖାଳ ଅନେକ ପ୍ରକାରର ଯେପରି ଦହି ପଖାଳ, ସଜ ପଖାଳ, ବାସି ପଖାଳ, ଜିରା ପଖାଳ, ଚାଇଁ ପଖାଳ ବା ଗରମ ପଖାଳ, ଅଦା ପଖାଳ, ବଡି ପଖାଳ, କାକୁଡି କୋରା ପଖାଳ । ପଖାଳ ସାଙ୍ଗରେ ଅନ୍ୟାନ୍ୟ ସ୍ୱାଦିଷ୍ଟ ବ୍ୟଞ୍ଜନ ଯଥା ବଡିଚୁରା, ଶାଗ ଭଜା, ଚୂନା ମାଛ ଭଜା, ଖଟା, ଶୁଖୁଆ, ଆଳୁ ବାଇଗଣ ଭରତା, ଛୁଇଁ ଭଜା, ଆମ୍ବ ଛେଚା, ଦହିକାକୁଡି ସାଲାଡ ଆଦିର ସ୍ୱାଦ ସତରେ ନିଆରା । ପଖାଳର ଲୋକପ୍ରିୟତା ଆହୁରି ବଢାଇଥାଏ ପଖାଳ ଦିବସ ଅବସରରେ ସେଲିବ୍ରିଟ ମାନଙ୍କର ପଖାଳ ଖିଆ ଟ୍ୱିଟ୍ ।



ଭାରତ ଓ ଭାରତ ବାହାରେ ପଖାଳର ସ୍ୱତନ୍ତ୍ରତା ପ୍ରାୟ ଦେଖିବାକୁ ମିଳିଥାଏ । ଭାରତ ବାହାରେ ପଖାଳକୁ ୱାଟର ରାଇସ୍ କୁହାଯାଏ । ଉସୁନା ପଖାଳ ଅପେକ୍ଷା ଅରୁଆ ପଖାଳର ସ୍ୱାଦ ନିଆରା । ଅରୁଆ ପଖାଳକୁ ଆହୁରି ସ୍ୱାଦିଷ୍ଟ କରିଥାଏ ଦହି, ଆମ୍ବ କସିଆ ଅଦା, ପୋଦିନା ପତ୍ର । ଏବେ ଆମ୍ବ ଋତୁ ଆସିଥିବାରୁ ଆମ୍ବ ନସି ଦହି, ଅଦା ଉଷୁନା ପଖାଳରେ ମିଶାଇଲେ ତା'ର ସ୍ୱାଦ ବଢିଯାଏ । ନିରାମିଷ ଖାଉଥିବା ଲୋକେ ପଖାଳ ସହ ଆଳୁ ଭେଣ୍ଡି ଭଜା, ବଡିଚୁରା, ଆଳୁ ଚଟଣି, ବାଇଗଣ ଭରତା, ଟମାଟୋ କାକୁଡି ସାଲାଡ, କଖାରୁ ଫୁଲ ପିଠା, କଲରା ଭଜା ଆଦି ସୁସ୍ୱାଦୁ ବ୍ୟଞ୍ଜନ ପସନ୍ଦ କରୁଥିବା ବେଳେ ଆଇଁଷ ପ୍ରିୟମାନେ ଚୁନାମାଛ ଭଜା, ଛୋଟ ଚିଙ୍ଗୁଡି ଭଜା, ଶୁଖୁଆ, ପୋହଳା ମାଛ ଗୋଟା ବେସର, ରୋହି ମାଛ ଭଜା ଭାରି ଭଲ ଲାଗେ । ତେଣୁ ଆମ ଓଡ଼ିଆ ସଂସ୍କୃତି ସହିତ ପଖାଳ କଂସାର ସମ୍ପର୍କ ଅତି ନିବିଡ । କୃଷକ, ଶ୍ରମିକ, ଦିନ ମଜୁରିଆ ତଥା ଆଦିବାସୀଙ୍କର ପ୍ରିୟ ଖାଦ୍ୟ ପଖାଳ ହୋଇଥିବା ବେଳେ ବଡବଡିଆ ତଥା ସମାଜର ପ୍ରତିଷ୍ଠିତ ବ୍ୟକ୍ତିମାନେ ମଧ୍ୟ ବେଳେବେଳେ ପଖାଳ ଖାଇଥାନ୍ତି । କୃଷକ ଭାଇମାନେ ସକାଳୁ ସକାଳୁ ଘରେ ପଖାଳ କଂସାଏ ଖାଇ ହାତରେ ପଖାଳ ଟିପିନ ସାଙ୍ଗକୁ ପିଆଜ, ଶୁଖୁଆ ପୋଡା, କଞ୍ଚା ଲଙ୍କା, ଖଟା, ବଡିଚୁରା ନେଇ ବିଲ ହୁଡାରେ ଦ୍ୱିପହରେ ଖାଆନ୍ତି । ଏହା ଭାରି ଆତ୍ମ ତୃପ୍ତି ଦେଇଥାଏ ଚଷା ପୁଅକୁ । ଆଉ ଧୁଧୁ ଖରାବେଳେ ତାତିରୁ ତ୍ରାହି ପାଇବା ପାଇଁ ଓଡ଼ିଶାର ପ୍ରାୟ ସବୁ ବର୍ଗର ଲୋକେ ପଖାଳକୁ ପସନ୍ଦ କରିଥାନ୍ତି । ଓଡ଼ିଆ ଘରମାନଙ୍କରେ ପଖାଳ ସବୁ ଋତୁରେ ଖିଆ ଯାଉଥିବା ବେଳେ ଗ୍ରୀଷ୍ମ ଋତୁରେ ପଖାଳ ତୋରାଣି ପ୍ରତି ରହିଥାଏ ସମସ୍ତଙ୍କର ଦୁର୍ବଳତା ।

ସହର ବଜାରରେ ହୋଟେଲ ଗୁଡିକରେ ଓଡ଼ିଆ ଘରର ପାରମ୍ପରିକ ବ୍ୟଞ୍ଜନ ସହ ପରଷା ଯାଉଥିବା ପଖାଳର ଚେହେରା ଓ ବାସ୍ନା ଗ୍ରାହକର ଭୋକ ବଢାଇଦିଏ । ଓଡ଼ିଶାର ପରମ୍ପରା ମହାପ୍ରଭୁ ଜଗନ୍ନାଥଙ୍କ ସହ ଜଡ଼ିତ । ପଖାଳ ସହ ଜଡ଼ିତ ଆମ ବଡ ଠାକୁରଙ୍କର ଛପନ ଭୋଗ । ସାଧାରଣ ଲୋକଟିଏ ଯେପରି ପଖାଳପ୍ରିୟ, ମହାପ୍ରଭୁ ମଧ ସେମିତି ପଖାଳପ୍ରିୟ । ମହାପ୍ରଭୁଙ୍କ ଉପାସନାରେ କେବଳ ଅରୁଆ ପଖାଳ ଲାଗି କରାଯାଏ । ଶ୍ରୀଗୁଣ୍ଡିଚା ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମୟକୁ ଛାଡିଦେଲେ ବାକି ବର୍ଷର ସମସ୍ତ ଦିବସରେ ଶ୍ରୀମନ୍ଦିରରେ ପଖାଳ ଭୋଗ ଗ୍ରହଣ କରି ମହାପ୍ରଭୁ ଆତ୍ମସନ୍ତୋଷ ଲାଭ କରିଥାନ୍ତି । ସେହିପରି ଲିଙ୍ଗରାଜ ମନ୍ଦିରରେ ଠାକୁରଙ୍କୁ ବଡସିଂହାର ଭୋଗ ବେଳେ ପଖାଳ ସହ କଦଳୀ ଭଜା ଭୋଗ ଲାଗି ହୁଏ ।

# ଅନମନୀୟା ନୟନା-ଏକ ଅଶ୍ରୁଅର୍ଘ୍ୟ



ଡ. ବାସନ୍ତୀ ମହାନ୍ତି
ଦି ଏମେରାଲ୍ଡ୍ ଆପାର୍ଟମେଣ୍ଟ
ବ୍ଲକ୍ ସି, ୨୧୩, ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୭୦୩୩୦୭୪

ଭାରତ ସ୍ୱାଧୀନ ହେବା ଅବ୍ୟବହିତ ପୂର୍ବରୁ କେତେକ କଂଗ୍ରେସ କର୍ମୀଙ୍କ କ୍ଷମତା ଲାଳସା ଅନୁଧ୍ୟାନ କରି ମହାତ୍ମା ଗାନ୍ଧୀ ଉପଲବ୍ଧି କରିଥିଲେ, ଯଦି କଂଗ୍ରେସ କର୍ମୀମାନେ ପ୍ରତ୍ୟକ୍ଷ ରାଜନୀତିରେ ଅଂଶଗ୍ରହଣ କରନ୍ତି ତେବେ କଂଗ୍ରେସ ଯେଉଁ ସେବା ତ୍ୟାଗ ତିତିକ୍ଷା ଉପରେ ଦଣ୍ଡାୟମାନ ହୋଇଥିଲା, ତାହା ଅଚିରେ ଭୁଷୁଡ଼ି ପଡିବ । ତେଣୁ ସେ ତାଙ୍କର ଶେଷ ଇଚ୍ଛାପତ୍ରରେ ଦେଶ ସ୍ୱାଧୀନ ହେବାପରେ କଂଗ୍ରେସର ଭୂମିକା ଓ କର୍ତ୍ତବ୍ୟ ସମ୍ପର୍କରେ ଲିପିବଦ୍ଧ କରିଯାଇଥିଲେ । କିନ୍ତୁ ତାଙ୍କର ମୃତ୍ୟୁପରେ ପ୍ରକୃତରେ କଂଗ୍ରେସ ଦୁଇଟି ଶାଖାରେ ପରିଣତ ହୋଇଗଲା । ଗୋଟିଏ ଶାଖା ରାଜନୀତିରେ ପ୍ରବେଶ କରି କ୍ଷମତା ଉପଭୋଗ କଲେ । ବିଶୁଦ୍ଧ ଗାନ୍ଧିବାଦୀମାନେ ସର୍ବୋଦୟ ଚେତନାରେ ନିଜକୁ ନିମଗ୍ନ କରିଦେଲେ । ମହାତ୍ମାଗାନ୍ଧୀଙ୍କ ପ୍ରବର୍ତ୍ତିତ ମାର୍ଗ ସେମାନଙ୍କ ଜୀବନର ଧ୍ୟାନ ଓ ଧ୍ୟେୟ ହେଲା । ନାରୀ ପୁରୁଷ ନିର୍ବିଶେଷରେ ମହାତ୍ମାଗାନ୍ଧୀଙ୍କ ରଚନାତ୍ମକ କାର୍ଯ୍ୟରେ ନିଜକୁ ନିୟୋଗ କଲେ । ଅରଟରେ ସୂତା କାଟିଲେ, ଖଦଡ଼ ପିନ୍ଧିଲେ, ନିରାଡମ୍ବର ଜୀବନ ବଞ୍ଚିଲେ, ନିଶା ନିବାରଣ, ବିଦେଶୀ ବସ୍ତୁ ବର୍ଜନ, ଅସ୍ପୃଶ୍ୟତା ଭେଦଭାବକୁ ବିରୋଧ କରିବା, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସଂପର୍କୀୟ ସଚେତନତା ସୃଷ୍ଟି କରିବା ଥିଲା ଏମାନଙ୍କର ଲକ୍ଷ୍ୟ ।

ପୁରୁଷମାନେ ପିନ୍ଧୁଥିଲେ ଖଦଡ଼ ଧୋତି, ଫତେଇ । ନଚେତ୍ ଧୋତି ଓ ଚଦର ଖଣ୍ଡେ । କାନ୍ଧରେ ଝୁଲାମୁଣି । ଝୁଲା ମୁଣିରେ ରହୁଥିଲା ଶ୍ରୀମଦ୍ ଭଗବତ୍ ଗୀତା । ମହିଳାମାନେ ମଧ୍ୟ ଠିକ୍ ସେମିତି ସଫା ଧଳା ଖଦଡ ଶାଢ଼ୀ, ବ୍ଲାଉଜ୍ ଓ କାନ୍ଧରେ ଝୁଲାମୁଣି । ସଧବା ବିଧବା ସମସ୍ତେ ଏକାପରି ବଞ୍ଚୁଥିଲେ । ସିନ୍ଦୁର ପିନ୍ଧୁ ନଥିଲେ । ସେମାନେ ନିଜ ପାଇଁ ବଞ୍ଚୁ ନଥିଲେ । ବଞ୍ଚୁଥିଲେ ଅନ୍ୟମାନଙ୍କ ପାଇଁ । ସର୍ବୋଦୟ ମଣିଷମାନଙ୍କର ପ୍ରିୟ ଗୀତ ଥିଲା - ଯେଉଁଠାରେ ଖାଲି ଲୁହ, ପ୍ରଭୁ ହେ ସେହିଠାରେ ମୋତେ ନିଅ । ଆଜୀବନ ଯିଏ କାନ୍ଦୁଛି ଖାଲି ପୋଛି ବି ତା ଆଖି ଲୁହ । ଏହିମାନଙ୍କ ଭିତରେ ଥିଲେ ଜଣେ ସଚ୍ଚା ସର୍ବୋଦୟ କର୍ମୀ ଶ୍ରୀମତୀ ନୟନା ମାଝୀ । ସୁଦୂର ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍‌ର କୋଇଲାରୀ ଗ୍ରାମର ବୋହୂ । ତାଙ୍କର ଶ୍ୱଶୁର ଥିଲେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ରବିସିଂ ମାଝୀ । ଅବିଭକ୍ତ କୋରାପୁଟ ଜିଲ୍ଲା ଥିଲା ସର୍ବୋଦୟ କର୍ମୀଙ୍କର ତୀର୍ଥକ୍ଷେତ୍ର । ଉପକୂଳବର୍ତ୍ତୀ ଅଞ୍ଚଳରୁ ଅନେକ କର୍ମୀ କୋରାପୁଟ ଜିଲ୍ଲାକୁ ନିଜର କର୍ମଭୂମି ରୂପେ ଗ୍ରହଣ କରିଥିଲେ । ସେଠାରେ ଅନେକ ସର୍ବୋଦୟ କର୍ମୀ ସ୍ଥାୟୀ ବାସିନ୍ଦା ହୋଇ ରହିଯାଇଥିଲେ । କୋରାପୁଟ ଜିଲ୍ଲାରେ ମଧ୍ୟ ଆଦିବାସୀ ମହିଳା ଓ ପୁରୁଷମାନେ ମହାତ୍ମାଗାନ୍ଧୀଙ୍କ ଚିନ୍ତାଚେତନାରେ ନିଜକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରିଦେଇ ଭିନ୍ନ ମଣିଷ ରୂପେ ବଞ୍ଚୁଥିଲେ । ନୟନା ମାଝୀ ସେହିପରି ଜଣେ ନାରୀ, ଯାହାର ପିତୃପରିବାର ଓ ପତି ପରିବାର ଉଭୟେ ଥିଲେ ସ୍ୱାଧୀନତା ସଂଗ୍ରାମୀ ।

୧୯୫୩ ମସିହାରେ ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ୍‌ରେ ସେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମଥିଲା ସୁନ୍ଦର ପାଣ୍ଡେ । ତାଙ୍କର ଅଜା ଥିଲେ ସ୍ୱାଧୀନତା ସଂଗ୍ରାମୀ । ସେହି ସୂତ୍ରରେ ମା ରମାଦେବୀ, ଅନ୍ନପୂର୍ଣ୍ଣା ମହାରଣା, ନବକୃଷ୍ଣ ଚୌଧୁରୀ, ବିଶ୍ୱନାଥ ପଟ୍ଟନାୟକ (ଆଜ୍ଞା), ମହମ୍ମଦ ବାଜୀ ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀଙ୍କ ସହ ତାଙ୍କର ପାରିବାରିକ ସଂପର୍କ ଥିଲା । ତାଙ୍କ ଶ୍ୱଶୁର ରବିସଂ ମାଝୀଙ୍କ ଘର ଉମରକୋଟ ଅନ୍ତର୍ଗତ କୋଇଲାରି ଗ୍ରାମରେ । ସେ ଅନେକ ଥର ସ୍ୱାଧୀନତା ସଂଗ୍ରାମ ପାଇଁ କାରାବରଣ କରିଥିଲେ । ଶେଷଥର ଯେତେବେଳେ ଜେଲ୍‌ରୁ ମୁକୁଳି ଗୃହରେ ପ୍ରବେଶ କରିଛନ୍ତି ତାଙ୍କୁ ଦେଖିବା ମାତ୍ରେ ତାଙ୍କ ଶାଶୁଙ୍କର ଦେହାନ୍ତ ହୋଇଗଲା । ସେତେବେଳକୁ ରବିସିଂଙ୍କର ହରିସିଂ (ନୟନା ମାଝୀଙ୍କ ସ୍ୱାମୀ)ଙ୍କ ସହ ତାଙ୍କର ଆହୁରି ଛଅଜଣ ପୁତ୍ରକନ୍ୟା । ମା ରମାଦେବୀ ସେହି ପିଲାମାନଙ୍କର ଦାୟିତ୍ୱ ନେଇଥିଲେ । କୋରାପୁଟରେ ଗାନ୍ଧୀ ବୋଲି କୁହାଯାଉଥିବା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଟ୍ଟନାୟକ (ଆଜ୍ଞା) ହରିସିଂଙ୍କୁ ରାୟଗଡ଼ାର ଗୋପାଳବାଡ଼ି ଠାରେ ଏକ ଆଦିବାସୀ ଛାତ୍ର ଆଶ୍ରମରେ ରଖି ପାଠ ପଢ଼ାଇଥିଲେ । ହରିସିଂଙ୍କ ପାଠ ସରିବା ପରେ ବିଶ୍ୱନାଥ ପଟ୍ଟନାୟକଙ୍କ ପରାମର୍ଶ ଅନୁସାରେ ନୟନା ମାଝୀଙ୍କ ପିତା ସୁନ୍ଦର ପାଣ୍ଡେ ନୟନା ମାଝୀଙ୍କୁ ହରିସିଂଙ୍କ ସହ ବିବାହ ଦେଇଥିଲେ । ବିଜାପୁର କଂଗ୍ରେସ ଆଶ୍ରମରେ ତାଙ୍କ ବିବାହ ହୋଇଥିଲା । ସେହି ଅପରିପକ୍ୱ ବୟସରେ ନୟନା ମାଝୀ ଶ୍ୱଶୁର ରବିସିଂଙ୍କ ପରିବାରକୁ ବଧୂ ରୂପରେ ଆସିଥିଲେ ଓ ତାଙ୍କର ଛଅଟି ସନ୍ତାନଙ୍କ ଜଞ୍ଜାଳ ନିଜ ମୁଣ୍ଡକୁ ନେଇଥିଲେ । ତାଙ୍କର ଦାୟିତ୍ୱ ସେତିକିରେ ସରି ନଥିଲା । ବିବାହର ମାତ୍ର ନ'ବର୍ଷ ପରେ ହରିସିଂଙ୍କର ମୃତ୍ୟୁ ହୋଇଥିଲା । ଶାଶୁ ନଥିବା ପରିବାରର ବଡ଼ବୋହୂ ଭାବରେ ଦିଅର, ନଣନ୍ଦଙ୍କ ଦାୟିତ୍ୱ ସାଙ୍ଗକୁ ସ୍ୱାମୀ ନଥିବା ନିଜ ସନ୍ତାନ-ସନ୍ତତିମାନଙ୍କର ଦାୟିତ୍ୱ ନେବା ପ୍ରକୃତରେ ତାଙ୍କ ପାଇଁ ଦୁରୁହ ବ୍ୟାପାର ହୋଇଥିଲେ ସୁଦ୍ଧା ସେ ସେହି ଅଗ୍ନିପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ତାଙ୍କ ଶରୀରରେ ପ୍ରବାହିତ ହେଉଥିବା ସ୍ୱାଧୀନତା ସଂଗ୍ରାମୀର ରକ୍ତ ତାଙ୍କୁ ଦେଶ ଓ ଜାତି ପାଇଁ କିଛି କରିବାପାଇଁ ଅସ୍ଥିର କରୁଥିଲା । ଶେଷରେ ଦୁଇଟି ଲକ୍ଷ୍ୟ ସାଧନ ନିମନ୍ତେ ବିଜାପୁର ଆଶ୍ରମ ହିଁ ପାଲଟିଲା ତାଙ୍କ ପାଇଁ ତୀର୍ଥକ୍ଷେତ୍ର । ସେଇଠି ବିଶ୍ୱନାଥ ପଟ୍ଟନାୟକଙ୍କ ସହଯୋଗ କ୍ରମେ ବିଭିନ୍ନ ଅଞ୍ଚଳରୁ ୨୫ଜଣ ଆଦିବାସୀ ଝିଅଙ୍କୁ ନେଇ ସେ ପାଠ ପଢ଼ାଇବା ଆରମ୍ଭ କଲେ । ନିଜେ ପଞ୍ଚମ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ । ତେଣୁ ସେ କାର୍ଯ୍ୟ ସାଧନ ପାଇଁ ତାଙ୍କୁ ଅସୁବିଧା ହୋଇ ନଥିଲା । ଘର ଘର ବୁଲି ଚାଉଳ, ଡାଲି, ମାଣ୍ଡିଆ, ପନିପରିବା ଆଣୁଥିଲେ । ମାଟିହାଣ୍ଡିରେ ସେମାନଙ୍କୁ ରାନ୍ଧି ଖାଇବାକୁ ଦେଉଥିଲେ । ଥରେ ମା ରମାଦେବୀ, ଅନ୍ନପୂର୍ଣ୍ଣା ମହାରଣା ଓ ବିଶ୍ୱନାଥ ପଟ୍ଟନାୟକ ଆସିଥିଲେ ବିଜାପୁର । ନୟନା ମାଝିଙ୍କର ଏହି କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ବିଶ୍ୱନାଥ ପଟ୍ଟନାୟକ ନୟନା ମାଝିଙ୍କୁ ସାଙ୍ଗରେ ଧରି ବାଲିଗୁଡ଼ା ଆଶ୍ରମ ଯାଇଥିଲେ ଓ ତାଙ୍କ ହାତରେ ଦୁଇଟା ବଡ଼ହାଣ୍ଡି, ଦୁଇ କ୍ୱିଣ୍ଟାଲ ଚାଉଳ, ୧୨ଟା ଥାଳି ଓ ଦୁଇଟି ଲଣ୍ଠନ ଦେଇ ପଠାଇଥିଲେ । ଏହାପରେ ଆଶ୍ରମ କାର୍ଯ୍ୟ ସୁରୁଖୁରୁରେ ଚାଲିଲା । ତାଙ୍କ ହାତରେ ଗଢ଼ା ହୋଇଥିବା ୧୦ଜଣ ଝିଅ ମେଟ୍ରିକ୍ ପାସ୍ କରି ବିଭିନ୍ନ ଅଞ୍ଚଳରେ ଚାକିରି କରୁଛନ୍ତି । ଏବେ ବିଜାପୁରରେ ଯେଉଁ ସରକାରୀ ସ୍କୁଲ୍‌ଟି ଠିଆ ହୋଇଛି ତା'ର ଭିତ୍ତିଭୂମି ଏଇଠି ପଡ଼ିଥିଲା । ବିଜାପୁର ଅଞ୍ଚଳରେ ଶିକ୍ଷାର ପ୍ରସାର ପାଇଁ ଏହି ସ୍କୁଲ୍‌ଟିର ଯଥେଷ୍ଟ ଅବଦାନ ରହିଛି ।

ପୀଡିତ ମଣିଷମାନଙ୍କୁ ଦେଖିଲେ, ମଣିଷ ପ୍ରତି ମଣିଷର ଅନ୍ୟାୟ ଅତ୍ୟାଚାର ଦେଖିଲେ ସେ ଥୟଧରି ରହିପାରନ୍ତି ନାହିଁ । ତାଙ୍କ ଶରୀରରେ ପ୍ରବାହିତ ସଂଗ୍ରାମୀ ରକ୍ତ ତାଙ୍କୁ ଅସ୍ଥିର କରେ । ସେ ଭୋକଶୋଷ ଭୁଲିଯାଆନ୍ତି । ପୀଡ଼ିତମାନେ ନ୍ୟାୟ ନ ପାଇବା ପର୍ଯ୍ୟନ୍ତ ସେ ଶାନ୍ତିରେ ରହିପାରନ୍ତି ନାହିଁ । ଏଥିପାଇଁ ତାଙ୍କର କୌଣସି ସଙ୍ଗଠନ ନ ଥିଲା । ସଂସ୍ଥା ନଥିଲା । ସରକାରୀ ସାହାଯ୍ୟ ମଧ୍ୟ ପାଉ ନଥିଲେ । ତଥାପି ସେ ଲଢୁଥିଲେ ।



ତାଙ୍କ ସହ ବ୍ୟକ୍ତିଗତ ଘନିଷ୍ଠ ସମ୍ପର୍କ ଥିବାରୁ ତାଙ୍କ ଜୀବନର କେତେଗୋଟି ଘଟଣା ସହ ଏ ଲେଖିକା ଭଲଭାବରେ ଅବଗତ । ସେ କହନ୍ତି ଯେହେତୁ ସେ ନିସ୍ୱାର୍ଥପର ଭାବରେ କାର୍ଯ୍ୟ କରନ୍ତି, ଯେକୌଣସି ଜନହିତକର କାର୍ଯ୍ୟ କରିବା ସମୟରେ ଲୋକମାନେ ଆପେ ଆପେ ଆସି ତାଙ୍କ ପଛରେ ଠିଆ ହୋଇଯାଆନ୍ତି । ତାଙ୍କୁ ଉତ୍ସାହ ଦିଅନ୍ତି । ପ୍ରେରଣା ଦିଅନ୍ତି । ତାଙ୍କ ମୁଖରୁ ଶୁଣିଥିବା ତାଙ୍କ ଜୀବନର ଗୋଟିଏ ଦୁଇଟି ଘଟଣା ଏଠାରେ ଉପସ୍ଥାପିତ ହେଲା ।

ବିଭିନ୍ନ ଆଡୁ ଛୋଟ ଛୋଟ ଝିଅମାନଙ୍କୁ ଆଣି ବିଜାପୁରରେ ଆଶ୍ରମ କରି ପାଠ ପଢ଼ାଉଥିବା ସମୟରେ ସରକାର ବିଜାପୁରର ଏକ ବିସ୍ତୃତ ଅଞ୍ଚଳକୁ ମୃତ୍ତିକା ସଂରକ୍ଷଣ ବିଭାଗକୁ ହସ୍ତାନ୍ତର କଲେ । ସେ ଅଞ୍ଚଳ ମଧ୍ୟରେ ଥିବା ଗାଁଗୁଡିକର ଅଧିବାସୀଙ୍କୁ ଅନ୍ୟତ୍ର ଚାଲିଯିବା ପାଇଁ ନିର୍ଦ୍ଦେଶ ଦିଆଗଲା । ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଗଲା । ସେମାନଙ୍କ କାକୁତି ମିନତି କିମ୍ବା ପ୍ରତିବାଦ କେହି ଶୁଣିଲେ ନାହିଁ । ମୃତ୍ତିକା ସଂରକ୍ଷଣ ବିଭାଗ ଜବରଦସ୍ତି ହଜାର ହଜାର ଗାତ ଖୋଳି କାଜୁ ଚାରା ରୋପଣ କଲେ । ସେତେବେଳେ ତାଙ୍କ ସହ ନରହରି ଜାନି ନାମକ ଜଣେ ଉତ୍ସାହୀ ଯୁବକ କାର୍ଯ୍ୟ କରୁଥାଏ (ଯାହାର ପରେ ଅକାଳ ବିୟୋଗ ଘଟିଥିଲା) । ସେ ଦୁହେଁ ମିଶି ପ୍ରଥମେ ସରକାରଙ୍କର ଦୃଷ୍ଟି ଆକର୍ଷଣ କଲେ । କେହି ଶୁଣିଲେ ନାହିଁ । ଶେଷରେ ସେ କଠୋର ପଦକ୍ଷେପ ଗ୍ରହଣ କଲେ । ଝରିଗାଁ, ଉମରକୋଟ ଓ ଡାବୁଗାଁ ଅଞ୍ଚଳର ଗାଁ ଗାଁ ବୁଲି ପ୍ରାୟ ତିନି ହଜାର ମହିଳାଙ୍କୁ ସଂଗଠିତ କରି ସେମାନଙ୍କ ସହଯୋଗରେ ଉମରକୋଟ ନବରଙ୍ଗପୁର ରାଜରାସ୍ତା ଅବରୋଧ କଲେ । ଶିଶୁ ଓ କିଶୋରମାନଙ୍କୁ ଧରି ପ୍ରାୟ ପାଞ୍ଚଦିନ କାଳ ଏହି ପ୍ରକ୍ରିୟା ଜାରି ରହିଲା । ସେହି ରାସ୍ତା ଉପରେ ୧୪ କ୍ୱିଣ୍ଟାଲର ଚାଉଳ ରନ୍ଧାଗଲା, ଶାଳପତ୍ର ଦନାରେ ଠିଆ ଠିଆ ସଂଗ୍ରାମୀମାନେ ମୁଠେ ମୁଠେ ଖାଇ ସଂଗ୍ରାମକୁ ଜାରି ରଖିଲେ । ପଛକୁ ହଟିଲେ ନାହିଁ । ତଥାପି ସରକାର ନୀରବଦ୍ରଷ୍ଟା ରହିବାରୁ ପଞ୍ଚମ ଦିନରେ ଆଦିବାସୀମାନେ ସେମାନଙ୍କ ପାରମ୍ପରିକ ବାଜା ଓ ନୃତ୍ୟଗୀତ ସହ ଶୋଭାଯାତ୍ରାରେ ଚାରାରୋପଣ ସ୍ଥଳକୁ ଗଲେ । ଆଗେ ଆଗେ ସେମାନଙ୍କ ବାଜା ବାଜିଲା ଓ ପଛେ ପଛେ ଆଦିବାସୀ ସ୍ତ୍ରୀ ଓ ପୁରୁଷମାନେ ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ରୋପାଯାଇଥିବା କାଜୁ ଚାରାକୁ ଉପାଡ଼ି ଫିଙ୍ଗିଲେ । ଫଳରେ ଆଦିବାସୀମାନଙ୍କୁ ଉସ୍‌କାଇବା ଅପରାଧରେ ନରହରି ଓ ନୟନାଙ୍କ ନାମରେ ୱାରେଣ୍ଟ ବାହାରିଲା । ତାଙ୍କୁ ଗିରଫ କରିବାକୁ ପୋଲିସ୍ ପହଞ୍ଚିଲା । କିନ୍ତୁ ସେହି ତିନିହଜାର ମହିଳା ତାଙ୍କୁ ଘେରିଯାଇ ଗିରଫ କରିବାକୁ ଦେଲେ ନାହିଁ । ଶେଷରେ ସରକାର ମୁଣ୍ଡ ନୁଆଁଇଲେ ଓ ଆଦିବାସୀମାନେ ସେମାନଙ୍କ ଜମି ଫେରି ପାଇଲେ । ଏହା ତାଙ୍କ ଜୀବନର ସବୁଠାରୁ ବଡ଼ ସଫଳତା ଥିଲା । ଏହାପରେ ନୟନା ମାଝି ସେ ଅଞ୍ଚଳରେ ଜଣେ ମାନ୍ୟଗଣ୍ୟ ମହିଳା ନେତ୍ରୀ ଭାବରେ ପରିଗଣିତ ହେଲେ ।

କେବଳ ସେତିକି ନୁହେଁ ସେ ଅଞ୍ଚଳରେ ମଦବିରୋଧୀ ଆନ୍ଦୋଳନରେ ସେ ପ୍ରମୁଖ ଭୂମିକା ନେଇଥିଲେ । ମହିଳାମାନଙ୍କୁ ଏକତ୍ରିତ କରି ଠେଙ୍ଗାବାଡ଼ି ଧରି ମଦ ଭାଟି ଆକ୍ରମଣ କରି ମଦହାଣ୍ଡି ଭାଙ୍ଗି ଦେଉଥିଲେ । ମଦହାଣ୍ଡି ଭାଙ୍ଗୁଥିବା ସମୟରେ ଜଣେ ମଦୁଆ ପୋଲିସ୍ ଭଙ୍ଗା ଖପରାରେ ଥିବା ମଦକୁ ପିଇଯାଉଥିବା ଦେଖି ସେ ସେହି ପୋଲିସ୍‌ର କଲର୍ ଧରି ଦୁଇ ଚାପୁଡ଼ା ଦେଇଥିବା ଘଟଣା ମଧ ବହୁଦିନ ପର୍ଯ୍ୟନ୍ତ ଏ ଅଞ୍ଚଳରେ ଚର୍ଚ୍ଚିତ ହୋଇଥିଲା । ପୋଲିସ୍‌କୁ ମାରିବା ଅପରାଧରେ ତାଙ୍କୁ ଥାନାରେ ଅଟକା ଯାଇଥିଲା ଓ ପରେ ଆଦିବାସୀ ମହିଳାମାନଙ୍କ ପ୍ରତିବାଦରେ ତାଙ୍କୁ ଛାଡ଼ି ଦିଆଯାଇଥିଲା ।

ଗାଁ ଗାଁ ବୁଲି ସେ ଲୋକମାନଙ୍କର ସୁବିଧା ଅସୁବିଧା ବୁଝୁଥିଲେ । ତାଙ୍କ ପାଖରେ ଥିବା ନରହରିଙ୍କର ଜଡିବୁଟି ଔଷଧ ସଂପର୍କରେ କିଛି ଜ୍ଞାନ ଥିଲା । ବିଶେଷତଃ ଅର୍ଶ ରୋଗକୁ ସେ ଅନାୟାସରେ ଆରୋଗ୍ୟ କରିପାରୁଥିଲେ । ନରହରି ସହାୟତାରେ ସେ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଦେଉଥିଲେ । ପୋଲିସ ଓ ଜଙ୍ଗଲ ବିଭାଗର କର୍ମଚାରୀଙ୍କର ଆଦିବାସୀ ଜନତା ଉପରେ ଅନ୍ୟାୟ ଅତ୍ୟାଚାରକୁ ସେ ଦୃଢ଼ ଭାବରେ ବିରୋଧ କରୁଥିଲେ । ଏଥିପାଇଁ ଜିଲ୍ଲା ପ୍ରଶାସନ ମଧ ତାଙ୍କୁ ସହାୟତା କରୁଥିଲେ । ଏ ଅଞ୍ଚଳର ଅନାଥ ପିଲାମାନଙ୍କୁ ନେଇ ବିଭିନ୍ନ ଅନାଥ ଆଶ୍ରମମାନଙ୍କରେ ଛାଡୁଥିଲେ । ବିଶେଷ କରି ବିଶ୍ୱନାଥ ପଟ୍ଟନାୟକଙ୍କର ଜି. ଉଦୟଗିରିରେ ଥିବା ବନବାସୀ ଆଶ୍ରମ ସହ ତାଙ୍କର ଭଲ ସମ୍ପର୍କ ଥିବାରୁ ଅନେକ ଛାତ୍ରଛାତ୍ରୀଙ୍କୁ ସେ ଏଠାରେ ଆଣି ଛାଡ଼ିଥିଲେ । ସେମାନେ ଶିକ୍ଷା ସମାପ୍ତ କରି ପୁଣି ଫେରି ଯାଉଥିଲେ । ଭୈରବ କଲେଜ ଡାବୁଗାଁ ଓ ପେଣ୍ଡ୍ରାଣୀ କଲେଜ ଉମରକୋଟର ପରିଚାଳନା ସମିତିର ସେ ସଦସ୍ୟା ଥିଲେ ।

ନୟନା ମାଝିଙ୍କର ସମାଜ କଲ୍ୟାଣ କାର୍ଯ୍ୟପାଇଁ ତାଙ୍କୁ ବହୁ ଅନୁଷ୍ଠାନ ସମ୍ବର୍ଦ୍ଧିତ କରିଥିଲେ । ଜଷ୍ଟିସ୍ ରାଜକିଶୋର ଦାସ ସମ୍ବର୍ଦ୍ଧନା, ମାଆ ରମାଦେବୀ ମେମୋରିଆଲ ଟ୍ରଷ୍ଟ ପୁରସ୍କାର, ସଦାଶିବ ତ୍ରିପାଠିଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଭୂମିପୁତ୍ର ପୁରସ୍କାର, ନବରଙ୍ଗପୁର ନାରଙ୍ଗୀ ପୁରସ୍କାର, ମାଳତୀ ଚୌଧୁରୀ ମେମୋରିଆଲ୍ ଟ୍ରଷ୍ଟ ପୁରସ୍କାରରେ ପୁରସ୍କୃତ କରାଯାଇଥିଲା ।

ଏପରି ଜଣେ ମହିୟସୀ ମହିଳା ଅନାଲୋଚିତ ହୋଇ ରହିଯାଇଥିଲେ । ତାଙ୍କର ଶେଷ ଜୀବନ ଅଭାବ ଅନଟନ ଭିତରେ କଟିଥିଲା । ବାର୍ଦ୍ଧକ୍ୟ ଭତ୍ତା ହିଁ ଥିଲା ତାଙ୍କ ଶେଷ ଜୀବନର ସମ୍ବଳ । ଗତ ଫେବୃୟାରୀ ପାଞ୍ଚ ତାରିଖ (୨୦୨୫)ରେ ୭୫ ବର୍ଷ ବୟସରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ସର୍ବୋଦୟ ଚେତନାର ଆଉ ଏକ ଦୀପ ନିର୍ବାପିତ ହୋଇଗଲା । ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା ସହ ତାଙ୍କର ଜୀବନର ଆଦର୍ଶ ନୂତନ ପିଢ଼ିଙ୍କୁ ଉଜ୍ଜୀବୀତ କରୁ ବୋଲି ଆମେ ଆଶା କରିବା ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ଯଶିପୁର ବ୍ଲକରେ ଅନାସ୍ଥା ପ୍ରସ୍ତାବ ପାଇଁ ରାଜନୈତିକ ସରଗରମ ହେଉଛି। ତାହା ପୁଣି ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆଙ୍କ ନିଜ ପଂଚାୟତର ସରପଞ୍ଚ ପ୍ୟାରୀ ଟୁଡ଼ିଙ୍କ ବିରୋଧରେ। ସୁଶ୍ରୀ ପ୍ୟାରୀ ବିଜେଡ଼ି ସମର୍ଥିତ ସରପଞ୍ଚ ରୂପେ ୨୦୨୨ ମସିହାଠାରୁ କାର୍ଯ୍ୟ କରି ଆସୁଛନ୍ତି। ସରପଞ୍ଚଙ୍କ ବିରୋଧରେ ପଞ୍ଚାୟତର ୧୦ ଜଣ ୱାର୍ଡ଼ମେମ୍ବର ଉପସ୍ଥିତ ରହି ଅନାସ୍ଥା ପାଇଁ ପାଞ୍ଚପୃଷ୍ଠା ଉପଜିଲ୍ଲାପାଳଙ୍କ ଲିଖିତ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଭିନ୍ନ ଯୋଜନାର ସରକାରୀ ଅନୁଦାନ, ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସଭ୍ୟ/ସଭ୍ୟାମାନଙ୍କୁ ଅବଗତ ନକରିବା, ପଂଚାୟତର ମାସିକିଆ ବୈଠକ ଠିକ୍ ସମୟରେ ନ କରିବା, ଯଶିପୁରର ଜଣେ ଠିକାଦାରଙ୍କ ଦ୍ୱାରା ସରପଞ୍ଚ ସିଧାସଳଖ ପରିଚାଳିତ ହେଉଥିବା ସମ୍ପର୍କରେ ଉପଜିଲ୍ଲାପାଳଙ୍କ ଠାରେ ଦିଆଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ସମୁଦାୟ ୧୧ଜଣ ୱାର୍ଡ଼ମେମ୍ବରଙ୍କ ମଧ୍ୟରୁ ୧୦ ଜଣ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଦସ୍ତଖତ କରିଥିବାରୁ ଏହା ବେଶ ରାଜନୈତିକ ଚର୍ଚ୍ଚାର ବିଷୟ ହୋଇଛି। ଆଗକୁ ଏହି ଅନାସ୍ଥା ପ୍ରସ୍ତାବ କିପରି ମୋଡ଼ ନେଉଛି ତାହା ଦେଖିବାକୁ ବାକି ରହିଲା।



## ସରପଞ୍ଚ ଏବଂ ତାଙ୍କ ସ୍ୱାମୀଙ୍କୁ ହତ୍ୟା ଧମକ ଘଟଣାରେ ମାମଲା ରୁଜୁ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଧୀନ କାଁପଡ଼ା ପଞ୍ଚାୟତ ସରପଞ୍ଚ କୁନ୍ତଳା ମଳିକ ଓ ତାଙ୍କ ସ୍ୱାମୀ ଶିକ୍ଷକ ଅଶୋକ କୁମାର ମଳିକଙ୍କୁ କାଁପଡ଼ା ଗ୍ରାମର ସୁମନ୍ତ ମଳିକ ଓ ତାଙ୍କ ସାନଭାଇ ଶ୍ରୀକାନ୍ତ ମଳିକ ନାଗଣୀ ଦେଖାଇ ହତ୍ୟା ଧମକ ଦେଉଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୁଲିସ ୧୦୨/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି। ସରପଞ୍ଚଙ୍କ ଅଭିଯୋଗରୁ ଜଣାପଡ଼ିଛି ଯେ, କାଁପଡ଼ା ଛକରେ ତାଙ୍କ ଦିଅର ପ୍ରଫୁଲ୍ଲ ସହିତ କାଁପଡ଼ା ଗ୍ରାମର ଶ୍ରୀକାନ୍ତଙ୍କର ବଚସା ହୋଇଥିଲା। ଘଟଣାର କିଛି ସମୟ ପରେ ସୁମନ୍ତ ଓ ତାଙ୍କ ଭାଇ ଶ୍ରୀକାନ୍ତ ମାରଣାସ୍ତ୍ର ଧରି ଗାଳିଗୁଲଜ କରିବା ସହିତ ସରପଞ୍ଚ କୁନ୍ତଳା ଓ ତାଙ୍କ ସ୍ୱାମୀ ଅଶୋକଙ୍କୁ ହତ୍ୟା ଧମକ ଦେଇଥିଲେ। ଏଥି ସହିତ ଦୁଇଭାଇ ମଧ୍ୟ ସରପଞ୍ଚଙ୍କ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ତାଙ୍କ ଯାଆଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି।

## ଦୁଇଦିନିଆ ମିଳିତ ସମରାଭ୍ୟାସ 'ସାଗର କବଚ'



ପାରାଦୀପ, (ଭାସ୍କର ନ୍ୟୁଜ୍): ଉପକୂଳ ସୁରକ୍ଷା ପ୍ରସ୍ତୁତି ତଦାରଖ ପାଇଁ ଭାରତୀୟ ନୌସେନା, ତଟରକ୍ଷୀ ବାହିନୀ ଓ ପୋଲିସର ଏକ ଦୁଇଦିନିଆ ମିଳିତ ସମରାଭ୍ୟାସ 'ସାଗର କବଚ' ବୁଧବାର ଦିନ ଆରମ୍ଭ ହୋଇଛି। ପାରାଦୀପ ବନ୍ଦର ସମେତ ବିଭିନ୍ନ ଶିଳ୍ପାନୁଷ୍ଠାନ ଓ ମତ୍ସ୍ୟଜୀବୀ ମାନଙ୍କ ମଧ୍ୟରେ ଉପକୂଳ ସୁରକ୍ଷା ସଂକ୍ରାନ୍ତୀୟ ବିଶ୍ୱାସ ସୃଷ୍ଟି କରିବା ଏହି ଅଭ୍ୟାସ କୌଶଳର ଉଦ୍ଦେଶ୍ୟ ବୋଲି ପାରାଦୀପ ପୋଲିସ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସ୍ମୃତି ରଞ୍ଜନ କର କହିଛନ୍ତି। ତେବେ ଏହି ସମରାଭ୍ୟାସ ମାର୍ଚ୍ଚ ୧୯ ଓ ୨୦ ତାରିଖ ଦୁଇଦିନ ଧରି ଚାଲିବ। ଏଥିରେ ପାରାଦୀପର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ବହିଶତ୍ରୁ ଆକ୍ରମଣ ପାଇଁ କିପରି ପ୍ରସ୍ତୁତି ରହିଛି ତାହା ପରଖାଯିବ। ଏହି ସମରାଭ୍ୟାସରେ କୋଷ୍ଟଗାର୍ଡ, ନୌସେନା ଓ ଜଗତସିଂହପୁର ଜିଲ୍ଲାର ୧୦୦ ପୋଲିସ କର୍ମଚାରୀ ଅଂଶଗ୍ରହଣ କରିଛନ୍ତି।

# କୋରେଇ ହୋଟେଲ, ଢାବାରେ ବିକ୍ରି ହେଉଛି ଅପମିଶ୍ରିତ ବିଷାକ୍ତ ଖାଦ୍ୟ !

କୋରେଇ, (ଭାସ୍କର ନ୍ୟୁଜ୍): କୋରେଇ ବ୍ଲକ ଦେଇ ଜାତୀୟ ରାଜପଥ -୧୬ ସଠିପୁର ଠାରୁ କୁଆଖିଆ ଓ ଜାତୀୟ ରାଜପଥ-୨୦ ପାଣିକୋଇଲି ଠାରୁ ଅନ୍ଧାରୀ ପର୍ଯ୍ୟନ୍ତ ଦୁଇଟି ରାଜପଥ ଯାଇଥିବା ବେଳେ କଳିଙ୍ଗନଗର ଶିଳ୍ପାଞ୍ଚଳର କାମ କରୁଥିବା ଲୋକମାନେ ବ୍ୟାସନଗର ସମେତ କୋରେଇ ବ୍ଲକର ବିଭିନ୍ନ ସ୍ଥାନରେ ରହିବା ସହିତ ତାଙ୍କର ସମସ୍ତ କାର୍ଯ୍ୟ ପାଇଁ ନିର୍ଭର କରନ୍ତି। ତେଣୁ ପ୍ରତିଦିନ ବ୍ୟାସନଗର, କୋରେଇ ଓ ଦୁଇ ରାଜପଥ ଦେଇ ଦେଶ ଓ ରାଜ୍ୟର ପ୍ରତ୍ୟେକ କୋଣ ଅନୁକଣରୁ ଲୋକମାନେ ଆସି ଥାଆନ୍ତି। ସେମାନେ ଖାଇବା ପାଇଁ ହୋଟେଲ, ଢାବା ଉପରେ ନିର୍ଭର କରନ୍ତି। ଏହି ଚାହିଦା ମେଣ୍ଟାଇବା ପାଇଁ ଦୁଇ ରାଜପଥ ସମେତ ବ୍ୟାସନଗର, କୋରେଇର ପ୍ରତ୍ୟେକ ଗଳିକନ୍ଦିରେ ଛତୁ ଫୁଟିଲା ପରି ଖାଇବା ହୋଟେଲ, ଢାବା, ଫାଷ୍ଟଫୁଡ଼ ଦୋକାନ ଗଢିଉଠିଛି। ଗ୍ରାହକ ମାନେ ସଧାରଣତ ବାହାରୁ ଆସୁଥିବାରୁ ଏହାର ସୁଯୋଗ ନେଇ ଖାଦ୍ୟ ନାଁ'ରେ ଲୋକମାନଙ୍କୁ ଅପମିଶ୍ରିତ, ବାସି, ନିମ୍ନମାନର ଖାଦ୍ୟ ଦେଇ ଲୋକମାନଙ୍କ ପକେଟକୁ ଲୁଟ କରୁଥିବା ଅଭିଯୋଗ ହେଉଛି। ଆହୁରି ମଧ୍ୟ ଶତାଧିକ ଢାବା ମାନଙ୍କରେ ଖାଦ୍ୟ ପ୍ରସ୍ତୁତ କରୁଥିବା ପରିବେଶ ଅତ୍ୟନ୍ତ ନିମ୍ନ ମାନର ଯାହାକୁ ଦେଖିଲେ ଯେକେହି ଆଉ ଖାଦ୍ୟ ଖାଇବାକୁ ଇଚ୍ଛା ପ୍ରକାଶ କରିବ ନାହିଁ। ଅନ୍ୟପଟେ ଭେଜାଲ ଓ ନିମ୍ନମାନର ଖାଦ୍ୟ ଖାଇ ଲୋକମାନେ ବିଭିର୍ନ୍ନପ୍ରକାର ପେଟରୋଗକୁ ନିମନ୍ତ୍ରଣ କରିବା ସହିତ ଚର୍ମ ରୋଗ ହେଉଥିବା ଅଭିଯୋଗ ହେଉଛି। ଅଭିଯୋଗ ହେଉଛି କି ପ୍ରାୟ ହୋଟେଲ ଓ ଢାବା ମାନଙ୍କରେ ଅଧିକ ଲାଭ ଆଶାରେ ପାମୋଲିନ ତେଲ, ଅପମିଶ୍ରିତ ମସଲା ଗୁଣ୍ଡ, ପଚାଶଢା ପନିପାରିବା, ବୁଢ଼ୀଛେଳି ମାଂସ, ମଲା ବ୍ରୟଲର କୁକୁଡ଼ାକୁ କମଦାମରେ କିଣି, ପାଟିକୁ ସ୍ୱାଦ କରିବା ପାଇଁ ଚାଇନା ସଲ୍ଟ, ବିଭିନ୍ନ ପ୍ରକାର ସସ୍ ଦେଇ ଫ୍ରାୟ କରି ଲୋକମାନଙ୍କୁ ପରସା ଯାଉଛି। ସ୍ଥଳ ବିଶେଷରେ ମାଛ ମାଂସକୁ ଦୀର୍ଘଦିନ ଡିପ ଫ୍ରୀଜରେ ରଖି ଲୋକମାନଙ୍କୁ ପରସା ଯାଉଥିବା ଅଭିଯୋଗ ହେଉଛି। ଏସବୁ ବିଷୟ ଜାଣି ମଧ୍ୟ ଜିଲ୍ଲା ଖାଦ୍ୟ ନିରାପତ୍ତା ବିଭାଗର କେତେଜଣ ଅଧିକାରୀଙ୍କୁ ମାସିକିଆ ଚାନ୍ଦା ଦେଇ ମାଲିକମାନେ ସେମାନଙ୍କ ଧନ୍ଦା ଚଳାଉଥିବା ଅଭିଯୋଗ ହେଉଛି। ଏହାର ଗୁରୁତ୍ୱକୁ ଉପଲବ୍ଧି କରି ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ, ସାଧାରଣ ପ୍ରଶାସନ, ପୋଲିସ ପ୍ରଶାସନ ମିଳିତ ଭାବରେ ନିୟମିତ ଯାଞ୍ଚ କଲେ ଲୋକମାନେ ହେଉଥିବା ନିୟମିତ ଠକାମିରୁ ମୁକୁଳିବା ସହିତ ଭଲ ଖାଦ୍ୟ ପାଇପାରିବେ ବୋଲି କୋରେଇର ବୁଦ୍ଧିଜୀବୀ ମାନେ ଦାବୀ କରିଛନ୍ତି।

## ନିଯୁକ୍ତି ମେଳା ଆୟୋଜିତ

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜିଲ୍ଲା ନିଯୋଜନ କାର୍ଯ୍ୟାଳୟ ତରଫରୁ ରାହାମା (ସାଇଲୋ) ସ୍ଥିତ ମିନି ଷ୍ଟାଡିୟମରେ ନିଯୁକ୍ତି ମେଳା ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ରବୀନ୍ଦ୍ର କୁମାର ସାହୁ, ଅଧକ୍ଷ, ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ, ପାରାଦ୍ୱୀପ ଓ ସୁବାଷ ଚନ୍ଦ୍ର ନାୟକ, ଅଧକ୍ଷ, ରାହାମା ମହାବିଦ୍ୟାଳୟ ଉପସ୍ଥିତ ଥିଲେ। ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଧର୍ମାନନ୍ଦ ବେହେରା ସଭାର ସଭାପତିତ୍ୱ କରିଥିଲେ। ପ୍ରଥମେ ଅତିଥି ମାନେ ନିଯୁକ୍ତି ମେଳାରେ ଲାଗିଥିବା ଷ୍ଟଲ ବୁଲି ନିଯୁକ୍ତିଦାତା ମାନଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ ସଭା କାର୍ଯ୍ୟର ଆରମ୍ଭ କରାଯାଇଥିଲା। ଅତିଥିମାନେ ତାଙ୍କର ବକ୍ତବ୍ୟ ରଖି ଯୁବପିଢ଼ିଙ୍କୁ କୁଶଳୀ ଓ ଦକ୍ଷ ହେବା ପାଇଁ ଉପଦେଶ ଦେଇଥିଲେ। ଜଗତସିଂହପୁର ଜିଲ୍ଲାରେ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବାକୁ ସରକାରଙ୍କୁ ଜଣାଇବେ ବୋଲି କହିଥିଲେ।

# ତହସିଲଦାରଙ୍କ ଦ୍ୱାରା ୪ଟି ହାଇୱା ଜବତ



ନିମାପଡା, (ଭାସ୍କର ନ୍ୟୁଜ୍): ନିମାପଡା ଅଂଚଳରେ ଲଘୁଖଣିଜ ଦ୍ରବ୍ୟ ବ୍ୟାପକ ଲୁଣ୍ଠନ ହେଉଥିବା ବେଳେ ଏହାକୁ ରୋକିବା ପାଇଁ ନିମାପଡା ତହସିଲଦାର ବିଭିନ୍ନ ସ୍ଥାନରେ ଚଢଉ କରିଛନ୍ତି। ଚାରିଛକ ଅଂଚଳରେ ତହସିଲଦାର ଓ ପୋଲିସ ୧୪ଟି ହାଇୱାକୁ ଜବତ କରିଥିବା ବେଳେ ସେଥିମଧ୍ୟରୁ ୪ଟିକୁ ପୋଲିସ ଜିମା ଦେବା ସହ ପୁରୀ ଜିଲ୍ଲା ଖଣି ବିଭାଗ ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଜଣାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ବ୍ଲକ ଚାରିଛକ ବଜାର ଠାରୁ କଳାପାଟଂଣ ଛକ ମଧ୍ୟରେ ୧୪ଟି ବାଲି ବୋଝେଇ ହାଇୱାକୁ ନିମାପଡା ତହସିଲଦାର ମନୋଜ କୁମାର ପ୍ରଧାନ, ଅତିରିକ୍ତ ତହସିଲଦାର ନିରଂଜନ ନାୟକ, ନିମାପଡା ଥାନା ପୋଲିସ ଏବଂ ଚାରିଛକ ପୋଲିସ ମିଳିତ ଚଢଉ କରି ୧୪ଟି ବାଲି ବୋଝେଇ ହାଇୱାକୁ ଜବତ କରିଥିବା ବେଳେ ସେଥିମଧ୍ୟରୁ ହାଇୱାର ପରିମିଶନ ଥିଲା। ଅନ୍ୟ ୪ଟି ହାଇୱାର କାଗଜପତ୍ର ସଠିକ୍ ନଥିବାରୁ ଚୋରା ବାଲି ଚାଲାଣ କରୁଥିବା ଜଣାପଡିବା ପରେ ତହସିଲଦାର ଚାରିଛକ ଥାନ ପୋଲିସ ଜିମା ଦେବା ସହ ପୁରୀ ଜିଲ୍ଲା ଖଣି ଅଧିକାରୀଙ୍କୁ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ପ୍ରତ୍ୟେକ ଦିନ ନିମାପଡା-ପିପିଲି, ଗୋପ-ନିମାପଡା ଓ ଚାରିଛକ-ନିମାପଡା ରାସ୍ତା ଆଦି ବିଭିନ୍ନ ରାସ୍ତାରେ ରାତ୍ର ସମୟରେ ଶହଶହ ହାଇୱା ବାଲି ବୋଝେଇ କରାଯାଉଛି। ଅନେକ ହାଇୱାର କାଗଜପତ୍ର ନଥିଲେ ମଧ୍ୟ ବେପାରୁଆ ଭାବେ ପ୍ରଶାସନକୁ ଚକମା ଦେଖାଇ ଚୋରା ବାଲି ଚାଲାଣ କରୁଛନ୍ତି। ଏହି ଘଟଣା ପ୍ରତି ଖଣି ବିଭାଗ ଦୃଷ୍ଟି ଦେବା ପାଇଁ ଦାବି ହୋଇଛି।

# ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର






ଅନୁଗୁଳ, (ଭାସ୍କର ନ୍ୟୁଜ୍): ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ର ସମାଜିକ ଶାଖା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଗ୍ରାମାଞ୍ଚଳରେ ବିଶେଷ କରି ଜେଏସପିର ପାର୍ଶ୍ୱବର୍ତ୍ତୀ ଗାଁ ଗୁଡ଼ିକରେ ଚକ୍ଷୁ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଏକ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଲେପ୍ରା ସୋସାଇଟି ସହ ବୈଷୟିକ ସହଯୋଗରେ ଜାମୁନାଲି ଗାଁରେ ଜେଏସପିର ଭିପି-ମାଇନ୍ସ ନୀରଜ କାଲ୍ରା ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜାମୁନାଲି ସରପଂଚ ଶିଲା ପ୍ରଧାନଙ୍କ ସମେତ ଅନ୍ୟ ତୁଙ୍ଗ ନେତୃବୃନ୍ଦ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଦୃଷ୍ଟି ସମ୍ବନ୍ଧୀୟ ସମସ୍ୟାର ଶୀଘ୍ର ଚିହ୍ନଟ ଏବଂ ଚିକିତ୍ସା ସୁନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଥିଲା। ଯେଉଁଥିରେ ଚକ୍ଷୁ ପରୀକ୍ଷା ଏବଂ ଅତ୍ୟାବଶ୍ୟକ ଚକ୍ଷୁ ଚିକିତ୍ସା ପାଇଁ ଶହଶହ ଗ୍ରାମବାସୀ ଏକତ୍ରିତ ହୋଇଥିଲେ। ଓପି ଜିନ୍ଦଲ ଗ୍ରୁପର ଅଧ୍ୟକ୍ଷା ସାବିତ୍ରୀ ଜିନ୍ଦଲଙ୍କ ଜନ୍ମଦିନ ପୂର୍ବ ସନ୍ଧ୍ୟାରେ ଏହି କାର୍ଯ୍ୟକ୍ରମ, ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସଚେତନତା ଅଧିବେଶନ ସହିତ ଆରମ୍ଭ ହୋଇଥିଲା। ଉଦ୍‌ଘାଟନୀ ସମାରୋହରେ ଏଭିପି-ସିଏସଆର (ଖଣି) ଅଜୟ ସିଂହ, ଡିଜିଏମ ସିଏସଆର (ଖଣି) ସୁବାଷ ରାୟ, ଜିଏମ ସିଏସଆର ଜୟନ୍ତ କୁମାର ମହାନ୍ତି, ଜିଏମ ସିଏସଆର ଆଶୁତୋଷ ମିଶ୍ର ଏବଂ ଏଜିଏମ ସିସିଡି କୁନ୍ଦନ କୁମାର ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ଗ୍ରାମାଞ୍ଚଳରେ ସୁଲଭ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଚକ୍ଷୁ ପରୀକ୍ଷା ଶିବିରରେ ସମସ୍ତ ବୟସ ବର୍ଗର ଗ୍ରାମବାସୀ ଯୋଗ ଦେଇଥିଲେ। ତେବେ ବୟସ୍କ ଲୋକମାନଙ୍କ ମଧ୍ୟରେ ଏହାକୁ ନେଇ ବିପୁଳ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ଶିବିରରେ ୧୦୦ରୁ ଅଧିକ ଗ୍ରାମବାସୀ ଚକ୍ଷୁ ପରୀକ୍ଷା କରିଥିଲେ ଏବଂ ଆବଶ୍ୟକୀୟ ଔଷଧ ଓ ଚଷମା ପାଇ ଉପକୃତ ହୋଇଥିଲେ। ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞମାନେ ଚକ୍ଷୁ ପରୀକ୍ଷା କରିବା ସହ ଉପଯୁକ୍ତ ପରାମର୍ଶ ଦେଇଥିଲେ। ସେହିପରି ଅଧିକ ଚିକିତ୍ସା ଆବାଶ୍ୟକ କରୁଥିବା ଲୋକଙ୍କୁ ପରବର୍ତ୍ତୀ ଚିକିତ୍ସା କରିବା ପାଇଁ ଉଚିତ ପରାମର୍ଶ ଦେଇଥିଲେ। ଚକ୍ଷୁର ଯତ୍ନ ନେବା କ୍ଷେତ୍ରରେ ବିଶେଷ ଅଭିଜ୍ଞତା ଲାଭ କରିଥିବା ଲେପ୍ରା ଦଳର ସଦସ୍ୟମାନେ ସମ୍ଭାବ୍ୟ ଦୃଷ୍ଟି ସମସ୍ୟାର ସମାଧାନ ଏବଂ ପ୍ରତିଷେଧକ ପାଇଁ ଆବଶ୍ୟକ ପରାମର୍ଶ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସମାଜିକ ଦାୟୀତ୍ୱ ଏବଂ ଅନ୍ତର୍ଭୁକ୍ତ ସ୍ୱାସ୍ଥ୍ୟସେବା ମିଶନର ଏକ ଅଂଶ ଭାବରେ ଜିନ୍ଦଲ ଫାଉଣ୍ଡେସନ ବହୁ ସମ୍ପ୍ରଦାୟ କେନ୍ଦ୍ରିତ କାର୍ଯ୍ୟକ୍ରମର ନେତୃତ୍ୱ ନେଇ ଚାଲିଛି। 'ଉଇ କେୟାର ୟୋର ଆଏଜ୍' (ଆମେ ତୁମ ଆଖିର ଯତ୍ନ ନେଉଛୁ) ହେଉଛି ଜିନ୍ଦଲ ଫାଉଣ୍ଡେସନର 'ଦୃଷ୍ଟି' କାର୍ଯ୍ୟକ୍ରମର ଲକ୍ଷ୍ୟ। ଯାହା ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କ ମାର୍ଗଦର୍ଶନରେ ପରିଚାଳିତ ହେଉଛି। ଏହି 'ଦୃଷ୍ଟି' କାର୍ଯ୍ୟକ୍ରମ ଜରିଆରେ ଜିନ୍ଦଲ ଫାଉଣ୍ଡେସନ ଏପର୍ଯ୍ୟନ୍ତ ୧୦,୦୦୦ରୁ ଅଧିକ ଡ୍ରାଇଭର, ବରିଷ୍ଠ ନାଗରିକ ଏବଂ ବିଭିନ୍ନ ବୟସ ବର୍ଗର ଲୋକଙ୍କୁ ଆବଶ୍ୟକତା ଅନୁସାରେ ଚକ୍ଷୁ ଚିକିତ୍ସା ଏବଂ ଅବଶ୍ୟକ ସ୍ଥଳେ ଚଷମା ପ୍ରଦାନ କରିଛି।

## ଗୁଣିଗାରେଡିକୁ କେନ୍ଦ୍ରକରି ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

ଆସିକା, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ବଡଗଡ଼ ଥାନା ଅନ୍ତର୍ଗତ ଧରାକୋଟ ବ୍ଲକର ବାହାରପୁର ପଂଚାୟତ ଅଧିନସ୍ଥ ଖାରିପଲ୍ଲୀ ଗ୍ରାମରେ ଗୁଣି ଗାରେଡିକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ହଣାହାଣି ହୋଇ ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ, ୩ଜଣଙ୍କ ଅବସ୍ଥା ଗୁରୁତର ହୋଇଥିବା ସୂଚନା ହସ୍ତଗତ ହୋଇଛି। ତିନି ଗୁରୁତର ଅରୁଣ ବେହେରା ୩୦ ବର୍ଷ, ଭିକାରୀ ବେହେରା ୧୮ ବର୍ଷ, ଜଗା ବେହେରା ୧୮ବର୍ଷ ଗୁରୁତରଙ୍କୁ ଧରାକୋଟ ମେଡିକାଲରେ ଭର୍ତ୍ତି କରାଯିବା ପରେ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଥାଉକି ଗତ ପ୍ରାୟ ପାଞ୍ଚ ବର୍ଷ ପୂର୍ବରୁ ଖାରିପଲ୍ଲୀ ଗ୍ରାମରେ ଗୁଣି ଗାରେଡିକୁ କେନ୍ଦ୍ରକରି ଦୁଇଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗିରହିଥିଲା। ବୁଧବାର ସନ୍ଧ୍ୟା ସମୟରେ ପୋଖରୀରୁ ସ୍ନାନ କରି ଘରକୁ ଉଭୟ ଗୋଷ୍ଠୀର ଲୋକେ ଫେରୁଥିବା ସମୟରେ ଉଭୟଙ୍କ ମଧ୍ୟରେ ତୁ ତୁ ମେ ମେ ହୋଇଥିଲା। ଏହି ଅଳ୍ପ ପାଟିତୁଣ୍ଡରୁ କଥା ବିରାଟ ରୂପ ଧାରଣ କରି ହଣାହାଣୀ ପର୍ଯ୍ୟନ୍ତ ପହଁଚିଥିଲା। ଗୋଟିଏ ଗୋଷ୍ଠୀର ଖଣ୍ଡା ଦ୍ୱାରା ଆକ୍ରମଣରେ ଗୋଟିଏ ପରିବାରର ବାପା ଖଦାଳ ବେହେରା ୬୫ ବର୍ଷ ଓ ପୁଅ ରତ୍ନାକର ବେହେରା ୪୦ ବର୍ଷ ଉଭୟ ଘଟଣା ସ୍ଥଳରେ ଗାଁ ଦାଣ୍ଡରେ ମରି ପଡ଼ିଥିବା ବେଳେ ଅନ୍ୟ ଗୋଷ୍ଠୀର ୪ ଗୁରୁତର ଅବସ୍ଥାରେ ଧରାକୋଟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ସେଥି ମଧ୍ୟରୁ ରମେଶ ବେହେରା ୪୫ ବର୍ଷ ଧରାକୋଟ ମେଡିକାଲରେ ମୃତ୍ୟୁବରଣ କରିଛନ୍ତି। ଘଟଣା ସ୍ଥଳରେ ଆସିକା ଉପଖଣ୍ଡ ଅରକ୍ଷୀ ଅଧିକାରୀ ସନ୍ତୋଷ କୁମାର ଜେନା ଓ ବଡ଼ଗଡ଼ ଥାନା ଅଧିକାରୀ ସନ୍ତୋଷ କୁମାର ବେହେରା, ଶେରଗଡ଼ ଥାନା ଅଧିକାରୀ ବିରେନ୍ଦ୍ର ଶିଅଳ ଓ ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ ପୋଲିସ ଫୋର୍ସ ସହ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ପ୍ରକାଶ ଯୋଗ୍ୟ ଗାଁ'ରେ ଗୁଣି ଗାରେଡ଼ି ବିଦ୍ୟା ଓ ଖଟ ବିଦ୍ୟା ପୋଲିସ ତରଫରୁ ହସ୍ତକ୍ଷେପ କରି ବନ୍ଦ କରିବା ପରେ ଉତ୍ତେଜନା ଦୁଇ ଗୋଷ୍ଠୀ ମଧ୍ୟରେ ଲାଗି ରହିଥିଲା। ପୋଲିସ ଏଥିରେ ହସ୍ତକ୍ଷେପ କରି ଖଦାଳ ବେହେରା ଓ ବନବାସ ବେହେରା ର ପରିବାରକୁ ପ୍ରାୟ ଏକ ମାସ ସୁରକ୍ଷା ଦେଇଥିଲେ। ଧିରେ ଧିରେ ପରିସ୍ଥିତି ସୁଧୁରିବା ପରେ ଗାଁରୁ ପୋଲିସ ପ୍ରତ୍ୟାହାର ହୋଇଥିଲା। ସବୁସତ୍ତ୍ୱେ ଗାଁ'ରେ ଦୁଇ ପରିବାର ଗୋଟିଏ ଗୋଷ୍ଠୀ ହୋଇ ଚଳି ଆସୁଥିବା ବେଳେ ଅନ୍ୟ ପଟରେ ସମଗ୍ର ଗାଁ'ର ସମସ୍ତ ପରିବାର ରହିଥିଲେ। ଅନ୍ୟ ପକ୍ଷରେ ଗତ ଦୁଇ ମାସ ପୂର୍ବେ ଖାରିପଲି ଗାଁ ରେ ଦୁଇଟି ବାଇକ ଓ ଟି ତିନୋଟ ସାଇକେଲ କେହି ଦୁର୍ବୃତ୍ତ ମାନେ ପୋଡ଼ି ଦେଇଥିଲେ। ଯାହାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ଦୀର୍ଘଦିନର କୁହୁଳୁଥିବା ଦୁଇ ଗୋଷ୍ଠୀ ମଧ୍ୟରେ ଅସନ୍ତୋଷ ଆଜି ତୀବ୍ର ରୂପ ଧାରଣ କରିଥିଲା। ଯାହାର ଫଳସ୍ୱରୂପ ଖାରିପଲି ଗାଁ'ରେ ଏହି ଅଭାବନୀୟ ଘଟଣା ଘଟିଛି।

## ଶ୍ରେଷ୍ଠ ବୈଷୟିକ ଶିକ୍ଷାନୁଷ୍ଠାନ ମଧ୍ୟରେ ୮ମ ସ୍ଥାନରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ

କଟକ, (ଭାସ୍କର ନ୍ୟୁଜ୍): ଦେଶର ସର୍ବଶ୍ରେଷ୍ଠ ବୈଷୟିକ ଶିକ୍ଷାନୁଷ୍ଠାନ ତାଲିକାରେ କଟକସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟକୁ ମିଳିଛି ସଫଳତା। ଡାଟାକ୍ୱେଷ୍ଟ ପକ୍ଷରୁ ବିଧିବଦ୍ଧ ଭାବରେ କରାଯାଇଥିବା "ଟି-ସ୍କୁଲ୍ ରାଙ୍କିଂ ସର୍ଭେ-୨୦୨୫" ସର୍ବେକ୍ଷଣରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଇଞ୍ଜିନିୟରିଂ ଓ ଟେକ୍ନୋଲଜି ବିଭାଗକୁ ଏହି ସଫଳତା ମିଳିଛି। ଏଥିରେ ପୂର୍ବ ଭାରତର ସମସ୍ତ ଶ୍ରେଷ୍ଠ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ଏହାକୁ ଅଷ୍ଟମ ସ୍ଥାନ ମିଳିଛି। ସେହିପରି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସାରାଦେଶର ସର୍ବଶ୍ରେଷ୍ଠ ୧୦୦ଟି ବୈଷୟିକ ଶିକ୍ଷାନୁଷ୍ଠାନ ମଧ୍ୟରେ ୯୬ତମ ଏବଂ ସର୍ବଶ୍ରେଷ୍ଠ ୧୦୦ଟି ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନ ମଧ୍ୟରେ ୮୭ତମ ସ୍ଥାନ ହାସଲ କରିପାରିଛି। ବିଶ୍ୱବିଦ୍ୟାଳୟର ଉତ୍ସର୍ଗୀକୃତ ପ୍ରାଧାପକ ଏବଂ ଅନ୍ୟ କର୍ମଚାରୀମାନଙ୍କ ସମେତ ଏଠାରେ ଉପଲବ୍ଧ ଥିବା ଉତ୍କୃଷ୍ଟ ଶୈକ୍ଷିକ ବାତାବରଣ ଏବଂ ଉତ୍ତମ ପରିବେଶ ଏହି ସଫଳତା ପଛର କାରଣ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ପୃକ୍ତ ବିଭାଗର ଡିନ୍ ପ୍ରଫେସର ଆର.ଏନ୍. ଶତପଥୀ କହିଥିବା ବେଳେ ସଭାପତି ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ତେଜପ୍ରତାପ, କୁଳସଚିବ ଏକେଶର୍ମା ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପ୍ରମୁଖ ଏହି ସଫଳତା ପାଇଁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ବିପଜ୍ଜନକ ବାଣ ପ୍ରତିଯୋଗିତା ୬ ବର୍ଷର ଶିଶୁପୁତ୍ର ଗୁରୁତର

ନିମାପଡା, (ଭାସ୍କର ନ୍ୟୁଜ୍): ନିମାପଡା ପୁରୀ ଜିଲ୍ଲା ପୋଲିସ ପକ୍ଷରୁ ବାଣ ଉପରେ ବିଶେଷ କଟକଣା କରାଯାଇଥିଲେ ମଧ୍ୟ ଏହି କଟକଣାକୁ ନମାନି ବାଣ ପ୍ରତିଯୋଗିତା ହେବା ଦ୍ୱାରା ୬ବର୍ଷର ଜଣେ ଶିଶୁପୁତ୍ର ବାଣର ଆଘାତରେ ଗୁରୁତର ଆହତ ହୋଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହେଉଛନ୍ତି। ପୋଲିସ ଉପସ୍ଥିତିରେ ଏପରି ବାଣ ପ୍ରତିଯୋଗିତା ଚାଲିଥିବା ବେଳେ ବାରୁଦ ଧୂଆଁରେ ପରିବେଶ ଦୂଷିତ ହେବା ସହ ଅନେକ ବ୍ୟକ୍ତି ଆହତ ହୋଇଥିବା ପ୍ରାପ୍ତ ସୂଚନାରୁ ଜଣାପଡିଛି। ପୋଲିସ ଉପସ୍ଥିତିରେ ଏପରି ବାଣ ପ୍ରତିଯୋଗିତା କ'ଣ ପାଇଁ ବୋଲି ଜନସାଧାରଣ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ବ୍ଲକ ବଳଙ୍ଗା ଥାନା ସାଇଁଶ ପଂଚାୟତ ତୋଟାପଡା ଗ୍ରାମରେ ଦୋଳପୂର୍ଣ୍ଣମୀ ଦିନ ବାଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ମନୁଷ୍ୟ କ୍ଷତିକାରକ ବିପଦଜନକ ବାଣ ମରାଯାଇଥିଲା। ନେତା ଠାରୁ ଆରମ୍ଭ କରି କୁଜିନେତା ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଉପଭୋଗ କରୁଥିବା ବେଳେ ପୋଲିସ ସେଠାରେ ଦର୍ଶକ ସାଜି ବାଣ ପ୍ରତିଯୋଗିତା ଉପଭୋଗ କରୁଥିଲା। ଏହି ବାଣପ୍ରତିଯୋଗିତା ସମୟରେ ସେଠାରେ ଜଣେ ୬ବର୍ଷର ଶିଶୁପୁତ୍ର ଦେହରେ ବାଣ ବାଜି ଗୁରୁତର ଆହତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେଉଛନ୍ତି। ପୋଲିସ ପକ୍ଷରୁ ବାଣ ଉପରେ ସ୍ୱତନ୍ତ୍ର କଟକଣା ଲାଗୁ କରାଯାଇଥିବା ବେଳେ ଏହି ବାଣ ପ୍ରତିଯୋଗତାରେ କଟକଣା ଫୁ କରିଦେଇଛନ୍ତି ବାଣମାରୁଥିବା ବ୍ୟକ୍ତି। ଏପରି ବିପଜ୍ଜନକ ବାଣମରା କ'ଣ ପାଇଁ ବୋଲି ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

## ଆଳି ଥାନାରେ ଯୋଗଦେଲେ ନୂତନ ଅଧିକାରୀ

ଆଳି, (ଭାସ୍କର ନ୍ୟୁଜ୍): ଆଳି ଓ ରାଜକନିକା ଅଞ୍ଚଳରେ କାର୍ଯ୍ୟ କରୁଥିବା ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଓ ସାମାଜିକ ଗଣମାଧ୍ୟମର ପ୍ରତିନିଧି ମାନେ ନୂତନ ଭାବେ ଆଳି ଥାନାର ଭାରପ୍ରାପ୍ତ ଅଧିକାରୀ ଭାବେ ଯୋଗଦାନ କରିଥିବା ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତଙ୍କୁ ସୌଜନ ଭାବେ ସାକ୍ଷାତ କରିବା ସହିତ ରାଜନୈତିକ ଉଷ୍ମ ଅଞ୍ଚଳ ଭାବେ ପରିଚିତ ଆଳି ବ୍ଲକ ଅଞ୍ଚଳରେ କେମିତି ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଜନସାଧାରଣ କିପରି ପୋଲିସ ପ୍ରତି ଆସ୍ଥାଭାଜନ ହୋଇପାରିବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ଅନୁରୋଧ କରାଯାଇଥିଲା। ସୂଚନା ଯୋଗ୍ୟ ଯେ ଆଇଆଇସି ପଟ୍ଟାୟତ ଅନ୍ୟ ଜିଲ୍ଲାରୁ ଆସି ପ୍ରଥମେ କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ ଥାନାରେ ଯୋଗଦେବାର ଦୁଇ ମାସ ନ'ପୂରୁଣୁ ତାଙ୍କୁ ଆଳି ଥାନାରେ ଯୋଗଦାନ କରିବାକୁ ପଡିଛି। ତେବେ କୌଣସି ରାଜନୈତିକ ଦଳର ହାତବାରୀସ ନହୋଇ ଜନସାଧାରଣଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେବେ ବୋଲି ସାଧାରଣରେ ଆଶା ପ୍ରକଟ କରାଯାଉଛି।

## ଜଙ୍ଗଲ ପୋଡ଼ିକୁ ଛି ଛି !

## ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅଭିନବ ପ୍ରୟାସ


ରାଜନଗର,(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବନଖଣ୍ଡ ଅଧୀନରେ ଥିବା ଭିତରକନିକା ଜାତୀୟ ଉଦ୍ୟାନରେ ଭରପୁରୁ ଜଙ୍ଗଲ ରହିଛି। ଜଳବାୟୁ ପରିବର୍ତ୍ତନରେ ଜଙ୍ଗଲର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ଜଙ୍ଗଲ ପାଇଁ ଆମେ ବିଭିନ୍ନ ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇଥାଉ। ଜଙ୍ଗଲର ବୃଦ୍ଧି ପାଇଁ ସରକାର ବିଭିନ୍ନ ସମୟରେ ପଦକ୍ଷେପ ନେଉଛନ୍ତି। ଏବେ ଗ୍ରୀଷ୍ମ ପ୍ରବାହ ଜାରିରହିଛି। ଏହି ସମୟରେ ବିଭିନ୍ନ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷତି ହେଉଛି। ଏହାର କାରଣ କ'ଣ? ବିଭିନ୍ନ ବୁଦ୍ଧିଜୀବୀଙ୍କ ସହ ଆଲୋଚନା ପରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ ଅଭିନବ ପ୍ରୟାସ ଜଙ୍ଗଲ ପୋଡ଼ି ପାଇଁ ଆରମ୍ଭ କରାଯାଇଛି। ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତା କେନ୍ଦ୍ରାପଡ଼ା ଜିଲ୍ଲାରୁ ଯାଇ ସୁଦୂର ନୟାଗଡ଼ ବନଖଣ୍ଡରେ ପହଞ୍ଚିଥିଲେ। ତାଙ୍କ ସହ ଟ୍ରଷ୍ଟର ନୟାଗଡ଼ ପ୍ରତିନିଧି ଓ କିଛି ଗୁରୁଜନ ବ୍ୟକ୍ତି ଭାଗ ନେଇଥିଲେ। ଏହାପରେ ବିଭିନ୍ନ ସ୍ଥାନରେ ସଚେତନତା ଅଭିଯାନ ଆରମ୍ଭ ହୋଇଥିଲା। ନୟାଗଡ଼ ଜିଲ୍ଲାର ଦୟାମୋଡା, ଧୂଳିଆ ମୋଡା, କାନଖାଇ, ଡୁବୁରୀ ମୁଣ୍ଡିଆ, ସିମିଳି ମୁଣ୍ଡିଆ, ଓ ସିମିଳି ପାହାଡ ଗୁଡ଼ିକ ରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ସେ ଅଞ୍ଚଳ ବାସୀଙ୍କୁ ସଚେତନ କରାଇବା ସହ ନିଆଁ ଲଗାଉଥିବା ଲୋକ ମାନଙ୍କୁ ଧିକାର କରାଯାଇଥିଲା। ବାର୍ତ୍ତା ଏହିପରି ଥିଲା କି ଜଙ୍ଗଲ ପୋଡ଼ାଳି ଙ୍କୁ ଛି ଛି ! ଏହି କାର୍ଯ୍ୟକ୍ରମକୁ କିଛି ସଧାରଣ ଜନତା ସମର୍ଥନ ଜଣାଇଥିଲେ ଏବଂ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତାଙ୍କୁ ସୁନ୍ଦର ଚିନ୍ତାଧାରା ପାଇଁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ଗୁରୁପ୍ରତିମ ଗୁରୁଜନ ଦାମୋଦର ସାହୁ, ଟ୍ରଷ୍ଟର ନୟାଗଡ଼ ଜିଲ୍ଲା ପ୍ରତିନିଧି ବୈକୁଣ୍ଠ ନାଥ ପ୍ରଧାନ, ନିଗମ ସାହୁ, ଅଭୟ ବେହେରା, କାଳନ୍ଦୀ ମଲ୍ଲିକ, ତପନ କୁମାର ନାଥ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ଫଟେପୁର ଛକ ତାରିଣୀ ମନ୍ଦିରରୁ ଚୋରି



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ-ଚାନ୍ଦବାଲି ରାସ୍ତାର ତିହିଡ଼ି ଥାନା ଅଧୀନ ଫଟେପୁର ଛକରେ ଥିବା ମା' ତାରିଣୀଙ୍କ ମନ୍ଦିରରୁ ମଙ୍ଗଳବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ ଦୁର୍ବୃତ୍ତମାନେ ମଙ୍ଗଳବାର ବିଳମ୍ବିତ ରାତିରେ ମନ୍ଦିରର ଗେଟ୍ ତାଲା ଭାଙ୍ଗି ମନ୍ଦିର ଭିତରକୁ ପ୍ରବେଶ କରି ମା' ତାରିଣୀଙ୍କ ମନ୍ଦିରର ଦାନ ବାକ୍ସ ଭାଙ୍ଗି ଟଙ୍କା ନେଇ ଯାଇଥିବା ବେଳେ ମା'ଙ୍କ ସୁନା ରୂପା ଅଳଙ୍କାର ଚୋରି କରି ନେଇଯାଇଛନ୍ତି। ଫଟେପୁର ଗ୍ରାମର ଶଶିକାନ୍ତ ନାୟକ ବୁଧବାର ସକାଳେ ମନ୍ଦିର ଗେଟ୍ ଖୋଲିବାକୁ ଯାଇ ମନ୍ଦିରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ପରେ ସେ ଏ ସମ୍ପର୍କରେ ତିହିଡ଼ି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଚଳାଇଛି। ସେହିପରି ତିହିଡ଼ି ଅଞ୍ଚଳର ବିଭିନ୍ନ ସ୍ଥାନରୁ ୩ଟି ବାଇକ୍ ୨/୩ଦିନ ତଳେ ଚୋରି ହୋଇଥିବା ଅଭିଯୋଗ ହୋଇଛି। କାଳିମେଘା ମେଳନରୁ ଶିକ୍ଷାବିତ୍ ଗିରିଜା ରମଣ ଜେନାଙ୍କ ବାଇକ୍, ତିହିଡ଼ି ବଜାରରୁ ସାକିରୁଦ୍ଦିନ ଖାଁଙ୍କ ବାଇକ୍ ଓ ବାରୋ ପଞ୍ଚାୟତ ଅଧୀନ ଚବିଶପଡ଼ା ଗ୍ରାମର ସୁଶାନ୍ତ କୁମାର ମଲ୍ଲିକଙ୍କ ବାଇକ୍ ତାଙ୍କ ଘର ନିକଟରୁ ଚୋରି ହୋଇଥିବା ନେଇ ସେମାନେ ତିହିଡ଼ି ଥାନାରେ ଅଭିଯୋଗ କରିଛନ୍ତି।

# ମହିଳାଙ୍କୁ ଆତ୍ମବିଶ୍ୱାସୀ କରୁଛି ଟାଟା ଷ୍ଟିଲ ଫାଉଣ୍ଡେସନ୍‌ର 'ଦିଶା'



ମେରାମଣ୍ଡଳୀ, (ଭାସ୍କର ନ୍ୟୁଜ୍): ଟାଟା ଷ୍ଟିଲ ମେରାମଣ୍ଡଳୀ (ଟିଏସଏମ୍)ର ଆଖପାଖ ଗ୍ରାମଗୁଡିକରେ ମହିଳାମାନଙ୍କ ଦକ୍ଷତା ବିକାଶ ସହ ଆତ୍ମବିଶ୍ୱାସ ବଢାଉଥିବାବେଳେ ସେମାନଙ୍କୁ ନେତୃତ୍ୱ ନେବାପାଇଁ ପ୍ରସ୍ତୁତ କରୁଛି ଟାଟାଷ୍ଟିଲ ଫାଉଣ୍ଡେସନର 'ଦିଶା' କାର୍ଯ୍ୟକ୍ରମ। ଖଲିବେରଣା ଗୋଷ୍ଠୀକେନ୍ଦ୍ରରେ ଆୟୋଜିତ ଏକ ନେତୃତ୍ୱ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ଦିଶା'ରେ ସଞ୍ଜପଡ଼ା, ଆମନା, ନୂଆଗାଁ, ଏବଂ ତାଳବାହାଳ ଆଦି ଗ୍ରାମର ୪୫ଜଣ ମହିଳା ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମ ୩ଟି ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉପରେ ଆଧାରିତ, ଯଥା ଲିଙ୍ଗଗତ ସଚେତନତା, ପ୍ରଶାସନ ଏବଂ ଆଇନ ପ୍ରକ୍ରିୟା ସମ୍ପର୍କିତ ମୁଖ୍ୟ ଦିଗଗୁଡ଼ିକୁ ସାମିଲ କରାଯାଇଛି। ମାର୍ଚ୍ଚ ୪ରୁ ୧୫ ମଧ୍ୟରେ ଦୁଇଟି ପର୍ଯ୍ୟାୟରେ ଦୁଇଟି ବିଷୟବସ୍ତୁ ଉପରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଲିଙ୍ଗଗତ ପାର୍ଥକ୍ୟକୁ ବୁଝିବା ଏବଂ ଅଧିକାଂଶ ସମୟରେ ମହିଳାମାନଙ୍କ ଭୂମିକାକୁ ସୀମିତ କରି ଦେଉଥିବା ସାମାଜିକ ନୀତି ନିୟମ ଉପରେ ଆଲୋଚନା କରାଯାଇଥିଲା। ଦ୍ୱିତୀୟ ମଡ୍ୟୁଲରେ ପ୍ରଶାସନିକ କାର୍ଯ୍ୟରେ ମହିଳାଙ୍କ ଭାଗୀଦାରୀ ଓ ବିଭିନ୍ନ କ୍ଷେତ୍ରରେ ସ୍ଥାନୀୟ ଅଞ୍ଚଳର ବିକାଶ ଲାଗି ନିଆଯାଉଥିବା ନିଷ୍ପତ୍ତିରେ ମହିଳାମାନେ ଭାଗୀଦାର ହେବା ଦିଗରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରଶିକ୍ଷଣର ଶେଷ ପର୍ଯ୍ୟାୟରେ, ସାମାଜିକ ପରିବର୍ତ୍ତନ ପାଇଁ ନେଟୱର୍କିଂ ଏବଂ ଆଇନ ସମ୍ପର୍କିତ ଆବଶ୍ୟକ ଜ୍ଞାନ ଉପରେ ଗୁରୁତ୍ୱ ଦିଆଯାଇଥିଲା, ଯାହା ସାମାଜିକ ପରିବର୍ତ୍ତନ ଆଣିବାରେ ଏକ ବିଶେଷ ଉପକରଣ। ଇଣ୍ଟରଆକ୍ଟିଭ ସେସନ ଏବଂ ବାସ୍ତବ ଜୀବନର କେସ ଷ୍ଟଡି ମାଧ୍ୟମରେ ମହିଳା ମାନେ କିପରି ନିଜ ପାଇଁ ସ୍ୱର ଉତ୍ତୋଳନ କରିପାରିବେ ଏବଂ ନିଜ ଅଧିକାର ପାଇଁ ଲଢେଇ କରିପାରିବେ ସେ ସମ୍ପର୍କରେ ଆଲୋଚନା କରଯାଇଥିଲା। ଏହି କାର୍ଯ୍ୟକ୍ରମର ପ୍ରଭାବ ସ୍ଥାନୀୟ ଅଞ୍ଚଳରେ ସ୍ପଷ୍ଟ ପ୍ରତିଫଳିତ ହୋଇଛି। ଅନେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସମୁଦାୟିକ ସଂଗଠନ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି, ଯାହାଦ୍ୱାରା ସ୍ୱଚ୍ଛତା, ଶିକ୍ଷା ଏବଂ ଘରୋଇ ହିଂସା ଭଳି ଜରୁରୀ ସମସ୍ୟା ଗୁଡ଼ିକର ସମାଧାନ କାଯାଇପାରିବ। 'ଦିଶା' କେବଳ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ନୁହେଁ। ମହିଳା ସଶକ୍ତିକାରଣ ଦିଗରେ ଏହା ଏକ ଆବଶ୍ୟକ ପଦକ୍ଷେପ। ଦିଶା ଭଳି ପଦକ୍ଷେପ ସହିତ ଟାଟା ଷ୍ଟିଲ ଫାଉଣ୍ଡେସନ କର୍ପୋରେଟ ନେତୃତ୍ୱାଧୀନ ସାମାଜିକ ସଶକ୍ତିକରଣ ପାଇଁ ଏକ ମାଇଲଖୁଣ୍ଟି ସ୍ଥାପନ କରିଛି। ଯାହା ପ୍ରମାଣ କରିଛି ଯେ, ଯେତେବେଳେ ମହିଳାମାନଙ୍କୁ ସଠିକ୍ ସୁଯୋଗ ଦିଆଯାଏ ସେମାନେ ନିଜେ ସଫଳତା ପାଇବା ସହ ସମାଜର ଉନ୍ନତି ପାଇଁ ନେତୃତ୍ୱ ବି ନେଇପାରନ୍ତି।

# ମାଦକ ଦ୍ରବ୍ୟ ଚୋରାଚାଲାଣ ରୋକିବା ପାଇଁ ଜିଲ୍ଲାସ୍ତରୀୟ ବୈଠକ



ରାୟଗଡ଼, (ଭାସ୍କର ନ୍ୟୁଜ୍): ରାୟଗଡ଼ ଜିଲ୍ଲାରେ ବ୍ୟାପକ ମାଦକ ଦ୍ରବ୍ୟ ଧରପଗଡ଼ ଓ ଚରାଚାଲାଣ ହେଉଥିବାରୁ ଏହାକୁ ରୋକିବା ନିମନ୍ତେ ଜିଲ୍ଲାପାଳ ରାୟଗଡ଼ ପାରୁଲ ପଟାୱରୀଙ୍କ ଅଧ୍ୟକ୍ଷତାରେ ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ରାୟଗଡ଼ ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ କୁମାର ଓ ବନଖଣ୍ଡ ଅଧିକାରୀ ଆନ୍ନାସାହେବ ଓହଲେ ଉପସ୍ଥିତରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ବିଶେଷକରି ଜିଲ୍ଲାରେ ମାଦକ ନିଷଦ୍ରବ୍ୟ ଗଂଜେଇ ଅବାଧ ଚାଷକୁ ରୋକିବା, ନିଶା ଦ୍ରବ୍ୟ ଅବାଧ କାରବାର ସମ୍ପର୍କରେ ଗୁପ୍ତ ତଥ୍ୟ ପ୍ରଦାନ, ବିଦ୍ୟାଳୟ, ମହାବିଦ୍ୟାଳୟ ମାନଙ୍କ ଠାରେ ନିଶନିବାରଣ ଉପରେ ସଚେତନତାକୁ ପ୍ରୋତ୍ସାହନ ଦେବା, ମାଦକ ଦ୍ରବ୍ୟ କାରବାର ବହୁଳ ଅଂଚଳ ମାନଙ୍କରେ ନିଷାଦ୍ରବ୍ୟ କ୍ଷତିକାରକ ବିଷୟରେ ଜନ ସଚେତନତା ସୃଷ୍ଟି କରିବା, ଉନୟନ କାର୍ଯ୍ୟକ୍ରମ ଗୁଡିକ କାର୍ଯ୍ୟକାରୀ କରିବା, ବିଶେଷ କରି ଓଡିଶା ଜୀବିକାମିଶନ କାର୍ଯ୍ୟକ୍ରମ ଜରିଆରେ ଏହି ଅଂଚଳର ଲୋକମାନଙ୍କୁ କର୍ମସଂସ୍ଥାନ ଯୋଗାଇବା ଉପରେ ଆଲୋଚନା କରାଯାଇଥିଲା। ଅବକାରୀ ବିଭାଗକୁ ସକ୍ରୀୟ ରହି ନିଶାଦ୍ରବ୍ୟ କାରବାର ରୋକିବା ନିମନ୍ତେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଅବକାରୀ ଅଧିକ୍ଷକ ସୁଶାନ୍ତ କୁମାର ଧଳ ସାମନ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲାଲମୋହନ ରାଉତରାୟ, ଜିଲ୍ଲା କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ କର, ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଦେବରାଜ ନାୟକ, ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଦୟାନିଧି ରାଉତ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଜ୍ଞାନରଞ୍ଜନ ସେଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନଲାଲ ମାଝୀ, ଜିଲ୍ଲା ଦକ୍ଷ୍ୟତା ଓ କର୍ମ ନିଯୋଜନ ଅଧିକାରୀ ତତ୍ତ୍ୱମୋସୀ ମହାପାତ୍ର, ଜିଆରପି ଇନ୍‌ସ୍ପେକଟର, ରେଳ ବିଭାଗ ଓ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର




ବଙ୍ଗୋମୁଣ୍ଡା,/ମୁରିବାହାଲ (ଭାସ୍କର ନ୍ୟୁଜ) ବଙ୍ଗୋମୁଣ୍ଡା ବ୍ଲକ ମୁଣ୍ଡପଦର ପଞ୍ଚାୟତ ଅର୍ନ୍ତଗତ ଟିଟିସିଲେଟ ଗ୍ରାମର ମହିଳା ଓ ପୁରୁଷ ଚାଷୀଙ୍କୁ ନେଇ ମାଁ ମାଉଲି ଚାଷୀ କମିଟି ମାଧ୍ୟମରେ ଶ୍ରମିକ ଶକ୍ତି ସଂଘ ଦ୍ୱାରା ଜୈବିକ ପଦ୍ଧତିରେ ଚାଷ କରିବାର ଉପାଦେୟତା ଉପରେ ଏକ ସଚେତନ ପଦଯାତ୍ରା ଆୟୋଜନ କରାଯାଇଥିଲା । ନିମାସ୍ତ, ଆଗ୍ନେୟାସ୍ତ୍ର,ପ୍ରାଣାମୃତ, ମସ୍ୟ ଟନିକ ଆଦି ଉପରେ ପ୍ଲାକାର୍ଡ ଧରି ସ୍ଲୋଗାନ ସହିତ ଗ୍ରାମ ପରିକ୍ରମା କରାଯାଇଥିଲା । ଶ୍ରମିକ ଶକ୍ତି ସଂଘ ଦ୍ୱାରା ବିଭିନ୍ନ ସମୟରେ ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ, ପାରମ୍ପାରିକ ଉନ୍ନତ ଚାଷ ପଦ୍ଧତି ଉପରେ ବିଭିନ୍ନ ମାଧ୍ୟମରେ ଜନସଚେତନତା କାର୍ଯ୍ୟକ୍ରମ କରାଯାଉଛି ବୋଲି ସଂଗଠନର ସଦସ୍ୟ ଗୁରୁ ଗୋବିନ୍ଦ ସିଂହ ମାଝୀ ପ୍ରକାଶ କରିଥିଲେ । ସଂଗଠନର କ୍ଷେତ୍ର କର୍ମୀ ସୋଭାଗିନି ରଣାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଓ ପ୍ରକଳ୍ପ ସଂଯୋଜକ ସୁରେଶ କୁମାର ଚଲାନ୍, ସତ୍ୟ ମେହେର, ପରେଶ୍, ଦୁର୍ଗେଶ୍, ତୁଳାବତୀ ଓ ଚାଷୀ ପୁରନ୍ଦର ଭୋଇ, ଚକ୍ର ପାଣି ସାହୁ, ଅନଙ୍ଗ ସାହୁ ସୁଧୀର ସାହୁ, ମାଳା ଦୀପ, ଅହଲ୍ୟା ମାଝୀ, ଭାର୍ଗବୀ ଭୋଇ ପ୍ରମୁଖ ସହଯୋଗ କରିଥିଲେ ।



# ମା’ ତାରିଣୀ ପୀଠରେ ବିକାଶ ପାଇଁ ଖର୍ଚ୍ଚ ହେବ ୨୨୪କୋଟି

- ଘରୋଇ ଜମି ଅଧିଗ୍ରହଣ ପାଇଁ ବ୍ୟୟ ହେବ ୬୩କୋଟି ୬୦ଲକ୍ଷ ଟଙ୍କା
- ୨୧୬ଶଯ୍ୟା ବିଶିଷ୍ଟ ଯାତ୍ରୀ ନିବାସ ପାଇଁ ଖର୍ଚ୍ଚ ହେବ ୧୯କୋଟି ୭୮ଲକ୍ଷ
- ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ କାର୍ଯ୍ୟକାରୀ କରିବ ଓବିସିସି



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ସାରା ଓଡ଼ିଶାବାସୀ ଓ ରାଜ୍ୟ ବାହାରର ବ୍ୟକ୍ତିଙ୍କ ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସର ପ୍ରତୀକ ମା ତାରିଣୀଙ୍କ ପୀଠ, ଘଟଗାଁର ସାମଗ୍ରିକ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିବା ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଓଡିଶା ସରକାରଙ୍କ ନିର୍ମାଣ ବିଭାଗ ବା ପୂର୍ତ୍ତ ବିଭାଗ ଅଧିନରେ ଥିବା ଓଡିଶା ପୋଲ ଓ ନିର୍ମାଣ ନିଗମ ବା ଓବିସିସି ଏହି ମା ତାରିଣୀ ପୀଠ, ଘଟଗାଁର ସମନ୍ୱିତ ବିକାଶ ପାଇଁ କାର୍ଯ୍ୟ ଆରମ୍ଭ କରିଛି । ପ୍ରାଥମିକ ପଦକ୍ଷେପ ସ୍ୱରୁପ ଏହାର ଟେଣ୍ଡର ଆହ୍ୱାନ କରାଯାଇଛି, ଯାହାର ଅଟକଳ ମୂଲ୍ୟ ରହିଛି ୨୨୪କୋଟି ୭୧ଲକ୍ଷ ୫ହଜାର ଟଙ୍କା । ଆଗାମୀ ଦୁଇବର୍ଷ ମଧ୍ୟରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ ଟେଣ୍ଡରରେ ସମୟସୀମା ଧାର୍ଯ୍ୟ କରାଯାଇଛି । ଏପ୍ରିଲ ୧୦ତାରିଖ ସୁଦ୍ଧା ଟେଣ୍ଡର ଡ୍ରପ କରିବା ସହ ତୁରନ୍ତ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡିଛି । ଏଥିପାଇଁ କେବଳ ସୁପର କ୍ଲାସ ଠିକାଦାର ଅଂଶଗ୍ରହଣ କରିବେ ଓ ୨୪ମାସ ମଧ୍ୟରେ ସମସ୍ତ କାର୍ଯ୍ୟ ସରିବ । ଘଟଗାଁ ମାତରିଣୀ ମନ୍ଦିରର ବିକାଶକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଥମରୁ ଫୋକସ ପ୍ରଦାନ କରିଥିବାବେଳେ ଶପଥ ଗ୍ରହଣ ପରେ ପ୍ରଥମେ କେନ୍ଦୁଝର ଜିଲ୍ଲାକୁ ଆସି ମା ତାରିଣୀଙ୍କ ଦର୍ଶନ କରି ଏହାର ବିକାଶ ପାଇଁ ଅର୍ଥ ଘୋଷଣା କରିଥିଲେ । ଅଟକଳ ଅନୁଯାୟୀ ଘଟଗାଁ ମାତରିଣୀ ମନ୍ଦିରର ଚତୁପାର୍ଶ୍ୱର ବିକାଶ ପାଇଁ ଘରୋଇ ଜମିକୁ ଅଧିଗ୍ରହଣ କରାଯିବ ଏଥିପାଇଁ ଅଟକଳରେ ୬୩କୋଟି ୬୦ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି । ଏକ ବିଦ୍ୟାଳୟ ମଧ୍ୟ ବିସ୍ଥାପନ ହେଉଥିବା କାରଣରୁ ଏହାର ନିର୍ମାଣ ପାଇଁ ୫କୋଟି ୮୩ଲକ୍ଷ ୪୯ହଜାର ୫୬୨ଟଙ୍କା ବ୍ୟୟ କରାଯିବାକୁ ଅଟକଳ କରାଯାଇଛି । ନୂଆ ପ୍ରାଣୀ ସମ୍ପଦ ବିକାଶ କାର୍ଯ୍ୟାଳୟ ନିମନ୍ତେ ୨କୋଟି ୪୮ଲକ୍ଷ ୯୭ହଜାର ୮୯୬ଟଙ୍କା, ନୂତନ ମୃତିକା ସଂରକ୍ଷଣ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ୧କୋଟି ୬୫ଲକ୍ଷ ୩୨ହଜାର୧୦୨ଟଙ୍କା ବ୍ୟୟ କରାଯିବ । ଦୂରଦୂରାନ୍ତରୁ ଆସୁଥିବା ଭକ୍ତଙ୍କ ପାଇଁ ଏକ ତିନି ମହଲା ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରାଯିବ । ଏହି ୨୧୬ଶଯ୍ୟା ବିଶିଷ୍ଟ ଯାତ୍ରୀ ନିବାସ ପାଇଁ ଖର୍ଚ୍ଚ ହେବ ୧୯କୋଟି ୭୮ଲକ୍ଷ ୧୭ହଜାର ୬୫୮ଟଙ୍କା ଖର୍ଚ୍ଚ କରାଯିବ । ଘଟଗାଁରେ ଏକ ମାର୍କେଟ କମ୍ପେଲକ୍ସ ପାଇଁ ୧୨କୋଟି ୫୯ଲକ୍ଷ ୯୬ହଜାର ୫୩୧ଟଙ୍କା ବ୍ୟୟ କରାଯିବ । ଘଟଗାଁ ମା ତାରିଣୀଙ୍କ ମନ୍ଦିର ସମ୍ମୁଖରେ ଅନେକ ବ୍ୟବସାୟୀ ତମ୍ବୁ ପକାଇ ଅସ୍ଥାୟୀ ଭାବରେ ନଡିଆ ଓ ପୂଜା ସାମଗ୍ରୀ ଦୋକାନ ଦେଇଥିବାବେଳେ ସମୟ ସମୟେ ଏଠାରେ ଅଗ୍ନିକାଣ୍ଡ ହୋଇ ଅନେକ କ୍ଷୟକ୍ଷତି ହୋଇଥାଏ । ଏହି ନୂତନ ବିପଣୀ ସୌଧ ନିର୍ମାଣ ମାଧ୍ୟମରେ ଏହାକୁ ଦୂର କରାଯାଇପାରିବ । ଇଂଟରପ୍ରିଟେସନ ବା ବିଦେଶୀ ପର୍ଯ୍ୟଟକଙ୍କୁ ମା ତାରିଣୀଙ୍କ ମହିମା ସମ୍ପର୍କରେ ଅବଗତ କରିବା ବା ଦେଶର ଅନ୍ୟାନ୍ୟ ରାଜ୍ୟରୁ ଆସିଥିବା ଭକ୍ତଙ୍କୁ ମା ତାରିଣୀଙ୍କ ଇତିହାସ ସମ୍ପର୍କରେ ଅବଗତ କରିବା ପାଇଁ ଏକ ଦୃଶ୍ୟ ଶ୍ରାବ୍ୟ ସହିତ ସୂଚନା କେନ୍ଦ୍ର ପାଇଁ ୯କୋଟି ୭୭ଲକ୍ଷ ୯୨ହଜାର ୮୩୧ଟଙ୍କା, ପିଲଗ୍ରୀମ ସେଂଟର ବା ଯାତ୍ରୀସୁବିଧା କେନ୍ଦ୍ର ପାଇଁ ୧କୋଟି ୨୨ଲକ୍ଷ ୩ହଜାର ୮୮ଟଙ୍କା, ଫୁଡ ପ୍ଲାଜା ଓ ୱାଚ ଟାୱାର ପାଇଁ ୩କୋଟି ୩୯ଲକ୍ଷ ୩୯ହଜାର ୨୫୬ଟଙ୍କା, ୪ଗୋଟି ଶୌଚାଳୟ ପାଇଁ ୧କୋଟି ୯୨ଲକ୍ଷ ୬୮ହଜାର ୮୮୧ଟଙ୍କା, ଜିନିଷପତ୍ର ରଖିବା ବା କ୍ଲକ ରୁମ ଓ ଜୋତା ରଖିବା ଗୃହ ପାଇଁ ୭୬ଲକ୍ଷ ୫୫ହଜାର ୬୪୬ଟଙ୍କା, ଦୁଇଗୋଟି ଟିକେଟ କାଉଣ୍ଟର ପାଇଁ ୭୨ଲକ୍ଷ ୬୬ହଜାର ୩୪୮ଟଙ୍କା, ଡ୍ରାଇଭରମାନଙ୍କ ବିଶ୍ରାମ ଗୃହ ପାଇଁ ୪୭ଲକ୍ଷ ୯୯ହଜାର ୯୩୫ଟଙ୍କା, ଯାତ୍ରୀମାନଙ୍କ ଧାଡି ଦର୍ଶନ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ପାଇଁ ୨କୋଟି ୮୦ଲକ୍ଷ ୨୭ହଜାର ୨୨୦ଟଙ୍କା, ବଡ ପୋଖରୀକୁ ବିକଶିତ କରିବା ପାଇଁ ୩କୋଟି ୫୨ଲକ୍ଷ ୫୭ହଜାର, ଦୁଇଗୋଟି ସ୍ୱାଗତ ତୋରଣ ପାଇଁ ୫୩ଲକ୍ଷ, ହସ୍ତପାଦ ପ୍ରକ୍ଷାଳନ ପାଇଁ ୯ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ । ଏହି କାର୍ଯ୍ୟ ସଂପୂର୍ଣ୍ଣ ହେଲେ ମା ତାରିଣୀଙ୍କ ପୀଠ ଘଟଗାଁ ବେଶ ଆକର୍ଷଣୀୟ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି ।

# ନକଲି ୮ମ ପାସ ଡାକ୍ତର ଗିରଫ




ବାଲିମେଲା, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ଓରକେଲ ପୋଲିସ ଦ୍ୱାରା ଆଜି ଜଣେ କ୍ୱାକକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ମିଳିଥିବା ସୂଚନାନୁଯାୟୀ ଗତ କିଛି ଦିନ ହେବ ଚିତ୍ରକୋଣ୍ଡା ଅଞ୍ଚଳ, ପୁରୁଣା ଚିମଟାପାଲ୍ଲୀ ପଞ୍ଚାୟତ ଏବଂ ନିଳାକାମ୍ବେରୁ ପଞ୍ଚାୟତ ଅଧିନସ୍ଥ କିଛି ଗ୍ରାମ ଗୁଡିକରେ କୌଣସି ବ୍ୟକ୍ତିଙ୍କୁ ଯଦି ରୋଗ ହୁଏ ତାହେଲେ ନିଜକୁ ଡାକ୍ତରର ପରିଚୟ ଦେଇ ବେଆଇନ ଭାବେ ଔଷଧ ଏବଂ ଇଂଜେକସନ ଦିଆଯାଉଥିବାର ଅଭିଯୋଗ ଆସିଥିଲା । ଏହି ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ଚିତ୍ରକୋଣ୍ଡା ଏସଡିପିଓ ପ୍ରଦୋଷ ପ୍ରଧାନ କରିବା ସହ ନକଲି ଡାକ୍ତର/ କ୍ୱାକଟିର ଘର ଠିକଣା ପାଇଥିଲେ । ତେବେ ଏହି କ୍ୱାକଟିର ନାମ ବିଦ୍ୟାଧର ହାଲଦାର(୩୮) ଏବଂ ତାଙ୍କ ଘର ପୁରୁଣା ଚିମଟାପାଲ୍ଲୀ ପଞ୍ଚାୟତର ଏମଭି-୧୨୦ ଗ୍ରାମର ବୋଲି ଜଣାପଡ଼ିଥିଲା । ପରେ ପୋଲିସ ମଙ୍ଗଳବାର ଏମଭି-୧୨୦ ଗ୍ରାମରେ ପହଞ୍ଚି କ୍ୱାକ ବିଦ୍ୟାଧରଙ୍କୁ ଗିରଫ କରି ଓରକେଲ ଥାନାକୁ ଆଣିଥିଲା । ଏଥିସହ କ୍ୱାକ ଜଣଙ୍କ ନିକଟରୁ ବିପୁଳ ପରିମାଣର ଔଷଧ ପତ୍ର ମଧ୍ୟ ଜବତ କରିଥିଲା । ତେବେ ଏହି କ୍ୱାକ ଜଣକ ଫାର୍ମାସୀ କୋର୍ସ ଅଧ୍ୟୟନ କରିନଥିବା କହିଥିବା ବେଳେ ତାଙ୍କର ଶିକ୍ଷାଗତ ଯୋଗ୍ୟତା ୮ମ ପାସ ଏବଂ ସେ ୨୦୧୨ ରୁ ୨୦୧୭ ପର୍ଯ୍ୟନ୍ତ ମାଲକାନଗିରି ସହରର ଏକ ମେଡ଼ିକାଲ ଷ୍ଟୋରରେ କାମ କରୁଥିବା ପୋଲିସ ସମ୍ମୁଖରେ କହିଥିଲା । ତେଣୁ ସେ ସେହି ଔଷଧ ଦୋକାନରେ ରହି ଅଳ୍ପ ବିଦ୍ୟା ଶିଖି ଅଞ୍ଚଳରେ କାହାକୁ ଜ୍ୱର ଏବଂ ଝାଡା ବାନ୍ତି ହେଲେ କିଛି କିଛି ଔଷଧ ଦେବା ସହ ଇଂଜେକସନ, ସାଲାଇନ ମଧ୍ୟ ଅଞ୍ଚଳରେ ଲୋକମାନଙ୍କୁ ଦେଇ ହଜାର ହଜାର ଟଙ୍କା ଲୁଟୁଥିବା ପୋଲିସ ସମ୍ମୁଖରେ ସ୍ୱୀକାର କରିଥିଲା । ତେବେ ଆଜି ଓରକେଲ ଥାନାରେ କେସ୍ ନଂ ୯୬/୨୫ରେ ମାମଲା ରୁଜୁ କରି ଏହି କ୍ୱାକ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଚିତ୍ରକୋଣ୍ଡା ଏସଡିପିଓ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି ।

# ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଶିକ୍ଷାର ଉନ୍ନତି ପାଇଁ ଗୁରୁତ୍ୱ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ସଭାଗୃହରେ ମଙ୍ଗଳବାର ଶିକ୍ଷାର ଉନ୍ନତି ପାଇଁ ଧର୍ମଗଡ ବ୍ଲକର ନଅ ଗୋଟି ଆଞ୍ଚଳିକ ସାଧନ କେନ୍ଦ୍ରର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରିଣି ପଙ୍କଜିନୀ ମାଝିଙ୍କ ଅବାହକତ୍ୱରେ ଧର୍ମଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ ସଭାପତିତ୍ୱ କରିଥିବା ବେଳେ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଅରୂପାନନ୍ଦ ଭୋଇ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଶ୍ୱଜିତ ବେହେରା, ସହକାରୀ ଯନ୍ତ୍ରୀ କରୁଣାକର ମୁର୍ମୁ ପ୍ରମୁଖ ମଞ୍ଚାସିନ ହୋଇ ପ୍ରତ୍ୟେକ ବିଦ୍ୟାଳୟର ଭୌତିକ ଭିତ୍ତିଭୂମି ଓ ଶୈକ୍ଷିକ ବିକାଶ କରିବା ଓ ଜିଲ୍ଲାରେ ଧର୍ମଗଡ଼ ବ୍ଲକକୁ ଏକ ନମ୍ବର ବ୍ଲକ ଭାବରେ ଗଢ଼ିବା ବୋଲି ଉପସ୍ଥିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଆହ୍ୱାନ ଦେଇଥିଲେ ବିଡ଼ିଓ ଶ୍ରୀ ନାୟକ । ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମକୁ ଅଭିଭାବକ ମାନଙ୍କ ସହିତ ଯୋଗାଯୋଗ ସ୍ଥାପନ କରି ଠିକ ଭାବରେ ପାଳନ କରିବା, ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଠିକ ସମୟରେ ବିଦ୍ୟାଳୟକୁ ଯିବା, ଗୁଣାତ୍ମକ ଶିକ୍ଷାଦାନ ଦେବା, ସ୍କୁଲ ପୋଷାକ ପିନ୍ଧିବା ଉପରେ ଅନୁରୋଧ କରିଥିଲେ । ଏହି ପରିପ୍ରେକ୍ଷୀରେ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଶ୍ରୀମତୀ ମାଝୀ ଉପସ୍ଥାନ ବୃଦ୍ଧି, ବିଦ୍ୟାଳୟ ପରିବେଶ ପରିଷ୍କାର ରଖିବା, ସମସ୍ତ ରେଜିଷ୍ଟର ଅପଡେଟ ରଖିବା, ମାର୍ଚ୍ଚ ମାସ ଶେଷ ପୂର୍ବରୁ ୟୁସି ଦେବା, ବିଦ୍ୟାଳୟ ପରିଦର୍ଶନ ରେଜିଷ୍ଟରକୁ ପରିଦର୍ଶନ ନୋଟ ଲେଖିବା ପାଇଁ ଦେବା, ଆଗାମୀ ଶିକ୍ଷାବର୍ଷକୁ ସଠିକ ରୂପରେ ପରିଚାଳନା ପାଇଁ ଷ୍ଟାଫ ସହିତ ଆଲୋଚନା କରିବା ସମ୍ପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଅରୂପାନନ୍ଦ ଭୋଇ ପରିଚାଳନା କରିଥିବାବେଳେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଶ୍ୱଜିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଗ୍ନିକାଣ୍ଡରେ ୪ବାସଗୃହ ସହ ଧାନ ନଷ୍ଟ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍ ) : ଭଣ୍ଡାରିପୋଖରୀ ବ୍ଲକର ତେସିଙ୍ଗା ଗ୍ରାମ ପଣ୍ଡାସାହି ଅଗ୍ନିକାଣ୍ଡରେ ୪ ବଖରା ବାସଗୃହ ମଙ୍ଗଳବାର ଅପରାହ୍ନରେ ଜଳିଯାଇଥିବା ଜଣାଯାଇଛି । ଗ୍ରାମର ନବକିଶୋର ପଣ୍ଡା ଓ ରମେଶ ପଣ୍ଡାଙ୍କ ମୋଟ ୪ ବଖରା ଘର ଆଜି ଛାଉଣୀ ହୋଇଥିଲା । ଅପରାହ୍ନ ୩ଟା ବେଳେ ଘର ଜଳିଉଠିଥିଲା । ପ୍ରଖର ପବନ ଥିବାରୁ ସମ୍ପୂର୍ଣ୍ଣ ଘର ଜଳିଯାଇଥିଲା । ଖବର ପାଇ ଭଣ୍ଡାରିପୋଖରୀରୁ ଦମକଳବାହିନୀ ଆସି ଅଗ୍ନିକୁ ଆୟ□ କରିଥିଲେ । ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କା ମୂଲ୍ୟର ଧାନ, ଆସବାବପତ୍ର ସମେତ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ପୋଡି ପାଉଁଶ ହୋଇଥିବା ଜଣାଯାଇଛି । ରାଜସ୍ୱ ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇଛି ।

# ବୌଦ୍ଧରୁ ଧଳା ଜହର ଜବତ, ୩ ଗିରଫ



ବୌଦ୍ଧ, (ଭାସ୍କର ନ୍ୟୁଜ୍ ) : ବୌଦ୍ଧରୁ ୨୨.୭୬ ଗ୍ରାମ ବ୍ରାଉନ ସୁଗର ଜବତ ହୋଇଛି ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ୨୦ହଜାର ଟଙ୍କା । ବୌଦ୍ଧ ଥାନା ଅନ୍ତର୍ଗତ ରଇଠାଣି ଛକ ନିକଟରେ ଚାଲିଥିଲା ଏନେଇ ଡିଲ । ଡିଲ୍ ବେଳେ ପୋଲିସ ୩ ଜଣ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିଛି । ଗିରଫ ୩ଜଣ ହେଲେ ବୌଦ୍ଧ ଟାଉନର ପ୍ରଭାକର ପରିଡା , ସିବାନ୍ଦ ଗହିର ଓ ପ୍ରୀତମ ଦେହୁରୀ । ଏମାନଙ୍କ ନିକଟରୁ ୧୫,୯୨୦ଟଙ୍କା, ୩ଟି ମୋବାଇଲ ଫୋନ ସହ ଗୋଟିଏ ମୋଟରସାଇକେଲ ଜବତ କରିଛି ପୋଲିସ । ବ୍ରାଉନସୁଗାର କେଉଁଠୁ ଆସିଲା ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି ପୋଲିସ । ଏନେଇ ୧୯ତାରିଖରେ ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି । ସୂଚନା ମୁତାବକ ୧୮ତାରିଖ ଅପରାହ୍ନରେ ବୌଦ୍ଧ ଥାନା ଅନ୍ତର୍ଗତ ରଇଠାଣି ଛକ ନିକଟରେ ତିନିଜଣ ଯୁବକ ବ୍ରାଉନସୁଗର ଡିଲ କରିବା ନେଇ ବୌଦ୍ଧ ଏସ୍.ପିଙ୍କୁ ଏକ ବିଶେଷସୂତ୍ରରୁ ଖବର ମିଳିଥିଲା । ଖବର ପାଇ ଏସ୍‌ପିଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ଟିମ୍ ଗଠନ କରି ସେ ସ୍ଥାନରେ ରେଡ଼ କରିଥିଲା ପୋଲିସ । ରେଡ଼ରେ ୩ ଜଣ ବ୍ରାଉନସୁଗାର ବେପାରୀଙ୍କୁ ଧରିବା ସହ ତାଙ୍କ ନିକଟରୁ ୨୨.୭୬ଗ୍ରାମ ବ୍ରାଉନସୁଗାର ଓ ୧୫.୯୨୦ଟଙ୍କା, ୩ଟି ମୋବାଇଲ ଫୋନ ସହ ଗୋଟିଏ ମୋଟରସାଇକେଲ ଜବତ କରିଥିଲା ପୋଲିସ । ଏହି ଘଟଣାରେ ପୋଲିସ ୩ ଜଣଙ୍କ ନାଁରେ ଏକ ମାମଲା ରୁଜୁ କରିବା ସହ କୋର୍ଟ ଚାଲାଣ କରିଛି । ବ୍ରାଉନସୁଗାର କେଉଁଠୁ ଆସିଲା, କେଉଁଠିକୁ ଯାଉଥିଲା, କେଉଁ କେଉଁ ମାନେ ଏଥିରେ ସଂପୃକ୍ତ ରହିଛନ୍ତି ତାହାର ଅଧିକ ତଦନ୍ତ କରୁଛି ବୌଦ୍ଧ ପୋଲିସ ବୋଲି ସାମ୍ବାଦିକ ସମ୍ମିଳନୀରେ ବୌଦ୍ଧ ଏସ୍‌ପି ସୂଚନା ଦେଇଛନ୍ତି ।

# ଶାନ୍ତି ଦେବୀ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ସଫଳତା

ସଇଁତଲା, (ଭାସ୍କର ନ୍ୟୁଜ୍ ) : ବଲାଙ୍ଗୀର ଜିଲ୍ଲା ସଇଁତଲା କଂସରପଡା ଠାରେ ଥିବା ଶାନ୍ତି ଦେବୀ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ବେଶ କୃତିତ୍ୱ ଲାଭ କରିଛନ୍ତି । ଏହି ସଫଳତା ଯୋଗୁଁ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟୁଛି । ଏହି ବିଦ୍ୟାଳୟର ପାଠ୍ୟକ୍ରମ ଓ ଶିକ୍ଷୟତ୍ରୀ ମାନଙ୍କ ଉଚ୍ଚ କୋଟିର ପାଠପଢାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି । ଏହି ବିଦ୍ୟାଳୟର ସିଦ୍ଧି ତାଣ୍ଡି, ସ୍ୱାଗତ ପଟେଲ, ଚୂନ ମୁନ ରଣା, ଆଶୁତୋଷ ପଧାନ, ବିନାୟକ ପଧାନ, ସୋର୍ଯ୍ୟ ଶର୍ମା, ପ୍ରଜ୍ଞାମୟୀ କୁମାର, ଅଂଶୁମାନ ଭୋଇ ୨୦୨୪-୨୦୨୫ ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀ ଗଣ ନିଜ ସଫଳତା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ନିଜ ଗୁରୁଜନଙ୍କ ପାଇଁ ଏହି ସଫଳତା ପାଇଥିବା ପ୍ରକାଶ କରିଛନ୍ତି । ପ୍ରତ୍ୟେକ ବର୍ଷ ଏହି ବିଦ୍ୟାଳୟର ବିଭିନ୍ନ ଛାତ୍ରଛାତ୍ରୀ ବିଭିନ୍ନ ପରୀକ୍ଷାରେ ଉତୀର୍ଣ୍ଣ ହୋଇ ନିଜର ଆଗାମୀ ଭବିଷ୍ୟତକୁ ଉଜ୍ୱଳ କରିପାରିଛନ୍ତି । ଏହି ସଫଳତା ପାଇଁ ବିଦ୍ୟାଳୟକୁ ବିଭିନ୍ନ ସଂଗଠନ ପକ୍ଷରୁ ଶୁଭେଚ୍ଛା ମିଳିଛି ।

# ଜିଲ୍ଲା ଶିକ୍ଷା ବିଭାଗର ଅଜବ ନୀତି

## ଶ୍ରେଣୀଗୃହ ନଥିବା ବିଦ୍ୟାଳୟରେ ୪ ଶିକ୍ଷକ କିନ୍ତୁ ୩୦୬ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟରେ ୩ଶିକ୍ଷକ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ରାଜ୍ୟ ଓ କେନ୍ଦ୍ର ସରକାର ଆଦିବାସୀ ମାନଙ୍କ ଶିକ୍ଷାର ଗୁଣାତ୍ମକ ମାନ ବଢ଼ାଇବାକୁ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି । କିନ୍ତୁ କେଉଁଠି ଛାତ୍ରଛାତ୍ରୀ ନଥିବା ସହିତ କେଉଁଠି ବିଦ୍ୟାଳୟ ଗୃହ ମଧ୍ୟ ନାହିଁ । ମାତ୍ର ସେହି ସ୍ଥାନରେ ଅଧିକ ଶିକ୍ଷକ ନିୟୋଜିତ ଅଛନ୍ତି ଓ ଆଉ କେଉଁଠି ଶତାଧିକ ପିଲା ଥିବାବେଳେ ଜଣେ ଜଣେ ଶିକ୍ଷକ ରହିଛନ୍ତି । ଏପରି ଏକ ଚିତ୍ର ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କାର୍ତ୍ତନପାଲ୍ଲୀ ପଞ୍ଚାୟତ ଅଞ୍ଚଳରେ । ପଞ୍ଚାୟତ ସଦର ମହକୁମାଠାରେ ଥିବା ଏହି ସ୍କୁଲ ଗତ ୫ ଜୁନ୍ ୨୦୦୮ରେ ସ୍ଥାପନ ହୋଇଥିଲା । ତତ୍କାଳୀନ ସରକାର ଚାହିଁଥିଲେ ଆଦିବାସୀ ଅଧୁଷିତ ଅଞ୍ଚଳରେ ଶିକ୍ଷାର ଉନ୍ନତି । କିନ୍ତୁ ବର୍ତ୍ତମାନର ସରକାରଙ୍କ ବରିଷ୍ଠ କର୍ମଚାରୀମାନେ କର୍ତ୍ତନପାଲ୍ଲୀ ପଞ୍ଚାୟତର କଟୁଆ ପଦରରେ ବିଦ୍ୟାଳୟର ଗୃହ ନଥାଇ ୪ ଜଣ ଶିକ୍ଷକ ନିୟୋଜିତ କରାଯାଇଛି । କିନ୍ତୁ କର୍ତନପାଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩୦୬ ଜଣ ଛାତ୍ରଛାତ୍ରୀ ଥିବାବେଳେ ମାତ୍ର ୩ ଜଣ ଶିକ୍ଷକ ନିଯୁକ୍ତି କରାଯାଇଛି । ଶିକ୍ଷା ବିଭାଗ ନିୟମ ଅନୁଯାୟୀ ୩୦ ଛାତ୍ରଛାତ୍ରୀମାନଙ୍କୁ ଜଣେ ଶିକ୍ଷକ ରହୁଥିବା ବେଳେ କର୍ତନପାଲ୍ଲୀ ବିଦ୍ୟାଳୟ ପାଇଁ କାହିଁକି ପାତରଅନ୍ତର ବୋଲି ବହୁ ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି । ଏନେଇ ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସଙ୍କୁ ମତାମତ ପାଇଁ ବାରମ୍ବାର ଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ ଉଠାଇନଥିଲେ । ଜିଲ୍ଲା ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି । ଦେବାକୁ ବିଦ୍ୟାଳୟ କମିଟି ସହ ସରପଞ୍ଚ ଗୁର ନାୟକ, ପୂର୍ବତନ ସରପଞ୍ଚ ଗୋପୀ ନାୟକ ଓ କିଛି ସମାଜସେବୀ ଅନୁରୋଧ କରିଛନ୍ତି ।

### ଦୁଇ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା

# ନ୍ୟାୟ ଦାବିରେ ଥାନା ଅଧିକାରୀଙ୍କୁ ଭେଟିଲେ ବିଭିନ୍ନ ସଂଗଠନ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମ୍‌ଭି-୭୨ ନୋଡାଲ ପ୍ରାଥମିକ ବିଦ୍ୟାଳୟର ଦୁଇ ଛାତ୍ରୀଙ୍କ ଝୁଲନ୍ତା ଶବ ଜଙ୍ଗଲରୁ ଉଦ୍ଧାର ଘଟଣାକୁ ଇତି ମଧ୍ୟରେ ଦେଢ଼ ମାସ ବିତିଗଲାଣି କିନ୍ତୁ ଏହି ସମ୍ବେଦନଶୀଳ ଘଟଣାକୁ ଆତ୍ମହତ୍ୟାର ରୂପ ଦେଇ ପୋଲିସ ଚୁପ୍ ବସିଛି । ପରିବାରଲୋକଙ୍କ ସମେତ ବିଭିନ୍ନ ସଙ୍ଗଠନ ପୋଲିସ୍‌ର ଭୂମିକା ଓ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ନେଇ ସନ୍ଦେହ ପ୍ରକାଶ କରୁଛନ୍ତି । ଏନେଇ ମଙ୍ଗଳବାର ଦିନ ଜିଲ୍ଲାର ବିଭିନ୍ନ ସଙ୍ଗଠନର ସଦସ୍ୟମାନେ ମୋଟୁ ଥାନାରେ ପହଞ୍ଚି ଏହି ଦୁଇ ଛାତ୍ରୀଙ୍କ ପରିବାରକୁ କିଭଳି ଭାବେ ନ୍ୟାୟ ପ୍ରଦାନ କରାଯାଇପାରିବ ସେ ଦିଗରେ ପଦକ୍ଷେପ ନେବାସହ ଉଚ୍ଚସ୍ତରୀୟ ତଦନ୍ତ କରିବା ଦାବିରେ ମୋଟୁ ଥାନା ଅଧିକାରୀଙ୍କୁ ଭେଟିବାକୁ ଯାଇଥିଲେ । ଦୀର୍ଘ ସମୟ ଧରି ଅପେକ୍ଷା ତଥା ଥାନା ସମ୍ମୁଖରେ ବସିରହିବା ପରେ ଥାନା ଅଧିକାରୀଙ୍କ ନିକଟରେ ବ୍ୟବଚ୍ଛେଦ ରିପୋର୍ଟରେ ହେରଫେର କରାଯାଇ ସତ ଲୁଚାଇବାକୁ ଚେଷ୍ଟା କରାଯାଇଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି । ଏକାଥରକେ ଦୁଇ ଛାତ୍ରୀ ଏପରି ଆତ୍ମହତ୍ୟା କରିବା ସମ୍ଭବ ନୁହେଁ । ଘଟଣାର ଅନ୍ୟ ଦିଗକୁ ତଦନ୍ତ କରି ଏହି ଘଟଣାରେ ମୃତ ଦୁଇ ଛାତ୍ରୀଙ୍କ ପରିବାରଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଲଢେଇ ଜାରି ରଖିବୁ ବୋଲି ସେମାନେ କହିଛନ୍ତି ।

# ନିଲାମ ନ ଥାଇ ବେନିୟମ ବାଲି ଉଠାଣ ନେଇ ଅଭିଯୋଗ



ପଟ୍ଟାମୁଣ୍ଡାଇ, (ଭାସ୍କର ନ୍ୟୁଜ୍ ) : କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଦେଖିବାକୁ ମିଳିଛି ବ୍ରାହ୍ମଣୀ ନଦୀ ପଠାରୁ ବାଲି ଉଠାଣ । ବିନା ପୁଞ୍ଜି ବିନିଯୋଗରେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି ବାଲି ମାଫିଆ । ବେଆଇନ ଭାବେ ଖୋଳି ନେଉଛନ୍ତି ହଜାର ହଜାର ଟ୍ରିପ୍ ବାଲି, ମାଟି ଓ ଧସା । ନଦୀ ପଠାରୁ ୩/୪ ପୁରୁଷ ଉଚ୍ଚତାରେ ମାଟି ଓ ବାଲି ଖୋଳି ନେଉଥିବାରୁ ସୁରକ୍ଷା ପାଚେରି ଭାଙ୍ଗିଯାଉଛି । ବନ୍ୟା ସମୟରେ ଢେଉ ମାଡ଼କୁ ପ୍ରତିହତ କରୁଥିବା ସୁରକ୍ଷା ପାଚେରି ସଦୃଶ ପଠାକୁ ମାଫିଆମାନେ ଖୋଳି ନେଉଥିବାରୁ ନଦୀ ଗତିପଥ ବଦଳାଇ କୂଳ ଆଡ଼କୁ ମାଡ଼ି ଆସୁଛି । ଫଳରେ ବ୍ରାହ୍ମଣୀ ଅବବାହିକା ଅଞ୍ଚଳ ଏବେ ବିପଦସଙ୍କୁଳ ଅବସ୍ଥାରେ । ପଟ୍ଟାମୁଣ୍ଡାଇ ତହସିଲ ଅଧୀନ ବ୍ରାହ୍ମଣୀ ଅବବାହିକା ଅଞ୍ଚଳର ୫ରୁ ଅଧିକ ସ୍ଥାନରୁ ବେଆଇନ ଭାବେ ଚାଲାଣ ହେଉଛି ନଦୀ ବାଲି ଓ ଧସା । ନଦୀ ପଠା ଓ ସରକାରୀ ଜାଗାକୁ ନିଜ ଅକ୍ତିଆରରେ ରଖି ମାଲିକାନା ଜାହିର କରୁଛନ୍ତି । ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ସମସ୍ତେ ଘଟଣା ସମ୍ପର୍କରେ ଜାଣି ମଧ୍ୟ ଚୁପ୍ ରହୁଛନ୍ତି । ଏଥିପାଇଁ ପ୍ରଶାସନିକ ଅଧିକାରୀମାନେ ବାଲି ମାଫିଆଙ୍କଠାରୁ ମୋଟାଙ୍କର ବଟି ନେଉଥିବା ଅଭିଯୋଗ ହେଉଛି । ଏଣେ ନଦୀ ଗତିପଥ ବଦଳାଇ କୂଳ ଆଡ଼କୁ ମାଡ଼ି ଆସୁଥିବାରୁ ଇନ୍ଦୁପୁରଠାରୁ ପଟ୍ଟାମୁଣ୍ଡାଇ ମଧ୍ୟରେ ବିଭିନ୍ନ ସ୍ଥାନରେ ପଥର ପ୍ୟାକିଂ ଓ ସ୍ପର ନିର୍ମାଣ କରାଯାଉଛି । ଏଥିପାଇଁ କୋଟି କୋଟି ଟଙ୍କା ସରକାରୀ ତହବିଲରୁ ଖର୍ଚ୍ଚ ହେଉଛି । ଅହରହ ବାଲି ବୋଝେଇ ହାଇୱା ଚାଲୁଥିବାରୁ ଚଉଦକୁଲାଟଠାରୁ ପଟ୍ଟାମୁଣ୍ଡାଇ ବାଇପାସ୍, ଚଉଦକୁଲାଟଠାରୁ ଇନ୍ଦୁପୁର ନଦୀ ବା ରାସ୍ତା ଓ ଚଉଦକୁଲାଟଠାରୁ ପଟ୍ଟାମୁଣ୍ଡାଇ-ଇନ୍ଦୁପୁର ରାସ୍ତା ବିଶେଷ ଭାବେ କ୍ଷତିଗ୍ରସ୍ତ ହେଉଛି । ରାସ୍ତାରେ ଆଣ୍ଠୁଏ ଲେଖାଏଁ ଗାଡ଼ ସୃଷ୍ଟି ହୋଇ ଯାତାୟାତରେ ଅନ୍ତରାୟ ସୃଷ୍ଟି କରୁଛି । ଅହରହ ବାଲି ବୋଝେଇ ଟ୍ରକ୍‌ଗୁଡ଼ିକ ଚାଲୁଥିବାରୁ ସମଗ୍ର ଅଞ୍ଚଳ ଧୂଳିରେ ଆଚ୍ଛାଦିତ ହୋଇରହୁଛି । ପଟ୍ଟାମୁଣ୍ଡାଇ ତହସିଲ ଅଧୀନ ଡ଼ିଆ ଘାଟ, ଚନ୍ଦନପୁର ଘାଟ, ଚଉଦକୁଲାଟ, ନେମାଳ ଘାଟ, ଅଳପୁଆ ଆଦି ବିଭିନ୍ନ ଅଞ୍ଚଳରେ ବ୍ରାହ୍ମଣୀ ନଦୀ ପଠାରୁ ଦୈନିକ ହଜାର ହଜାର ଟ୍ରକ୍ ବାଲି ବେଆଇନ ଭାବେ ଚାଲାଣ ହେଉଛି । ଏହିସବୁ ଘାଟଗୁଡ଼ିକର ସୈରାତ ନିଲାମ ହୋଇନାହିଁ । ଅଥଚ ଦିବାଲୋକରେ ବେଆଇନ ବାଲି ଓ ମାଟି ଚାଲାଣ ହେଉଥିଲେ ହେଁ ଏଥିପ୍ରତି ପ୍ରଶାସନର ନିଘା ନାହିଁ । ଅନ୍ୟପକ୍ଷରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲଙ୍କ ଆଦେଶ ମଧ୍ୟ ପାଳନ ହେଉନାହିଁ । ଦ୍ରୁତ ଗତିରେ ବାଲି ଓ ମାଟି ବୋଝେଇ ଭାରୀଯାନ ଚାଲୁଥିବାରୁ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି । ଏକ ହିସାବରୁ ଜଣାଯାଇଛି ଯେ, କେବଳ ବ୍ରାହ୍ମଣୀ ନଦୀ ପଠାରୁ ବେଆଇନ ବାଲି ଚାଲାଣ ପାଇଁ ସରକାରୀ ତହବିଲରୁ ବାର୍ଷିକ ୩ରୁ ୪ କୋଟି ଟଙ୍କା ରାଜସ୍ୱ ହାନି ହେଉଛି । ପୁଣି ପଠା ବ୍ୟାପକ କ୍ଷୟ ହେଉଥିବାରୁ ଅଞ୍ଚଳବାସୀଙ୍କ ପାଇଁ ବିପଦ ବଢ଼ିବାରେ ଲାଗିଛି । ଚଉଦକୁଲାଟ ବାଲିଘାଟରେ କିପରି ମାଫିଆଙ୍କ ରାଜୁତି ଚାଲିଛି ତାହା ଉଦ୍‌ବେଗଜନକ । ପଟ୍ଟାମୁଣ୍ଡାଇ-ଇନ୍ଦୁପୁର ନଦୀ ବନ୍ଧ ରାସ୍ତାଠାରୁ ପ୍ରାୟ ଦେଢ଼ କିମି ପାଳ ମଧ୍ୟରେ ରହିଛି ବାଲି ମାଫିଆଙ୍କ ଅସ୍ଥାୟୀ ଶିବିର । ସେଠାରେ ବାଲି ମାଫିଆଙ୍କର କେତେକ ଜଗୁଆଳି ଗାର୍ଡ କରୁଛନ୍ତି । ଏହିଠାରୁ ନଦୀ ପଠା ପର୍ଯ୍ୟନ୍ତ ଏକ କିମିରୁ ଦେଢ଼ କିମି ପର୍ଯ୍ୟନ୍ତ ବାହାର ଲୋକଙ୍କୁ ଯିବା ମନା । ଏଠାକୁ ରିପୋର୍ଟ ସଂଗ୍ରହ ପାଇଁ ଯାଇଥିବା ସ୍ଥାନୀୟ ସାମ୍ବାଦିକମାନେ କଟକଣା ନମାନି ଭିତରକୁ ପ୍ରବେଶ କରି ଫଟୋଚିତ୍ର ଉତ୍ତୋଳନ କରିବା ପରେ ଜଣେ ଜଗୁଆଳି ଦୌଡ଼ି ଆସି ଅଟକେଇବା ସହିତ ଧମକ ଦେଇଥିଲା । ପରେ ୮/୧୦ ଜଣ ବାଲି ମାଫିଆ ଘଟଣାସ୍ଥଳରେ ପହଞ୍ଚି ସାମ୍ବାଦିକମାନଙ୍କୁ ଧମକ ଦେଇଥିଲେ । ବାଲି ମାଫିଆମାନେ ସେମାନଙ୍କ ସାମ୍ରାଜ୍ୟ ବିସ୍ତାର କରିଚାଲିଥିବା ବେଳେ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏ ସଂପର୍କରେ ଖଣିବିଭାଗ ଅଧିକାରୀ ରାଜେନ୍ଦ୍ର ଖୁଣ୍ଟିଆଙ୍କୁ ପଚାରିବାରେ ସେ କହିଛନ୍ତି ବାଲି ଚୋରାଚାଲାଣ ନେଇ ବିଭିନ୍ନ ସମୟରେ ଅଭିଯୋଗ ଆସିବା ପରେ ଉକ୍ତ ସ୍ଥାନରେ ୧୪୪ ଧାରା ଲାଗୁ କରାଯାଇଛି ନିର୍ଦ୍ଦିଷ୍ଟ କେତେକ ସ୍ଥାନରୁ ବେଆଇନ ବାଲି ଚାଲାଣ ସମ୍ପର୍କରେ ଖବର ମିଳିଛି । ଖୁବ୍‌ଶୀଘ୍ର ପୋଲିସ ବାହିନୀ ସହିତ ପ୍ରଶାସନ ଚଢ଼ଉ କରିବ । ଏହି ବେନିୟମ ବାଲି ଉଠାଣ ଦ୍ୱାରା ପ୍ରତି ଦିନ ୩ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହେଉଛି । ବାଲି ମାଫିଆଙ୍କ ଲାଭ ଟଙ୍କାରୁ ରାଜନେତା ଓ ପ୍ରଶାସନ ବାଣ୍ଟି ନେଉଛନ୍ତି । ଏହି ବାଲି ଘାଟରୁ ବାଲି ଉଠିବା ଦ୍ୱାରା ଷଣ୍ଢପଲ୍ଲୀ, ନିଳକଣ୍ଠପୁର ଓ ଚଉଦ କୁଲାଟର ଗ୍ରାମବାସୀ ମାନେ ବହୁ ହଇରାଣ ହରକତ ହେଉଛନ୍ତି । ଚାରିଆଡ଼େ ବାଲି ଉଡ଼ିବା ଦ୍ୱାରା ଗ୍ରାମବାସୀଙ୍କ ନିଃଶ୍ୱାସ ନେବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ରାମବାସୀ ମାନେ ବହୁ ବାର ପ୍ରଶାସନକୁ ଅବଗତ କଲେ ମଧ୍ୟ ପ୍ରଶାସନ ନ ଶୁଣି ଚୁପ୍ ବସୁଛି । ରାଜ୍ୟ ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି । କେଉଁ ନେତା ବଳରେ ବାଲି ମାଫିଆ ପ୍ରଶାସନ କଥା ନ ଶୁଣି ବେନିୟମ ବାଲି ଉଠାଇ ଦିନକୁ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି ତାହା ଜନସାଧାରଣଙ୍କ ମନରେ ଜନ ଅସନ୍ତୋଷ ବସା ବାନ୍ଧିବା ବେଳେ ପଟ୍ଟାମୁଣ୍ଡାଇ ପ୍ରଶାସନ କଣ ପାଇଁ ଚୁପ୍ ବସିଛି ତାହା ଜନସାଧାରଣଙ୍କୁ ବିସ୍ମୟ କରିଛି । ଯଦି ଆଗାମୀ ଦିନରେ ଏହି ବେନିୟମ ବାଲିଘାଟ ନ ବନ୍ଦ କରାଯାଏ ଭବିଷ୍ୟତରେ ପଟ୍ଟାମୁଣ୍ଡାଇରେ ଏକ ବିରାଟ ଜନ ଆନ୍ଦୋଳନ ଦେଖା ଯିବ ତାହାର ସନ୍ଦେହ ନାହିଁ ।

# ଅଯୋଧ୍ୟା-ବାରଣାସୀ ଅଭିମୁଖେ ତୀର୍ଥଯାତ୍ରାରେ ବାହାରିଲେ ବରିଷ୍ଠ ନାଗରିକ

ଜଗତସିଂହପୁର ( ଭାସ୍କର ନ୍ୟୁଜ ) ଆଜି ଅପରାହ୍ନରେ ଜଗତସିଂହପୁର ଜିଲ୍ଲାରୁ ୮୫ଜଣ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ସାମିଲ ହୋଇ ଅଯୋଧ୍ୟା-ବାରଣାସୀ ଅଭିମୁଖେ ଯାତ୍ରା କରିଛନ୍ତି । ଆଦିକବି ସାରଳା ଦାସ ସଂସ୍କୃତି ଭବନ ନିକଟରୁ ୨ଟି ବସ୍ ଯୋଗେ ଯାତ୍ରାର ଶୁଭାରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ କୁମାର ରାଉତଙ୍କ ପୌରହିତ୍ୟରେ ଜିଲ୍ଲା ପରିଷଦ, ଜଗତସିଂହପୁର ଅଧ୍ୟକ୍ଷ ମନୋଜ କୁମାର ଭୋଇ ଓ ଜଗତସିଂହପୁର ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ସମ୍ମାନନୀୟ ଅତିଥି ଭାବେ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା ଯୋଗଦାନ କରି ତୀର୍ଥଯାତ୍ରାର ଶୁଭାରମ୍ଭ କରିବା ସହିତ ତୀର୍ଥଯାତ୍ରୀ ମାନଙ୍କୁ ଆଧାତ୍ମିକ ଦିଗଦର୍ଶନ ଦେଇ ସେମାନଙ୍କ ଯାତ୍ରା ସୁଖମୟ ହେବା ପାଇଁ କାମନା କରିଥିଲେ । ବରିଷ୍ଠ ନାଗରିକ ମାନଙ୍କ ସହିତ ସେମାନଙ୍କର ସୁରକ୍ଷିତ ଓ ନିରାପଦ ଯାତ୍ରା ପାଇଁ ଜିଲ୍ଲାରୁ ଏସ୍କର୍ଟ ଅଫିସର୍ ଭାବେ ସୂର୍ଯ୍ୟକାନ୍ତ ସାହୁ, ସାରଦା ପ୍ରସନ୍ନ ସାହୁ ଓ ରାଧା ମୋହନ ଜେନା ସହାୟକ ଅଧିକାରୀ ଭାବେ ଗସ୍ତ କରିଛନ୍ତି । ୧୯ତାରିଖ ପୂର୍ବାହ୍ନ ୧୧.୪୫ ସମୟରେ ସ୍ୱତନ୍ତ୍ର ଟ୍ରେନ ଯୋଗେ ସେମାନେ ଅଯୋଧ୍ୟା-ବାରଣାସୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶୁଭ ଉଦ୍‌ଘାଟନ କରିଛନ୍ତି । ଯାତ୍ରା ଆରମ୍ଭ ପୂର୍ବରୁ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରର ବିଶେଷଜ୍ଞ ଡାକ୍ତରମାନେ ବରିଷ୍ଠ ନାଗରିକ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗର ବିଭିନ୍ନ କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧି ତଥା ଜନସାଧାରଣ ଉପସ୍ଥିତ ଥିଲେ ।

ଓଡ଼ିଶା ଭାସ୍କର
ରାଜ୍ୟ ଖବର



ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଭଞ୍ଜନଗରରେ ଚଳିତବର୍ଷ ଗ୍ରୀଷ୍ମ ଋତୁ ନଆସୁଣୁ ଗ୍ରୀଷ୍ମ ଲହର ପ୍ରବାହିତ ହେଲାଣି। ସୋମବାର ସହରର ତାପମାତ୍ରା ୩୫ ଡିଗ୍ରୀ ସେଲସିୟସ୍ ଉପରେ ଥିବାବେଳେ ମଙ୍ଗଳବାର ଏଥିରେ ପୁଣି ବୃଦ୍ଧି ପାଇ ୩୬ ସେଲସିୟସ୍ ରହିଛି। ବାୟୁମଣ୍ଡଳର ଆର୍ଦ୍ରତା ବୃଦ୍ଧି ଯୋଗୁଁ ଅସହ୍ୟ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି। ଦିନ ୧୦ଟା ବେଳକୁ ମୁଣ୍ଡଫଟା ଖରା ହେଉଛି। ରାତିର ତାପମାତ୍ରାରେ ମଧ୍ୟ ବଢ଼ିଛି। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ଭଞ୍ଜନଗର ଏନ୍ଏସି ପକ୍ଷରୁ ସହରର ମୁଖ୍ୟ ରାସ୍ତା ମନ୍ଦିର ସମ୍ମୁଖରେ ଏକ ଜଳଛତ୍ର ଖୋଲାଯାଇଛି। ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଡେପୁଟି କଲେକ୍ଟର ସୁମନ୍ ଘୋଷ, ନଗରପାଳ ଗୋପବନ୍ଧୁ ମହାପାତ୍ର, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମୁରଳିକୃଷ୍ଣ ପଣ୍ଡା, କନିଷ୍ଠ ଯନ୍ତ୍ରୀ ଦିଲ୍ଲୀପ କୁମାର ମିଶ୍ରଙ୍କ ସମେତ ସମସ୍ତ କାଉନସିଲର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଗତ ମାସେ ହେଲା ଟାଣ ଖରାରୁ ଲୋକଙ୍କୁ ନିସ୍ତାର ମିଳୁନି। କାଳବୈଶାଖୀ କିମ୍ବା ଅଦିନିଆ ବର୍ଷାର ଦେଖା ନଥିବାରୁ ଖରା ଓ ଗରମରେ ଲୋକେ ଆଉଟୁପାଉଟୁ ହେଉଛନ୍ତି। ଦିନକୁ ଦିନ ତାତି ବଢୁଥିବାରୁ ଲୋକଙ୍କ ଚିନ୍ତା ବି ବଢିଯାଇଛି। ସେପଟେ ଖରାର ପ୍ରକୋପକୁ ଦେଖି ସହରର ବିଭିନ୍ନ ସ୍ଥାନରେ ମୃଦୁ ପାନୀୟ ଦୋକାନ ଖୋଲିଛି। ଜରୁରୀ କାମ ନଥିଲେ କେହି ଘରୁ ବାହାରୁ ନାହାଁନ୍ତି । ବାହାରେ କେଉଁଠି ବି ନିସ୍ତାର ମିଳୁନି । ଫ୍ୟାନ୍, କୁଲର ପବନ ଗରମ ହୋଇଯାଉଛି। ବିଦ୍ୟୁତ କାଟ୍ ଭଞ୍ଜନଗର ବାସିନ୍ଦାଙ୍କ ଦୁର୍ଦ୍ଦଶାକୁ ଆହୁରି ବଢାଇ ଦେଉଛି। ସନ୍ଧ୍ୟା ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଜାରି ରହୁଥିବାରୁ ଗୁଳୁଗୁଳି ଯୋଗୁଁ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି। ପ୍ରଥମ କରି ଉପଖଣ୍ଡର ଭଞ୍ଜନଗର ସହରାଞ୍ଚଳରେ ଜଳଛତ୍ର ଖୋଲା ଯାଇଛି। ହେଲେ ଗ୍ରାମାଞ୍ଚଳରେ ଏପର୍ଯ୍ୟନ୍ତ ଖୋଲିନି।



# ମେଳଣ ଶୋଭାଯାତ୍ରାରେ ଡିଜେ କଟକଣାକୁ ଫୁ’

## ■ ପୋଲିସକୁ ଖୋଲା ଚାଲେଞ୍ଜ ■ ରାସ୍ତା ଜାମ୍ ■ ପରୀକ୍ଷାର୍ଥୀ ହନ୍ତସନ୍ତ ■ ଫେରିଲା ଆମ୍ବୁଲାନ୍ସ

ଧାମନଗର, (ଭାସ୍କର ନ୍ୟୁଜ୍) : ମାନ୍ୟବର ଉଚ୍ଚ ନ୍ୟାୟାଳୟ ଶବ୍ଦ ପ୍ରଦୁଷଣକୁ ନିୟନ୍ତ୍ରଣ କରିବାପାଇଁ ବିଭିନ୍ନ କଟକଣା ଲାଗୁ କରିଥିବାବେଳେ ଧାମନଗର ଅଂଚଳରେ ଏହାର ଖୋଲା ଉଲଂଘନ ହେଉଥିବା ଦେଖିବାକୁ ମିଳିଛି। ଧାମନଗର ଅଞ୍ଚଳରେ ବିଭିନ୍ନ ପର୍ବପର୍ବାଣିରେ ବହୁଳ ଭାବେ ଡିଜେ ବ୍ୟବହାର ଜନସାଧାରଣଙ୍କୁ ଅତିଷ୍ଠ କରୁଛି। ଏ ଦିଗରେ ପୋଲିସ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ଆଇନର କାର୍ଯ୍ୟକାରିତାକୁ ନେଇ ଲୋକଙ୍କ ଭରସା ତୁଟିବାକୁ ବସିଛି। ଗତ ରବିବାର ରାତିରେ ଧାମନଗର ବଜାରରେ ମେଳଣ ଶୋଭାଯାତ୍ରାରେ ବହୁ ଡିଜେ ଗୋଟିଏ ସ୍ଥାନରେ ଏକ ସମୟରେ ବାଜିବା ଲୋକଙ୍କୁ ଅତିଷ୍ଠ କରିଛି। ଧାମନଗର ମେଡିକାଲ ପାଖ ଶାମପୁର ମେଳଣ ପଡିଆରେ ପ୍ରତିବର୍ଷ ଭଳି ଏବର୍ଷ ବହୁ ଆଡମ୍ବରରେ ମେଳଣ ଯାତ୍ରା ହୋଇଥିଲା। ରବିବାର ବିଳମ୍ବିତ ରାତ୍ରିରୁ ସୋମବାର ସକାଳ ସାତଟା ପର୍ଯ୍ୟନ୍ତ ଶ୍ରୀଜିଉ ମାନଙ୍କୁ ଶୋଭାଯାତ୍ରାରେ ମେଳଣ ପଡିଆ ପର୍ଯ୍ୟନ୍ତ ନିଆଯାଇଥିଲା। ଏହି ଶୋଭାଯାତ୍ରାରେ ଗୋଟିଏ ସ୍ଥାନରେ ଏକ ସମୟରେ ଦଶଟି ଡିଜେ ବାଜୁଥିଲା। ଅତି ଅଧିକ ଭଲ୍ୟୁମରେ



ଡିଜେ ଗୁଡିକ ବାଜୁଥିବାବେଳେ ଆଖପାଖର ଲୋକେ ରାତିରେ ଶୋଇପାରିନଥିଲେ। ଡିଜେର ଅତି ଉଚ୍ଚ ଶବ୍ଦରେ ଘରର କବାଟ ଝରକା ଦୋହଲି ଯାଉଥିଲା। ଏପରିକି ନିକଟରେ ଥିବା କେତେକ ମେଡିସିନ ଷ୍ଟୋରରେ ଔଷଧ ତଳେ ପଡି ନଷ୍ଟ ହୋଇଥିବା ଜଣାଯାଇଛି। ପାଖରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଥିବାବେଳେ ରାତି ପାହିଲେ ସୋମବାର ସକାଳ ୭ ଟାରେ ପିଲାମାନଙ୍କ ପରୀକ୍ଷା ଆରମ୍ଭ ହୋଇଥିଲା। ସେଥିପ୍ରତି କାହାରି ନଜର କିମ୍ବା ଭୃକ୍ଷେପ ନଥିଲା। ଏପରିକି ପରୀକ୍ଷା ସକାଳ ୭ଟାରେ ହେବାକୁ ଥିବାବେଳେ ସକାଳ ୭ଟା ୩୦ ମିନିଟ ପର୍ଯ୍ୟନ୍ତ ଡିଜେ ଗୁଡିକ ବାଜୁଥିଲା। ଧାମନଗର-ଦୋବଲ ମୁଖ୍ୟ ରାସ୍ତାର ମେଡିକାଲ ବଜାରରେ ବଡ ବଡ ଡିଜେ ବାଜୁଥିବାବେଳେ ବହୁ ସଂଖ୍ୟାରେ ଲୋକେ ରାସ୍ତା ଅବରୋଧ କରିଥିଲେ। ଯାତ୍ରୀବାହୀ ବସ ଶୋଭାଯାତ୍ରା ପାଇଁ ଅଟକି ରହିଥିବାବେଳେ ଶହଶହ ସଂଖ୍ୟାରେ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଯିବା ପାଇଁ ରାସ୍ତାରେ ହଇରାଣ ହୋଇଥିଲେ। ଧାମନଗର ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସକାଳ ୭ ଟା ୩୦ରେ ଡିଜେ ବନ୍ଦ କରିଥିଲେ। ସେହିପରି ସୋମବାର ରାତିରୁ ଚୁଡ଼ାକୁଟି ମେଳଣ ହେଉଥିବା ବେଳେ କଲିକତାରୁ ବଡ ବଡ ଡିଯେକୁ ଆଣି ବଜାଇବା ଦ୍ୱାରା ସମଗ୍ର ଚୁଡ଼ାକୁଟି ଅସ୍ତବ୍ୟସ୍ତ ହୋଇ ପଡୁଥିଲା। ଏପରି କି ଡିଜେ ଗୁଡିକ ପ୍ରାୟ ୧୫ ଫୁଟ ଚଉଡ଼ା ହୋଇଥିବାରୁ ରାସ୍ତା ପୁରା ଯାମ ହୋଇଥିଲା। ମଙ୍ଗଳବାର ସକାଳ ପର୍ଯ୍ୟନ୍ତ ଡିଜେ ବାଜୁଥିବାରୁ ଧାମନଗର ପୋଲିସ ଯାଇ ବନ୍ଦ କରିବା ଦ୍ୱାରା ପୋଲିସ ଓ ଠାକୁର ବାଡ଼ିଆଙ୍କ ମଧ୍ୟରେ ଉଚ୍ଚ ବାଚ ଯୁକ୍ତି ତର୍କ ମଧ୍ୟ ହୋଇଥିଲା। ତେବେ ସେଠାରେ ତିନୋଟି ବିଦ୍ୟାଳୟ ରହିଥିବାବେଳେ ଏବେ ବାର୍ଷିକ ପରୀକ୍ଷା ଚାଲିଥିବାରୁ ଦିନ ୧୦ଟା ପର୍ଯ୍ୟନ୍ତ ଡିଜେ ବନ୍ଦ କରାଯାଇଥିଲା। ପରେ ଡିଯେ ବାଜି ଥିଲା ପାଖାପାଖି ଦିନ ୧୨ ଯାଏ। ଏହି ସମୟରେ ଜରୁରୀ କାଳୀନ ସେବା ଗାଡି ଯାଇ ନ ପାରି ଫେରିଥିବା ବେଳେ ଧାମନଗର ଅଞ୍ଚଳର ସାବିତ୍ରୀ ସାହୁ ଏକ ଅଟୋରେ ଭଦ୍ରକ ଡାକ୍ତରଖାନାକୁ ଯାଉଥିବା ବେଳେ ଏହି ଜାମରେ ଫସିଥିବା ଦେଖିବାକୁ ମିଳିଥିଲା। ତେବେ ଏପରି ପରିସ୍ଥିତିରେ ପ୍ରଶାସନ କେମିତି ଅନୁମତି ଦେଉଛନ୍ତି ଡିଜେ ବଜାଇବା ପାଇଁ ତାହା ସଧାରଣରେ ଆଲୋଚ୍ୟ ବିଷୟ ହୋଇଛି। ଧାମନଗରରେ ଶବ୍ଦ ପ୍ରଦୁଷଣ ଦିନକୁ ଦିନ ଉତ୍କଟ ହେଉଥିବା ବେଳେ ଭଦ୍ରକ ଜିଲ୍ଲାପାଳ ଏଥିପ୍ରତି ଦୃଢ ପଦକ୍ଷେପ ନେବାକୁ ଜନସାଧାରଣରେ ଦାବି ହେଉଛି। ବାସ୍ତବରେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ତେବେ ଅଧିକ ସଂଖ୍ୟକ ପୋଲିସ ନଥିବାରୁ ଆୟତ୍ତ କରି ହୋଇନାହିଁ। ତେବେ ଆଗାମୀ ଦିନରେ ପୋଲିସ ପ୍ରସ୍ତୁତ ରହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଧାମନଗର ଥାନା ଅଧିକାରୀ ଗୋପାଳ କୃଷ୍ଣ ଜେନା କହିଛନ୍ତି।

# ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସଭାପତିଙ୍କ ଆନନ୍ଦପୁର ଓ ଘସିପୁରା ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିଦର୍ଶନ

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ଭାରତ ବର୍ଷର ଯଶସ୍ୱୀ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ଓ ଓଡ଼ିଶାର ଲୋକପ୍ରିୟ ଯଶସ୍ୱୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ସରକାର ଚାଷୀ ମାନଙ୍କ ଆୟକୁ ଦୁଇ ଗୁଣା କରିବା ସହିତ ଚାଷୀ ମାନଙ୍କୁ ସମୃଦ୍ଧ କରିବା ପାଇଁ ବହୁ ପ୍ରକାରର କୃଷକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରୁଛନ୍ତି। ଏହି ସବୁ କୃଷକ କଲ୍ୟାଣକାରୀ ଯୋଜନା ତୃଣମୂଳ ସ୍ତରରେ ଠିକ୍‌ଠାକ୍ କାର୍ଯ୍ୟକାରୀ ହେଉଛି କି ନାହିଁ ତାହାର ସଫଳ ରୂପାୟନ ପାଇଁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଓ ଘସିପୁରା ବ୍ଲକର କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଆନନ୍ଦପୁର କୃଷି ଅଧିକାରୀ ଜୟନ୍ତ କୁମାର ଦାସ ଘସିପୁରା ବ୍ଲକ କୃଷି ଅଧିକାରୀ ଶୁଭଶ୍ରୀ ନାୟକ, ଅଜୟ କୁମାର ପୁହାଣ, ମାନସ ରଞ୍ଜନ ପ୍ରଧାନ, ଜଗମୋହନ ନାୟକ, ଭାସ୍କର ଚନ୍ଦ୍ର ନାୟକ, ମନ୍ମଥ ଚକ୍ର, ଅନୁପମା ସ୍ୱାଇଁ, ଦେବାଶିଷ ବେହେରା, ସନାତନ ସାହୁ, ସବିତା ସାହୁ, ଭବାନୀ ଶଙ୍କର ଜେନାଙ୍କ ସମେତ ସମସ୍ତ କୃଷି କର୍ମଚାରୀ ମାନେ ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ। ଓଡିଶା ରାଜ୍ୟକୁ ଖାଦ୍ୟ ଶସ୍ୟରେ ଆତ୍ମ ନିର୍ଭରଶୀଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସରକାର ଚାଷୀ ମାନଙ୍କୁ ଆଳୁ ବିହନ, ମୁଗ, ବିରି, ସୋରିଷ, ମଶୁର, ଶୋଲା, ମଟର ଓ ସୂର୍ଯ୍ୟମୁଖୀ ବିହନ ମାଗଣାରେ ଚାଷୀ ମାନଙ୍କୁ ଯୋଗାଇ ଦେଉଛନ୍ତି। ତତ୍‌ସହିତ ସାର ଓ କୀଟନାଶକ ମଧ ମାଗଣାରେ ଯୋଗାଇ ଦେଉଛନ୍ତି। ଏହି ସବୁ ଜିନିଷ ସଠିକ ଚାଷୀ ମାନଙ୍କ ପାଖରେ ପହଞ୍ଚୁଛି କି ନାହିଁ ତାହାର ତଦାରଖ ରାଜ୍ୟ ସଭାପତି ମହେଶ୍ୱର ସାହୁ କରିଥିଲେ। ବିହନ ପାଇଁ ଚାଷ କରିଥିବା କ୍ଷେତକୁ ମଧ ଯାଇ ଫସଲ ବୁଲି ଦେଖିଲେ। ଆଳୁ ଚାଷରେ ଓଡିଶା ରାଜ୍ୟକୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ଚାଷୀ ମାନଙ୍କୁ ବ୍ୟାପକ ଭାବେ ଆଳୁ ବିହନ ଯୋଗାଇ ଦେବା ସହିତ ହେକ୍ଟର ପିଛା ୫୮ ହଜାର ଟଙ୍କା ପ୍ରୋସାହନ ସହାୟତା ଦେବାର ବ୍ୟବସ୍ଥା କରାଯାଇଛି। ରାଜ୍ୟ ସଭାପତି ମହେଶ୍ୱର ସାହୁ ଆଳୁ ଚାଷ କରିଥିବା କ୍ଷେତକୁ ଯାଇ ଫସଲ ପରିଦର୍ଶନ କରିବା ସହିତ ଆଳୁ ଫସଲ କିପରି ଚାଷୀ ମାନେ କରିଛନ୍ତି ଦେଖିଥିଲେ। ଏହି ପରିଦର୍ଶନ ସମୟରେ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟାକାରିଣୀ ସଦସ୍ୟ ଶ୍ରୀ ଶ୍ରୀଧର ସାହୁ, ପ୍ରଣବ ପୁହାଣ, କମଳାକାନ୍ତ ସୂର, ବାଇଧର ଚିନ୍ଧ୍ରା, ସରୋଜ କୁମାର ସାହୁ, ରବିନ୍ଦ୍ର କୁମାର ପଣ୍ଡା, ବାଇଧର ସାହୁ, ବାମନ ଭୂଆଁ, ଭଗବାନ ମହାରଣା, ଶ୍ରୀଧର ମହାନ୍ତ, ତ୍ରିନାଥ ଜେନା, ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଓ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।



# ବରିଷ୍ଠ ରାଜନେତା ବୀର ପରିଡ଼ାଙ୍କ ପରଲୋକ

ରଘୁନାଥପୁର, (ଭାସ୍କର ନ୍ୟୁଜ୍): ବରିଷ୍ଠ ରାଜନୀତିଜ୍ଞ ତୁଙ୍ଗ ନେତା ବୀରକିଶୋର ପରିଡାଙ୍କ ଶନିବାର ଦେହାନ୍ତ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ପାଖାପାଖି ଏକ ବର୍ଷ ଧରି ସେ ଶଯ୍ୟାଶାୟୀ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଛାତ୍ର ରାଜନୀତିରୁ ସେ ନିଜର ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ଭୁବନେଶ୍ୱର ବିଜେବି କଲେଜରେ ସେ ଛାତ୍ର ନେତା ଥିଲେ। ପରବର୍ତ୍ତୀ ସମୟରେ ସେ ସରକାରୀ ଚାକିରୀ କରିଥିଲେ। ହେଲେ ସମାଜ ସେବା ନିଜର ବ୍ରତ ଭାବି ଚାକିରୀ ଛାଡ଼ି ରାଜନୀତିରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଜନତା ଦଳରୁ ଟିକେଟ ନ ପାଇ ସେ ୧୯୮୦, ୮୫ ଓ ୯୦ ମସିହାରେ କିଶନନଗର ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ଭାବେ ବିଧାୟକ ପ୍ରାର୍ଥୀ ହୋଇଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ, ସେ କଂଗ୍ରେସରେ ଯୋଗ ଦେଇ ୧୯୯୫ ମସିହାରେ ପୂର୍ବତନ ବାଚସ୍ପତି ଯୁଧିଷ୍ଠିର ଦାଶଙ୍କ ଠାରୁ ମାତ୍ର ୧୧୦୦ ଭୋଟ ବ୍ୟବଧାନରେ ହାରିଥିଲେ ଏବଂ ୨୦୦୦ ମସିହାରେ ବିଜେଡି ନେତା ପ୍ରତାପ ଜେନାଙ୍କଠାରୁ ସେ ପରାସ୍ତ ହୋଇଥିଲେ। ତାଙ୍କର ଉତ୍‌ଥାନ ପତନ ରାଜନୀତିରେ ସେ ସବୁବେଳେ ଲୋକଙ୍କ ସେବା କରୁଥିଲେ ଓ ଲୋକଙ୍କ ସହିତ ଜଡିତ ରହୁଥିଲେ। ବିଧାୟକ ସିନା ହୋଇପାରି ନଥିଲେ। ହେଲେ ଅଞ୍ଚଳର ଓ ସମାଜର ଉନ୍ନତି ପାଇଁ ସବୁବେଳେ ଚିନ୍ତା କରୁଥିଲେ। ସେ ସମିତି ସଭ୍ୟ ମଧ ରହିଥିଲେ। ସ୍ୱର୍ଗତ ବୀର କିଶୋର ପରିଡାଙ୍କୁ ଶେଷ ଦର୍ଶନ ପାଇଁ ତାଙ୍କ ବାସଭବନରେ ନେତା, ଅଧିକାରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଭିଡ଼ ଜମିଥିଲା। ଏହି ଖବର ପାଇ ବିଜେପି ନେତା ରାଜକିଶୋର ବେହେରା ଦୁଃଖ ପ୍ରକାଶ କରିବା ସହ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।



# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ୪ଟି ୱାର୍ଡ଼ବାସୀ, ବିଡିଓଙ୍କୁ ଦାବିପତ୍ର

ଗୋପ, (ଭାସ୍କର ନ୍ୟୁଜ୍) : ୨ ମାସ ବିତି ଗଲେ ବି ହେଲାନି ସର୍ଭେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସର୍ଭେରୁ ବଞ୍ଚିତ ୪ ୱାର୍ଡର ୨ ଶହରୁ ଉର୍ଦ୍ଧ୍ୱ ଗ୍ରାମବାସୀ ନିଜର ହକ୍ ପାଇଁ ବିଡିଓଙ୍କୁ ଦାବିପତ୍ର ଦେଲେ ।

## ୨ ମାସ ପରେ ବି ହେଲାନି ସର୍ଭେ

ଚଳିତ ମାସ ୨୫ ତାରିଖ ମଧ୍ୟରେ ସର୍ଭେ ନହେଲେ ସଂପୃକ୍ତ ଶତାଧିକ ହିତାଧିକାରୀ ବ୍ଲକ ଘେରାଉ କରିବା ସହ ରାଜରାସ୍ତାକୁ ଓହ୍ଲାଇବେ। ବୋଲି ଚେତାବନୀ ଦେଇଛନ୍ତି। ସୁଚନା ମୁତାବକ ରାଜ୍ୟରେ କୌଣସି କଚ୍ଚା ଘର କି ଝାଟିମାଟି ଘର ରହିବନାହିଁ, ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘର ଯୋଗାଇ ଦିଆଯିବ ବୋଲି ବିଜେପି ସରକାର ଘୋଷଣା କରିଛନ୍ତି । ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବା ପାଇଁ ବ୍ଲକ ପ୍ରଶାସନିକ ଅଧିକାରୀମାନେ ପ୍ରତ୍ୟେକ ୱାର୍ଡକୁ ଯିବା ପାଇଁ ସରକାର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜାନୁଆରୀ ମାସରୁ ଆରମ୍ଭ ହୋଇଥିବା ଏହି ସର୍ଭେ ପାଇଁ ମାର୍ଚ୍ଚ ୩୧ ତାରିଖ ସମୟ ସୀମା ରଖିଛନ୍ତି। ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ଗତ ଜାନୁଆରୀ ମାସରୁ ପ୍ରଧାନମନ୍ତ୍ରୀ ଆବାସ ପାଇଁ ଗୋପ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତ୍ୟକ ପଞ୍ଚାୟତରେ ସର୍ଭେ ଚାଲିଛି । ହେଲେ ଗତ ଦୁଇ ମାସରୁ ଉର୍ଦ୍ଧ୍ୱ ହେଲା ସର୍ଭେ ଚାଲିଥିଲେ ମଧ ଗୋପ ପଞ୍ଚାୟତ ମୁସଲିମ୍ ବସ୍ତିର ୪,୫,୬,୧୫ ନଂ ୱାର୍ଡ଼ରେ ଏ ପର୍ଯ୍ୟନ୍ତ ସର୍ଭେ ହୋଇ ପାରିଲା ନାହିଁ । ଏନେଇ ବାରମ୍ବାର ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିଲା ନାହିଁ। ଯାହାକୁ ନେଇ ଗୋପ ବ୍ଲକର ଜଣେ ଯୁବ ନେତା ମନନ୍ଦୀପ ପାଇକରାୟଙ୍କ ନେତୃତରେ ଶତାଧିକ ମୁସଲିମ ଭାଇ ଭଉଣୀ ମାନେ ଏକାଠି ହୋଇ ନିଜର ହକ୍ ପାଇଁ ବିଡିଓଙ୍କ କାର୍ଯ୍ୟାଳୟକୁ ଯାଇଥିଲେ ମାତ୍ର ବିଡିଓଙ୍କ ଅନୁପସ୍ଥିତିରେ ଅତିରିକ୍ତ ବିଡିଓ ଦୀପକ ଜେନାଙ୍କୁ ଏକ ଦାବିପତ୍ର ଦେଇଥିଲେ। ଆସନ୍ତା ୨୫ ରିଖ ସୁଦ୍ଧା ତୁରନ୍ତ ସର୍ଭେ ସାରିବା ପାଇଁ ଏହି ଦାବିପତ୍ରରେ ଉଲ୍ଲେଖ ରହିଥିବା ବେଳେ ଯଦି ବ୍ଲକ ପ୍ରଶାସନ ଏହାର ସର୍ଭେ ଆରମ୍ଭ ନ କରେ ସାଧାରଣ ଲୋକଙ୍କ ହକ୍ ପାଇଁ ରାଜରାସ୍ତାରେ ଆନ୍ଦୋଳନ କରାଯିବା ସହ ବ୍ଲକ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି ଗୋପ ସରପଞ୍ଚଙ୍କ ପ୍ରତିନିଧି ବିମ୍ବାଧର ଦାସ, ନାଏବ ସରପଞ୍ଚ ବାବୁଲା ବେହେରା, ବରିଷ୍ଠ ନେତୃତ୍ୱ ପ୍ରତାପ ପରିଡ଼ା, ଯୁବ ନେତୃତ୍ୱ ଅଦିବ୍ ସେଖ୍‌ଙ୍କ ସମେତ ହିତାଧିକାରୀ ଗୋରିଆ ବିବି, ଅପସରୀ ବିବି, ସ୍ୱନମ୍ ବେଗମ୍, ସୁଲତାନା ବେଗମ୍ ପ୍ରମୁଖ ଶତାଧିକ ଗ୍ରାମବାସୀ ।



# ମାନସିକଧାରୀ ମହିଳା କଲେ ପନ୍ଦେଇ ଓଷା

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଚୈତ୍ରମାସର ମଙ୍ଗଳବାରଗୁଡ଼ିକରେ ଓଡ଼ିଶାର ପ୍ରାୟ ସବୁ ଅଞ୍ଚଳରେ ‘ପନ୍ଦେଇ-ପୂଜା’ କରାଯାଏ। ଏହା ଲୋକମୁଖରେ ‘ଚଇତି ମଙ୍ଗଳବାର’ ପୂଜା। ଏଥିରେ ମହିଳା ମାନେ ଦାଣ୍ଡରେ କୋଠି ଖୋଳି, ସେଥିରେ ଚନ୍ଦନ, ସିନ୍ଦୂର ଆଦି ଦେଇ, କଳସ ବସାନ୍ତି। ଧୂପ ଓ ଦୀପ ଆଦି ଦେଇ, ପନ୍ଦେଇରେ ମା’ ମଙ୍ଗଳାଙ୍କ ଉଦ୍ଦେଶ୍ୟରେ ପଣା ଓ ଉଖୁଡ଼ା ଭୋଗ ଆଦି ଦିଅନ୍ତି। ସନ୍ତାନମାନଙ୍କର ମଙ୍ଗଳ ମନାସି ଏହି ପନ୍ଦେଇ ପୂଜା କରାଯାଏ। ଏହା ମଙ୍ଗଳା ବା ବାଟମଙ୍ଗଳାଙ୍କର ପୂଜା। ଏପରି ପନ୍ଦେଇ-ପୂଜା ଅନେକ ଅଞ୍ଚଳରେ ପୌଷ ମାସର କୃଷ୍ଣପକ୍ଷ ଦ୍ୱିତୀୟା, ଷଷ୍ଠୀ ଓ ଅଷ୍ଟମୀ ରାତିରେ ମଧ କରାଯାଇଥାଏ। ତେବେ ଚଇତି-ମଙ୍ଗଳବାରର ପନ୍ଦେଇ ପୂଜା ଓ ପୌଷ କୃଷ୍ଣପକ୍ଷର ପନ୍ଦେଇ-ପୂଜା ପରସ୍ପରଠାରୁ ଭିନ୍ନ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ସମସ୍ତ ଗାଁ ଗୁଡିକରେ ବ୍ରତଧାରୀ ମହିଳା ମାନେ ପରିବାର ମଙ୍ଗଳ କାମନା ସହ ସନ୍ତାନ ମାନଙ୍କ ପାଇଁ ଏହି ପନ୍ଦେଇ ପୂଜା କରିଛନ୍ତି। ଚଇତି-ମଙ୍ଗଳବାରର ପନ୍ଦେଇ-ପୂଜା ସକାଳେ, ସୂର୍ଯ୍ୟୋଦୟ ସମୟରେ କରାଯାଏ। ମଙ୍ଗଳା ବ୍ରତର ପରମ୍ପରାଠାରୁ ଏହାର ଭିନ୍ନତା ରହିଛି। ଏହି ଓଷା ପ୍ରାୟ ସବୁ ବର୍ଗର ମହିଳା କରୁଛନ୍ତି। ପୁର ପଲ୍ଲୀରେ ବ୍ରତଧାରୀ ମହିଳା ମାନେ ପନ୍ଦେଇ ନିର୍ମାଣ କରି ନଡ଼ିଆ, କଦଳୀ, କ୍ଷୀର ଓ ହଳଦୀ ପାଣିରେ ମାଙ୍କ ନାମରେ ବ୍ରତରଖି ପୂଜା ଆରମ୍ଭ କରିଥାନ୍ତି। ମା ମଙ୍ଗଳାଙ୍କ ଉଦେଶ୍ୟରେ ପଣା, ଧୂପ ଦୀପ ଓ ନୈବେଦ୍ୟ ଦେଇ ପୂଜା କରିଥାନ୍ତି। ଏବେ ହେଉଥିବା ଚଇତି-ମଙ୍ଗଳବାରର ପନ୍ଦେଇ ପୂଜା ବା ପୌଷ କୃଷ୍ଣପକ୍ଷର ପନ୍ଦେଇ ପୂଜାରେ ସେହି ସାତ୍ତ୍ୱିକତା ପରିଲକ୍ଷିତ।




## କ୍ୱିଣ୍ଟାଲ ପିଛା ୮କେଜି ଧାନ କାଟିନେବା ଘଟଣା

# ଯୋଗାଣମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କଲେ ଚାଷୀ


କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ଧାନର ମାନ ପରୀକ୍ଷା କରାଯାଇ ଏହା ସଠିକ ଥିବା ଜଣାଯିବା ପରେ ମଧ ଜଣେ ଚାଷୀଙ୍କ ଧାନ କ୍ୱିଣ୍ଟାଲ ପିଛା ୮କେଜି କାଟିବା ଘଟଣାରେ ଚାଷୀ ଜଣଙ୍କ ନ୍ୟାୟ ପାଇବା ପାଇଁ ଯୋଗାଣମନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି। ଆଳି ବ୍ଲକ ଅନ୍ତର୍ଗତ ଦଣ୍ଡିପୁର ଗ୍ରାମର ଚାଷୀ ବିବେକାନନ୍ଦ ଦାଶ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଧାନର ମାନ ଉନ୍ନତ ଥିଲେ କଟନୀ ଛଟନୀ ହେବ ନାହିଁ ବୋଲି ସରକାରୀ ନିୟମ ରହିଛି। କିନ୍ତୁ ତୃଣମୂଳ ସ୍ତରରେ ମଣ୍ଡି ସଂପାଦକମାନେ ସରକାରଙ୍କ ନିୟମ ମାନିବାକୁ ପ୍ରସ୍ତୁତ ନାହାଁନ୍ତି। ସେମାନେ କଟନୀ ଛଟନୀ କରିବା ପାଇଁ କଳ, ବଳ, କୌଶଳ ପ୍ରୟୋଗ କରୁଛନ୍ତି। ଯଦି ଚାଷୀ ଦେଇଥିବା ଧାନର ମାନ ଉତ୍କୃଷ୍ଟ ରହିଛି ତେବେ ଟାର୍ଗେଟ୍ ନ ଥିବା ଭୟ ଦେଖାଉଛନ୍ତି। ଫଳରେ ବହୁ କଷ୍ଟ କରି ମଣ୍ଡିକୁ ଧାନ ନେଇ ଆସିଥିବା ଚାଷୀ ଭୟ କରୁଛି। ତାପରେ ପୁଣି ନଦୀ ନାଳ ପାର ହୋଇ ମଣ୍ଡିକୁ ଆସୁଥିବା ଚାଷୀଙ୍କୁ କୁହାଯାଉଛି ଧାନ ବସ୍ତା ଫେରାଇ ନେବା ପାଇଁ। ଫଳରେ ଚାଷୀମାନେ ମଣ୍ଡି ସଂପାଦକଙ୍କ ଆଗରେ ମୁଣ୍ଡ ନୁଆଁଇ କାନ ମୁଣ୍ଡା ଆଉଁସି କୁଣ୍ଟାଲ ପିଛା ୮ କିଲୋ ଧାନ କଟନୀ ଛଟନୀ ଆକାରରେ ଦେବାକୁ ବାଧ ହୋଇଛନ୍ତି ବୋଲି ସେ କହିଛନ୍ତି। ସେ ଏଭଳି ଷଡଯନ୍ତ୍ରର ଶିକାର ହୋଇଛନ୍ତି। ବିବେକାନନ୍ଦ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ସେ ନଦୀ ପାର ହୋଇ ଡଙ୍ଗାରେ ଧାନ ବସ୍ତା ଲୋଡ କରି ଦେମାଳ ମଣ୍ଡିକୁ ଆସିଥିଲେ। ଏଠାରେ ତାଙ୍କ ଧାନର ମାନ ପରୀକ୍ଷା ହୋଇଥିଲା। ଧାନର ମାନ ଉତ୍କୃଷ୍ଟ ରହିଥିଲା। ଏହା ସତ୍ତ୍ୱେ ତାଙ୍କ ଧାନ କିଣାଗଲା ନାହିଁ। ସେ ୧୫ ଦିନ ଅପେକ୍ଷା କଲେ। ୧୫ ଦିନ ପରେ ତାଙ୍କୁ କୁହାଗଲା କ୍ୱିଣ୍ଟାଲ ପିଛା ୮ କିଲୋ କଟନୀ ଛଟନୀ ଦେଲେ ଧାନ ଗ୍ରହଣ କରାଯିବ। ଅର୍ଥାତ ୫୨କ୍ୱିଣ୍ଟାଲ ଧାନରେ ୪୧୬କିଲୋ ଧାନ କଟନୀ ଛଟନୀ ବାବଦରେ ରଖାଯିବ। ଏଥିରେ ରାଜି ହେଲେ ଧାନ ନିଅ ନ ହେଲେ ଧାନ ଫେରାଇ ନିଅ। ହେଲେ ପୁଣି ନଦୀ ପାର ହୋଇ ଡଙ୍ଗାରେ ଧାନ ଫେରାଇ ନେବା ତାଙ୍କ ପକ୍ଷରେ ସମ୍ଭବ ନ ଥିଲା। ତେଣୁ ବାଧ ହୋଇ କ୍ୱିଣ୍ଟାଲ ପିଛା ୮ କିଲୋ କଟନୀ ଛଟନୀ ଦେଲେ ବୋଲି ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ସେ ଯୋଗାଣମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ।

# ରାଶିଫଳ

**ଗୁରୁବାର, ୨୦ ମାର୍ଚ୍ଚ ୨୦୨୫**



**ମେଷ:** ସାମାଜିକ କଲ୍ୟାଣ କାମରେ ପୂର୍ଣ୍ଣ ସହଯୋଗ କରିବେ। କାର୍ଯ୍ୟ କ୍ଷେତ୍ରରେ ସୁଖ-ଶାନ୍ତି ବୃଦ୍ଧି ହେବ। ଶତ୍ରୁମାନେ ମିତ୍ରଭାବ ଆଚରଣ କରିବେ। ପରିବାରରେ ଆଦରଣୀୟ ହୋଇ ସୁଖଭୋଗ କରିବେ। ବ୍ୟବସାୟକ୍ଷେତ୍ରରେ ଅନେକ ସୂତ୍ରରୁ କିଛି ଧନ ପାଇବାର ଯୋଗ ଅଛି।



**ବୃଷ:** ରାଜନୀତିରେ କାର୍ଯ୍ୟରେ ପ୍ରେରଣା ଓ ଉତ୍ସାହ ପ୍ରାପ୍ତି ହେବ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଶାରୀରିକ ଓ ମାନସିକ ସ୍ଥିରତା ଦେଖାଦେବ। ଛାତ୍ର-ଛାତ୍ରୀମାନେ ନିଜ ଗୋଡରେ ନିଜେ ଠିଆ ହେବାକୁ ସାହସ ବାନ୍ଧିବେ। ନିର୍ମାଣଧୀନ କାର୍ଯ୍ୟ ସମ୍ପନ୍ନ ହେବ।



**ମିଥୁନ:** ସାଙ୍ଗସାଥିମାନେ ସାହାଯ୍ୟ କରିବେ ଓ ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ଛାତ୍ର-ଛାତ୍ରୀମାନଙ୍କର ପରୀକ୍ଷା ପ୍ରତିଯୋଗିତାରେ ସଫଳତା ମିଳିବ। ବ୍ୟବସାୟକ୍ଷେତ୍ରରେ କାରବାରର ଗତି ରୀତିରେ ପରିବର୍ତ୍ତନର ଆଶଙ୍କା ନାହିଁ। କର୍ମକ୍ଷେତ୍ରରେ ପାରିଶ୍ରମିକ ତୁଳନାରେ ଅଧିକ ଶ୍ରମ କରିବେ।



**କର୍କଟ:** ସହକର୍ମୀ ମାନଙ୍କର ସମର୍ଥନ ଏବଂ ଅଧସ୍ତନଙ୍କର ସହଯୋଗ ଯୋଗୁ କର୍ମକ୍ଷେତ୍ରରେ ସମ୍ମାନ ବୃଦ୍ଧି ଏବଂ ସୁନାମ ଅର୍ଜନ କରିବେ। ବନ୍ଧୁ, ମିତ୍ର ଏବଂ ଉଚ୍ଚପଦାଧି କାରୀଙ୍କ ଠାରୁ ସାହାଯ୍ୟ ସହଯୋଗ ପାଇବେ।



**ସିଂହ:** ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇଯିବ। ସହକର୍ମୀ ଓ ଅଧସ୍ତନ କର୍ମଚାରୀଙ୍କ ସହ ସମ୍ପର୍କ ଭଲ ରହିବ ଓ ବରିଷ୍ଠ ବ୍ୟକ୍ତିଙ୍କ ସହ ସୁସମ୍ପର୍କ ସ୍ଥାପିତ ହେବ। ବ୍ୟବସାୟରେ ଆଶାତୀତ ଲାଭକରି ଖୁସିହେବେ। ଆନୁଷ୍ଠାନିକ କାମରେ ଠିକ୍ ପରାମର୍ଶ ଦେଇ ଆଦର, ସମ୍ମାନ ଓ ପ୍ରଶଂସା ମିଳିବ।




**କନ୍ୟା:** ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବ। ଛାତ୍ର-ଛାତ୍ରୀମାନଙ୍କର ବିଦ୍ୟାରେ ଉନ୍ନତି ଘଟିବ। କର୍ମକ୍ଷେତ୍ରଟି ସୁଦୃଢ ହେବ। ପ୍ରମୋଶନ ସୂଚନାପାଇ ଖୁସି ହେବେ। ପାରିବାରିକ ଏବଂ ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ।



**ତୁଳା:** ସନ୍ତାନଙ୍କର ଉନ୍ନତିରେ ଖୁସି ହେବେ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ନୂତନକର୍ମପ୍ରାପ୍ତିର ସୂଚନା ପାଇବେ। ବ୍ୟବସାୟକ୍ଷେତ୍ରରେ ପୁଞ୍ଜିଲଗାଣ, ଉଦ୍ୟୋଗ, ଧନ ଆଦାନ ପ୍ରଦାନରେ ଲାଭବାନ୍ ହେବେ। ପରିବାରର ସମସ୍ୟାର ସମାଧାନ ହୋଇଯିବ। ରାଜନୀତି କ୍ଷେତ୍ରରେ ସାମାଜିକ କଲ୍ୟାଣ ଓ ଜୀବନସ୍ତର ପରିବର୍ତ୍ତନର ଉଦ୍ୟମ କରିବେ।



**ବିଛା:** ସନ୍ତାନ ସନ୍ତତିଙ୍କ ମର୍ଜି ରକ୍ଷାକରି ଶାନ୍ତି ପାଇବେ। ସାମାଜିକ କାର୍ଯ୍ୟରେ ରତ ହେଲେ ସାଧୁ-ସନ୍ଥ ଓ ଗୁରୁଜନଙ୍କ ଶୁଭାଶୀର୍ବାଦ ପ୍ରାପ୍ତ ହେବ। କିଣା ବିକା ବା କମିଶିନ୍ ବ୍ୟବସାୟରେ ଆଶାତୀତ ଲାଭକରି କିଛି ନୂତନ ପଦାର୍ଥ ସଂଗ୍ରହ କରିବେ। ନିର୍ମାଣ ମୂଳକ ଯୋଜନାରେ ଆଗେଇ ପାରିବେ ଓ ଅଧା-ଅଧୁରାଥିବା କାର୍ଯ୍ୟ ପୂରଣ ହୋଇଯିବ।



**ଧନୁ:** ଶାରୀରିକ ସୁସ୍ଥତା ସହ ମାନସିକ ଶାନ୍ତି ଦେଖାଦେବ। ବ୍ୟବସାୟରେ ଉଧାର ଦେଇ ଫେରି ପାଇବା ସହଜ ହେବ। ପାରିବାରିକ କ୍ଷେତ୍ରରେ ସାଧାରଣ ଚଳଣି ଅତୁଟ ରହିବ। ପରୀକ୍ଷା, ପ୍ରତିଯୋଗୀତା, ସାକ୍ଷାତକାରରେ ବିଜୟୀ ହେବେ। ଅନେକ କ୍ଷେତ୍ରରେ ସ୍ୱାଭିମାନ ରକ୍ଷା ହେବ।



**ମକର:** ଜାଗା, ଜମି, ଗୃହପୋକରଣ କ୍ରୟ କରିବେ। ଆୟ ଉପାର୍ଜନରେ ବାଧା ନାହିଁ। ବାଦବିବାଦ, ପରୀକ୍ଷା ପ୍ରତିଯୋଗିତା, ମାଲିମୋକଦ୍ଦମା ଓ ସାକ୍ଷାତ୍କାରରେ ବିଜୟୀ ହେବେ। ବକେୟା ଅର୍ଥ କିଛି ମିଳିବ। ମାନସିକ ଶାନ୍ତି ଓ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପାରିବାରିକକ୍ଷେତ୍ରରେ ସ୍ନେହସଦ୍ଭାବର ବୃଦ୍ଧିହେବ। କର୍ମସଂଧାନୀ ମାନେ କର୍ମନିଯୁକ୍ତି କ୍ଷେତ୍ରରେ ସଫଳ ହେବେ। କର୍ମକ୍ଷେତ୍ରରେ ସାମାଜିକ ପ୍ରତିଷ୍ଠା ଓ ମାନ-ସମ୍ମାନ ବୃଦ୍ଧି ହେବ।



**କୁମ୍ଭ:** ବ୍ୟବସାୟକ୍ଷେତ୍ରରେ ସୁଖ ସମୃଦ୍ଧି ବୃଦ୍ଧି ଓ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ହେବ। ରାଜନୀତି କ୍ଷେତ୍ରରେ ସଫଳତା ଏବଂ ଲୋକ ସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବ। ଧାର୍ମିକ କାର୍ଯ୍ୟରେ ରୁଚି ବୃଦ୍ଧି ପାଇବ। କର୍ମ କ୍ଷେତ୍ରରେ ମାନ-ସମ୍ମାନ ବୃଦ୍ଧି ହେବ। କୌଣସି ପୁରାତନ ରୋଗରୁ ମୁକ୍ତି ମିଳିବ।



**ମୀନ:** ତଳ ମହଲରୁ ଆଶାତୀତ ଲାଭ ପାଇବେ। ବିଦ୍ୟାରେ ଉନ୍ନତି କରିବେ। କର୍ମକ୍ଷେତ୍ରରେ ଚିନ୍ତା କରିଥିବା କାମ ଗୁଡିକ ଠିକ୍ ଭାବେ ସଂପୂର୍ଣ୍ଣ ହେବ। କୋର୍ଟ-କଚେରୀ ଧନ୍ଦା ମଧ୍ୟରେ ଆଶ୍ୱସ୍ତି ବଢିବ। ଭୋଗ ବିଳାସକୁ ତୁଚ୍ଛମଣି କର୍ତ୍ତବ୍ୟ ସାଧନକୁ ଭଗବତ୍ ସେବାଭଳି ମାନ୍ୟତା ଦେବେ। ବ୍ୟବସାୟକ୍ଷେତ୍ରରେ ସୁଖ ସମୃଦ୍ଧି ବୃଦ୍ଧି ଓ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ହେବ।



ପ୍ରସ୍ତୁତିରେ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ (ଭାସ୍କର ନ୍ୟୁଜ) : ମାର୍ଚ୍ଚ ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ଫୁଟବଲ କପ ଟୁର୍ଣ୍ଣାମେଣ୍ଟ କିଭଳି ସୂଚାରୁ ରୂପେ ସମ୍ପନ୍ନ ହେବ ଏଥି ପାଇଁ ସ୍ୱେଚ୍ଛାସେବୀ ସଂସ୍ଥା ହେଲ୍ପ ଲାଇନ କନଫରେନ୍ସ ହଲ ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ଟୁର୍ଣ୍ଣାମେଣ୍ଟ ରେ ନବରଙ୍ଗପୁର ଜିଲ୍ଲା ର ୧୨ ଟି ଫୁଟବଲ ଦଳ ଅଂଶ ଗ୍ରହଣ କରୁଥିବା ବେଳେ, ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ କୁ ଜିଲ୍ଲା କ୍ରୀଡା ସଂଘ ପରିଚାଳନା କରିବ ବୋଲି ମୁଖ୍ୟ ଅତିଥି ଜିଲ୍ଲା କ୍ରୀଡା ସଙ୍ଘର ସମ୍ପାଦକ ଶ୍ରୀ ପ୍ରହଲ୍ଲାଦ ତ୍ରିପାଠୀ ସୂଚନା ଦେଇଛନ୍ତି । ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟ ମାର୍ଚ୍ଚ ୩୦ ତାରିଖ ରୁ ଆରମ୍ଭ ହୋଇ ୬ଦିନ ଧରି ଚାଲିବ । ଏହାକୁ ସୁପରିଚାଳନ ପାଇଁ ବିଭିନ୍ନ କମିଟି ଗଠନ କରି ଦାୟିତ୍ୱ ଅର୍ପଣ କରାଯାଇଛି । ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ ସାନଭରଣ୍ଡି ସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମ ଠାରେ ଆୟୋଜନ କରାଯାଇଛି । ଏହି ଟୁର୍ଣ୍ଣାମେଣ୍ଟ ରେ ସମସ୍ତ ୧୪ ବର୍ଷ ରୁ କମ ଫୁଟବଲ ଖେଳାଳିମାନେ ଅଂଶଗ୍ରହଣ କରି ପାରିବେ ବୋଲି ମୁଖ୍ୟ ଅତିଥି ଶ୍ରୀ ତ୍ରିପାଠୀ ପ୍ରକାଶ କରିଛନ୍ତି ଏହାଛଡ଼ା ଏହି ପ୍ରତିଯୋଗିତା ରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ସମ୍ମାନିତ ଅତିଥି ଭାବେ ଉମରକୋଟ ପୌର ପରିଷଦ ର ଉପାଧ୍ୟକ୍ଷ ସୁଧାଂଶୁ ଦାଶ, ଜିଲ୍ଲା କ୍ରୀଡା ସଂଘର ଯୁଗ୍ମ ସମ୍ପାଦକ କେ. ତନଭୀର ଜିଲାନି, ହକି ସମ୍ପାଦକ ତଥା ହେଲ୍ପ ଲାଇନ ର ନିର୍ଦ୍ଦେଶକ ସମାଜସେବୀ ଦୁର୍ଗା ପ୍ରସାଦ ମଲ୍ଲିକ୍, ଇଣ୍ଡୋର ସମ୍ପାଦକ ତଥାହେଲ୍ପ ଲାଇନ ସଭାପତି କୃଷ୍ଣ ପ୍ରସାଦ ପଟ୍ଟନାୟକ, କ୍ରିକେଟ ସମ୍ପାଦକ ଅଶୋକ କୁମାର ନାୟକ, ଫୁଟବଲ ସମ୍ପାଦକ ଶ୍ରୀ ବେହେରା, ଦୁର୍ଯ୍ୟ ହରିଜନ, ରବିବାର ସୁନା, ଆଦିତ୍ୟ ମିଶ୍ରୁଲି,ନେତ୍ର ହରିଜନ ପ୍ରମୁଖ ଯୋଗଦେଇ ଥିବା ବେଳେ, ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ କୁ ଜିଲ୍ଲା କ୍ରୀଡା ସଙ୍ଘ ର ମହିଳା ସଂଯୋଜିକା ତଥା ହେଲ୍ପ ଲାଇନ ର ଉପସଭାପତି ଇ. ଚନ୍ଦନା ମଲ୍ଲିକ ପରିଚାଳନା କରିଥିଲେ ।



# ମା'ଠାକୁରାଣୀଙ୍କ ନବଦିନ ଯାତ୍ରା ପାଇଁ ପଡିଲା ଶୁଭଖୁଣ୍ଟି

ଉମରକୋଟ(ଭାସ୍କର ନ୍ୟୁଜ୍): ଜଗତଜନନୀ ମା'ଠାକୁରାଣୀଙ୍କ ନବଦିନ ଯାତ୍ରା ପାଇଁ ମଙ୍ଗଳବାର ଗାନ୍ଧୀ ଛକ ଠାରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ଚଳିତ ମାସ ମାର୍ଚ୍ଚ ୩୧ ତାରିଖରୁ ଏପ୍ରିଲ ୮ ତାରିଖ ପର୍ଯ୍ୟନ୍ତ ଚାଲିବ ମାଆଙ୍କ ନବଦିନ ଚୈତ୍ର କଳସ ଯାତ୍ରା ।ଏହି ଶୁଭ ଖୁଣ୍ଟି ସ୍ଥାପନ ସମୟରେ ମା' ମଙ୍ଗଳା ମନ୍ଦିର ପୂଜକ ଭୁବନ ପୂଜାରୀ ନୀତି ନିୟମରେ ପୂଜାର୍ଚ୍ଚନା କରିବା ପରେ ଖୁଣ୍ଟି ସ୍ଥାପନ କରାଯାଇଥିଲା । ମା' କଳସ ଧରି ପ୍ରତ୍ୟେକ ଦିନ ଭକ୍ତଙ୍କ ଘରକୁ ଘର ଯାଇ ଦର୍ଶନ ଦେଇ ପୂଜା ପାଇବେ । ଶୁଭଖୁଣ୍ଟି ସ୍ଥାପନ ପରେ ଆଜିଠାରୁ ଆରମ୍ଭ ହେଲା ମାଆଙ୍କ କଳସ ଯାତ୍ରା ପାଇଁ ଅନୁକୂଳ କାମ । ମା' ମଙ୍ଗଳା ପ୍ରତ୍ୟକ୍ଷ ଦେବୀ ହୋଇଥିବାରୁ ଏହି କଳସ ଯାତ୍ରାରେ ମାନସିକ କରିଲେ ମା' ଭକ୍ତଙ୍କ ମାନସିକ ପୂରଣ କରନ୍ତି ଓ ସମସ୍ତଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥାଏ । ତେଣୁ ମାଙ୍କ ଆଶୀର୍ବାଦ ଲାଭ କରିବା ପାଇଁ ଜିଲ୍ଲା ତଥା



ପଡୋଶୀ ଜିଲ୍ଲା ଓ ପଡୋଶୀ ରାଜ୍ୟ ଆନ୍ଧ୍ର ଓ ଛତିଶଗଡ଼ର ଭକ୍ତମାନେ ଯାତ୍ରାରେ ସାମିଲ ହୁଅନ୍ତି ଏବଂ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ । ନବଦିନ ଯାତ୍ରା କମିଟିର ସଭାପତି ମୁନା ପାଢ଼ୀ, ଉପସଭାପତି ପି.ଆଶିଷ କୁମାର ରାଓ, ସମ୍ପାଦକ ସତ୍ୟନାରାୟଣ ମିଶ୍ର ଓ କୋଷାଧ୍ୟକ୍ଷ ଗୋବିନ୍ଦ ମାଝୀଙ୍କ ସହ ବାରପାଲି ଗାଁର ଶିରା, ପୂଜାରୀ, ରଇତମାନଙ୍କ ସହ ଉମରକୋଟ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ । ଯାତ୍ରା କମିଟିର ସଭାପତି ମୁନା ପାଢ଼ୀ ନବଦିନ ଯାତ୍ରା କିପରି ସୁରୁଖୁରୁରେ ହୋଇପାରିବ ସେଥି ନିମନ୍ତେ ଉପସ୍ଥିତ ସଦସ୍ୟ ମାନଙ୍କୁ ସହଯୋଗ ନିମନ୍ତେ ନିବେଦନ କରିଥିଲେ ।

# ରାସ୍ତା ଖରାପ ଯୋଗୁଁ ଓଲଟିଲା ଟ୍ରାକ୍ଟର, ଅଳ୍ପକେ ବର୍ତ୍ତିଲେ ଚାଳକ

ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ସଦର ଠାରୁ ୫ କିଲୋମିଟର ଦୁରରେ ରହିଛି ପଣସପୁଟ ଗ୍ରାମ । ଗ୍ରାମରେ ୫୦ ଘର ଆଦିବାସୀ ପରିବାର ବସବାସ କରୁଥିବା ବେଳେ ଲୋକସଂଖ୍ୟା ଦୁଇ ଶହରୁ ଉର୍ଦ୍ଧ୍ୱ । ଗ୍ରାମଟି ପୁରା ପାହାଡ ପାଦ ଦେଶରେ ଅବସ୍ଥାପିତ ଥିବା ବେଳେ ଗ୍ରାମବାସୀ ଡ଼ଙ୍ଗର ଜମି ଚାଷ ବାସ କରି ଚଳନ୍ତି । ହେଲେ ଗ୍ରାମର ପ୍ରବେଶ ପଥରେ ବିପଦ ଜଗିକି ବସିଛି । ଗ୍ରାମ ଠାରୁ ଗୋଟିଏ କିଲୋମିଟର ଯାଏଁ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡିଛି ।ରାସ୍ତାରୁ କଂକ୍ରିଟ ଉଠି ଗୋଡି ବାହାରି ପଡିଛି ।ରାସ୍ତା ସାରା ଖାଲ ଖମା ହୋଇପଡିଥିବା ବେଳେ ଚଳ ପ୍ରଚଳରେ ବାଧା ଉପୁଜିଛି । ଛଅ ବର୍ଷ ତଳେ ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ପଞ୍ଚାୟତ ତରଫରୁ କଂକ୍ରିଟ୍‌ରେ ରାସ୍ତାର ମରାମତି କରାଯାଇଥିଲା । କାମ ସରିବାର ପ୍ରାୟ ଗୋଟିଏ ବର୍ଷ ପରେ ରାସ୍ତାରୁ କଂକ୍ରିଟ ଉଠିଗଲା । ବର୍ତ୍ତମାନ ଯେଉଁ ପରିସ୍ଥିତିରେ ରାସ୍ତାଟି ରହିଛି ତାହା ନିଜ ଆଖିରେ



ନଦେଖିଲେ ବିଶ୍ୱାସ କରିହେବନି । ରାସ୍ତା ଅବସ୍ଥା ଦେଖି ଗ୍ରାମକୁ ଆମ୍ବୁଲାନ୍ସ ଆସିବା କଷ୍ଟକର ହେଉଥିବାରୁ ଅଧାରେ ଅଟକି ରହିଲେ ରୋଗୀଙ୍କୁ ବୋହିକି ନେବାକୁ ପଡେ । ଖାଲି ସେତିକି ନୁହେଁ ବିଦ୍ୟାଳୟକୁ ମଧ୍ୟ ଆଖ ପାଖ ଅଞ୍ଚଳର ଅନେକ ପିଲା ପାଠ ପଢିବାକୁ ସେଇ ରାସ୍ତାରେ ଆସନ୍ତି ।ରାସ୍ତା ଖରାପ ଯୋଗୁଁ ବର୍ଷା ଦୁଇମାସ ପିଲାଙ୍କ ପାଠ ବନ୍ଦ ରୁହେ । ଗାଁରେ ଏକ ଅଙ୍ଗନାବାଡି କେନ୍ଦ୍ର ରହିଛି ଓ ଏକ ପ୍ରାଥମିକ ବିଦ୍ୟାଳୟ ଅଛି । ଅଙ୍ଗନାବାଡି କର୍ମୀଙ୍କ ସହ ବିଦ୍ୟାଳୟକୁ ନିତି ଦୁଇଜଣ ଶିକ୍ଷୟିତ୍ରୀ ଯାଆନ୍ତି । ଏଥିସହ ଗ୍ରାମବାସୀମାନେବି ଦୈନିକ କିଛିନା କିଛି କାମରେ ବ୍ଲକ ସଦରକୁ ସେଇ ରାସ୍ତାରେ ଯାତାୟାତ କରନ୍ତି ।ହେଲେ ଉକ୍ତ ରାସ୍ତା ସଭିଙ୍କ ପାଇଁ ବିପଦ ସାଜିଛି । ଗତକାଲି ଏକ ଟ୍ରାକ୍ଟର ରାସ୍ତା କଡ଼କୁ ଓଲଟି ପଡ଼ିଥିବା ବେଳେ ଡ୍ରାଇଭର ଅଳ୍ପକେ ବର୍ତ୍ତୀ ଯାଇଥିବା ଜଣାପଡିଛି । ରାସ୍ତା ଖରାପ ଯୋଗୁଁ ଏଇଭଳି ଘଟଣା ଘଟିଲା ବୋଲି ଗ୍ରାମର ସତ୍ୟ ହିଡ୍ରେକା,କୃଷ୍ଣ ହିଡ୍ରେକା,ଦାସ ହିଡ୍ରେକା, ବିଟୁ ହିଡ୍ରେକା,ଆନ୍ଧୁ ହିଡ୍ରେକା, ରାଞ୍ଜୁ ମିଣିଆକା ଓ ପୂର୍ଣ୍ଣ ପ୍ରସ୍କା ପ୍ରକାଶ କରିଛନ୍ତି । ସେହି ରାସ୍ତାରେ ଏକ ପୁରୁଣା କାଳିଆ ପୋଲ ମଧ୍ୟ ଅଛି । ୧୭ ବର୍ଷ ତଳେ ଉକ୍ତ ପୋଲ ନିର୍ମାଣ କରାଯାଇଥିଲା ବେଳେ ବର୍ତ୍ତମାନ ତାହା ପୁରା ବିପଦ ସଂକୁଳ ଅବସ୍ଥାରେ ରହିଛି । କେତେବେଳେ ଭୁଶୁଡି ପଡିବ ତାହା କହିବା ମୁସ୍କିଲ ।ତେଣୁ ଆଗକୁ ଅନ୍ୟ କୌଣସି ଯାନବାହାନ ଦୁର୍ଘଟଣାର ଶିକାର ହୋଇ ଧନ ଜୀବନ ନଷ୍ଟ ହେବା ପୂର୍ବରୁ ରାସ୍ତା ମରାମତି ଦିଗରେ ପ୍ରଶାସନର ନଜର ପଡିବା ନିହାତି ଜରୁରୀ ହୋଇପଡିଛି ।

# ଅଞ୍ଚଳ ମହାବିଦ୍ୟାଳୟରେ ନିବେଶକ ସଚେତନତା ସମ୍ମାନ




ବରଗଡ଼(ଭାସ୍କର ନ୍ୟୁଜ୍): ଅଞ୍ଚଳ ମହାବିଦ୍ୟାଳୟ, ପଦ୍ମପୁର ସମ୍ମିଳନୀ କକ୍ଷରେ ମହାବିଦ୍ୟାଳୟ ର ଅଧ୍ୟକ୍ଷ ପ୍ରଫେସର ଲଳିତ ମୋହନ ପଣ୍ଡା ଙ୍କ ସଭାପତିତ୍ୱରେ ନିବେଶକ ସଚେତନତା ଉପରେ ଏକ ସମ୍ମାନ ଆଇ. କ୍ୟୁ. ଏ.ସି.ଦ୍ୱାରା ଅନୁଷ୍ଠିତ ହୋଇଥିଲା । ଅଧ୍ୟକ୍ଷ ଶ୍ରୀ ପଣ୍ଡା ତାଙ୍କ ସ୍ୱାଗତ ଭାଷଣ ରେ ଆର୍ଥିକ ସମ୍ବଳ ର ସଦୁପଯୋଗ ନିମିତ୍ତ ବର୍ତ୍ତମାନ ଆମ ସମସ୍ତଙ୍କ ପାଇଁ ଆର୍ଥିକ ସାକ୍ଷରତା ଅତ୍ୟନ୍ତ ଜରୁରୀ ବୋଲି ମନ୍ତବ୍ୟ ରଖିଥିଲେ । ଆଇ. କ୍ୟୁ. ଏ. ସି.ସଂଯୋଜକ ତଥା ବାଣିଜ୍ୟ ବିଭାଗ ମୁଖ୍ୟ ଶ୍ରୀ ନବକୃଷ୍ଣ ମିଶ୍ର ଅତିଥି ପରଚୟ ସହ ଏହି ସମ୍ମାନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ ।ଏହି ଅବସରରେ ଜାତୀୟ ଷ୍ଟକ ବିନିମୟ (ଘଝର)ସ୍ୱୀକୃତ ପ୍ରଶିକ୍ଷକ ଡ. ଜୟ କିଶନ ମେହେର ରିଶୋର୍ସ ପାର୍ଶନ ଭାବେ ଯୋଗ ଦେଇ ଆର୍ଥିକ ସାକ୍ଷରତା ଉପରେ ସନ୍ଦର୍ଭ ଉପସ୍ଥାପନ କରି ଆର୍ଥିକ ଯୋଜନା, ପରିଚାଳନା, ସଙ୍କଟ ପ୍ରବନ୍ଧନ ଇତ୍ୟାଦି ସଫଳ ନିବେଶ ପାଇଁ ଜରୁରୀ ବୋଲି କହିବା ସହ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲେ । ପରିଶେଷରେ ଅର୍ଥନୀତି ବିଭାଗ ଅଧ୍ୟାପିକା ଡ.ମମତା ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଡ଼ ସରୋଜ କୁମାର ନାଏକ, ଡ଼. ତୁଷାରକାନ୍ତ ସାହୁ, ବାଳଗୋପାଳ ମେହେର, ବ୍ରଜ କୁମାର,ମିଥୁନ ମେହେର, ଡ଼. ମମତା ଗୁରୁ, ନିଖତ ଅଞ୍ଜୁମ,ଲିପସା ଚନ୍ଦ୍ରକାର ଲଲାଟେନ୍ଦୁ ପ୍ରଧାନ,ଅନନ୍ତ ମଲ୍ଲିକ, ଜଗବନ୍ଧୁ ସୁରୁଜାଲ ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା ଙ୍କ ସହ ବାଣିଜ୍ୟ, ଅର୍ଥନୀତି ଓ ଅନ୍ୟାନ୍ୟ ବିଭାଗର ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ଗ୍ରୀଷ୍ମ ପ୍ରବାହର ସଫଳ ପରିଚାଳନା ପାଇଁ ଓରିଏଣ୍ଟେସନ କର୍ମଶାଳା

ନୂଆପଡା (ଭାସ୍କର ନ୍ୟୁଜ୍): ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ସଫଳ ପରିଚାଳନା ନିମନ୍ତେ ଜିଲ୍ଲାସ୍ତରୀୟ ବିଭିନ୍ନ ଅଧିକାରୀଙ୍କୁ ନେଇ ଏକ ଓରିଏଣ୍ଟେସନ କର୍ମଶାଳା ଜିଲ୍ଲା ଜରୁରୀ କାଳୀନ ଶାଖା ତରଫରୁ ଜିଲ୍ଲା କାର୍ଯ୍ୟାଳୟସ୍ଥ ସଭାବନା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସମସ୍ତ ବିଭାଗର ଅଧିକାରୀମାନେ ଗ୍ରୀଷ୍ମ ପ୍ରବାହର ସଫଳ ପରିଚାଳନା ପାଇଁ କିପରି ଭାବରେ ନିଜ ବିଭାଗକୁ ପ୍ରସ୍ତୁତ କରି ରଖିବେ ସେଥିପାଇଁ ଆୟୋଜିତ କର୍ମଶାଳାରେ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ଜରୁରୀକାଳୀନ ଶାଖା ଅଧିକାରୀ ତଥା ଡେପୁଟୀ କଲେକ୍ଟର ଶେଖ୍ ନସିମ ବୈଠକର ଆଭିମୁଖ୍ୟ ଓ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଜିଲ୍ଲାପାଳ ବୈଠକକୁ ସମ୍ବୋଧନ କରି ଗ୍ରୀଷ୍ମ ପ୍ରବାହର ସଫଳ ପରିଚାଳନା ପାଇଁ ସମସ୍ତ ବିଡ଼ିଓ, ତହସିଲଦାର ତଥା ସମସ୍ତ ବିଭାଗ ଅଧିକାରୀଙ୍କ ଦାୟିତ୍ୱ, କର୍ତ୍ତବ୍ୟ,ପ୍ରାକ ପ୍ରସ୍ତୁତି ସହ ଜରୁରୀ କାଳୀନ ପରିଚାଳନା ଉପରେ ବିଶଦ ଭାବରେ ବୁଝାଇଥିଲେ । ସେ କହିଲେଯେ ଗ୍ରୀଷ୍ମ ପ୍ରବାହରୁ ଆମକୁ କେବଳ ମଣିଷ ସମାଜ ନୁହେଁ ଏହା ସହିତ ସମସ୍ତ ଗୃହପାଳିତ ପଶୁ, ଜୀବଜନ୍ତୁ ଏବଂ ବୃକ୍ଷଲତାର ସୁରକ୍ଷା କରିବା ଆବଶ୍ୟକ । ଏଥିପାଇଁ ଅଧିକାରୀ ମାନେ ନିଜ ନିଜ ବିଭାଗ ସହିତ ଲୋକ ପ୍ରତିନିଧିମାନଙ୍କୁ ମଧ୍ୟ ସାମିଲ୍ କରନ୍ତୁ ।




ଘରପୋଡ଼ି ହେଲେ ରାଜସ୍ୱ ଅଧିକାରୀ ମାନେ ୨୪ ଘଣ୍ଟା ମଧ୍ୟରେ ସହାୟତା ଯୋଗାଇ ଦେବେ । ସମସ୍ତ ସତର୍କତା ସହିତ ଜିଲ୍ଲାରେ ମନରେଗା ଯୋଜନାରେ କାମ ଚାଲୁ ରହିବ । ପଞ୍ଚାୟତି ରାଜ, ନଗର ଉନ୍ନୟନ ଏବଂ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ସମସ୍ତ ସହର, ବସ୍ତି, ଗ୍ରାମାଞ୍ଚଳରେ ପିଇବା ପାଣି ସମସ୍ୟା ସମାଧାନ କରିବେ । ବିଦ୍ୟୁତ ବିଭାଗ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଉପରେ ନଜର ରଖିବେ । ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ନିଜ ନିଜ ଦାୟିତ୍ୱ ସୂଚାରୁ ରୂପେ ନିର୍ବାହ କରିବେ । ଜିଲ୍ଲା ଜରୁରୀ ଶାଖା ଡିପିଓ ମହେନ୍ଦ୍ର କୁମାର ସ୍ୱାଇଁ ଗ୍ରୀଷ୍ମପ୍ରବାହର କାରଣ ନିରାକରଣ ତଥା ସଫଳ ଓ ସଠିକ ପରିଚାଳନା ନିମନ୍ତେ ଆବଶ୍ୟକ କାର୍ଯ୍ୟାନ୍ୱୟନର ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ । ବୈଠକରେ ବିଭିନ୍ନ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜିଲ୍ଲାସ୍ତରୀୟ ଅଧିକାରୀ ବୃନ୍ଦ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ସଫଳ ପରିଚାଳନା ନିମନ୍ତେ ନିଜ ନିଜ ବିଭାଗ ତରଫରୁ ପ୍ରାକ ପ୍ରସ୍ତୁତି ପଦକ୍ଷେପ ଉପରେ ଉପସ୍ଥାପନା କରିଥିଲେ । ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ବନଖଣ୍ଡ ଅଧିକାରୀ ମହାଦେବ ବଡ଼ାଇକ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ସିଡିଏମ୍ଓ ଡଃ ଗୁରୁ ପ୍ରସାଦ ଜେନା ସମେତ ସମସ୍ତ ତହସିଲ୍‌ଦାର, ବିଡ଼ିଓ, କାର୍ଯ୍ୟନିର୍ବାହୀ ବିଭାଗର ଅଧିକାରୀ ବୃନ୍ଦ, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରୀଷ୍ମ ପ୍ରବାହର ସଠିକ୍ ତଥା ସମୟୋଚିତ ପରିଚାଳନା ପାଇଁ ଜିଲ୍ଲାପାଳ ଶ୍ରୀ ଦାଶ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ।

## ସପ୍ତମଶ୍ରେଣୀ ଛାତ୍ରୀକୁ ମଦ ପିଆଇ ଦୁଷ୍କର୍ମ ଘଟଣା

# ୨ ନାବାଳକ ଗିରଫ

ଉମରକୋଟ(ଭାସ୍କର ନ୍ୟୁଜ) : ଜଣେ ସପ୍ତମ ଶ୍ରେଣୀରେ ପଢୁଥିବା ନାବାଳିକା ଛାତ୍ରୀକୁ ଦିନ ଦ୍ୱିପହରରେ ୨ ଜଣ ନାବାଳକ ଦୁଷ୍କର୍ମ କରିଥିବା ଅଭିଯୋଗ ହେଇଛି । ଘଟଣା ଘଟିଛି ନବରଙ୍ଗପୁର ଜିଲ୍ଲାର ଉମରକୋଟ ସହରର ଥାନା ନିକଟସ୍ଥ ଏକ ସାହିରେ । ଏହି ଘଟଣାକୁ ନେଇ ସମଗ୍ର ସହରରେ ଚାଞ୍ଚଲ୍ୟ ଖେଳିଯାଇଛି । ନାବାଳିକାଙ୍କ ମା' ଉମରକୋଟ ଥାନାରେ କରିଥିବା ଲିଖିତ ଅଭିଯୋଗ ଅନୁସାରେ ୧୫ ତାରିଖ ଦିନ ଅପରାହ୍ନ ୨ ଟା ସମୟରେ ତାଙ୍କ ୧୧ ବର୍ଷର ଝିଅ ଘର ପାଖେ ଏକୁଟିଆ ଖେଳୁଥିବା ସମୟରେ ତାଙ୍କ ସାହିର ୨ ଜଣ ଝିଅକୁ ଫୁସୁଲା ଫୁସୁଲି କରି ନିକଟସ୍ଥ ଏକ ପଡିଆକୁ ନେଇ ପ୍ରଥମେ ମଦ ପିଆଇ ଦେଇଥିଲେ ପରେ ଝିଅର ଅନିଛା । ସତ୍ତ୍ୱେ ଜଣକ ପରେ ଜଣେ ଦୁଷ୍କର୍ମ କରିଥିଲେ । ଘଟଣା ଘଟିବା ଦିନ ଝିଅଟି ଭୟରେ କାହାକୁ କିଛି ନ କହିଥିଲେ ହେଁ ୧୬ ତାରିଖ ଦିନ ସନ୍ଧ୍ୟା ।ରେ ମା'ଙ୍କୁ ସମସ୍ତ କଥା କହିଥିଲା । ପରେ ପୀଡିତା ।ଙ୍କ ମା ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଥାନାରେ ଅଭିଯୋଗ ହେବା । କଥା ଶୁଣି ଭୟରେ ଦୁଷ୍କର୍ମ କରିଥିବା ୨ ଯୁବକ ଫେରାର ହୋଇଯାଇଥିଲେ । ଗତ କାଲି ବିଳମ୍ବିତ ରାତି ୨ ନାବାଳକଙ୍କୁ ଗିରଫ କରିବ ।ରେ ସଫଳ ହେଇଥିଲା । ଆଜି ଉମରକୋଟ ପୋଲିସ ଉମରକୋଟ ହସ୍ପିଟାଲରେ

**ଉମରକୋଟରେ ଲଜ୍ଜା**

ପ୍ରଥମେ ନାବାଳିକା ଓ ପରେ ୨ ନାବାଳକଙ୍କୁ ନେଇ ଡାକ୍ତରୀ ମା ।ଇନା କରିଥିଲା । ଝିଅ ପଢୁଥିବା ସ୍କୁଲକୁ ଆଜି ପୋଲିସ ଯାଇ ଆଡ଼ମିଶନ ରେଜିଷ୍ଟରକୁ ଜବତ କରି ଥାନାକୁ ଆଣିଛି । ନବରଙ୍ଗପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ନବରଙ୍ଗପୁର ପୋଲିସ ଡିଏସପି ସରୋଜିନୀ କିଷ୍ପଟ୍ଟ ଘଟଣାର ତଦନ୍ତ ଭାର ଗ୍ରହଣ କରିଛନ୍ତି । ଗତକାଲି ସନ୍ଧ୍ୟାରେ ୨ ନାବାଳକଙ୍କୁ ଉମରକୋଟ ପୋଲିସ ନବରଙ୍ଗପୁର ଠାରେ ଥିବା ଜୁବେନିଆଲ କୋର୍ଟରେ ଉପସ୍ଥାପନ କରିଛି । ଘଟଣାକୁ ନେଇ ସମଗ୍ର ଉମରକୋଟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି ।

# ସମ୍ପ୍ରଦାୟ ମାନସିକ ସ୍ୱାସ୍ଥ୍ୟ ଏବଂ ପୁନର୍ବାସ କାର୍ଯ୍ୟକ୍ରମ ଶୁଭାରମ୍ଭ

ଖପ୍ରାଖୋଲ (ଭାସ୍କର ନ୍ୟୁଜ) : ସ୍ଥାନୀୟ ବ୍ଲକ ସଭା ଗୃହ ଠାରେ ବେସିକନିଡ଼ ଇଣ୍ଡିଆ, ଏନଆରଏଚଏମ୍ , ଓ୍ୱାଇସିଡିଏ ଅନୁଷାନର ମିଳିତ ଉଦ୍ୟମରେ ସମ୍ପ୍ରଦାୟ ମାନସିକ ସ୍ୱାସ୍ଥ୍ୟ ଏବଂ ପୁନର୍ବାସ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଖପ୍ରାଖୋଲ ବ୍ଲକ ଉନ୍ନୟନ ଅଧିକାରୀ ବିବେକାନନ୍ଦ ଷଡଙ୍ଗୀ, ମୁଖ୍ୟବକ୍ତା ରୁପେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମେଡିକାଲ ଅଫିସର ଡାକ୍ତର ସୁରଜ କୁମାର ଦୀପ, ସମ୍ମାନୀତ ଅତିଥି ଭାବେ ଥାନା ଏସ୍‌ଆଇ ଲିଙ୍ଗରାଜ କିଷାନ, ସିଡ଼ିପିଓ ଅମିତା ପଣ୍ଡା, ବିଏସଏସଓ କନିଷ୍କ ବିଭାର, ଓଏଲଏମ୍‌ବିଏଲସି ପ୍ରଶାନ୍ତ ନନ୍ଦ, ଜିପିଓ ପରମେଶ୍ୱର ନାଏକ, ଭାଇସ



ଚେୟାରମ୍ୟାନ ସୁଖିରାମ ସାଣ୍ଡ, ମେଣ୍ଟାଲ ହେଲ୍ଥ ରାଜ୍ୟ ସଂଯୋଜକ ରାଜୀବ କର୍ମୀ, ଓ୍ୱାଇସିଡିଏ ପ୍ରୋଗ୍ରାମ ମ୍ୟାନେଜର ସୁବ୍ରତ ଜେନା ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ ଏହାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଖପ୍ରାଖୋଲ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ଆଶା କର୍ମୀ, ସିଆରପି, ଅଙ୍ଗନବାଡି ସୁପରଭାଇଜର, ଅଙ୍ଗନବାଡି କର୍ମୀ ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଖପ୍ରାଖୋଲ ଅଞ୍ଚଳରେ ଥିବା ମାନସିକ ଅସୁସ୍ଥ ବ୍ୟକ୍ତିଙ୍କୁ ଚିହ୍ନଟ କରି ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ସହିତ ପରିବାର ଏବଂ ଗୋଷ୍ଠୀକୁ ସଚେତନତା କରିବା ମୁଖ୍ୟ ଉଦ୍ଦେଶ୍ୟ ଥିଲା । ତୃଣମୂଳ ସ୍ତରରେ ଏହି ମାନସିକ ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମ ଅଧିକ ମଜବୁତ କରିବ ବୋଲି ଅତିଥିମାନେ ମତ ରଖିଥିଲେ । ବେସିକ ନିଡ଼ ଇଣ୍ଡିଆ ଏବଂ ଓ୍ୱାଇସିଡ଼ିଏ ଅନୁଷ୍ଠାନ ମିଳିତ ଉଦ୍ୟମରେ ୩ ବର୍ଷ ପାଇଁ କାର୍ଯ୍ୟ କରିବ । କାର୍ଯ୍ୟକ୍ରମକୁ ଓ୍ୱାଇସିଡିଏର ବ୍ଲକ ସଂଯୋଜକ ଉମେଶ କୁମାର ଗୁପ୍ତା ପରିଚାଳନା କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ଭୋଇ, ମାଧବ ଖର୍ସେଲ ସାହାଯ୍ୟ ସହଯୋଗ କରିଥିଲେ ଶେଷରେ ମେଣ୍ଟାଲ ହେଲ୍ଥ ପ୍ରୋଗ୍ରାମ ବ୍ଲକ ସଂଯୋଜିକା ଜେମାମଣି କୁଆଙ୍ଗ ଧନ୍ୟବାଦ ଦେଇଥିଲେ ।

# ଜିଲ୍ଲାସ୍ତରୀୟ ଅନ୍ତର୍ବିଭାଗୀୟ ସମନ୍ୱୟ ବୈଠକ

ନୂଆପଡା (ଭାସ୍କର ନ୍ୟୁଜ) : ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଏକ ଜିଲ୍ଲାସ୍ତରୀୟ ଅନ୍ତର୍ବିଭାଗୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ରିଜିଓନାଲ ସେଣ୍ଟର୍ ଫର୍ ଡେଭଲପମେଣ୍ଟ କୋଅପରେସନ (ଆରିସିଡିସି), ଦାପ୍ତା ଓ ଚାଇଲଡ଼ ଫଣ୍ଡ ଇଣ୍ଡିଆ ଙ୍କର ମିଳିତ ଉଦ୍ୟମରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକର ପ୍ରାରମ୍ଭରେ ଆରସିଡିସି ଅନୁଷ୍ଠାନର ବରିଷ୍ଠ ପ୍ରକଳ୍ପ ଅଧିକାରୀ ପ୍ରଦୀପ କୁମାର ପାତ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ପ୍ରକଳ୍ପର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ପୂରଣ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଏହି ପ୍ରକଳ୍ପ ନୂଆପଡାର ଦୁଇଟି ବ୍ଲକ କୋମନା ଓ ବୋଡେନରେ ୨୦୨୨ ଡିସେମ୍ବରରେ ଆରମ୍ଭ ହୋଇ ଥିଲା । ଏଷ୍ଟାରେସନାଲ ଜିଲ୍ଲାରେ ଶିଶୁ ସୁରକ୍ଷା ଓ ଗରିବ ଆଦିବାସୀ ଜନ ସାଧାରଣଙ୍କ ବିକଳ୍ପ ଜୀବନ ଜୀବିକା ପାଇଁ କରାଯାଇ ଥିବା କାର୍ଯ୍ୟକ୍ରମକୁ ଶ୍ରୀ ପାତ୍ର ଉପସ୍ଥାପନା କରିଥିଲେ । ଜିଲ୍ଲାପାଳ ମଧୁସୂଦନ ଦାଶ ଉକ୍ତ ଅନୁଷ୍ଠାନମାନଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରିବା ସହ କାର୍ଯ୍ୟକ୍ରମକୁ ଆହୁରି ଅଧିକ ଭଲ ଓ ଲୋକାଭିମୁଖୀ କରି ଏହାର ପ୍ରଭାବରେ ଲୋକଙ୍କ ଜୀବନ ଜୀବିକାରେ ଉନ୍ନତି ଆଣିବା ପାଇଁ ପରାମର୍ଶ ଦେଇଥିଲେ । ଅନୁଷ୍ଠାନମାନଙ୍କୁ ଜିଲ୍ଲାର ବିଭିନ୍ନ ବିଭାଗରୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ଘୋଷଣା କରିଥିଲେ । ଜିଲ୍ଲାପାଳ ତାଙ୍କ ବାର୍ତ୍ତାରେ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କ କାର୍ଯ୍ୟ ସ୍ପୃହାକୁ ପ୍ରଶଂସା କରି ଉତ୍ସାହିତ କରିଥିଲେ । ଉପସ୍ଥିତ ବିଭାଗୀୟ ଅଧିକାରୀମାନେ ତାଙ୍କ ଯୋଜନା ଦ୍ୱାରା ପ୍ରବାସୀ ଶ୍ରମିକ କମାଇବା ସହିତ ଶିଶୁ ସୁରକ୍ଷା ନିଶ୍ଚିତ କରିବା ପାଇଁ ନିଜ ନିଜ ବିଭାଗର କାର୍ଯ୍ୟପନ୍ଥା ଉପସ୍ଥାପନା କରିଥିଲେ । ବୈଠକର ନିଷ୍ପତ୍ତି ଅନୁଯାୟୀ ଆଗାମୀ କିଛି ଦିନ ଭିତରେ ଅନୁଷ୍ଠାନମାନଙ୍କ ଦ୍ୱାରା ଏକ ସ୍ୱାସ୍ଥ୍ୟ ସର୍ଭେ କରାଯାଇ ଦାଦନ ଯାଇଥିବା ଓ ଦାଦନ ଯାଇ ଫେରିଥିବା ପରିବାର ମାନଙ୍କ ସର୍ଭେ କରାଯିବ । ସେମାନଙ୍କ ଆବଶ୍ୟକତା ଅନୁଯାୟୀ ସମସ୍ତ ବିଭାଗକୁ ନେଇ ଉନ୍ନୟନ ଯୋଜନା କରିବା ସହ ପରିବାର ମାନଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ । ଜିଲ୍ଲାପାଳ ଏହି ବ୍ଲକ୍ ମାନଙ୍କରେ ଚାଲିଥିବା ଓ ଭବିଷ୍ୟତରେ ହେବାକୁ ଥିବା କାର୍ଯ୍ୟକ୍ରମ ଗୁଡ଼ିକର ପୁଙ୍ଖାନୁପୁଙ୍ଖ ଆଲୋଚନା ସହତ ଏହା ରୂପାୟନ କରିବାରେ ବିଭାଗୀୟ ଅଧିକାରୀ ମାନଙ୍କ ସାହାଯ୍ୟ ସହଯୋଗ କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା, ଶ୍ରମିକ, କୃଷି, ଉଦ୍ୟାନ କୃଷି, କେବିକେ, ପ୍ରାଣୀ ସମ୍ପଦ, ନିଯୋଜନ, ଶିକ୍ଷା, ସମାଜ ମଙ୍ଗଳ,ସାମାଜିକ ସୁରକ୍ଷା, ଶିଶୁ ସୁରକ୍ଷା ସମିତି, ପଂଚାୟତି ରାଜ, କିଶୋର ନ୍ୟାୟ ବୋର୍ଡ ,ସ୍ୱତନ୍ତ୍ର ନ୍ୟାୟ ପୋଲିସ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ । ଦାପ୍ତା ଅନୁଷ୍ଠାନର ସମ୍ପାଦକ ଉପସ୍ଥିତ ଥିବା ବେଳେ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆରସିଡି ଅନୁଷ୍ଠାନର କର୍ମକର୍ତ୍ତା ଲକ୍ଷ୍ମୀଧର, ନିବେଦିତା, କ୍ଷୀରୋଦ, ଭୂମି, ଛବି, ସୁଲୋଚନା ଓ ଦାପ୍ତା ଅନୁଷ୍ଠାନର ସମ୍ପାଦକ ଓ ପ୍ରକଳ୍ପ ସଂଯୋଜକ ଓ ସଂଯୋଜିକା ମାନେ ସାହାଯ୍ୟ କରିଥିଲେ । ପରିଶେଷରେ ଶ୍ରୀ ପ୍ରଦୀପ ଓ ଶ୍ରୀମତୀ ସୁଜାତା ଜିଲ୍ଲାପାଳ ତଥା ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାତୀୟସ୍ତରୀୟ ପ୍ରଦର୍ଶନୀ 'ବରଗଡ଼ ବାଣିଜ୍ୟ ମେଳା' ଉଦ୍‌ଘାଟିତ

## ■ ଯୋଗଦେଲେ ୧୬ ରାଜ୍ୟର ୧୦୦ କାରିଗର

ବରଗଡ଼(ଭାସ୍କର ନ୍ୟୁଜ): ନିଶାମଣି ସରକାରୀ ହାଇସ୍କୁଲ ପଡ଼ିଆ (ଲୋକ ମଣ୍ଡପ ପଡ଼ିଆ) ଠାରେ ଜାତୀୟ ସ୍ତରୀୟପ୍ରଦର୍ଶନୀ 'ବରଗଡ଼ ବାଣିଜ୍ୟ ମେଳା' ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଟ୍ୱିଙ୍କିଲ ସୋରେନ୍, ଉପନିର୍ଦ୍ଦେଶକ ଜିଲ୍ଲା ହସ୍ତଶିଳ୍ପ ବିଭାଗ, ବରଗଡ଼ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ବାଣିଜ୍ୟ ମେଳାକୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ସମାରୋହରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସହାୟକ ମହାପ୍ରବନ୍ଧକ ଜ୍ଞାନେନ୍ଦ୍ର କୁମାର ବେହେରା, ଡଃ ସୁରେଶ ଚନ୍ଦ୍ର ସାହୁ, ସମ୍ପାଦକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବରଗଡ଼ ତଥା ପୂର୍ବତନ ଭଟିଲ୍ ମହାବିଦ୍ୟାଳୟର ପ୍ରଧାପକ, ଶ୍ରୀ ରଞ୍ଜନ ବିଶ୍ୱାଳ, ଅଧ୍ୟକ୍ଷ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଏବଂ ଡ଼ୋଭ୍‌ର ସଂପାଦକ ଅନିଲ କୁମାର ମିଶ୍ର ପ୍ରମୁଖ ସମ୍ମାନୀୟ ଅତିଥି ଭାବରେ ଯୋଗଦାନ କରିଥିଲେ । ଉକ୍ତ ପ୍ରଦର୍ଶନୀ 'ଡ଼ୋଭ୍' ଅନୁଗୋଳ ଦ୍ୱାରା ସରକାରଙ୍କ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟର କ୍ରୟ ଏବଂ ମାର୍କେଟିଂ ସହାୟତା (ପି.ଏମ୍.ଏସ୍) ଯୋଜନା ମାଧ୍ୟମରେ ଆୟୋଜିତ ହୋଇଅଛି । ଏହି ପ୍ରଦର୍ଶନୀ ୧୭ ମାର୍ଚ୍ଚରୁ ୨୬ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ଚାଲିବ । ପ୍ରଦର୍ଶନୀରେ ଭାରତର ବିଭିନ୍ନ ପ୍ରାନ୍ତରୁ ୧୬ଟି ରାଜ୍ୟର ଶହେ ଜଣ ଶିଳ୍ପଦ୍ୟୋଗୀ ଏବଂ ହସ୍ତଶିଳ୍ପ କାରିଗର ସେମାନଙ୍କ ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନ ସହ ବିକ୍ରୟ କରୁଛନ୍ତି । ସୂକ୍ଷ୍ମ ଓ କ୍ଷୁଦ୍ର ଶିଳ୍ପ ସହିତ ହସ୍ତଶିଳ୍ପର ପ୍ରଚାର ପ୍ରସାର କରି ଶିଳ୍ପଦ୍ୟୋଗୀ ଏବଂ ହସ୍ତଶିଳ୍ପୀ କାରିଗରମାନଙ୍କର ଅର୍ଥନୈତିକ ମାନଦଣ୍ଡ ବୃଦ୍ଧି କରିବା ସହ ଏହି କ୍ଷେତ୍ରରେ ବିପୁଳ କର୍ମ ନିଯୋଜନ ସୃଷ୍ଟି କରିବା ନିମନ୍ତେ ଏହାର ଆୟୋଜନ କରାଯାଇଛି । ଚଳିତ ବର୍ଷ କର୍ଣ୍ଣାଟକର କାଠକାମ, ମହିଶୂରର ଧୂପକାଠି, ମୁର୍ଶିଦାବାଦର ପିତ୍ତଳ କାମ, ପଶ୍ଚିମବଙ୍ଗର ଫୁଲ, ଶୀତଳପଟି, କେନ୍ଦ୍ରାପଡ଼ା ଏବଂ ବାଣପୁର ବେତ ଏବଂ ବାଉଁଶ କାମ, ପୁରୀର ପଥର ଖୋଦେଇ, ଚାନ୍ଦୁଆ ଏବଂ




କତା କାମ ଇତ୍ୟାଦି ସାମଗ୍ରୀ ପ୍ରଦର୍ଶୀତ ହେବା ସହ ବିକ୍ରୟ ହେଉଛି । ବାଣିଜ୍ୟ ମେଳାର ପ୍ରଥମ ସନ୍ଧ୍ୟାରେ ଉଦ୍‌ଘାଟନ ସମାରୋହ ଅବସରରେ ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ଉଦ୍‌ଘାଟନ ପରେ ପରେ ସାନ ଡ୍ୟାନସ୍ ଏକାଡେମୀ ବରଗଡ଼ର କୁନି କୁନି କଳାକାରମାନଙ୍କ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ବିମୋହିତ କରିଥିଲା । ଶେଷରେ ବରଗଡ଼ ବାଣିଜ୍ୟ ମେଳାର ସଂଯୋଜକ ସଂଗ୍ରାମ କେଶରୀ ନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଉକ୍ତ କାର୍ଯ୍ୟକ୍ରମକୁ ଅରବିନ୍ଦ କ୍ଷେତ୍ରୀ, ବାଦଲ ମୁଦୁଲୀ, ଭାନୁମତୀ ରଣା ଏବଂ ମହେନ୍ଦ୍ର ସାହୁ ପ୍ରମୁଖ ପରିଚଳନା କରିଥିଲେ ।

# ଜିଲ୍ଲା ପୋଲିସ ପକ୍ଷରୁ ରକ୍ତଦାନ ଶିବିର

କନ୍ଧମାଳ(ଭାସ୍କର ନ୍ୟୁଜ୍): କନ୍ଧମାଳ ଆରକ୍ଷୀ ଅଧିକ୍ଷ ହରିଶ ବିସି ଙ୍କ ନିର୍ଦ୍ଦେଶରେ ଜିଲ୍ଲା ପୋଲିସ୍ ପକ୍ଷରୁ, ଫୁଲବାଣୀ ଆଦର୍ଶ ଥାନାରେ ଏକ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କନ୍ଧମାଳ ଏସପି ହରିଶ୍ ବିସି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ । ତାଙ୍କ ସହିତ ଡିଏସ୍‌ପି ମାନସ ରଞ୍ଜନ ବାରିକ୍, ଏସଡିପିଓ ଶୁଭ୍ରଜିତ୍ ବିଶ୍ୱାଳ,ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟ ର ଅଧ୍ୟାପିକା ଡ. ଅଭିପ୍ସା ବଳ, ଆଦର୍ଶ ଥାନା ଅଧିକାରୀ ସ୍ୱରୁପ କିଶାନ୍, ରିଜର୍ଭ ଇନ୍ସପେକ୍ଟର ବିରସିଂ ଶବର, ଫୁଲବାଣୀ ରକ୍ତଭଣ୍ଡାର ଅଧିକାରୀ ଡ. ଜୟଦୀପ ଘୋଷ ଏବଂ ଫୁଲବାଣୀ ରକ୍ତଦାନ ସମିତି ସହସମ୍ପାଦକ , ଟିମ ହ୍ୟୁମାନିଟିର ଆବାହକ ଭି. ଲୋକନାଥ ରାଜୁ ପ୍ରମୁଖ ଉପସ୍ଥିତ ଥିଲେ । ରକ୍ତ ସଂଗ୍ରହ କାର୍ଯ୍ୟ ରକ୍ତ ଭଣ୍ଡାରର



କର୍ମକର୍ତ୍ତାମାନେ ସମ୍ପାଦନ କରିଥିଲେ । ରକ୍ତ ଦାନ ମହତ ପୁରଣ୍ୟ କାର୍ଯ୍ୟରେ ଫୁଲବଣୀ ଆଇଟିଆଇ, ପଲିଟେକନିକ୍ କଲେଜ, ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଘଉଉ, ରେଡକ୍ରସ୍, ବିଇଡି କଲେଜ, ପୋଲିସ ବାହିନୀ ଏବଂ ହୋମଗାର୍ଡ ର କର୍ମଚାରୀମାନେ ବହୁସଂଖ୍ୟାରେ ଆସି ରକ୍ତଦାନ କରିଥିଲେ । ଶିବିରରେ ଫୁଲବାଣୀ ଟିମ ହ୍ୟୁମାନିଟି ଏବଂ ଫୁଲବାଣୀ ମିତ୍ରା ଫାଉଣ୍ଡେସନ, ଫୁଲବାଣୀ ପୌରପରିଷଦର ୱାର୍ଡ ମେମ୍ବରମାନେ ରକ୍ତଦାନ କରିବା ସହ ଶିବିର ଆୟୋଜନରେ ସମ୍ପୂର୍ଣ୍ଣ ଭାବେ ସହାୟତା କରିଥିଲେ । ଫୁଲବାଣୀ ଆଦର୍ଶ ଥାନାର ଆଇଆଇସି ପି ସ୍ୱରୂପ,ଏସଆଇ ,ମନରଞ୍ଜନ ଭୋଇ ଏବଂ ଅନ୍ୟ କର୍ମଚାରୀମାନଙ୍କ ସହଯୋଗରେ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ସମୁଦାୟ ୧୨୬ ୟୁନିଟ୍ ରକ୍ତ ସଂଗ୍ରହ ହେବା ସହିତ ୧୨୬ ଜଣକ ପାଖରେ ପହଞ୍ଚିପାରିବ ।



ବୋଲଗଡ ତା ୧୯।୩(ଭାସ୍କର ) ବୋଲଗଡ ବ୍ଲକ ଅନ୍ତର୍ଗତ ଦେଉଳି ସ୍ଥିତ ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟ ଠାରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଶେଖ ଅବଦୁଲ ରହିମଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ଶିକ୍ଷାବିତ ରାଜକିଶୋର ବ୍ରହ୍ମା ଯୋଗ ଦେଇଥିବାବେଳେ, ମୁଖ୍ୟ ବକ୍ତା ଭାବେ ବୋଲଗଡ ବ୍ଲକ ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥିଭାବେ ଗୋପାଳପୁର ଗ୍ରାମପଞ୍ଚାୟତର ସରପଞ୍ଚ ପ୍ରଦୀପ କୁମାର ବାରିକ ଯୋଗଦେଇଥିଲେ । ମହାବିଦ୍ୟାଳୟର ରାଜନୀତି ବିଭାଗର ମୁଖ୍ୟ ଅଧ୍ୟାପିକା କଳ୍ପନା ପାଣ୍ଡା ଦେଇ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଛାତ୍ରଛାତ୍ରୀ ମାନଙ୍କୁ କଠିନ ପରିଶ୍ରମ ବଳରେ ହିଁ ସଫଳତା ମିଳି ପାରିବ ବୋଲି ମତବ୍ୟକ୍ତ କରିଥିଲେ । ଶିକ୍ଷା ସହିତ ଶାରୀରିକ ଶିକ୍ଷାର ଯଥେଷ୍ଟ ଆବଶ୍ୟକତା ଅଛି ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ । କଲେଜର ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ସନ୍ତୋଷ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିବାବେଳେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀମାନେ ପୂର୍ଣ୍ଣମାତ୍ରାରେ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ପରିଶେଷରେ ଅତିଥିମାନଙ୍କ ଦ୍ୱାରା ସମସ୍ତ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଟ୍ରଫି ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

## ରକ୍ତଦାନ ଶିବିର ଅନୁଷ୍ଠିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଉଚ୍ଚଶିକ୍ଷା ବିଭାଗ ରାଜ୍ୟ ଏନ.ଏସ. ଏସ ଶାଖା ଏବଂ ବିଭାଗର ସାଂସ୍କୃତିକ ସଂଘର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଉଚ୍ଚଶିକ୍ଷା ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିବା ଏହି ରକ୍ତଦାନ ଶିବିରରେ ୬୫ ୟୁନିଟ ରକ୍ତ ସଂଗ୍ରହ କରାଯାଇ ରେଡ଼କ୍ରସ ଆଞ୍ଚଳିକ ରକ୍ତଭଣ୍ଡାର, ଭୁବନେଶ୍ୱରକୁ ହସ୍ତାନ୍ତର କରାଯାଇଛି। ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଆନୁଷ୍ଠାନିକ ଭାବରେ ରକ୍ତଦାନ ଶିବିରର ଉଦଘାଟନ କରିବା ସହିତ ନିଜେ ମଧ ରକ୍ତଦାନ କରିଥିଲେ। ଉଚ୍ଚଶିକ୍ଷା ବିଭାଗର ଅର୍ଥ ପରାମର୍ଶ ଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ମନୋରଞ୍ଜନ ନାୟକ, ସ୍ୱତନ୍ତ୍ର ଶାସନ ସଚିବ ପ୍ରମୋଦ କୁମାର ମିଶ୍ର, ଏନ. ଏସ. ଏସ ଏବଂ ରେଡ଼କ୍ରସ ସ୍ୱେଚ୍ଛାସେବୀମାନେ ଏହି ରକ୍ତଦାନ ଶିବିରରେ ଯୋଗଦେଇ ରକ୍ତଦାନ କରିଥିଲେ। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର, ସ୍ୱତନ୍ତ୍ର ଶାସନ ସଚିବ ରମାକାନ୍ତ ନାୟକ, ଅତିରିକ୍ତ ଶାସନ ସଚିବ ପ୍ରଶାନ୍ତ ମହାପାତ୍ର, ଯୁଗ୍ମ ଶାସନ ସଚିବ ପ୍ରତିଭା ସାହୁ, ଉପ ଶାସନ ସଚିବ ରମେଶ ଚନ୍ଦ୍ର ବେହେରା, ଏନଏସଏସ ଆଞ୍ଚଳିକ ଶାଖା ନିର୍ଦ୍ଦେଶକ ସୁଶ୍ରୀ ସରିତା ପଟେଲ, ଉଚ୍ଚଶିକ୍ଷା ବିଭାଗ ସାଂସ୍କୃତିକ ସଂଘର ସଭାପତି ସୌମ୍ୟ ରଞ୍ଜନ ବେହେରା ଏବଂ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ରକ୍ତଦାନ ଶିବିରରେ ଉପସ୍ଥିତ ରହି ସ୍ୱେଚ୍ଛାସେବୀମାନଙ୍କର ଉତ୍ସାହ ବର୍ଦ୍ଧନ କରିଥିଲେ।

## ରତ୍ନଭଣ୍ଡାର ଚାବି ହଜିବା ରିପୋର୍ଟ ସାର୍ବଜନୀନ ପ୍ରସଙ୍ଗ
# ସରକାରଙ୍କ ସ୍ପଷ୍ଟୀକରଣ ଲୋଡ଼ିଲେ ହାଇକୋର୍ଟ

କଟକ(ଭାସ୍କର ନ୍ୟୁଜ): ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ନେଇ ଯେଉଁ ନ୍ୟାୟିକ ତଦନ୍ତ କରାଯାଇଥିଲା, ତା'ର ରିପୋର୍ଟ ସାର୍ବଜନୀନ କରାଯିବ କି ନାହିଁ ତାକୁ ନେଇ ଦ୍ୱନ୍ଦ୍ୱ ଏବେ ବି ଲାଗି ରହିଛି । କମିଶନର ରିପୋର୍ଟ ସାର୍ବଜନୀନ କରିବା ନେଇ ଦାଏର ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ ପୁଣିଥରେ ଏହି ପ୍ରସଙ୍ଗ ସାମ୍ନାକୁ ଆସିଛି। ଯେହେତୁ ଏହି ଗୋଟିଏ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦୁଇ ଦୁଇଟି ପୃଥକ ସତ୍ୟପାଠ ଦାଖଲ କରାଯାଇଛି, ତାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ତେଣୁ ହାଇକୋର୍ଟ ପୁଣିଥରେ ସରକାରଙ୍କ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି। ୨୦୨୪ ଜାନୁଆରୀ ୨୯ରେ ଦାଖଲ ସତ୍ୟପାଠରେ ରିପୋର୍ଟ ସାର୍ବଜନୀନ ନ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା । କିନ୍ତୁ ସେହିବର୍ଷ ଏପ୍ରିଲ ୫ ତାରିଖରେ ଦାଖଲ ହୋଇଥିବା ଦ୍ୱିତୀୟ ସତ୍ୟପାଠରେ ରିପୋର୍ଟ ସାର୍ବଜନୀନ କରିବାକୁ ସରକାର ରାଜିଥିବା ଦର୍ଶାଯାଇଛି। ତେଣୁ ବୁଧବାର ଉଭୟ ସତ୍ୟପାଠ ଉପରେ ହାଇକୋର୍ଟ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି। ଆସନ୍ତା ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି କରିବାକୁ ଦିନ ଧାର୍ଯ୍ୟ ହୋଇଛି। ସୂଚନାଯୋଗ୍ୟ ଯେ ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ବିଜେଡି ସରକାରକୁ ସେତେବେଳେ ବିଜେପି ଘେରିଥିଲା। ୨୦୨୪ ସାଧାରଣ ନିର୍ବାଚନରେ ଏହାକୁ ମଧ୍ୟ ଏକ ପ୍ରସଙ୍ଗ ଭାବେ ଉତ୍ଥାପନ କରିଥିଲା । ଏଥିରେ ଦଳକୁ ସଫଳତା ମଧ୍ୟ ମିଳିଥିଲା । ନିର୍ବାଚନ ସମୟରେ ବିଜେପି ଘୋଷଣା କରିଥିଲା ଯେ ତାଙ୍କ ଦଳ କ୍ଷମତାକୁ ଆସିଲେ ରତ୍ନଭଣ୍ଡାର ଚାବି ଖୋଜାଯିବ ଏବଂ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବ। ସେତେବେଳେ ଚାବି ହଜିବା ପ୍ରସଙ୍ଗକୁ ନେଇ ରାଜ୍ୟ ରାଜନୀତି ମଧ୍ୟ ବେଶ୍ ସରଗରମ ହୋଇପଡ଼ିଥିଲା। ବିଜେଡି ସରକାରକୁ ବିଧାନସଭାଠାରୁ ଆରମ୍ଭ କରି ରାଜରାସ୍ତାରେ ମଧ୍ୟ ବିରୋଧୀ ଘେରିଥିଲେ।

## ବସ-କାର ଧକ୍କା: ୨ ମୃତ,୩ ଆହତ



ବୋଲଗଡ (ଭାସ୍କର ନ୍ୟୁଜ): ବୋଲଗଡ ବ୍ଲକ ଅନ୍ତର୍ଗତ ପିଚୁକୁଳି ଜାତୀୟ ରାଜପଥ ୫୭ ଆଦର୍ଶ ବିଦ୍ୟାଳୟ ନିକଟରେ ବୁଧବାର କାର ସହ ଯାତ୍ରୀବାହି ବସ ମୁହାଁମୁହିଁ ଧକ୍କା ହୋଇଥିଲା । ଏଥିରେ ୨ଜଣଙ୍କର ଘଟଣାସ୍ଥଳ ମୃତ ହୋଇଛି । ବସ ଥିବା ୫୦ଜଣ ଯାତ୍ରୀଙ୍କ ମଧ୍ୟରୁ ୩ଜଣ ଆହତ ହେଇଛନ୍ତି। ଘଟଣା ଅନୁଯାଇ ଆଜି ସକାଳ ୭ଟା ସମୟରେ ନୟାଗଡ଼ ଜିଲା ଇଟାମାଟି ଗ୍ରାମର ନୀଳମଣି ସାହୁ(୭୦) ନିଜ ପୈତୃକ ଘର କାର୍ଯ୍ୟ ସାରି ନିଜ ମାରୁତି ସେଲୁଲିୟର କାର (ଓଡି ୦୨ଏକେ ୪୩୩୪)ରେ ଭୁବନେଶ୍ୱର ଚକେଇସିଆଣୀ ସ୍ଥିତ ଘରକୁ ଫେରୁଥିଲେ। ତାଙ୍କ ପଛ ସିଟରେ ସେହି ଗ୍ରାମର ସମ୍ପର୍କୀୟ କାଞ୍ଚନବାଳା ମହାନ୍ତି (୫୦)ଭୁବନେଶ୍ୱର ଯାଉଥିଲେ । ପିଚୁକୁଳି ଆଦର୍ଶ ବିଦ୍ୟାଳୟ ନିକଟରେ ଅତ୍ୟାଧିକ କୁହୁଡି ହେଇଥିବା ବେଳେ ଗାଡ଼ି ଚଳାଚଳ ସତର୍କ ସହ ଯାତାୟତ କରୁଥିଲା। ତେବେ ବିଶାଖା ନାମକ ଯାତ୍ରୀବାହି (ଓଡି ୨୫ଏମ ୦୮୯୧)ବସ ଭୁବନେଶ୍ୱରରୁ ଫୁଲବାଣୀ ଯାତ୍ରୀଙ୍କୁ ନେଇ ଦୃତଗତି ଆସି ବିପରୀତ ଦିଗରୁ ଆସୁଥିବା କାରଟି ସହ ଧକ୍କା ଦେଇଥିଲା। ଫଳରେ କାର ସଂପୂର୍ଣ୍ଣ ଭାବେ ଚୁରମାର ହେବା ସହ ଉଭୟ ନୀଳମଣି ଓ କାଞ୍ଚନବାଳ ଚାପି ହୋଇ ରହି ଘଟଣାସ୍ଥଳରେ ମୃତ୍ୟୁ ହୋଇ ଯାଇଥିଲା। ବସଟି ମଧ ଏକ ଢ଼ାବା କାନ୍ଥରେ ମାଡ ହୋଇ ବିଲ ମଧ୍ୟକୁ ଖସି ଯାଇଥିଲା। ସେଥିରେ ଥିବା ୩ଜଣ ମହିଳା ଯାତ୍ରୀ ଆହତ ହୋଇ ୧୦୮ ଗୋଗୀ ବୁହା ଯାନରେ ଚିକିସ୍ତା ପାଇଁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା ।ତୁରନ୍ତ ଖବର ପାଇ ଅଗ୍ନିଶମ ବାହିନୀ ପ୍ରାୟ ଏକ ଘଣ୍ଟା ବିଦ୍ୟୁତ୍ କଟର ମାଧମ କାରଟିକୁ କାଟି ମୃତକଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମୁଖ୍ୟଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମିତ୍ତ ପଠାଇଥିଲେ । ସେଠାରେ ବେଗୁନିଆ ପୁଲିସ ପକ୍ଷରୁ ଏକ ମାମଲ ରୁଜୁ କରି ଉଭୟ ପରିବାରକୁ ଶବ ହସ୍ତାନ୍ତରିତ କରିଥିବା ଜଣାପଡିଛି ।

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar dated 03.03.2025, I Bhagaban Dakua, Address: At-Sodaka, Po- Polasara, PS- Polasara, Dist-Ganjam, Odisha, PIN-761118, declare that I have changed my name from Bhagaban Barika to Bhagaban Dakua. Henceforth I shall be known as Bhagaban Dakua for all purposes.
Sd/- Bhagaban Dakua

**AFFIDAVIT**

I, Manoj Kumar Keshari residing at BD-302, Vedanta Township, PO/PS/Dist- Jharsuguda-768201 (Odisha), declare that in Educational Certificate of my daughter Bhumika Keshari, my name entered as Manoj Keshari. Hence by virtue of Affidavit No. 14, dtd. 06.03.2025 hereby declare that my name is Manoj Kumar Keshari for all purposes.

**NOTICE**

ମୁଁ ସୁକଦେବ ମିଶ୍ର, ପି. ୯ କସ୍ତୁରୀ ମିଶ୍ରଙ୍କ, ବିଡାନାସୀ, ଖାତା ନମ୍ବର ୩୧୩/767 ,(ଜମିର ବିବରଣୀ: ମୌଜା : କଟକ ସହର ୟୁନିଟ ନମ୍ବର 3 , ବିଡାନାସି , ଥାନା : ବିଡାନାସି, ଥାନା ନମ୍ବର ୩ , ତହସିଲ: କଟକ, ତହସିଲ ନମ୍ବର: ୨୦୪, ଜିଲ୍ଲା : କଟକ, ଖାତା ନମ୍ବର: ୩୧୩/୭୬୭, ପ୍ଲଟ ନମ୍ବର: ୨୮/୧୮୯୨, କସମ : ଘରବାରି, ଏରିଆ: ଏ 0,020 ଡି) ଉପରେ ମୋର ଘର ନିର୍ମାଣ କରୁଅଛି। ଉକ୍ତ ସମ୍ପତ୍ତିରେ ଗୃହ ନିର୍ମାଣ ପାଇଁ ଆର୍ଥିକ ସହାୟତା ପାଇଁ SBI ଗୃହ ଋଣ କେନ୍ଦ୍ର କଟକ (କୋଡ୍ 64606) ରେ ବନ୍ଧକ ରଖୀବାକୁ ଯାଉଛି । ଯାତ୍ରା କରିବା ସମୟରେ ମୋର ପୁତ୍ର ଦୁର୍ଗାମାଧବ ମିଶ୍ର ଦ୍ୱାର ଉପରୋକ୍ତ ସମ୍ପତ୍ତିର RoR(Patta) ହଜିଯାଇଛି, ଯାହା ପାଇଁ ମୁଁ ବିଡାନାସୀ ପୋଲିସ ଷ୍ଟେସନରେ G.D No 011 , dated 12.03.2025 ନମ୍ବରରେ ଏକ Diary ଦାୟର କରିବା ସହିତ ଖବରକାଗଜ ରେ ବାହାର କରିଛି । ଯଦି କେହି ସହୃଦୟ ବକ୍ତି ଉକ୍ତ RoR ସନ୍ଧାନ ପାଆନ୍ତି। ଦୟାକରି ମୋତେ ଯୋଗାଯୋଗ କରନ୍ତୁ ୯୦୯୦୪୧୫୭୪୪ କିମ୍ବା ମୂଳ ଡକ୍ୟୁମେଣ୍ଟକୁ SBI ହୋମ ଲୋନ୍ ସେଣ୍ଟର କଟକକୁ ଫେରସ୍ତ କରିବାକୁ ଅନୁରୋଧ। ଯଦି ଏହି ROR କୁ ପାଇ କୌଣସ ବ୍ୟକ୍ତ ଅପବ୍ୟବହାର କରନ୍ତି ଆଇନ ଅନୁସାର ଦଣ୍ଡନୀୟ ହେବେ

**AFFIDAVIT**

By virtue of an affidavit in the court of Executive Magistrate, Patnagarh on 12.08.2024, I Mamata Bag, W/o- Pramod Sandh, resident of village/post-Ulba, PS- Patnagarh, Dist-Bolangir declares that actual name of my minor son is Tejash Kumar Sandh which is recorded in Birth Certificate & Admission register. But wrongly mentioned as Ariyan Sandh in Aadhar Card. Tejash Kumar Sandh & Ariyan Sandh is same and one person. This affidavit is to be produce before concerned authority for correction of Aadhar Card as Tejash Kumar Sandh, S/o-Pramod Kumar Sandh.
Sd/- Mamata Bag

## ଲଘୁ ଖଣିଜ ଦ୍ରବ୍ୟ ଉପରେ ପୋଲିସ ଚଢ଼ାଉ..ନିର୍ମାଣ କାର୍ଯ୍ୟ ଠପ୍

ସଇଁତଲା (ଭାସ୍କର ନ୍ୟୁଜ) : ଲଘୁ ଖଣିଜ ଦ୍ରବ୍ୟ (ବାଲି, ମେଟାଲ, ମୋରମ) ବୋଝେଇ ଟ୍ରାକ୍ଟରକୁ ପୁଲିସ ଚଢଉ କରି ଜବତ କରି ସଙ୍ଗେ ସଙ୍ଗେ କୋର୍ଟ ଚାଲାଣ କରୁଥିବାରୁ ରାସ୍ତାଘାଟରେ ଆଉ ଟ୍ରାକ୍ଟର ଦେଖିବାକୁ ମିଳୁନାହିଁ । ପୂର୍ବରୁ ରାଜସ୍ୱ ଓ ଖଣି ବିଭାଗ ପକ୍ଷରୁ କାଁ ଭାଁ ଚଢ଼ଉ ହେଉଥିଲା । ସେତେବେ ବେଳେ ତତ୍କାଳ ଜୋରିମାନା ଆଦାୟ କରାଯାଉଥିବାରୁ ଟ୍ରାକ୍ଟରକୁ ଛାଡି ଦିଆଯାଉଥିଲା । କିନ୍ତୁ ଏବେ ପୁଲିସ ଚଢ଼ଉ କରୁଥିବାରୁ ଟ୍ରାକ୍ଟର ଗୁଡିକ ଥାନା, ଫାଣ୍ଡିରେ ଭର୍ତ୍ତି ହୋଇ ରହିଛି । ତେବେ ଏହି ଚଢ଼ଉ ହେତୁ ଅନ୍ୟ ଟ୍ରାକ୍ଟର ମାଲିକ ମାନେ ଘରୁ ଆଉ ଟ୍ରାକ୍ଟର ବାହାର କରୁନଥି?ବାରୁ ନିର୍ମ ନିର୍ମାଣ କାମ ଗୁଡିକ ଠପ ହୋଇଥିବା ଅଭିଯୋଗ ହେଉଛି । ଅନେକ ଲୋକ ଘର ତିଆରି କରୁଥିବାରୁ ବାଲି, ମେଟାଲ ଟାଲ ନ ପାଇ ହତୋସାହ ତୋସାହ ହୋଇପଡ଼ିଛନ୍ତି । ଠିକା କାମ ଗୁଡିକରେ ମଧ ଅଚଳା ?ବସ୍ଥା ଜାରି ରହିଛି । ଘର ତିଆରି କରୁଥିବା ଲୋକେ ଅଭିଯୋଗ କରୁଛ କରୁଛନ୍ତି ଯେ ଆଗକୁ ଗ୍ରୀଷ୍ମପ୍ରବାହ ଅଧିକ ହେବାକୁଥିବାରୁ ତା ପୂର୍ବରୁ ଘରକାମ ସାରିବା ପାଇଁ ସେମାନେ ଚେଷ୍ଟା କରୁଥିବା କରୁଥିବା ବେଳେ ବିଶେଷକରି ବାଲି ମିଳୁନଥିବାରୁ ନିର୍ମାଣ କାମ ବଢ଼ିପାରୁନାହିଁ । ଖରାଦିନେ ପାଣିର ଅଭାବ ଦେଖାଦେଇଥାଏ ତେଣୁ ସେତେବେଳେ ଘର ତିଆରି କରିବା ମୁସ୍କିଲ ବୋଲି ପ୍ରକାଶ କରିଛନ୍ତି । ରାଜ୍ୟସରକାର ଜନସାଧାରଣଙ୍କ ଅସୁବିଦା ଅସୁବିଦାକୁ ଦୃଷ୍ଟିରେ ରଖି ତୁରନ୍ତ ଏହାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି ।

## ରାଜ୍ୟରେ ରହିଛି ୧୦ଲକ୍ଷରୁ ଅଧିକ ଏମ୍ଏସ୍ଏମ୍ଇ ଶିଳ୍ପାନୁଷ୍ଠାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ଫେବୃଆରୀ ସୁଦ୍ଧା ରାଜ୍ୟରେ ୧୦,୧୧,୧୪୧ ଟି ଏମଏସଏମଇ ଶିଳ୍ପାନୁଷ୍ଠାନ ଗଢି ଉଠି ଉଦ୍ୟମ ପୋର୍ଟାଲରେ ପଞ୍ଜୀକୃତ ହୋଇଛନ୍ତି। ଏହି ଶିଳ୍ପାନୁଷ୍ଠାନଗୁଡିକରେ ୭୮,୧୪,୫୮୯ ଜଣ ଆତ୍ମନିଯୁକ୍ତି ଓ ନିଯୁକ୍ତି ସୁଯୋଗ ପାଇଛନ୍ତି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଅଣୁ, କ୍ଷୁଦ୍ର ଓ ମଧ୍ୟ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ଯେ ପ୍ରତିଷ୍ଠା ହୋଇଥିବା ଏମଏସଏମଇ ମଧ୍ୟରୁ ସର୍ବାଧିକ ୧,୧୪,୩୩ଟି ଶିଳ୍ପସଂସ୍ଥା ଖୋରଧା ଜିଲ୍ଲାରେ ଥିବାବେଳେ ସବୁଠାରୁ କମ ୭୪୩୯ଟି ଶିଳ୍ପ ବୌଦ୍ଧ ଜିଲ୍ଲାରେ ଗଢି ଉଠିଛି। ରାଜ୍ୟରେ ଗଢି ଉଠିଥିବା ମୋଟ ଏମଏସଏମଇ ଶିଳ୍ପସଂସ୍ଥାରେ ୩୩,୯୭୩ କୋଟି ୪୨ଲକ୍ଷ ୬୫ହଜାର ୬୨୩ ଟଙ୍କାର ପୁଞ୍ଜି ବିନିଯୋଗ ହୋଇଥିବାବେଳେ ଏଥିରେ ୭୮ଲକ୍ଷରୁ ଅଧିକ ଲୋକ କର୍ମସଂସ୍ଥାନ ପାଇଛନ୍ତି । ତେବେ ଖୋରଧା ଜିଲ୍ଲାରେ ସର୍ବାଧିକ ୮,୮୧,୩୮୨ ଜଣ କର୍ମସଂସ୍ଥାନ ପାଇଥିବାବେଳେ କଟକ ଜିଲ୍ଲାରେ ଏହି ସଂଖ୍ୟା ୫,୧୪,୦୨୦ ରହିଛି। ଗଞ୍ଜାମ ଜିଲ୍ଲାରେ ଏମଏସଏମଇରେ କର୍ମସଂସ୍ଥା ପାଇଥିବା ଲୋକଙ୍କ ସଂଖ୍ୟା ୪,୫୯,୨୮୨ ରହିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏପ୍ରିଲ ୨ରୁ...

ସେହିପରି ଅଘୋଷିତ ବିଦ୍ୟୁତକାଟ ଉପରେ ରୋକ୍ ଲଗାଯାଇଛି। ଦିନ ୧୧ଟାରୁ ୩ଟା ଏବଂ ରାତିରେ ବିଦ୍ୟୁତକାଟ ହେବ ନାହିଁ। ହେଲେ ଘୋଷିତ ବିଦ୍ୟୁତକାଟ ହେବ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି ଯେ ଗ୍ରୀଷ୍ମଋତୁ ଗୋଟିଏମାସ ଆଗରୁ ଆରମ୍ଭ ହୋଇଯାଇଛି। ଦୁଇଦିନ ପୂର୍ବେ ଭାରତର ସବୁଠୁ ଉତ୍ତପ୍ତ ଜିଲ୍ଲା ଥିଲା ବୌଦ୍ଧ। ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗୀରରେ ମଧ୍ୟ ଅସହ୍ୟ ଗରମ ଅନୁଭୂତ ହେଲାଣି। ଉପକୂଳରେ ବି ତାପମାତ୍ରା ବଢିଲାଣି। ତେଣୁ ଆଗୁଆ ପଦକ୍ଷେପ ସ୍ୱରୂପ ନିର୍ଦ୍ଦେଶାବଳୀ ଜିଲ୍ଲାଗୁଡ଼ିକୁ ପଠାଯାଇଛି ବୋଲି ଶ୍ରୀ ପୂଜାରୀ କହିଥିଲେ ।

### ମାଟ୍ରିକ ଖାତାଦେଖା...

ଯାହା ଉପରେ ଗ୍ରେସ୍ ମାର୍କ ଦିଆଯିବ କି ନାହିଁ ସେ ନେଇ ଆଲୋଚନା କରାଯାଉଛି। ମାଧ୍ୟମିକ ଶିକ୍ଷା ପରିଷଦର କଣ୍ଡକ୍ଟ କମିଟି ଏ ନେଇ ନିଷ୍ପତ୍ତି ନେବ। ଉକ୍ତ ନିର୍ଦ୍ଦେଶନାମା ଆସିବା ପରେ ଯାହାକିଛି ପଦକ୍ଷେପ ନିଆଯିବ ବୋଲି ଖାତାଦେଖା କାର୍ଯ୍ୟରେ ନିୟୋଜିତ ଶିକ୍ଷକ କହିଛନ୍ତି।

### ପ୍ରକୃତ ଦୋଷୀକୁ...

ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବ୍ୟକ୍ତିଗତଭାବେ ଭେଟି ଆଲୋଚନା କରିଥିବାରୁ ଏବଂ ନ୍ୟାୟ ମିଳିବା ନେଇ ଭରସା ଦେଇଥିବାରୁ ଶ୍ରୀମତୀ ଦାସ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟପକ୍ଷରେ ସ୍ୱର୍ଗତଃ ନବ ଦାସଙ୍କ ଝିଅ ଦୀପାଳି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଛୁ। ସିବିଆଇ ତଦନ୍ତ ନେଇ ତାଙ୍କୁ ଅନୁରୋଧ ମଧ୍ୟ କରିବା ସହ ଆବଶ୍ୟକ ପତ୍ର ଦେଇଛୁ। ମୁଖ୍ୟମନ୍ତ୍ରୀ ଏ ନେଇ ପଦକ୍ଷେପ ନେବେ ବୋଲି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ମିନତୀ ଇ-ମେଲ ଓ ଚିଠି ଯୋଗେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ବୁଧବାର ଅପରାହ୍ନ ୫ଟାରେ ମୁଖ୍ୟମନ୍ତ୍ରୀ ସାକ୍ଷାତ କରିବା ପାଇଁ ମିନତୀଙ୍କୁ ସମୟ ଦେଇଥିଲେ।

### ସୁନୀତାଙ୍କ ସୁରକ୍ଷିତ...

ବାରଣାସୀରେ ହୋମଯଜ୍ଞ କରାଯାଇଛି ଓ ଠାକୁରଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଉଛି। ସୂଚନାଯୋଗ୍ୟ ଯେ ୨୦୨୪ ଜୁନ୍ ୫ ତାରିଖରେ ବୋଇଂର ଷ୍ଟାରଲାଇନ୍‌ରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ୮ ଦିନ ପାଇଁ ଯାଇଥିଲେ ନାସାର ଦୁଇ ମହାକାଶଚାରୀ ସୁନୀତା ୱିଲିୟମ୍ସ ଓ ବୁଚ୍ ୱିଲମୋର। ତେବେ ଅପ୍ରତ୍ୟାଶିତ ଭାବେ ସେମାନଙ୍କ ଅଭିଯାନ ୯ ମାସରୁ ଅଧିକ ହୋଇଯାଇଥିଲା। ସେମାନେ ୮ ଦିନ ପରେ ଫେରିବାର ଥିଲେ ମଧ୍ୟ ଷ୍ଟାରଲାଇନ୍‌ରେ ବୈଷୟିକ ତ୍ରୁଟି ପରିଲକ୍ଷିତ ହୋଇଥିଲା। ଫଳରେ ଏହି ଦୁଇ ମହାକାଶଚାରୀଙ୍କ ରହଣୀକୁ ବୃଦ୍ଧି କରାଯାଇଥିଲା। ସୁନୀତାଙ୍କ ପ୍ରତ୍ୟାବର୍ତ୍ତନ ପରେ ସବୁଠି ଖୁସିର ମାହୋଲ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ଏକ୍ସ'ରେ ପୋଷ୍ଟକରି କହିଛନ୍ତି ଯେ ସୁନୀତା ଜଣେ ଆଇକନ୍। ପୃଥିବୀ ତୁମକୁ ମନେ ପକାଇଲା। ସୁନୀତା ପୁଣିଥରେ ପ୍ରମାଣିତ କରି ଦେଖାଇଛନ୍ତି ଯେ ଦୃଢତାର ପ୍ରକୃତ ଅର୍ଥ କ'ଣ। ସେମାନଙ୍କ ଧୈର୍ଯ୍ୟ, ସାହସ ଓ ବିଶାଳ ମାନବୀୟ ଆତ୍ମାର ପରୀକ୍ଷା ଶେଷ ହୋଇଛି। ବିଶାଳ ଅଜଣା ପରିସ୍ଥିତିର ସାମ୍ନାରେ ତାଙ୍କର ଦୃଢ ସଂକଳ୍ପ ସବୁବେଳେ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଯୋଗାଇବ। ତାଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ସୁନିଶ୍ଚିତ କରିବା ପାଇଁ ଯେଉଁମାନେ କାମ କରିଥିଲେ, ଆମେ ସେମାନଙ୍କ ପାଇଁ ବହୁତ ଗର୍ବିତ ବୋଲି ମୋଦୀ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଆମେ ଯାହା କହିଥିଲୁ ତାହା କରି ଦେଖାଇଛୁ। ଅନ୍ୟପକ୍ଷରେ ସ୍ପେସ୍ ଏକ୍ସର ଏଲନ ମସ୍କ ଟ୍ରମ୍ପଙ୍କୁ ଏ ନେଇ ଧନ୍ୟବାଦ ଦେଇଥିବାବେଳେ ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି ଯେ ଏହି ସଫଳତାର ଶ୍ରେୟ ଟ୍ରମ୍ପ ସରକାରକୁ ଯିବ।

## ଜାତୀୟ ସ୍ୱାସ୍ଥ୍ୟ ମିଶନରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କ ଆନ୍ଦୋଳନ



ପୁରୀ (ଭାସ୍କର ନ୍ୟୁଜ) : ଜନସ୍ୱାସ୍ଥ୍ୟ ପରିଚାଳନା ପଦବୀ ସୃଷ୍ଟି ଓ ଚାକିରୀ ସ୍ଥାୟୀକରଣ ଦାବିରେ ଜାତୀୟ ସ୍ୱାସ୍ଥ୍ୟ ମିଶନରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କ ଆନ୍ଦୋଳନ ନବମ ଦିନରେ ପହଞ୍ଚିଥିଲା ବେଳେ ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟ ଏବେ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରୁ ଏନଏଚଏମ୍ ଠିକା କର୍ମଚାରୀ ମାନେ ଭୁବନେଶ୍ୱରରେ ଧାରଣା ଦେଇଛନ୍ତି । ପୁରୀ ଜିଲ୍ଲାରୁ ୧୪୮ ରୁ ଅଧିକ ଠିକା କର୍ମଚାରୀ ଏହି ଆନ୍ଦୋଳନରେ ସାମିଲ ହେବା ଫଳରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଏନଏଚଏମ କାର୍ଯ୍ୟାଳୟରେ ତାଲା ପଡ଼ିଥିବା ଦେଖିବାକୁ ମିଳିଛି । ଜିଲ୍ଲାରେ କାର୍ଯ୍ୟକାରୀ ହୋଇଥିବା ୨୭ରୁ ଅଧିକ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା ପରିଚାଳନା କ୍ଷେତ୍ରରେ ଏବେ ନାନା ସମସ୍ୟା ଦେଖା ଦେଇଛି । ଜିଲ୍ଲାରେ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅନ୍ତର୍ଗତ ୪ଡି ଜନିତ ତ୍ୱରିତ ସେବା ବାଧାପ୍ରାପ୍ତ ହେଉଅଛି । ଏଥି ଅନ୍ତର୍ଗତ ଜନ୍ମରୁ ୧୮ ବର୍ଷ ଶିଶୁ ମାନେ ଉନ୍ନ?ତମାନର ଚିକିତ୍ସା ପାଇଁ ଜିଲ୍ଲା ବାହାରକୁ ଯାଇପାରୁ ନାହାନ୍ତି। ରେଫେରାଲ ମ୍ୟାନେଜମେଣ୍ଟ, ଟିକାକରଣ ବାଧାପ୍ରାପ୍ତ ହୋଇଛି। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଅନ୍ତର୍ଗତ ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ଅମ୍ଳାନ କାର୍ଯ୍ୟକ୍ରମ ସମ୍ପୂର୍ଣ ରୂପେ ବାଧା ପ୍ରାପ୍ତ ହୋଇଛି। ଜିଲ୍ଲାରେ ବହୁ ସଂଖ୍ୟକ ହିମୋଗ୍ଲୋବିନ ମିଟର ଅଚଳ ହୋଇ ଜିଲ୍ଲାରେ ପଡ଼ିରହିଛି । ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ନିୟୋଜିତ କର୍ମଚାରୀମାନେ ଧାରଣାରେ ଥିବାରୁ ଜିଲ୍ଲାରେ ଥିବା ଯକ୍ଷ୍ମା ରୋଗୀଙ୍କୁ ପ୍ରତ୍ୟେକ ମାସ ଦିଆଯାଉଥିବା ଏକହଜାର ଲେଖାଏଁ ପୋଷଣ ରାଶି ପ୍ରଦାନ କରାଯାଇ ପାରୁନାହିଁ ଓ ଜିଲ୍ଲାରେ ଏହି ସମୟ ମଧ୍ୟରେ ପ୍ରସବ ହୋଇଥିବା ବେଳେ ପ୍ରସୂତି ମହିଳା ମାନଙ୍କୁ ଜନନୀ ଶିଶୁ ସୁରକ୍ଷା ଅଧୀନ ୧୪୦୦ ଟଙ୍କା ଓ ଗସ୍ତ ଖର୍ଚ୍ଚ ୫୦୦ ଟଙ୍କା ପ୍ରଦାନ କରାଯାଇ ପାରୁନାହିଁ। ଜିଲ୍ଲାରେ ୩୯ ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ନିର୍ମାଣ କାର୍ଯ୍ୟ ଧିମେଇ ଯାଇଛି । ଆଉଟ ସୋର୍ସିଙ୍ଗରେ ନିୟୋଜିତ ଥ?ିବା ସଫେଇ କର୍ମଚାରୀ, ସୁରକ୍ଷାକର୍ମୀ, ଆଟେଣ୍ଡାଣ୍ଟ ମାନଙ୍କର ମାସିକ ପାରିଶ୍ରମିକ ବନ୍ଦ ରହିଛି ଯାହା ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ପ୍ରାୟ ୨୭ରୁ ଅଧିକ ପୋର୍ଟାଲରେ ଡାଟା ଏଣ୍ଟ୍ରି ହୋଇପାରୁନାହିଁ । ଜିଲ୍ଲାରେ ଥିବା ହେପାଟାଇଟିସ ରୋଗୀଙ୍କୁ ଔଷଧ ସହ ଚିକିତ୍ସାରେ ବାଧା ସୃଷ୍ଟି ହୋଇଛି । କର୍ମଚାରୀ ମାନଙ୍କ ଆପତ୍ତି ଅନୁସାରେ ୨୦୦୫ ମସିହାରୁ ଏହି ଠିକା କର୍ମଚାରୀମାନେ ଅଳ୍ପ ବେତନରେ କାର୍ଯ୍ୟ କରିଆସୁଥିଲେ ମଧ ବାରମ୍ବାର ଦାବି ସତ୍ତ୍ୱେ ସେମାନଙ୍କୁ ନିୟମିତ କରାଯାଇନାହିଁ। ଟୀକାକରଣ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ରୂପରେ ବାଧା ପ୍ରାପ୍ତ ହୋଇଛି । ଆଶା ମାନଙ୍କ ସମସ୍ତ ପ୍ରୋତ୍ସାହନ ରାଶି ପ୍ରଦାନ ମଧ କରାଯାଇ ପାରୁ ନାହିଁ । ଜିଲ୍ଲାରେ ଏଚ.ଏମ୍. ଆଇ.ଏସ୍ ଏଣ୍ଟ୍ରି ମଧ୍ୟ ହୋଇପାରୁନାହିଁ । ଜିଲ୍ଲାରେ ସମସ୍ତ ଟ୍ରେନିଂ କାର୍ଯ୍ୟକ୍ରମ ବାଧା ପ୍ରାପ୍ତ ହେବ ସହ, ସମସ୍ତ ପେମେଣ୍ଟ ମଧ୍ୟଯ ବନ୍ଦ ଅଛି । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି ।

ODISHA LIFT IRRIGATION CORPORATION LTD.
OFFICE OF THE EXECUTIVE ENGINEER LIFT IRRIGATION DIVISION, NUAPADA
e-mailid- eeolicnpd@gmail.com
'e' Procurement Notice
CAD-2868
Bid identification No. OLIC-NPD-02/2024-25 dt 18.03.2025

The Executive Engineer, Lift Irrigation Division, Nuapada on behalf of OLIC invites Percentage Rate bids in single cover system to be received in Online Mode only for the work Reinforcement of 62 nos operated L.I.P and Revival of 30 nos LIPs under different block in Nuapada District as detailed in the table below. The Bid should be submitted by the eligible class of contractors as mentioned below registered with the State Government and contractors of equivalent grade / class registered with Central Government / M.E.S. / Railways /C.P.W.D. for execution of Civil Works with valid Electrical (H.T) License issued by ELBO Odisha through On-Line in the Govt. website www.tendersodisha.gov.in. The bidders should have necessary portal enrollment (with own digital signature certificate). The registered bidders from outside Odisha can also participate in this on-line tender process after necessary portal enrollment but shall have to subsequently undergo registration with appropriate authority of the State.

1.Name of the Works:- Reinforcement of 62 nos operated L.I.P and Revival of 30 nos River Lift Irrigation Projects with supply of all materials on Turnkey basis. 2.TotalNos of Package:- 44 Nos. , 3.Approximate Estimated Cost:-Rs. 9,10,019.00 to Rs. 28,19,910.00, 4. Class of Contractor:- As mentioned against each package, 5. Period of Completion:- 60 Days for Reinforcement of 62 nos and 90 days for Revival of 30 projects from the date of issue of work order. 6.Other details as follows-

| Procurement Officer | Bid Identification No | Availability of Tender On-Line for Bidding From | Availability of Tender On-Line for Bidding To | Last date & time of seeking tender clarification | Date & Time of Opening of tender in the office of the Executive Engineer, L.I.Division, Nuapada |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Executive Engineer, L.I.Division,Nuapada | OLIC-NPD-02/2024-25 | 24.03.2025 at 11:00 Hrs. | 03.04.2025 at 17:00 Hrs. | 29.03.2025 at 17:00 Hrs. | 04.04.2025 at 11:00 Hrs. |
| ANNEXURE | | | | | |

Details can be seen from the Website www.tenderodisha.gov.in
Any corrigendum/Addendum will be displayed in the above website only
Sd/-EXECUTIVE ENGINEER
L.I. DIVISION, NUAPADA
OIPR 32310/11/0006/2425

OFFICE OF THE JAGATSINGHPUR MUNICIPALITY, JAGATSINGHPUR.
EXPRESSION OF INTEREST
C-1911
No. 1841 /Dt.18.03.2025

Executive Officer, Jagatsinghpur Municipality, Jagatsinghpur invites sealed proposal from interested consulting firms for **"Providing Consultancy Services for preparation of DPR including Survey, Design, Estimation with technical support assistance etc. to Jagatsinghpur Municipality in the District of-Jagatsinghpur, Odisha, Pin-754103".** The RFP document Shall be downloaded from the website www.jspurmunicipality.odisha.gov.in from Dt.**20.03.2025** to **04.04.2025**. Paper cost shall be paid as per the same method mentioned in the RFP.
The completed application as per the instructions in the RFP document, should reach to the Office of Executive officer, Jagatsinghpur Municipality by Speed Post/ Registered Post only on or before **05.04.2025** up to 5:00 P.M. The RFP applications will be opened on Dt.07.04.2025 at 12:00 P.M in the presence of the bidder or their authorised representative. The authority reserves right to accept or cancel any or all the quotations without assigning any reasons thereof.
Sd/-Executive Officer,
Jagatsinghpur Municipality
OIPR 13087/11/0021/2425

## କୃଷକ ପରିବାରର ଆୟ ଜାତୀୟସ୍ତରରେ ଅଧିକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କୃଷକ ପରିବାରର ମାସିକ ହାରାହାରି ଆୟ ଜାତୀୟ ସ୍ତରରେ ଛଅ ବର୍ଷ ମଧ୍ୟରେ ୩୭୯୨ ଟଙ୍କା ବୃଦ୍ଧି ପାଇଥିବାବେଳେ ଓଡିଶାରେ ଏହା ବଢିଛି ମାତ୍ର ୧୩୬ ଟଙ୍କା । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଦେଇଥିବା ତଥ୍ୟରୁ ଏହା ଜଣାଯାଇଛି । ରାଜ୍ୟରେ କୃଷକମାନଙ୍କର ଆୟ ବୃଦ୍ଧି ପାଇଁ ରାଜ୍ୟ ଯୋଜନାରେ ହେଉଥିବା ବିଭିନ୍ନ ଯୋଜନା ସଂକ୍ରାନ୍ତରେ କୃଷି ମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ଏଥି ମଧ୍ୟରେ ସିଏମ କିଷାନ ଯୋଜନା ଠାରୁ ଆରମ୍ଭ କରି କଟନ ମିଶନ, ବିହନ ପାଇଁ କର୍ପସ ପାଣ୍ଠି ଯୋଜନା, ସାର ପାଇଁ କର୍ପସା ପାଣ୍ଠି, ସମନ୍ୱିତ ଚାଷକୁ ପ୍ରୋତ୍ସାହନ, ଆଖୁ ଚାଷର ପ୍ରୋତ୍ସାହନ ପାଇଁ ଟେକ୍ନଲୋଜି ମିଶନ, କୃଷି ଉତ୍ପାଦକ ସଂଗଠନଗୁଡିକୁ ସହାୟତା, ଆଳୁ, ପନିପରିବା ଓ ମସଲା ଚାଷକୁ ପ୍ରୋତ୍ସାହନ, ଉଦ୍ୟାନ କୃଷି ମିଶନ, କୃଷି ଫାର୍ମର ବିକାଶ ଆଦି ଅର୍ନ୍ତଭୁକ୍ତ ।

## ଗତ ବର୍ଷଠାରୁ ଅଧିକ ଧାନ ସଂଗୃହୀତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚଳିତ ଖରିଫ ଋତୁରେ ସଂଗ୍ରହ ହୋଇଥିବା ଧାନ ପରିମାଣ ଗତବର୍ଷ ଉଭୟ ଖରିଫ ଓ ରବିରେ ହୋଇଥିବା ଧାନ ସଂଗ୍ରହ ପରିମାଣକୁ ଟପିଗଲାଣି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ମନ୍ତ୍ରୀ ଦର୍ଶାଇଛନ୍ତି ଯେ ୨୦୨୩-୨୪ ଧାନ ସଂଗ୍ରହ ବର୍ଷରେ ଖରିଫ ଓ ରବି ଋତୁରେ ମୋଟ ୭୦.୮୮ ଲକ୍ଷ ମେଟ୍ରିକ ଟନର ଧାନ ୧୫,୪୭୫ କୋଟି ଟଙ୍କାରେ ସଂଗ୍ରହ ହୋଇଥିଲା। ଚଳିତ ଧାନ ସଂଗ୍ରହ ବର୍ଷ ୨୦୨୪-୨୫ରେ ଖରିଫ ଋତୁରେ ମାର୍ଚ୍ଚ ୧୧ତାରିଖ ସୁଦ୍ଧା ୭୧.୧୨ଲକ୍ଷ ମେଟ୍ରିକ ଟନ ଧାନ କ୍ରୟ କରାଯାଇ ଏ ବାବଦରକୁ ପଞ୍ଜିକୃତ ଯୋଗ୍ୟ ଚାଷୀମାନଙ୍କୁ ୨୨,୦୪୬ କୋଟି ଟଙ୍କା ପ୍ରଦାନ କରାଯାଇଛି । ଏଥିରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବାବଦରକୁ ୧୬,୩୫୭ କୋଟି ଏବଂ ଇନପୁଟ ସହାୟତା ରାଶି ବାବଦକୁ ୫୬୮୯ କୋଟି ଟଙ୍କା ଦିଆଯାଇଛି । ଆଗାମୀ ରବି ରବି ଋତୁରେ ୧୪ଲକ୍ଷ ମେଟ୍ରିକ ଟନ ଦାନ ଚାଷୀଙ୍କ ଠାରୁ ସଂଗ୍ରହ କରାଯିବାର ଯୋଜନା ଥିବା ମନ୍ତ୍ରୀ ତାଙ୍କ ଉତରରେ ଉଲ୍ଲେଖ କରିଛନ୍ତି ।

### ଉପମୁଖ୍ୟମନ୍ତ୍ରୀଙ୍କ ସୂଚନା
## ଲକ୍ଷେ ମହିଳା ସୁଭଦ୍ରାରୁ ବଞ୍ଚିତ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୁଭଦ୍ରା ନେଇ ଏକ ବଡ଼ ସୂଚନା ଦେଇଛନ୍ତି। ସୁଭଦ୍ରା ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ କିସ୍ତିରୁ ୧ ଲକ୍ଷ ମହିଳା ବଞ୍ଚିତ ହୋଇଛନ୍ତି। ରାସନ କାର୍ଡ ଓ ଆୟରେ ତାଳମେଳ ଅଭାବରୁ ୧ ଲକ୍ଷ ମହିଳା ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତିରୁ ବଞ୍ଚିତ ହୋଇଛନ୍ତି ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଯେଉଁମାନେ ପ୍ରଥମ କିସ୍ତି ପାଇଥିଲେ, ସେମାନେ ଦ୍ୱିତୀୟ କିସ୍ତି ଆସିବା ପୂର୍ବରୁ ଆୟ ଅଧିକ ଥିବା ନେଇ ରାସନକାର୍ଡ ଫେରାଇଛନ୍ତି। ସେଥିପାଇଁ ୧ ଲକ୍ଷ ମହିଳା ଏହି ସୁବିଧାରୁ ବଞ୍ଚିତ ହୋଇଛନ୍ତି। ତେବେ ବଞ୍ଚିତ ହୋଇଥିବା ମହିଳାଙ୍କ ମଧ୍ୟରେ ଅନେକ ଗାଡ଼ି କିଣିଛନ୍ତି। ୫ ଏକର ଜମି ନଥାଇ ବି ଧାନ ମଣ୍ଡିରେ ଅଧିକ ଧାନ ଦେଇଛନ୍ତି। ଏସବୁ ଅସୁବିଧା ହିତାଧିକାରୀ ଚୟନ ପ୍ରକ୍ରିୟାକୁ ଚାଲେଞ୍ଜ କରିଛି। ସେହି କାରଣରୁ ୧ଲକ୍ଷ ମହିଳାଙ୍କ ସମୀକ୍ଷା ଆରମ୍ଭ ହୋଇଛି। ମାର୍ଚ୍ଚ ୩୧ ପରେ ୱାନ୍ ଟୁ ୱାନ୍ ସର୍ଭେ କରାଯିବ। ସର୍ଭେ ପରେ ପୁରା ରେକର୍ଡ ପ୍ରସ୍ତୁତ ହେବ। ରକ୍ଷାବନ୍ଧନ ସମୟରେ ଯେଉଁମାନେ ସେମାନଙ୍କ ମଧ୍ୟରୁ ଯୋଗ୍ୟ ବିବେଚିତ ହେବେ ସେହି ସମୟରେ ସେମାନଙ୍କୁ ସେମାନଙ୍କ କିସ୍ତି ପ୍ରଦାନ କରାଯିବ ବୋଲି ଶ୍ରୀମତୀ ପରିଡ଼ା କହିଥିଲେ।

**ଦ.ପୂ. ରେଳପଥ-ଟେଣ୍ଡର**

ଡିଭିଜନାଲ ରେଳପଥ ପରିଚାଳକ (ଇଞ୍ଜିନିୟର), ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବିରୁଦ୍ଧରେ ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡର ବିରୁଦ୍ଧରେ ମାନୁଆଲ୍ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯାଇ ନାହିଁ ଏବଂ ଏପରି ଯେକୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ। କ୍ରମାଙ୍କ ସଂଖ୍ୟା ଏବଂ ଟେଣ୍ଡର ନୋଟିସ୍ ସଂଖ୍ୟା; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ସର୍ବଶ୍ରେଷ୍ଠ ଟଙ୍କା ଜମା : (୧) ସିକେପି-ସେଣ୍ଟ୍ରାଲ୍-୨୪-୨୫-୦୫୭, ତାରିଖ ୧୮.୦୩.୨୦୨୫; ପଟାସାହି: ଅତିରିକ୍ତ ପୂର୍ଣ୍ଣ ଲମ୍ବ ଲୋଡିଂ ଲାଇନ ନିର୍ମାଣ ଏବଂ ୟାର୍ଡର ଉଭୟ ମୁଣ୍ଡରେ ସଣ୍ଟିଂ ନେକ୍‌ର ସମ୍ପ୍ରସାରଣ; ୯,୧୭,୬୫,୩୧୫.୮୧; ଟ.୬,୦୮,୮୦୦/-। (୨) ସିକେପି-ସେଣ୍ଟ୍ରାଲ୍-୨୪-୨୫-୫୮, ତାରିଖ ୧୮.୦୩.୨୦୨୫; ରଙ୍ଗ୍ରା: ଅତିରିକ୍ତ ପୂର୍ଣ୍ଣ ଲମ୍ବ ଲୋଡିଂ ଲାଇନ ନିର୍ମାଣ ଏବଂ ୟାର୍ଡର ଉଭୟ ମୁଣ୍ଡରେ ସଣ୍ଟିଂ ନେକ୍ ସମ୍ପ୍ରସାରଣ; ୧୧,୩୨,୮୮,୦୧୮.୦୮; ଟ.୭,୧୬,୫୦୦/-। (୩) ସିକେପି-ସେଣ୍ଟ୍ରାଲ୍-୨୪-୨୫-୫୯, ତାରିଖ ୧୮.୦୩.୨୦୨୫; ସିନିୟର ଡିଭିଜନାଲ ଇଞ୍ଜିନିୟର / ସେଣ୍ଟ୍ରାଲ୍ / ଚକ୍ରଧରପୁରଙ୍କ ଅଧିକାର କ୍ଷେତ୍ରରେ ଏଲଡବ୍ଲୁଆର ଟ୍ରାକର ରକ୍ଷଣାବେକ୍ଷଣ ପାଇଁ ବିଭିନ୍ନ ରେଳ ସେକ୍ସନ ପାଇଁ ସ୍ୱୟଂଚାଳିତ ଟ୍ୟାପିଂ ଥିମ୍ବଲ୍ ଦ୍ୱାରା ତିନି-ପିସ୍ ମୋଲ୍ଡ ସହିତ ସଙ୍କୁଚିତ ବାୟୁ ପେଟ୍ରୋଲ / ଏଲପିଜି ବ୍ୟବହାର କରି ରେଳ ସନ୍ଧିଗୁଡ଼ିକର ଫ୍ୟୁଜନ୍ ୱେଲ୍ଡିଂ ପାଇଁ ୬୦୦୦ ଇଞ୍ଚ ୱେଲ୍ଡିଂ ଅଂଶର ଯୋଗାଣ। ୧,୪୮,୮୭,୯୭୧.୪୦; ଟ.୨,୨୪,୪୦୦/-। ଟେଣ୍ଡର ଫର୍ମର ମୂଲ୍ୟ ପ୍ରତ୍ୟେକ ପାଇଁ: ୦.୦୦। ଖୋଲିବାର ତାରିଖ: କ୍ରମିକ ନଂ. ୧ ଏବଂ ୩ ପାଇଁ ୧୧.୦୪.୨୦୨୫ ଏବଂ କ୍ରମିକ ନଂ. ୨ ପାଇଁ ୧୫.୦୪.୨୦୨୫। ଟେଣ୍ଡରଟି ୱେବସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଧାରକ/ ବିଡରଙ୍କ ପାଖରେ ଶ୍ରେଣୀ-ଓଓଓ ଡିଜିଟାଲ୍ ସିଗ୍ନେଚର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ଓଜରଚଝ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଆବଶ୍ୟକ। କେବଳ ପଞ୍ଜୀକୃତ ଟେଣ୍ଡରଧାରକ/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଟିପ୍ପଣୀ: ସମସ୍ତ ଟେଣ୍ଡରଧାରକଙ୍କୁ ଇ-ଟେଣ୍ଡର ଫର୍ମ ମାଗଣାରେ ଜାରି କରାଯିବ। (କର୍ତ୍ତୃତ୍ୱ-ରେଳ ବୋର୍ଡର ଚିଠି ସଂଖ୍ୟା ୨୦୨୦/ସିଇ-ଓ/ ସିଟି/୩ଇ/ଜିସିସି ପଲିସି ତାରିଖ ୧୬.୦୭.୨୦୨୦)
(PR-1247)

**ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ**
IDFC FIRST Bank
(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)
**ସିଆଇଏନ: ଏଲ୬୫୧୧୦ଟିଏନ୨୦୧୪ପିଏଲସି୭୭୯୨**
**ପଞ୍ଜିକୃତ କାର୍ଯ୍ୟାଳୟ**-କେଆରଏମ ଟାୱାର,ଅଷ୍ଟମ ମହଲା, ହ୍ୟାରିଂଟନ ରୋଡ,ଚେଟପେଟ,ଚେନ୍ନାଇ-୬୦୦୦୩୧
ଟେଲିଫୋନ:+୯୧ ୪୪ ୪୫୬୪ ୪୦୦୦ ଫାକ୍ସ :+୯୧ ୪୪ ୪୫୬୪ ୪୦୨୨


**ସିକ୍ୟୁରିଟାଇଜେସନ ଓ ରିକନଷ୍ଟ୍ରକସନ ଅଫ ଫାଇନାନସିଆଲ ଆସେଟ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟ୍ ଇଣ୍ଟ୍ରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅଧିନରେ ନୋଟିସ**

ନିମ୍ନଲିଖିତ ଋଣଗ୍ରହିତା ଓ ସହ -ଋଣ ଗ୍ରହିତା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ **(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)**ରୁ ନିମ୍ନ ପ୍ରଦତ୍ତ ସିକ୍ୟୁରଡ ଋଣ ଉପଲବ୍ଧ କରିଥିଲେ। ନିମ୍ନ ଲିଖିତ ଋଣଗ୍ରହୀତା ଓ ସହ- ଋଣ ଗ୍ରହୀତାଙ୍କ ଋଣ ସେମାନଙ୍କର ସମ୍ପତ୍ତି ବନ୍ଧକ ଦ୍ୱାରା ସିକ୍ୟୁର୍ଡ ହୋଇଅଛି। ଯେ ହେତୁ ସେମାନେ ଋଣ ଚୁକ୍ତିନାମାର ଟର୍ମସ ଓ କଣ୍ଡିସନ ପାଳନ କରିବାରେ ବିଫଳ ହୋଇଛନ୍ତି ଓ ଏହା ନିୟମିତ ହୋଇଥିବା ଦୃଷ୍ଟିରୁ ସେମାନଙ୍କର ଋଣ ଆରବିଆଇ ଗାଇଡ ଲାଇନ ଅନୁଯାୟୀ ଏନପିଏ ଭାବେ କ୍ଲାସିଫାଇଡ ହୋଇ ଯାଇଛି। ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ପୈଠ କରିବାକୁ ଥିବା ଦେୟ ଜାରି କରା ଯାଇଥିବା ନୋଟିସରେ ଉଲ୍ଲେଖ ସହିତ ନିମ୍ନଲିଖିତ ଟେବୁଲରେ ତାହା ପ୍ରଦତ୍ତ ହୋଇଛି ଓ ମୋଟ ଦେୟ ଉପରେ ପରବର୍ତ୍ତୀ ସୁଧ ପ୍ରଯୁଜ୍ୟ ହେବା ସହିତ ତାହା ଚୁକ୍ତି ରେଟ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖ ଠାରୁ ଚାର୍ଜଡ ହେବ।

| କ୍ର. ନଂ | ଋଣ ଆକାଉଣ୍ଟ ନଂ | ଋଣର ପ୍ରକାର | ଧାରା ୧୩(୨) ନୋଟିସ ତାରିଖ | ଧାରା ୧୩ (୨) ନୋଟିସ ଅନୁଯାୟୀ ବକେୟା ଅର୍ଥ |
|---|---|---|---|---|
| ୧ | ୧୦୪୦୮୫୦୯୩ | ସମ୍ପତ୍ତି ବଦଳରେ ଋଣ | ୨୭.୦୨.୨୦୨୫ | ୫,୦୦,୭୬୪.୩୮/- |
| ଋଣଗ୍ରହୀତା ଏବଂ ସହ ଋଣଗ୍ରହୀତାଙ୍କ ନାମ: ୧. ଶିବଶଙ୍କର ସେଠୀ, ୨. ଗୋଲାପ ସେଠୀ, ୩. ରାମଚନ୍ଦ୍ର ସେଠୀ | | | | |
| ସମ୍ପତ୍ତି ଠିକଣା: ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶବିଶେଷ- ଖାତା ନଂ ୯୫/୩୫, ପ୍ଲଟ୍ ନଂ ୯୭, ଏରିଆ- ଏ.୦.୦୧୫ ଡିସିମିଲ କିମ୍ବା ୦.୦୦୬୧ ହେକ୍ଟର, ମୌଜା- ବୀରଲକ୍ଷ୍ମଣପୁର, ତହସିଲ- ବେଲଗୁଣ୍ଠା, ହାଇସ୍କୁଲ ପାଖ, ଜିଲ୍ଲା- ଗଞ୍ଜାମ, ପିଏସ- ଗାଙ୍ଗପୁର, ଗଞ୍ଜାମ, ଓଡ଼ିଶା-୭୬୧୧୨୩ ଏବଂ ବାଉଣ୍ଡରୀ: ପୂର୍ବ- ଶଶିଭୂଷଣ ଶତପଥୀ, ପଶ୍ଚିମ- ରାସ୍ତା, ଉତ୍ତର- ନାରାୟଣ ସେଠୀ, ଦକ୍ଷିଣ- ପଞ୍ଚାନନ ସେଠୀ | | | | |

ଏତଦ୍ ଦ୍ୱାରା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଉପରେ ପ୍ରଦତ୍ତ ଟେବୁଲରେ ଉଲ୍ଲିଖିତ ବିବରଣୀ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖରୁ କଣ୍ଟ୍ରାକଟେଡ ରେଟ୍ ଅଫ ଇଣ୍ଟ୍ରେଷ୍ଟ ଓ ଅନ୍ୟାନ୍ୟ କଷ୍ଟ ଓ ଚାର୍ଜେସ ସହିତ ମୋଟ ଦେୟ ନୋଟିସ ପ୍ରକାଶ ପାଇବାର ୬୦ ଦିନ ମଧ୍ୟରେ ପୈଠ କରିବାକୁ ଆପଣଙ୍କୁ ଆହ୍ୱାନ କରା ଯାଉଛି। ଏଥିରେ ବିଫଳ ହେଲେ ନିମ୍ନ ସ୍ୱାକ୍ଷରିତ ସର୍ଫେଶୀ ଆଇନର ଧାରା ୧୩(୪) ଓ ଧାରା ୧୪ ଅଧିନରେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଦେବା ପାଇଁ ଥିବା ଆମାଉଣ୍ଟ ପାଇବା ସକାଶେ ବନ୍ଧକ ସମ୍ପତ୍ତି ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ସହିତ ସଂପୃକ୍ତ ଆଇନର ଧାରା ୧୩(୧୩) ଅଧିନରେ ସିକ୍ୟୁର୍ଡ ସମ୍ପତ୍ତିକୁ କୌଣସି ପ୍ରକାରେ ବିକ୍ରି କିମ୍ବା ଅନ୍ୟ ଭାବେ ହସ୍ତାନ୍ତର କରିବା ପାଇଁ ଆପଣଙ୍କୁ ବାରଣ କରା ଯାଉଛି।

ସ୍ୱା/-
ଅଧିକୃତ ଅଧିକାରୀ
**ତାରିଖ: ୨୦.୦୩.୨୦୨୫**
**ସ୍ଥାନ: ଓଡିଶା**
ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)




ନୂଆଦିଲ୍ଲୀ: ବୁଧବାର ରାଜ୍ୟସଭାରେ ପ୍ରବଳ ହଙ୍ଗାମା ହୋଇଥିଲା। ପ୍ରକୃତରେ, ଗୃହମନ୍ତ୍ରୀ ଅମିତ ଶାହ ଗୃହରେ କୌଣସି ପ୍ରସଙ୍ଗରେ କହୁଥିଲେ, ଏହି ସମୟରେ ଟିଏମସି ସାଂସଦ ସାକେତ ଗୋଖଲେ ତାଙ୍କୁ ବାଧା ଦେଉଥିଲେ। ସିବିଆଇ ଏବଂ ଇଡି ସରକାରଙ୍କ ଇଙ୍ଗିତରେ କାମ କରୁଥିବା ସେ ଅଭିଯୋଗ କରିଥିଲେ। ସାକେତ ଗୋଖଲେ ଇଡି ଏବଂ ସିବିଆଇର କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠାଇଥିଲେ। ଏଥିରେ ଗୃହମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରି କହିଥିଲେ ଯେ, ଗୃହ ମନ୍ତ୍ରଣାଳୟରେ ଆଲୋଚନା ଚାଲିଛି। କିନ୍ତୁ ସାକେତ ଗୋଖଲେ ଇଡି ଏବଂ ସିବିଆଇ ବିଷୟରେ କହୁଛନ୍ତି, ଯେତେବେଳେ ଉଭୟ ସୁରକ୍ଷା ଏଜେନ୍ସି ତାଙ୍କ ଅଧୀନରେ ଆସୁନାହାନ୍ତି। ଅମିତ ଶାହ କହିଛନ୍ତି ଯେ, ଯଦି ସେ ଏବେ ବି ଏହି ପ୍ରସଙ୍ଗକୁ ଗୃହରେ ଉଠାଇବାକୁ ଚାହାନ୍ତି, ତେବେ ମୋତେ ମଧ୍ୟ ଏକ ସୁଯୋଗ ଦିଆଯିବା ଉଚିତ ଏବଂ ମୁଁ ସାଂସଦଙ୍କ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦେବି। ଅମିତ ଶାହ କହିଛନ୍ତି, ମୁଁ ଏଠାକୁ କାହାର ଦୟା ଉପରେ ନିର୍ଭର କରି ଆସିନାହିଁ, ମୁଁ ନିର୍ବାଚନ ଜିତିବା ପରେ ଏଠାକୁ ଆସିଛି। ସେ କହିଛନ୍ତି, ଟିଏମସି ସାଂସଦମାନେ ଗୃହରେ ଭୁଲ ସୂଚନା ଦେଉଛନ୍ତି।

### ନାଗପୁର ହିଂସା ପରେ ମୁଖ୍ୟମନ୍ତ୍ରୀଙ୍କ କଡ଼ା ଆଭିମୁଖ୍ୟ
## 'ଦୋଷୀଙ୍କୁ କବର ଭିତରୁ ବି ବାହାର କରିବୁ'



ମୁମ୍ବାଇ : ମହାରାଷ୍ଟ୍ରର ନାଗପୁର ହିଂସା ଘଟଣାରେ ପୁଲିସ ବିଶ୍ୱ ହିନ୍ଦୁ ପରିଷଦ(ଭିଏଚପି) ଏବଂ ବଜରଙ୍ଗ ଦଳର ୮ କର୍ମୀଙ୍କୁ ଗିରଫ କରିଛି। ଏହି ଅଭିଯୁକ୍ତମାନେ ବୁଧବାର ପୁଲିସ ନିକଟରେ ଆତ୍ମସମର୍ପଣ କରିବା ପରେ ସେମାନଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କୁ କୋର୍ଟରେ ହାଜର କରାଯିବା ପରେ ଜାମିନରେ ଛାଡ଼ି ଦିଆଯାଇଥିଲା। ନାଗପୁର ହିଂସା ବେଳେ ପୋଲିସ ଉପରେ ଆକ୍ରମଣକୁ ନେଇ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡଣବିସ କଡ଼ା ଅଭିମୁଖ୍ୟ ଦେଖାଇଛନ୍ତି। ପୋଲିସ କର୍ମୀଙ୍କୁ ଆକ୍ରମଣ କରିଥିବା ଦୁର୍ବୃତ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନର ଘୋଷଣା କରିଛନ୍ତି। ବୁଧବାର ବିଧାନସଭା ଅଧିବେଶନ ବେଳେ ଦେବେନ୍ଦ୍ର ଫଡ଼ଣବିସ ଏହି ଘଟଣାକୁ ସୁନିୟୋଜିତ ଷଡ଼ଯନ୍ତ୍ର ବୋଲି କହିଛନ୍ତି। ଏହାସହ ସେ କହିଛନ୍ତି ଯେ ଯଦି ଆକ୍ରମଣକାରୀଙ୍କୁ ସେମାନଙ୍କ କବରରୁ ବି ବାହାର କରିବାକୁ ପଡ଼େ, ତେବେ ତାହା ମଧ୍ୟ କରାଯିବ, କିନ୍ତୁ କାହାକୁ ଛଡ଼ା ଯିବନାହିଁ। ଫଡଣବିସ କହିଛନ୍ତି ଯେ ହିଂସା ବେଳେ ପ୍ରାୟ ୮୦ ଜଣଙ୍କ ଭିଡ଼ ପୋଲିସ ଉପରେ ପଥର ମାଡ଼ କରିଥିଲା। ଏହି ଆକ୍ରମଣରେ ଜଣେ ପୋଲିସ ଅଧିକାରୀଙ୍କୁ କୁରାଢ଼ିରେ ଆକ୍ରମଣ କରାଯାଇଥିଲା। ତିନି ଜଣ ଡେପୁଟୀ କମିଶନରଙ୍କ ଉପରେ ବି ଆକ୍ରମଣ ହୋଇଥିଲା। ସେ କହିଛନ୍ତି ଯେ କିଛି ଘରକୁ ଜାଣିଶୁଣି ଟାର୍ଗେଟ୍ କରାଯାଇଥିଲା।

## ଟ୍ରମ୍ପଙ୍କୁ ଘଣ୍ଟାଏ ଅପେକ୍ଷା କରାଇଲେ ପୁଟିନ



ନୂଆଦିଲ୍ଲୀ: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ କଥା ହେବାକୁ ଘଣ୍ଟାଏ ଅପେକ୍ଷା କରିବାକୁ ପଡିଲା। ଏକ ଅନ୍ତର୍ଜାତୀୟସ୍ତରର ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଟ୍ରମ୍ପ ଆଲୋଚନା ପାଇଁ ପୁଟିନଙ୍କୁ ଫୋନ କରିଥିଲେ। ହେଲେ ପୁଟିନଙ୍କ ସହିତ କଥା ହେବା ଲାଗି ତାଙ୍କୁ ଘଣ୍ଟାଏ ଅପେକ୍ଷା କରିବାକୁ ପଡ଼ିଥିଲା। ସୂଚନା ଅନୁସାରେ, ରୁଷ-ୟୁକ୍ରେନ ମଧ୍ୟରେ ଯୁଦ୍ଧବିରତି ଲାଗି ଆଲୋଚନା ପାଇଁ ଟେଲିଫୋନ ଜରିଆରେ କଥା ହେବା ଲାଗି ଟ୍ରମ୍ପ ରୁଷ ରାଷ୍ଟ୍ରପତି ପୁଟିନଙ୍କ କାର୍ଯ୍ୟାଳୟକୁ ଫୋନ କରିଥିଲେ। ହେଲେ ପୁଟିନ ଟ୍ରମ୍ପଙ୍କ ସହିତ କଥା ହେଲା ଲାଗି ତାଙ୍କୁ ୧ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରାଇଥିଲେ। ରିପୋର୍ଟ ଅନୁସାରେ, ପୁଟିନ ସନ୍ଧ୍ୟା ୫ଟାରେ କ୍ରେମଲିନରେ ପହଞ୍ଚିଥିଲେ। ଟ୍ରମ୍ପଙ୍କ ଫୋନ ଆସିବାର ଧାର୍ଯ୍ୟ ସମୟର ୧ ଘଣ୍ଟା ପରେ ସେ କ୍ରେମଲିନରେ ପହଞ୍ଚିଥିଲେ। ଏହା ପରେ ଦୁଇ ନେତାଙ୍କ ମଧ୍ୟରେ ପ୍ରାୟ ୯୦ ମିନିଟ ପର୍ଯ୍ୟନ୍ତ ଆଲୋଚନା ହୋଇଥିଲା। ଆଲୋଚନା ପରେ ପୁଟିନଙ୍କ କାର୍ଯ୍ୟାଳୟ କ୍ରେମଲିନ ପକ୍ଷରୁ କୁହାଯାଇଛି ଯେ, ପୁଟିନ ୟୁକ୍ରେନର ଶକ୍ତି ଉତ୍ପାଦନ କେନ୍ଦ୍ରଗୁଡ଼ିକ ଉପରେ ୩୦ ଦିନ ପର୍ଯ୍ୟନ୍ତ ଆକ୍ରମଣ ନ କରିବା ଲାଗି ସହମତି ଜଣାଇଛି। ସୂଚନାଯୋଗ୍ୟ, ପୁଟିନ କୌଣସି ରାଷ୍ଟ୍ରର ମୁଖ୍ୟଙ୍କୁ ଆଲୋଚନା କିମ୍ବା ବୈଠକ ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରାଇବା ନୂଆ କଥା ନୁହେଁ। ୨୦୧୪ରେ ପୁଟିନ ଜର୍ମାନୀ ଚାନ୍ ?ସେଲର ଆଞ୍ଜେଲା ମର୍କେଲଙ୍କୁ ୪ ଘଣ୍ଟା ଅପେକ୍ଷା କରାଇଥିଲେ। ଏହି ବୈଠକର ପ୍ରସଙ୍ଗ ମଧ୍ୟ ୟୁକ୍ରେନ ଥିଲା।

## ଏନ୍‌ପିଡିଡିକୁ କ୍ୟାବିନେଟ୍ ମଞ୍ଜୁରି

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ବୈଠକରେ ଆଜି ଦୁଗ୍ଧ ଉତ୍ପାଦନ କ୍ଷେତ୍ରର ବିକାଶ ପାଇଁ ସଂଶୋଧିତ ଜାତୀୟ କାର୍ଯ୍ୟକ୍ରମ (ଏନପିଡିଡି)କୁ ମଞ୍ଜୁରି ମିଳିଛି। ଏକ କେନ୍ଦ୍ରୀୟ କ୍ଷେତ୍ର ଯୋଜନା ଭାବେ ସଂଶୋଧିତ ଏନପିଡିଡିରେ ଅତିରିକ୍ତ ୧ହଜାର କୋଟି ଟଙ୍କାର ପୁଞ୍ଜି ମିଶାଇ ଏହାର ମୋଟ୍ ବଜେଟ୍ ପରିମାଣ ୨ହଜାର ୭୯୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ପଞ୍ଚଦଶ ଅର୍ଥ ଆୟୋଗ ଚକ୍ର ଅର୍ଥାତ୍ ୨୦୨୧-୨୨ରୁ ୨୦୨୫-୨୬ ମଧ୍ୟରେ ଏହି ଅର୍ଥ ବିନିଯୋଗ କରାଯିବ। ଏହି ପଦକ୍ଷେପ ଦୁଗ୍ଧ ଉତ୍ପାଦନ ଭିତ୍ତିଭୂମିର ଆଧୁନିକୀକରଣ ଏବଂ ସମ୍ପ୍ରସାରଣ ଉପରେ ଧ୍ୟାନ ଦେଇଥାଏ, ଯାହା ଏହି କ୍ଷେତ୍ରର ନିରନ୍ତର ଅଭିବୃଦ୍ଧି ଏବଂ ଉତ୍ପାଦକତା ସୁନିଶ୍ଚିତ କରିଥାଏ। ସଂଶୋଧିତ ଏନପିଡିଡି ଦୁଗ୍ଧ କ୍ରୟ, ପ୍ରକ୍ରିୟାକରଣ କ୍ଷମତା ଏବଂ ଉନ୍ନତ ମାନ ନିୟନ୍ତ୍ରଣ ପାଇଁ ଭିତ୍ତିଭୂମି ସୃଷ୍ଟି କରି ଦୁଗ୍ଧ ଉତ୍ପାଦନ କ୍ଷେତ୍ରକୁ ପ୍ରୋତ୍ସାହନ ଦେବ। ଏହାର ଉଦ୍ଦେଶ୍ୟ ହେଉଛି କୃଷକମାନଙ୍କୁ ବଜାର ପର୍ଯ୍ୟନ୍ତ ଉନ୍ନତ ପହଞ୍ଚ ହାସଲ କରିବାରେ ସାହାଯ୍ୟ କରିବା, ମୂଲ୍ୟ ସଂଯୋଜନ ମାଧ୍ୟମରେ ଉନ୍ନତ ମୂଲ୍ୟ ନିର୍ଦ୍ଧାରଣ ସୁନିଶ୍ଚିତ କରିବା ଏବଂ ଯୋଗାଣ ଶୃଙ୍ଖଳାର ଦକ୍ଷତାରେ ଉନ୍ନତି ଆଣିବା, ଯାହାଦ୍ୱାରା ଅଧିକ ଆୟ ଓ ଗ୍ରାମୀଣ ବିକାଶ ହୋଇପାରିବ। ଏନପିଡିଡିର କାର୍ଯ୍ୟକାରିତା ପୂର୍ବରୁ ଆରମ୍ଭ ହୋଇସାରିଛି । ଏହା ୧୮ ଲକ୍ଷ ୭୪ ହଜାର ଚାଷୀଙ୍କୁ ଲାଭ ପହଞ୍ଚାଉଛି । ଏହା ୩୦ ହଜାରରୁ ଅଧିକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିଛି ଏବଂ ଦୈନିକ ଅତିରିକ୍ତ ୧୦୦.୯୫ ଲକ୍ଷ ଲିଟର ଦୁଗ୍ଧ କ୍ରୟ କ୍ଷମତା ବୃଦ୍ଧି କରିଛି। ଉନ୍ନତ ଦୁଗ୍ଧ ପରୀକ୍ଷଣ ଏବଂ ଗୁଣବତ୍ତା ନିୟନ୍ତ୍ରଣ ପାଇଁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାକୁ ପ୍ରୋତ୍ସାହିତ କରିବାରେ ମଧ୍ୟ ଏନପିଡିଡି ସହାୟତା କରିଛି । ୫୧ ହଜାର ୭୭୭ରୁ ଅଧିକ ଗ୍ରାମ ସ୍ତରୀୟ ଦୁଗ୍ଧ ପରୀକ୍ଷଣ ପରୀକ୍ଷାଗାରକୁ ସୁଦୃଢ଼ କରାଯାଇଛି । ଅନ୍ୟପକ୍ଷରେ ୧୨୩.୩୩ ଲକ୍ଷ ଲିଟରର ମିଳିତ କ୍ଷମତା ସହିତ ୫,୧୨୩ ବଡ଼ ଦୁଗ୍ଧ କୁଲର୍ ସ୍ଥାପନ କରାଯାଇଛି। ସଂଶୋଧିତ ଏନପିଡିଡି ଦ୍ୱାରା ଦେଶର ଉତ୍ତର-ପୂର୍ବାଞ୍ଚଳରେ ୧୦ ହଜାର ନୂତନ ଦୁଗ୍ଧ ସମବାୟ ସମିତି ପ୍ରତିଷ୍ଠା ହୋଇଛି । ଏହାସହିତ ଏନପିଡିଡିର କାର୍ଯ୍ୟକ୍ଷମ ପ୍ରକଳ୍ପଗୁଡ଼ିକ ବ୍ୟତୀତ ଉତ୍ସର୍ଗୀକୃତ ଅନୁଦାନ ସହାୟତା ସହିତ ୨ଟି ଦୁଗ୍ଧ ଉତ୍ପାଦକ କମ୍ପାନୀ (ଏମପିସି) ଗଠନ ହେବାର ଆଶା କରାଯାଉଛି, ଯାହାଦ୍ୱାରା ଅତିରିକ୍ତ ୩.୨ ଲକ୍ଷ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ବିଶେଷ କରି ଏହା ମହିଳାମାନଙ୍କୁ ଉପକୃତ କରିବ, ଯେଉଁମାନେ ଦୁଗ୍ଧ କାର୍ଯ୍ୟବଳର ୭୦ ପ୍ରତିଶତ ଗଠନ କରିଥାନ୍ତି। ଦୁଗ୍ଧ ଉତ୍ପାଦନ କ୍ଷେତ୍ରର ବିକାଶ ପାଇଁ ସଂଶୋଧିତ ଜାତୀୟ କାର୍ଯ୍ୟକ୍ରମ ଦ୍ୱିତୀୟ ପର୍ଯ୍ୟାୟ ଶ୍ୱେତ ବିପ୍ଳବ ସହିତ ତାଳ ଦେଇ ଭାରତର ଆଧୁନିକ ଭିତ୍ତିଭୂମିରେ ପରିବର୍ତ୍ତନ ଆଣିବ ଏବଂ ନୂତନ ପ୍ରଯୁକ୍ତିବିଦ୍ୟା ଓ ଗୁଣାତ୍ମକ ପରୀକ୍ଷଣ ପରୀକ୍ଷାଗାର ପ୍ରଦାନ କରି ନବଗଠିତ ସମବାୟ ସମିତିକୁ ଅଧିକ ସହାୟତା କରିବ। ଏହି କାର୍ଯ୍ୟକ୍ରମ ଗ୍ରାମୀଣ ଜୀବିକା ନିର୍ବାହରେ ଉନ୍ନତି ଆଣିବ, ନିଯୁକ୍ତି ସୃଷ୍ଟି କରିବ ଏବଂ ଏକ ଶକ୍ତିଶାଳୀ, ଅଧିକ ନମନୀୟ ଦୁଗ୍ଧ ଶିଳ୍ପ ନିର୍ମାଣ କରିବାରେ ସାହାଯ୍ୟ କରିବ ଯାହା ସାରା ଦେଶର ଲକ୍ଷ ଲକ୍ଷ କୃଷକ ଓ ଏହି କ୍ଷେତ୍ରର ଅଂଶୀଦାରମାନଙ୍କୁ ଉପକୃତ କରିବ।

## ଟ୍ରେନ୍‌ରେ ହୋଲି ଖେଳି ୮ ଗିରଫ



ନୂଆଦିଲ୍ଲୀ: ହୋଲି ଦିନ ନୂଆଦିଲ୍ଲୀରୁ କାନପୁର ଆସୁଥିବା ୧୨୦୩୪ ନମ୍ବର ଟ୍ରେନ୍ କାନପୁର ଶତାବ୍ଦୀ ଏକ୍ସପ୍ରେସର ଏସି ଚେୟାର କାରରେ କିଛି ପ୍ୟାଣ୍ଟ୍ରି କର୍ମଚାରୀ ଏବଂ ସଫେଇ କର୍ମଚାରୀ ମିଶି ବହୁତ ହୋଲି ଖେଳିଥିଲେ। ଗତ ଶନିବାର ବିଳମ୍ବିତ ରାତିରେ ଭାଇରାଲ ହୋଇଥିବା ଏକ ଭିଡିଓ ଅନୁଯାୟୀ ଟ୍ରେନ୍ ଗାଜିଆବାଦ ଛାଡିବାପରେ କର୍ମଚାରୀମାନେ ହୋଲି ମନେଇବା ପାଇଁ ଅବୀର ଏବଂ ରଙ୍ଗ ଫିଙ୍ଗାଫିଙ୍ଗି ଆରମ୍ଭ କରି ଦେଇଥିଲେ। ପରିସ୍ଥିତି ଏପରି ହୋଇଯାଇଥିଲା ଯେ ଟ୍ରେନର ସିଟ୍ ଗୁଡିକ ରଙ୍ଗରେ ସମ୍ପୂର୍ଣ୍ଣ ଭାବେ ଓଦା ହୋଇ ଯାଇଥିଲା। ଏହି ଭିଡିଓଟି ଭାଇରାଲ ହେବା ପରେ ରେଲୱେ ତରଫରୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ରେଳ ସମ୍ପତ୍ତିକୁ ଓ ସିଟକୁ କ୍ଷତି ପହଞ୍ଚାଇବା ଭଳି ଅଭିଯୋଗରେ ଆରପିଏଫ୍ ଆଠ ଜଣ ପ୍ୟାଣ୍ଟ୍ରି କାର ବିକ୍ରେତା ଏବଂ ସଫେଇ କର୍ମଚାରୀଙ୍କୁ ବିଭିନ୍ନ ଧାରା ଅନୁଯାୟୀ ଗିରଫ କରିଛି। ଏଥିସହ ଡେପୁଟି ସିଟିଏମ୍ ଆଶୁତୋଷ ସିଂହ ଏହି ମାମଲାରେ ଟିଏସ୍ ରୂପେଶଙ୍କ ସମେତ ଦୁଇ ଜଣଙ୍କୁ ମଧ୍ୟ ଗିରଫ କରିଛନ୍ତି। ଅପରପକ୍ଷରେ ଭାଇରାଲ୍ ହୋଇଥିବା ଭିଡିଓକୁ ଆଧାର କରି ରେଳ ଅଧିକାରୀମାନେ ତୁରନ୍ତ ଦୋଷୀମାନଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରିଦେଇଛନ୍ତି । ତେବେ ଭିଭିଆଇପି ଟ୍ରେନରେ ପ୍ରଥମ ଥର ପାଇଁ ଏହିପରି ଘଟଣା ଘଟିଛି। ହୋଲି ପୂର୍ବରୁ ରେଳବାଇ ପକ୍ଷରୁ ଏକ ନୋଟିସ୍ ଜାରି କରାଯାଇ ଥିଲା ଯେଉଁଥିରେ ହୋଲିରେ କେହି ରଙ୍ଗ ଏବଂ ପାଣି ଫିଙ୍ଗିବେ ନାହିଁ। ଏହା ସତ୍ତ୍ୱେ ମଧ୍ୟ ସେହି କର୍ମଚାରୀମାନେ ରେଳ କର୍ମଚାରୀଙ୍କ ଉପସ୍ଥିତିରେ ରଙ୍ଗ ଖେଳିଥିଲେ।

### ୨୦୪୦ ସୁଦ୍ଧା ଚନ୍ଦ୍ରରେ
## ମହାକାଶଚାରୀ ପହଞ୍ଚାଇବ ଭାରତ

ନୂଆଦିଲ୍ଲୀ: ଭାରତ 'ଭାରତୀୟ ଅନ୍ତରୀକ୍ଷ କେନ୍ଦ୍ର' ନାମକ ମହାକାଶ କେନ୍ଦ୍ର କରିବାକୁ ଯୋଜନା କରିଛି ଏବଂ ଯଦି ସବୁ ଯୋଜନା ଠିକ୍ ରହେ ତେବେ ୨୦୪୦ ସୁଦ୍ଧା ଜଣେ ଭାରତୀୟ ମହାକାଶଚାରୀ ଚନ୍ଦ୍ରରେ ପହଞ୍ଚିବେ। ବୁଧବାର ଲୋକସଭାରେ ପ୍ରଶ୍ନର ଉତ୍ତର ଦେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ରାଷ୍ଟ୍ରମନ୍ତ୍ରୀ ଡ. ଜିତେନ୍ଦ୍ର ସିଂହ ଏହି ସୂଚନା ଦେଇଛନ୍ତି। ଶ୍ରୀ ସିଂହ କହିଛନ୍ତି, ଚନ୍ଦ୍ରଯାନ-୪କୁ ଦୁଇଟି ଉତକ୍ଷେପଣ ଯାନ ମାଧ୍ୟମରେ ଉତକ୍ଷେପଣ କରାଯିବ ଏବଂ ଏଥିରେ ପାଞ୍ଚଟି ଉପାଦାନ ରହିବ। ଚୟନ କରାଯାଇଥିବା ୪ ଜଣ ଗଗନଯାନ ମହାକାଶଚାରୀଙ୍କୁ କାହିଁକି ଜନସାଧାରଣଙ୍କ ନଜରରୁ ଦୂରେଇ ରଖାଯାଇଛି ବୋଲି ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ ଶ୍ରୀ ସିଂହ କହିଛନ୍ତି ଯେ ସେମାନଙ୍କୁ ବିଭ୍ରାନ୍ତିରୁ ଦୂରେଇ ରଖିବା ପାଇଁ ଏହା କରାଯାଇଛି। ଚଳିତ ବର୍ଷ ଶେଷ ସୁଦ୍ଧା ଗଗନଯାନର ଏକ ମହିଳା ରୋବୋଟ୍ ସହ ପରୀକ୍ଷଣ ଉଡ଼ାଣ ଆରମ୍ଭ ହେବ ବୋଲି ସେ କହିଛନ୍ତି।

## ଔରଙ୍ଗଜେବ ବିବାଦରେ ମୁହଁ ଖୋଲିଲା ଆର୍‌ଏସ୍‌ଏସ୍

ମୁମ୍ବାଇ : ଔରଙ୍ଗଜେବ ବିବାଦରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସଏସ)ର ବୁଧବାର ପ୍ରତିକ୍ରିୟା ଆସିଛି। ସଂଘ କହିଛି ଯେ ଆଜିର ଦିନରେ ଔରଙ୍ଗଜେବଙ୍କ କୌଣସି ପ୍ରାସଙ୍ଗିକତା ନାହିଁ। ସେହିପରି ନାଗପୁର ହିଂସା ଉପରେ ଆରଏସଏସ ପ୍ରଚାରମୁଖ୍ୟ ସୁନୀଲ ଆମ୍ବେକର କହିଛନ୍ତି ଯେ ସମାଜ ନିମନ୍ତେ କୌଣସି ପ୍ରକାରର ହିଂସା ଉଚିତ ନୁହେଁ। ତେବେ ମାମଲାକୁ ପୋଲିସ ସଂଜ୍ଞାନରେ ନେଇଛି ଓ ତଦନ୍ତ ମୂଳ ପର୍ଯ୍ୟନ୍ତ ଜାରି ରହିବ। ଔରଙ୍ଗଜେବ ପ୍ରସଙ୍ଗରେ ଶିବସେନା ଉଦ୍ଧବଗୋଷ୍ଠୀ ନେତା ଅରବିନ୍ଦ ସାୱନ୍ତ କହିଛନ୍ତି ଯେ 'ମୁଁ ବୟାନକୁ ସ୍ୱାଗତ କରୁଛି'। ସେହିପରି ସଂଘର ବୟାନ ଉପରେ ପ୍ରତିକ୍ରିୟା ରଖି ଏନସିପି (ଶରଦ) ନେତା ଜିତେନ୍ଦ୍ର ଆହ୍ୱାଡ କହିଛନ୍ତି ଯେ ତାଙ୍କ ବୟାନ ବିଳମ୍ବରେ ଆସିଛି ହେଲେ ସମୟରେ ଆସିଛି। ନଚେତ ଆଗାମୀ ଦିନରେ ମହାରାଷ୍ଟ୍ର ଜଳିଥାନ୍ତା। ଆହ୍ୱାଡ କହିଛନ୍ତି ଯେ ସଂଘ ସରକାରଙ୍କ ମାତୃସଙ୍ଗଠନ, ଏଣୁ ସଂଘର ବୟାନକୁ ସ୍ୱାଗତ ଜଣାଉଛି ଓ ଧନ୍ୟାବାଦ ଦେଉଛି। ସେ କହିଛନ୍ତି ଯେ ସଂଘର ମୁଁ ବୈଚାରିକ ବିରୋଧୀ ହେଲେ ସେମାନେ ସଠିକ ସମୟରେ ଯେଉଁ ଟିପ୍ପଣୀ କରିଛନ୍ତି ତାହା ବହୁତ ଭଲ କଥା। ସେହିପରି ଆରଏସଏସର ବୟାନରେ ବିଶ୍ୱ ହିନ୍ଦୁ ପରିଷଦ(ବିହିପ)ର ମଧ୍ୟ ବୟାନ ଆସିଛି। ବିହିପ ମହାରାଷ୍ଟ୍ର ପ୍ରାନ୍ତ ମନ୍ତ୍ରୀ ଗୋବିନ୍ଦ ସେଣ୍ଡେ କହିଛନ୍ତି ଯେ ହିଂସା ସମ୍ପର୍କରେ ସଂଘର ବୟାନ ଯୋଗ୍ୟ। ଯେଉଁମାନେ ହିଂସା କରୁଛନ୍ତି ସଂଘ ସେମାନଙ୍କ ସମ୍ପର୍କରେ ବୟାନରେ କହିଛି। ହେଲେ ଔରଙ୍ଗଜେବ ପ୍ରସଙ୍ଗରେ ସୁନୀଲ ଅମ୍ବେକର କଣ କହିଛନ୍ତି, କେଉଁ ପରିପ୍ରେକ୍ଷୀରେ କହିଛନ୍ତି ତଥା ତାଙ୍କୁ କଣ ପ୍ରଶ୍ନ କରାଯାଇଥିଲା ସେ ସମ୍ପର୍କରେ କିଛି ଜାଣି ନାହିଁ। ଏଣୁ ପ୍ରସଙ୍ଗରେ ଆମେ କୌଣସି ପ୍ରତିକ୍ରିୟା ଦେଉ ନାହୁଁ।

## ସୁନିତା ୱିଲିୟମ୍ସଙ୍କୁ ଶୁଭେଚ୍ଛା ଜଣାଇଲେ ବିଷ୍ଣୁଦେବ



ରାୟପୁର: ଭାରତୀୟ ବଂଶୋଦ୍ଭବ ତଥା ପ୍ରସିଦ୍ଧ ଅନ୍ତରୀକ୍ଷ ଯାତ୍ରୀ ସୁନିତା ୱିଲିୟମ୍ସଙ୍କ ଐତିହାସିକ ଅନ୍ତରୀକ୍ଷ ମିଶନର ସଫଳତା ପାଇଁ ଭୁରିଭୁରି ଶୁଭେଚ୍ଛା ଜଣାଇଛନ୍ତି ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ। ଶ୍ରୀ ସାଏ କହିଛନ୍ତି ସୁନିତଙ୍କ ସୁରକ୍ଷିତ ପୃଥିବୀପୃଷ୍ଠକୁ ଯାତ୍ରା ସମସ୍ତଙ୍କ ମନରେ ଖୁସିର ମାହୋଲ ସୃଷ୍ଟି କରିଛି। ସେ ଆହୁରି କହିଥିଲେ କି ଏହି ଅସାଧାରଣ ଅଭିଯାନ ସୁନିତାଙ୍କ ଧୈର୍ଯ୍ୟ, ସାହାସ ଏବଂ ବିଜ୍ଞାନ ପ୍ରତି ତାଙ୍କର ପ୍ରତିବଦ୍ଧତା ସାରା ବିଶ୍ୱକୁ ପ୍ରେରଣା ଯୋଗାଇବ। ନିଜ ବାର୍ତ୍ତାରେ ଶ୍ରୀ ସାଏ କହିଥିଲେ ସୁନିତା ଜଣେ ସାରୀ ହୋଇ ଯେଉଁ ଅସୀମ ଧୈର୍ଯ୍ୟ ଦେଖାଇଲେ ତାହା ଆମ ସମସ୍ତଙ୍କ ପାଇଁ ଆଗାମୀ ଦିନ ପାଇଁ ପ୍ରେରଣା ଯୋଗାଇବ। ତାଙ୍କର ସାହାସ, ସଂକଳ୍ପ ଏବଂ ସ୍ୱାଭିମାନ ନୂଆ ଇତିହାସ ସୃଷ୍ଟି କରିଛି। ଅତି କଠିନ ସମୟରେ ସେ ଯେପରି ମହାକାଶରେ ୯ମାସ ବିତାଇଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ସେ ଆହୁରି କହିଥିଲେ ଯେ, ତାଙ୍କର ସଫଳତା ନାରୀ ଶକ୍ତିକୁ ଅଦମ୍ୟ ସାହାସ ଯୋଗାଇବ ଓ ସେମାନଙ୍କ ମଧ୍ୟରେ ଅତୁଟ ଶକ୍ତି ଯୋଗାଇବ। ତାଙ୍କର ଏହି ଉପଲବ୍ଧି ଭାରତର ଯୁବବର୍ଗଙ୍କୁ ସେମାନଙ୍କ ସ୍ୱପ୍ନ ସଫଳ କରିବାପାଇଁ ପ୍ରେରଣା ଯୋଗାଇବ।

# ବାଣିଜ୍ୟ



ମୁମ୍ବାଇ: ବହୁଦିନ ପରେ ଭାରତୀୟ ଷ୍ଟକ୍ ବଜାରରେ ଉତ୍ସାହଜନକ କାରବାର ହୋଇଛି। ନିବେଶକମାନେ ମନ ଖୋଲି ସେୟାର କିଣିବାରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୧୧୩୧ ପଏଣ୍ଟ ବୃଦ୍ଧି ପାଇ ୭୫,୩୦୧ ପଏଣ୍ଟରେ ବନ୍ଦ ?ହୋଇଛି। ସେହିପରି, ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ମଧ୍ୟ ୩୨୬ ପଏଣ୍ଟ ? ବୃଦ୍ଧି ପାଇ ୨୨,୮୩୪ ପଏଣ୍ଟ ?ରେ ବନ୍ଦ ହୋଇଛି। ଦୁଇ ଦିନ ମଧ୍ୟରେ ସେନ୍‌ସେକ୍ସରେ ୧୪୭୨ ପଏଣ୍ଟ ବୃଦ୍ଧି ଘଟିଛି। ତାହାର ପ୍ରଭାବରେ ନିବେଶକମାନଙ୍କୁ ୮.୬୭ ଲକ୍ଷ କୋଟି ଟଙ୍କାର ଫାଇଦା ମିଳିଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ଥିବା କମ୍ପାନିଗୁଡ଼ିକର ମୋଟ ବଜାର ପୁଞ୍ଜି ପରିମାଣ ୩,୯୯,୮୫,୯୭୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି। କେବଳ ଆଜି ନିବେଶକଙ୍କୁ ୭ ଲକ୍ଷ କୋଟି ଟଙ୍କାର ଫାଇଦା ମିଳିଛି। ସେନ୍‌ସେକ୍ସର ଅଂଶ ଥିବା କମ୍ପାନିଗୁଡ଼ିକ ମଧ୍ୟରୁ ଜୋମାଟୋ, ଆଇସିଆଇସିଆଇ ବ୍ୟାଙ୍କ, ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା, ଟାଟା ମୋଟର୍ସ ଓ ଏଲ୍‌ଆଣ୍ଡଟିର ସେୟାର ମୂଲ୍ୟରେ ୨.୭ ପ୍ରତିଶତରୁ ୭.୪ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ଘଟିଛି। ଆର୍ଥିକ କ୍ଷେତ୍ରର ସଂସ୍ଥାଗୁଡ଼ିକର ସେୟାର ମୂଲ୍ୟ ଅଧିକ ବଢ଼ିଛି। ନିଫ୍ଟିରେ ଆଇସିଆଇସିଆଇ ବ୍ୟାଙ୍କର ପ୍ରଦର୍ଶନ ଜବରଦସ୍ତ ଥିଲା।

## ସେବି ନିକଟରେ ଡିଆରଏଚ୍‌ପି ଦାଖଲ କଲା ଆଲ୍‌କେମ୍


ALLCHEM LIFESCIENCE PVT. LTD. — With Chemistry, We Can...

ନୂଆଦିଲ୍ଲୀ: ଭାରତର ଅଗ୍ରଣୀ ଔଷଧ ଉପାଦାନ ନିର୍ମାତା ଆଲକେମ ଲାଇଫସାଇନ୍ସ ଲିମିଟେଡ ପକ୍ଷରୁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡ ହେରିଂ ପ୍ରୋସପେକ୍ଟସ (ଡିଆରଏଚପି) ଦାଖଲ କରାଯାଇଛି। କମ୍ପାନି ଇନିସିଆଲ ପବ୍ଲିକ ଅଫର (ଆଇପିଓ) ଜାରି କରିବ, ଯେଉଁଥିରେ ୧୯୦ କୋଟି ଟଙ୍କାର ନୂଆ ଇକ୍ୱିଟି ସେୟାର ଜାରି କରାଯିବ ଏବଂ ଅଂଶଧନକାରୀମାନେ ଅଫର ଫର ସେଲରେ ୭,୧୫୫,୦୦୦ ଇକ୍ୱିଟି ସେୟାର ବିକ୍ରି କରିବେ। ଅଫର ଫର ସେଲରେ କାନ୍ତିଲାଲ ରମଣଲାଲ ପଟେଲ ୩,୫୭୭,୫୦୦ ପର୍ଯ୍ୟନ୍ତ ଇକ୍ୱିଟି ସେୟାର ଓ ମନିଷା ବିପିନ ପଟେଲ ୩,୫୭୭,୫୦୦ ପର୍ଯ୍ୟନ୍ତ ଇକ୍ୱିଟି ସେୟାର ବିକ୍ରି କରିବେ। ଏହି ଇସ୍ୟୁରୁ ଯେଉଁ ପାଣ୍ଠି ସଂଗୃହୀତ ହେବ, ସେଥିରୁ ୧୩୦ କୋଟି ଟଙ୍କାକୁ କମ୍ପାନି ହାସଲ କରିଥିବା କେତେକ ଋଣକୁ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ପରିଶୋଧ କରିବାରେ ଏବଂ କମ୍ପାନିର ବ୍ୟବସାୟ ଆବଶ୍ୟକତା ପୂରଣ କରିବା ଲାଗି ଅବଶିଷ୍ଟ ରାଶିକୁ ସାଧାରଣ କର୍ପୋରେଟ କାର୍ଯ୍ୟରେ ବ୍ୟବହାର କରିବ। ୨୦୧୭ରେ ସ୍ଥାପନ ହୋଇଥିବା ଆଲକେମ ଲାଇଫସାଇନ୍ସ ଲିମିଟେଡ ହେଉଛି ଏକ ଭାରତୀୟ ସକ୍ରିୟ ଫାର୍ମା ଉପାଦାନ ନିର୍ମାତା। ୨୦୨୪ ଡିସେମ୍ବର ୩୧ ସୁଦ୍ଧା ଭାରତର ୧୩ଟି ରାଜ୍ୟ ଏବଂ ବିଶ୍ୱର ୨୨ଟି ଦେଶରେ ଏହା ଗ୍ରାହକଙ୍କୁ ସେବା ପ୍ରଦାନ କରୁଛି। ୨୦୨୩-୨୪ ସୁଦ୍ଧା ଏହାର ଭାରତରେ ୧୪୮ ଏବଂ ବିଶ୍ୱରେ ୬୬ ଗ୍ରାହକ ରହିଛି। ଗୁଜରାଟର ଭଦୋଦରାରେ ଥିବା ମୁସାରରେ କମ୍ପାନିର କାରଖାନା ରହିଛି, ଯେଉଁଠାରେ ମୋଟ ଉତ୍ପାଦନ କ୍ଷମତା ୧,୧୩୩.୫୦ କେଏଲ ରହିଛି। ୨୦୨୧-୨୨ ଓ ୨୦୨୩-୨୪ରେ କମ୍ପାନି ଚକ୍ରବୃଦ୍ଧି ହାରରେ ୧୨.୭୫ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି। ୨୦୨୪ ସେପ୍ଟେମ୍ବର ୩୦ ସୁଦ୍ଧା ଶେଷ ୬ ମାସରେ କଂପାନିର ୭୮୪.୪୮ ନିୟୁତ ଟଙ୍କା ରହିଛି। ଏହାର ଟିକସ ପରବର୍ତ୍ତୀ ଲାଭ ୨୮.୬୫ ପ୍ରତିଶତ ବୃଦ୍ଧି ପାଇଛି। ଏହି ଅଫରର ବୁକ ରନିଂ ଲିଡ ମ୍ୟାନେଜର ହେଉଛି ଏମକେ ଗ୍ଲୋବାଲ ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡ।

## ସୁନା ୯୦ ହଜାର

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): କିଛି ଦିନ ଧରି ସୁନାର ଅହେତୁକ ମୂଲ୍ୟ ବୃଦ୍ଧି ପାଉଛି। ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ଦାମ୍ ୪୪୦ ଟଙ୍କା ବୃଦ୍ଧି ପାଇ ୯୦ ହଜାର ଟଙ୍କା ହୋଇଛି। ପୂର୍ବରୁ ସୁନାକୁ ଏଭଳି ସ୍ତରରେ ଆଗରୁ କେବେ ଦେଖିବାକୁ ମିଳିନଥିଲା। ୨୨ କ୍ୟାରେଟ୍ ସୁନା ଦାମ୍ ୪୦୦ ଟଙ୍କା ବୃଦ୍ଧି ପାଇ ୮୨,୫୦୦ ଟଙ୍କା ହୋଇଛି। ରାଜ୍ୟରେ ଚଳିତ ମାସ ୧୨ ତାରିଖରୁ ସୁନା ଦର ଲାଗାତାର ଭାବେ ବୃଦ୍ଧି ପାଉଛି। ସେହିଦିନ ୨୨ କ୍ୟାରେଟ୍ ସୁନା ଦାମ୍ ୮୦,୬୫୦ ଟଙ୍କା ଓ ୨୪ କ୍ୟାରେଟ୍ ସୁନା ଦର ୮୭,୯୮୦ ଟଙ୍କା ଥିଲା। କେବଳ ମାର୍ଚ୍ଚ ମାସରେ ୨୨ କ୍ୟାରେଟ୍ ସୁନା ୩୧୦୦ ଟଙ୍କା ଓ ୨୪ କ୍ୟାରେଟ୍ ଦାମ୍ ୩,୩୮୦ ଟଙ୍କା ବୃଦ୍ଧି ପାଇଛି। କେବଳ ସୁନା ନୁହେଁ, ରୁପା ଦରରେ ମଧ୍ୟ ସେଭଳି ନିଆଁ ଲାଗିଛି। ଭୁବନେଶ୍ୱରରେ ଏକ କିଲୋ ସୁନାର ଦାମ୍ ୧୧୦୦ ଟଙ୍କା ବୃଦ୍ଧି ପାଇ ୧,୧୩,୦୦୦ ଟଙ୍କା ହୋଇଛି। ଭୁବନେଶ୍ୱରରେ ରୁପା ଦାମ୍ ଜାତୀୟ ବଜାରଠାରୁ ଅଧିକ ରହୁଛି। ଜାତୀୟ ବଜାରରେ ଏକ କିଲୋ ରୁପା ଦାମ୍ ୧,୦୪,୦୦୦ ଟଙ୍କା ରହିଛି। ସୁନା ଓ ରୁପା ମୂଲ୍ୟରେ ଏଭଳି ଏକ ସମୟରେ ବୃଦ୍ଧି ପାଇଛି, ଯେତେବେଳେ ରାଜ୍ୟରେ ବାହାଘର ଋତୁ ଚାଲିଛି। ତେଣୁ ଗହଣା କିଣିବାକୁ ଚାହୁଁଥିବା ଲୋକମାନଙ୍କ ପାଇଁ ଏହା ନିଶ୍ଚିତ ରୂପେ ଏକ କଷ୍ଟକର ସମୟ।

## ନାଲ୍‌କୋ ପକ୍ଷରୁ ୧୦.୧୦କୋଟି ଟଙ୍କାର ସହାୟତା




କୋରାପୁଟ (ଭାସ୍କର ନ୍ୟୁଜ୍) : ଭାରତ ସରକାରଙ୍କ ନବରତ୍ନ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲକୋ)ର ସିଏସଆର କାର୍ଯ୍ୟକ୍ରମ ଅଂଶବିଶେଷ ଭାବେ ଏବଂ ନିରନ୍ତର ବିକାଶପ୍ରତି ପ୍ରତିବଦ୍ଧତାର ଅଂଶ ସ୍ୱରୂପ, କୋରାପୁଟର ସହୀଦଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ୧୦କୋଟି୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ନାଲକୋ ଖଣି ଓ ପରିଶୋଧନ ପ୍ରକଳ୍ପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିରଞ୍ଜନ ସାମଲଙ୍କ ସହ କମ୍ପାନୀର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ(ଏଚ ଆଣ୍ଡ ଏ) ଆଶୁତୋଷ ରଥ କୋରାପୁଟ ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କୁ ଭେଟି ଏହି ଚେକ ଆଜି ପ୍ରଦାନ କରିଛନ୍ତି ।ଏହି ଅବସରରେ ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲର ଅଧୀକ୍ଷକ ତଥା ଡିନ୍ ଏବଂ ପ୍ରିନ୍ସିପାଲ ପ୍ରଫେସର (ଡକ୍ଟର) ସୁଶାନ୍ତ କୁମାର ସାହୁ ମଧ୍ୟ ଉପସ୍ଥିତ ଥିଲେ। ନାଲକୋର ସିଏସଆର ଶାଖା "ନାଲକୋ ଫାଉଣ୍ଡେସନ" ମାଧ୍ୟମରେ ପ୍ରଦାନ କରାଯାଇଥିବା ଏହି ଅର୍ଥ ରାଶି ହସ୍ପିଟାଲର ବିଭିନ୍ନ ବିଭାଗରେ ରୋଗୀ ସେବାକୁ ଉନ୍ନତ କରିବା ପାଇଁ ଅତ୍ୟାବଶ୍ୟକ ସୁବିଧା ଏବଂ ଉନ୍ନତ ଚିକିତ୍ସା ଉପକରଣ କ୍ରୟ ସହ ଅନ୍ୟାନ୍ୟ ଆବଶ୍ୟକତା ପୂରଣ ନିମନ୍ତେ ବ୍ୟବହୃତ ହେବ। ଉଲ୍ଲେଖଯୋଗ୍ୟ ଯେ, ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲ କୋରାପୁଟ ଜିଲ୍ଲାର ଅଧିବାସୀଙ୍କୁ ବିଶେଷକରି, ଆଦିବାସୀ ସମ୍ପ୍ରଦାୟକୁ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସୂଚନାଯୋଗ୍ୟ ଯେ, କମ୍ପାନୀ ନିଜର ସିଏସଆର କାର୍ଯ୍ୟକ୍ରମ ମାଧ୍ୟମରେ କୋରାପୁଟ ଅଞ୍ଚଳରେ ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସେବା ଯୋଗାଇ ଦେଇଆସୁଛି। ନାଲକୋ ପକ୍ଷରୁ କୋରାପୁଟର ଦାମନଯୋଡ଼ି ଅଞ୍ଚଳରେ ରହିଥିବା ନିଜର ଖଣି ଓ ପରିଶୋଧନ ପ୍ରକଳ୍ପର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ନିରନ୍ତର ମୋବାଇଲ ସ୍ୱାସ୍ଥ୍ୟସେବା ୟୁନିଟ ମାଧ୍ୟମରେ ୧୬୩ ରୁ ଊର୍ଦ୍ଧ୍ୱ ଅପହଞ୍ଚ ପାର୍ଶ୍ୱବର୍ତ୍ତୀ ଗ୍ରାମ ଏବଂ ସଂଲଗ୍ନ ଗ୍ରାମକୁ ମୌଳିକ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିଆସୁଛି । ଏହା ବ୍ୟତୀତ, ପୋଟାଙ୍ଗି ଅଞ୍ଚଳରେ ମଧ୍ୟ ୪୮ରୁ ଅଧିକ ଗ୍ରାମର ବାସିନ୍ଦାଙ୍କୁ ଏହି ସେବା ଯୋଗାଇଦିଆଯାଉଛି ।

## ଆମାଜନ୍ ଇଲେକ୍ଟ୍ରୋନିକ୍ସ ପ୍ରିମିୟର ଲିଗ୍ ନେଇ ଘୋଷଣା

ନୂଆଦିଲ୍ଲୀ: ଆମାଜନ.ଇନ ଏହାର ପ୍ରଥମ ଇଲେକ୍ଟ୍ରୋନିକ୍ସ ପ୍ରିମିୟର ଲିଗ୍ ଘୋଷଣା କରିବାକୁ ଯାଉଛି, ଯେଉଁଥିରେ ସ୍ମାର୍ଟଫୋନ୍, ବଡ଼ ଉପକରଣ, ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ଏବଂ ଟେଲିଭିଜନର ବିଭିନ୍ନ ଚୟନରେ ଶୀର୍ଷ ବ୍ରାଣ୍ଡ୍ ଗୁଡ଼ିକରେ ଆକର୍ଷଣୀୟ ଡିଲ୍ ଏବଂ ଅଫର ରହିଛି। ଅତ୍ୟାଧୁନିକ ସ୍ମାର୍ଟଫୋନ୍ ଏବଂ ଶକ୍ତିଶାଳୀ ଲାପଟପ୍ ଠାରୁ ଆରମ୍ଭ କରି ପ୍ରିମିୟମ୍ ସ୍ମାର୍ଟୱାଚ୍, ହେଡଫୋନ୍, ଟେଲିଭିଜନ ଆଦି ବିଷୟରେ ଗ୍ୟାଜେଟ୍ ପ୍ରେମୀମାନେ ଅନୁସନ୍ଧାନ କରିପାରିବେ। ଏହାବ୍ୟତୀତ ଗ୍ରାହକମାନେ ନୋ କଷ୍ଟ ଇଏମଆଇ, ଇନଷ୍ଟାଂଟ ବ୍ୟାଙ୍କ ରିହାତି, ଏକ୍ସଚେ ବୋନସ ଏବଂ ଅନ୍ୟାନ୍ୟ ସୁଲଭ ବିକଳ୍ପ ସହିତ ଏହି ମାସରେ ନିଜର ଟେକ୍ ଗେମ୍ ଅପଗ୍ରେଡ୍ କରିପାରିବେ। ଏହା ୨୬ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ଲାଇଭ୍ ରହିଛି। ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍/ଡେବିଟ୍ କାର୍ଡ ଏବଂ ଆକ୍ସିସ୍ ବ୍ୟାଙ୍କ କ୍ରେଡିଟ୍ କାର୍ଡ କାରବାର ଉପରେ ୭.୫% ସଂଚୟ ସୁବିଧା ରହିଛି । ସ୍ମାର୍ଟଫୋନ୍ ଏବଂ ଆକ୍ସେସରିଜ୍ ଉପରେ ୪୦% ପର୍ଯ୍ୟନ୍ତ ରିହାତି ଏବଂ ଫ୍ଲାଗସିପ୍ ସ୍ମାର୍ଟଫୋନ୍ ଗୁଡ଼ିକ ୧୯୯୯ ଟଙ୍କା/ମାସରୁ ନୋ କଷ୍ଟ ଇଏମଆଇ ସହିତ ଉପଲବ୍ଧ ହେବ । ସାମସଙ୍ଗ, ସୋନି ଏବଂ ଭିୟୁ ଭଳି ଲୋକପ୍ରିୟ ବ୍ରାଣ୍ଡର ସ୍ମାର୍ଟ ଟିଭି ଏବଂ ପ୍ରୋଜେକ୍ଟର ଉପରେ ୬୫% ପର୍ଯ୍ୟନ୍ତ ରିହାତି ଏବଂ ବଡ଼ ସ୍କ୍ରିନ୍ ୪କେ ଟିଭି ବିନା ମୂଲ୍ୟ ଇଏମଆଇ ସହିତ ମାସକୁ ୭୫୦ ଟଙ୍କାରୁ ଉପଲବ୍ଧ ହେବ । ଏ ସମ୍ପର୍କରେ ଆମାଜନ ଇଣ୍ଡିଆର କ୍ୟୁମର ଇଲେଲକ୍ରାନକ୍ସିର ନିର୍ଦ୍ଦେଶକ ଲଜବା ଖାନ୍ କହିଛନ୍ତି ଯେ, ଏହି କ୍ରିକେଟ ଉତ୍ସାହକୁ ପାଳନ କରିବା ପାଇଁ ଆମେ ମାର୍ଚ୍ଚ ୨୧ରୁ ଆମାଜନ ଇଣ୍ଡିଆରେ ଇଲେକ୍ଟ୍ରୋନିକ୍ସ ପ୍ରିମିୟର ଲିଗ୍ ଆରମ୍ଭ କରିବାକୁ ଉତ୍ସାହିତ । ଲାପଟପ୍ , ଟାବଲେଟ୍, ହେଡଫୋନ୍ ଏବଂ ଆହୁରି ଅନେକ ଜିନିଷ ଉପରେ ୭୫% ପର୍ଯ୍ୟନ୍ତ ରିହାତି ରହିଛି । ଯେବେକି ବେଷ୍ଟ ସେଲିଂ ଟ୍ୟାବଲେଟ୍ ବିନା ମୂଲ୍ୟ ଇଏମଆଇ ସହିତ ୨୯୯୯ ଟଙ୍କା/ମାସରୁ ଉପଲବ୍ଧ ହେବ ।

## ରୋଶନି ନାଦର ଭାରତର ଧନୀ ମହିଳା



ନୂଆଦିଲ୍ଲୀ: ଭାରତର ସବୁଠାରୁ ଧନୀ ମହିଳା ନୀତା ଅମ୍ବାନୀଙ୍କୁ ପଛରେ ପକାଇଲେ ରୋଶନି ନାଦର ମାଲହୋତ୍ରା। ଏଚ୍‌ସିଏଲ ଟେକ୍ନୋଲୋଜିଜ୍‌ର ପ୍ରତିଷ୍ଠାତା ଶିବ ନାଦର ତାଙ୍କ ଝିଅକୁ କମ୍ପାନିର ଏକ ପ୍ରମୁଖ ଅଂଶଧନ ଉପହାର ଦେଇଛନ୍ତି। ଏହି ନିଷ୍ପତ୍ତି ପରେ, ରୋଶନି ଏଚ୍‌ସିଏଲ କର୍ପୋରେସନର ସବୁଠାରୁ ବଡ଼ ସେୟାରହୋଲ୍ଡର ହୋଇଛନ୍ତି। ପ୍ରକୃତରେ, ଶିବ ନାଦର ତାଙ୍କର ୪୭ ପ୍ରତିଶତ ଅଂଶଧନ ରୋଶନିଙ୍କୁ ସ୍ଥାନାନ୍ତର କରିଥିଲେ, ଯେଉଁଥିରେ ୪୪.୧୭ ପ୍ରତିଶତ ଅଂଶଧନ ଭାମା ଦିଲ୍ଲୀରୁ ଏବଂ ୦.୧୭ ପ୍ରତିଶତ ଅଂଶଧନ ଏଚ୍‌ସିଏଲ କର୍ପରୁ ଆସିଥିଲା। ଏହା ପରେ, ରୋଶନି ନାଦର ଭାରତର ସବୁଠାରୁ ଧନୀ ମହିଳା ହୋଇଛନ୍ତି ଏବଂ ତାଙ୍କ ସମ୍ପତ୍ତି ତାଙ୍କୁ ମୁକେଶ ଅମ୍ବାନୀ ଏବଂ ଗୌତମ ଆଦାନୀ ପରେ ଭାରତରେ ତୃତୀୟ ସ୍ଥାନକୁ ନେଇଆସିଛି। ରୋଶନି ନାଦାରଙ୍କ ଜନ୍ମ ୧୯୮୨ ମସିହାରେ ହୋଇଥିଲା ଏବଂ ସେ ନର୍ଥୱେଷ୍ଟର୍ଣ୍ଣ ୟୁନିଭରସିଟି (ଆମେରିକା)ରୁ ଯୋଗାଯୋଗରେ ଅଧ୍ୟୟନ କରିଥିଲେ। ଦିଲ୍ଲୀରେ ସ୍କୁଲ ଶିକ୍ଷା ସମାପ୍ତ କରିବା ପରେ, ସେ କେଲଗ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟରୁ ଏମବିଏ କରିଥିଲେ। ରୋଶନି କେବଳ ଜଣେ ବ୍ୟବସାୟୀ ନୁହନ୍ତି ବରଂ ଶିକ୍ଷା ଏବଂ ପରିବେଶ ପାଇଁ ମଧ୍ୟ କାମ କରୁଛନ୍ତି। ସେ ଶିବ ନାଦର ଫାଉଣ୍ଡେସନ ମାଧ୍ୟମରେ ଅନେକ ସାମାଜିକ ପଦକ୍ଷେପ ସହିତ ଜଡିତ। ସେ ଏଚ୍‌ସିଏଲ ହେଲଥ୍‌କେୟାରର ଉପାଧ୍ୟକ୍ଷ ଶିଖର ମାଲହୋତ୍ରାଙ୍କୁ ବିବାହ କରିଛନ୍ତି।

## ଆର୍‌ଏସ୍‌ପିରେ ନୂତନ ଏବଂ ଉନ୍ନତିକୃତ ସୁବିଧା ଉଦ୍‌ଘାଟିତ



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ ରାଉରକେଲା ଇସ୍ପାତ କାରଖାନାର ଲାଇମ୍ ଡୋଲୋମାଇଟ୍ ବ୍ରିକ୍ ପ୍ଲାଣ୍ଟ (ଏଲଡ଼ିବିପି)ର ଉଦ୍ୟୋଗୀ କର୍ମଚାରୀମାନେ ସଫଳତାର ସହ ଏକ ଚିମନିର ସ୍ଥାପନା କରିଛନ୍ତି ଏବଂ ହାଇଡ୍ରୋଲିକ୍ ବ୍ରିକ୍ ପ୍ରେସ୍ ନମ୍ବର-୫ ଏବଂ ଉନ୍ନତ ପିଏଲସି ସିଷ୍ଟମର ପୁନରୁଦ୍ଧାର କରିଛନ୍ତି। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ମାର୍ଚ୍ଚ ୧୯ ତାରିଖରେ ବିଭାଗରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ସୁବିଧାଗୁଡ଼ିକର ଉଦଘାଟନ କରିଥିଲେ। ଏହି ଅବସରରେ ଗୁଣବତ୍ତା ବିଭାଗର ସିଜିଏମ ଆର.କେ. ପାତ୍ର, ବୈଦ୍ୟୁତିକ ବିଭାଗର ସିଜିଏମ ଆର.କେ. ମୁଦୁଲି, ଏସଏମଏସ-୧ ବିଭାଗର ସିଜିଏମ ଏସ କାର୍ଥା, ସୁରକ୍ଷା ଓ ଅଗ୍ନିଶମ ବିଭାଗର ସିଜିଏମ ଆଶା କାର୍ଥା, ଏଲଡ଼ିବିପି ବିଭାଗର ଜିଏମ ଇନ ଚାର୍ଜ ଏନ ଆର ଦାସ, ଏବଂ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ୨୦୨୩ ମାର୍ଚ୍ଚ ରୁ ଅଚଳ ଥିବା ଇଟା ପ୍ରେସ୍, ଜର୍ମାନୀର ମୂଳ ଉପକରଣ ନିର୍ମାତା ମେସର୍ସ ଲାଇସ୍ ସହାୟତାରେ ପୂର୍ଣ୍ଣ କାର୍ଯ୍ୟକ୍ଷମତାକୁ ଅଣାଯାଇଛି। ମରାମତି କାର୍ଯ୍ୟରେ ମୋଟ ୫.୫ କୋଟି ଟଙ୍କା ବ୍ୟୟରେ ସିଭିଲ୍ ଫାଉଣ୍ଡେସନ୍ ପୁନରୁଦ୍ଧାର, କ୍ଷତିଗ୍ରସ୍ତ ସଂରଚନା ଏବଂ ଉପକରଣର ପ୍ରତିରୋପଣ ସମ୍ପନ୍ନ କରାଯାଇଥିଲା। ଏହି ଇଟା ପ୍ରେସ୍ କାର୍ଯ୍ୟକ୍ଷମ ହେବା ସହିତ, ମାଗ୍ନେସିଆ-କାର୍ବନ ଇଟା ଏବେ ଏସଏମଏସ-୧ ଏବଂ ଏସଏମଏସ-୨ର କନଭର୍ଟର ପାଇଁ ଏବଂ ଷ୍ଟିଲ୍ ଲାଡେଲ୍ ପାଇଁ ଯୋଗାଇ ଦିଆଯିବ, ଯାହା ଉନ୍ନତ ରିଫ୍ରାକ୍ଟୋରୀ ଯୋଗାଣ ଏବଂ କାର୍ଯ୍ୟକ୍ଷମ ଦକ୍ଷତା ସୁନିଶ୍ଚିତ କରିବ। ନିରନ୍ତର ଗୁଣବତ୍ତା ଉନ୍ନତି ପଦକ୍ଷେପର ଏକ ଅଂଶ ଭାବରେ, ଟେମ୍ପରିଂ କିଲ୍ନର ପିଏଲସି ସିଷ୍ଟମକୁ ମେଷର୍ସ ଭିନସେଣ୍ଟ ଇଞ୍ଜିନିୟରିଂ ଦ୍ୱାରା ଅପଗ୍ରେଡେସନ୍ କରାଯାଇଥିଲା। ଏହି ଅପଗ୍ରେଡେସନ୍ ଇଟାର ଗୁଣବତ୍ତା ବୃଦ୍ଧି କରିବ ଏବଂ ପ୍ରକ୍ରିୟା ସ୍ୱୟଂଚାଳିତତାକୁ ଉନ୍ନତ କରିବ ବୋଲି ଆଶା କରାଯାଉଛି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିକାଶ ମଧ୍ୟରେ ୪୦ ମିଟର ଉଚ୍ଚ ଚିମନି ସହିତ ସଜ୍ଜିତ ଧୂଳି ନିଷ୍କାସନ ସିଷ୍ଟମର ସ୍ଥାପନ ସମ୍ପନ୍ନ କରାଯାଇଛି । ଏହି ସିଷ୍ଟମକୁ ଏଲଡ଼ିବିପିରେ ପ୍ରଭାବଶାଳୀ ଭାବରେ ଧୂଳି ନିର୍ଗମନକୁ ନିୟନ୍ତ୍ରଣ କରି ପରିବେଶଗତ ସ୍ଥିରତା ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଛି, ଯାହା ଏକ ସ୍ୱଚ୍ଛ ଏବଂ ସବୁଜ କର୍ମକ୍ଷେତ୍ର ପାଇଁ ଯୋଗଦାନ ଦେବ। ଏହି କାର୍ଯ୍ୟକ୍ରମକୁ ଏଲଡ଼ିବିପି ବିଭାଗର ଜିଏମ ରାଜେଶ କୋଙ୍ଗାରୀ ଏବଂ ଡେପୁଟି ମ୍ୟାନେଜର କେ କେ ମିଶ୍ର ସଂଯୋଜନା କରିଥିଲେ।



ନୂଆଦିଲ୍ଲୀ: ଆଇପିଏଲ ୨୦୨୫ର ପ୍ରଥମ ମ୍ୟାଚ ମାର୍ଚ୍ଚ ୨୨ରେ ଖେଳାଯିବ। ଏହି ମ୍ୟାଚ କୋଲକାତା ନାଇଟ ରାଇଡର୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଖେଳାଯିବ। ଆରସିବି ଏବେ ବି ନିଜର ପ୍ରଥମ ଟାଇଟଲକୁ ଅପେକ୍ଷା କରିଛି। ଆରସିବି ଥରେ ବି ଆଇପିଏଲ ଟାଇଟଲ ଜିତିପାରିନାହିଁ। ସେପଟେ ବିରାଟ କୋହଲିଙ୍କ ଜଣେ ପୂର୍ବତନ ସାଥୀଙ୍କୁ ନେଇ ଏକ ରୋଚକ ଖବର ସାମ୍ନାକୁ ଆସିଛି । କୋହଲିଙ୍କ ସହ ଖେଳିଥିବା ତନ୍ମୟ ଶ୍ରୀବାସ୍ତବ ଆଇପିଏଲରେ ଅମ୍ପାୟାରିଂ କରିବେ। ତନ୍ମୟ ଶ୍ରୀବାସ୍ତବ ୨୦୦୮ରେ ୧୯ ବର୍ଷରୁ କମ ବିଶ୍ୱକପରେ ବିରାଟ କୋହଲିଙ୍କ ଅଧିନାୟକତ୍ୱରେ ଖେଳିଥିଲେ। କୋହଲିଙ୍କ ନେତୃତ୍ୱରେ ଟିମ ଇଣ୍ଡିଆ ଏହି ଟାଇଟଲ ଜିତିଥିଲା। କୋହଲିଙ୍କ ସହ ଖେଳିଥିବା ତନ୍ମୟଙ୍କୁ ଏବେ ନୂଆ ଭୂମିକାରେ ଦେଖିବାକୁ ମିଳିବ। ତାଙ୍କୁ ମ୍ୟାଚ ଅଫିସିଆଲ ଦାୟିତ୍ୱ ଦିଆଯାଇଛି। ଆଇପିଏଲ ପାଇଁ ତନ୍ମୟଙ୍କୁ ଅମ୍ପାୟାର ଭାବେ ଚୟନ କରାଯାଇଛି। ତେବେ ସେ ଫିଲ୍ଡ ଅମ୍ପାୟାର ଭାବେ ଦାୟିତ୍ୱ ତୁଲାଇବେ ନାହିଁ। ତନ୍ମୟ ପ୍ରାୟ ୫ ବର୍ଷ ତଳେ କ୍ରିକେଟ ଛାଡ଼ିଥିଲେ। ଏହାପରେ ସେ ଅମ୍ପାୟାରିଂ କୋର୍ସ କରିଥିଲେ। ତନ୍ମୟ ଦୁଇ ବର୍ଷ ପାଇଁ ଲେଭେଲ-୨ ପାଠ୍ୟକ୍ରମ ଶେଷ କରିବା ପରେ ଘରୋଇ କ୍ରିକେଟରେ ଅମ୍ପାୟାରିଂ ଆରମ୍ଭ କରିଥିଲେ। ଏବେ ସେ ଆଇପିଏଲରେ ଅମ୍ପାୟାର ଭାବେ ମନୋନୀତ ହୋଇଛନ୍ତି। ୟୁପିସିଏ ମଧ୍ୟ ଏକ୍ସରେ ଏ ବିଷୟରେ ଏକ ପୋଷ୍ଟ ସେୟାର କରିଛି । ଅମ୍ପାୟାର ହେବା ମାତ୍ରେ ତନ୍ମୟ ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି। ଆଇପିଏଲ ଖେଳିବା ପରେ ସେ ସେହି ଟୁର୍ନାମେଣ୍ଟରେ ଅମ୍ପାୟାରିଂ କରିବେ। ଆଇପିଏଲରେ ସେ ପଞ୍ଜାବ କିଙ୍ଗସ ଦଳର ସଦସ୍ୟ ଥିଲେ। ତନ୍ମୟ ୨୦୦୭ରୁ ୨୦୦୯ ପର୍ଯ୍ୟନ୍ତ ପଞ୍ଜାବ କିଙ୍ଗର ସଦସ୍ୟ ଥିଲେ। ତେବେ ସେହି ସମୟରେ ଦଳର ନାମ ଥିଲା କିଙ୍ଗ ଇଲେଭେନ ପଞ୍ଜାବ।

# ସୂର୍ଯ୍ୟକୁମାର ମୁମ୍ବାଇ ଇଣ୍ଡିଆନ୍ସର କ୍ୟାପ୍ଟେନ୍



ନୂଆଦିଲ୍ଲୀ : ଆଇପିଏଲ୍ ୨୦୨୫କୁ ନେଇ କାଉଣ୍ଟଡାଉନ୍ ଆରମ୍ଭ ହୋଇଯାଇଛି। ଏହି ଅବସରରେ ମୁମ୍ବାଇ ଇଣ୍ଡିଆନ୍ସ ତା'ର ନୂଆ କ୍ୟାପଟେନ୍ ନାମ ଘୋଷଣା କରିଛି। ହାର୍ଦ୍ଦିକଙ୍କ ସ୍ଥାନରେ ସୂର୍ଯ୍ୟ କୁମାର ଯାଦବ ସମ୍ଭାଳିବେ କମାଣ୍ଡ । ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୫ ସିଜିନ୍ ୨୨ ମାର୍ଚ୍ଚରେ କୋଲକାତାରେ ଆରମ୍ଭ ହେବ । ଫାଇନାଲ ମ୍ୟାଚ୍ ୨୫ ମେରେ ଖେଳାଯିବ। ପ୍ରଥମ ମ୍ୟାଚ୍ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ମଧ୍ୟରେ ଇଡେନ ଗାର୍ଡେନରେ ଖେଳାଯିବ। ସୂଚନା ଥାଉକି, ଗତ ସିଜିନରେ ସ୍ଲୋ ଓଭର ରେଟ୍ ଯୋଗୁଁ ପାଣ୍ଡ୍ୟାଙ୍କ ଉପରେ ଏହି ପ୍ରତିବନ୍ଧକ ଲଗାଯାଇଥିଲା । ଏହି ସିଜିନରେ ମୁମ୍ବାଇ ଦଳର ପ୍ରଥମ ମ୍ୟାଚ୍‌ରେ ଏହାକୁ କାର୍ଯ୍ୟକାରୀ କରାଯାଇଛି। ତଥାପି, ପରବର୍ତ୍ତୀ ମ୍ୟାଚ୍‌ରୁ, ପାଣ୍ଡ୍ୟା ପୁଣି ଥରେ ଦଳର ଦାୟିତ୍ୱ ନେବେ। ସୂଚନାଯୋଗ୍ୟ ଯେ ମୁମ୍ବାଇକୁ ୨୩ ମାର୍ଚ୍ଚରେ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିବାକୁ ପଡିବ । ଏହି ମ୍ୟାଚ୍ କେବଳ ଚେନ୍ନାଇରେ ଅନୁଷ୍ଠିତ ହେବ। ପାଣ୍ଡ୍ୟା ଏହି ମ୍ୟାଚ୍‌ରେ ଖେଳିବେ ନାହିଁ । ତାଙ୍କୁ ଗୋଟିଏ ମ୍ୟାଚ୍ ପାଇଁ ବାସନ୍ଦ କରାଯାଇଛି । ତେବେ ସୂର୍ଯ୍ୟାଙ୍କୁ ଅଧିନାୟକତ୍ୱ ଦେବାପରେ ଏହି ସୂଚନା ପାଣ୍ଡ୍ୟା ନିଜେ ଦେଇଛନ୍ତି। ସେ ମାର୍ଚ୍ଚ ୧୯ ତାରିଖରେ ମୁଖ୍ୟ ପ୍ରଶିକ୍ଷକ ମାହେଲା ଜୟବର୍ଦ୍ଧନେଙ୍କ ସହ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ । ଏହି ସମୟରେ ପାଣ୍ଡ୍ୟା କହିଛନ୍ତି, ସୂର୍ଯ୍ୟ ବର୍ତ୍ତମାନ ଭାରତୀୟ ଟି-୨୦ ଦଳର ଅଧିନାୟକ। ଏପରି ପରିସ୍ଥିତିରେ, ମୋ ଅନୁପସ୍ଥିତିରେ, ସେ ଏହି (ଅଧିନାୟକ) ପାଇଁ ଉପଯୁକ୍ତ ପ୍ରାର୍ଥୀ। ଶେଷ ଥର ପାଇଁ ସୂର୍ଯ୍ୟ ୨୦୨୩ ସିଜିନରେ ମୁମ୍ବାଇ ଦଳର ଅଧିନାୟକ ହୋଇଥିଲେ। ସେତେବେଳେ ରୋହିତ ଶର୍ମା ଅଧିନାୟକ ଥିଲେ ଏବଂ ତାଙ୍କ ଅନୁପସ୍ଥିତିରେ ସୂର୍ଯ୍ୟ ଦାୟିତ୍ୱ ନେଇଥିଲେ। ଏହି ମ୍ୟାଚ୍ ମୁମ୍ବାଇ ଜିତିଥିଲା, ଯେଉଁଥିରେ ସୂର୍ଯ୍ୟ ୨୫ବଲ୍‌ରେ ୪୩ ରନ୍ କରିଥିଲେ। ଏହି ମ୍ୟାଚ୍‌ରେ, ରୋହିତ ଜଣେ ପ୍ରଭାବଶାଳୀ ଖେଳାଳି ଭାବରେ ଓପନିଂ କରିବାକୁ ଆସିଥିଲେ ଏବଂ ୧୩ ବଲ୍‌ରେ ମାତ୍ର ୨୦ ରନ୍ କରିପାରିଥିଲେ।

# ବୁମ୍‌ରାଙ୍କ ଫେରିବା ନେଇ ସ୍ପଷ୍ଟୀକରଣ ରଖିଲେ ମୁଖ୍ୟ କୋଚ୍



ନୂଆଦିଲ୍ଲୀ: ମାର୍ଚ୍ଚ ୨୨ରୁ ଆରମ୍ଭ ହେଉଛି ବିଶ୍ୱର ସବୁଠୁ ବଡ଼ ଟି-୨୦ କ୍ରିକେଟ୍ ଲିଗ୍ ଆଇପିଏଲ୍। ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏସବୁ ମଧ୍ୟରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଚିନ୍ତାର କାରଣ ପାଲଟିଛନ୍ତି ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମରା। ମୁମ୍ବାଇ ଇଣ୍ଡିଆନ୍ସର ମୁଖ୍ୟ କୋଚ୍ ମହେଲା ଜୟବର୍ଦ୍ଧନେ ମଧ୍ୟ ବୁମରା କେବେ ଫେରିବେ ତାର ସ୍ପଷ୍ଟ ଉତ୍ତର ଦେଇ ନାହାନ୍ତି। ଜୟବର୍ଦ୍ଧନେ କହିଛନ୍ତି, ଏହି ଦ୍ରୁତ ବୋଲରଙ୍କ ଅନୁପସ୍ଥିତି ଆଇପିଏଲ୍ ୨୦୨୫ରେ ତାଙ୍କ ଦଳ ପାଇଁ ବହୁତ ଚ୍ୟାଲେଞ୍ଜିଂ ରହିବ। ଆହତ କାରଣରୁ ବୁମରା ଟୁର୍ଣ୍ଣାମେଣ୍ଟର ପ୍ରାରମ୍ଭିକ କିଛି ମ୍ୟାଚ୍ ଖେଳି ପାରିବେ ନାହିଁ। ଜୟବର୍ଦ୍ଧନେ ବୁଧବାର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଯଶପ୍ରୀତ ବୁମରା ଏନସିଏରେ ଅଛନ୍ତି। ବୁମରା କେବେ ଫେରିବେ ଆମକୁ ଏନସିଏର ଉତ୍ତରକୁ ଅପେକ୍ଷା କରିବାକୁ ପଡ଼ିବ। ସଂପ୍ରତି ବୁମରା ଫିଟନେସ୍ ଉପରେ ପ୍ରଗତି କରୁଛନ୍ତି। ସବୁ କିଛି ଠିକ୍ ଠାକ୍ ଚାଲିଛି। ତାଙ୍କର ନ ଖେଳିବା ଦଳ ପାଇଁ ବଡ଼ ଚ୍ୟାଲେଞ୍ଜ। କାରଣ ସେ ଦୁନିଆର ସର୍ବଶ୍ରେଷ୍ଠ ବୋଲର। ଜାନୁଆରୀରେ ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିର ଶେଷ ଟେଷ୍ଟରେ ବୁମରାଙ୍କୁ ଆଘାତ ଲାଗିଥିଲା।ଫଳରେ ସେ ଦ୍ୱିତୀୟ ଇନିଂସରେ ବୋଲିଂ କରି ପାରି ନ ଥିଲେ। ଉକ୍ତ ଟେଷ୍ଟ ସିରିଜ୍‌କୁ ଅଷ୍ଟ୍ରେଲିଆ ୩-୧ରେ ଜିତି ନେଇଥିଲା। ବୁମରାଙ୍କ ପ୍ରତ୍ୟାବର୍ତ୍ତନର ଅନିଶ୍ଚିତା ଉପରେ ମୁମ୍ବାଇ ଇଣ୍ଡିଆନ୍ସର ନିୟମିତ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଡ୍ରେସିଂ ରୁମରେ ୩୦ ବର୍ଷୀୟ ଏହି ଅନୁଭବୀ ଖେଳାଳିଙ୍କ ଉପସ୍ଥିତି ସେମାନଙ୍କୁ ବେଶ ସହାୟକ ହେବ। ଏପ୍ରିଲ ପ୍ରଥମ ସପ୍ତାହରେ ବୁମରା ଦଳ ସହ ଯୋଗ ଦେବେ ବୋଲି ଆଶା କରାଯାଉଛି।

## କଳାହାଣ୍ଡି କପ୍ ଆରମ୍ଭ

# ଦମ୍ ଦେଖାଇଲେ ସୂର୍ଯ୍ୟ, ସୁକେଶଙ୍କ ଓ ରାମଚନ୍ଦ୍ର



କଟକ (ଭାସ୍କର ନ୍ୟୁଜ): ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ) ପକ୍ଷରୁ କଳାହାଣ୍ଡି କପ୍ କ୍ରିକେଟ୍ ପ୍ରତିଯୋଗିତା ମଙ୍ଗଳବାରଠୁ ଓଡ଼ିଶାର ବିଭିନ୍ନ ପଡ଼ିଆରେ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୯ଟି ମ୍ୟାଚ୍ ଖେଳାଯାଇଥିବା ବେଳେ ଏଥିରେ ପୂର୍ବତଟ ରେଳବାଇ, ନବରଙ୍ଗପୁର, ଯାଜପୁର, କଟକ-ଏ, ବୌଦ୍ଧ, ଖୋର୍ଦ୍ଧା, ଭୁବନେଶ୍ୱର-ବି, ପାରଦୀପ ଓ ସୁନ୍ଦରଗଡ଼ ବିଜୟୀ ହୋଇଛନ୍ତି। ରେଳବାଇର ସୂର୍ଯ୍ୟକାନ୍ତ ପ୍ରଧାନ ଓ ନବରଙ୍ଗପୁରର ସୁକେଶ ହୀରାଙ୍କ ଶତକ ହାସଲ କରିଥିଲା ବେଳେ କଟକ-ଏ'ର ରାମଚନ୍ଦ୍ର ବେହେରା ୫ ୱିକେଟ୍ ସଫଳତା ପାଇଛନ୍ତି। ରେଭେନ୍‌ସା ପଡ଼ିଆ ନଂ-୧ରେ ଖୋଯାଇଥିବା ମ୍ୟାଚରେ ପୂର୍ବତଟ ରେଳବାଇ ୧୨୧ ରନ୍‌ରେ କୋରାପୁଟକୁ ପରାସ୍ତ କରିଛି। ପୂର୍ବତଟ ରେଳବାଇ ୯ ୱିକେଟ୍ ହରାଇ ୨୮୦ ରନ୍ କରିଥିଲା। ସୂର୍ଯ୍ୟକାନ୍ତ ପ୍ରଧାନ (୬୭ ବଲ୍‌ରୁ ୧୦୩ ରନ୍) ଶତକ ଅର୍ଜନ କରିଥିଲେ। ଜବାବରେ କୋରାପୁଟ ୩୮.୩ ଓଭରରେ ସମସ୍ତ ୱିକେଟ୍ ହରାଇ ୧୫୯ ରନ୍ କରିପାରିଥିଲା। ରେଭେନ୍ସା ପଡ଼ିଆ ନଂ-୨ରେ ନବରଙ୍ଗପୁର ୧ ୱିକେଟରେ ମୟୂରଭଞ୍ଜକୁ ହରାଇଛି। ମୟୂରଭଞ୍ଜ ୨୫୯/୮ କରିଥିଲା। ଜବାବରେ ନବରଙ୍ଗପୁର ୪୯.୨ଓଭରରେ ୯ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା। ନବରଙ୍ଗପୁର ପକ୍ଷରୁ ସୁକେଶ ହୀରା ଅପରାଜିତ ୧୦୪ ରନ୍ କରିଥିଲେ। ସନ୍‌ସାଇନ୍ ପଡ଼ିଆରେ ଯାଜପୁର ୩ ୱିକେଟ୍‌ରେ କନ୍ଧମାଳକୁ ପରାସ୍ତ କରିଛି। କନ୍ଧମାଳ ୪୪.୨ଓଭରରେ ୧୫୪ ରନ୍ କରିଥିଲା। ଜବାବରେ ଯାଜପୁର ୩୧.୧ ଓଭରରେ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲା ବାରବାଟୀ ଷ୍ଟାଡିୟମରେ କଟକ-ଏ ୭୧ ରନ୍‌ରେ କେନ୍ଦୁଝରକୁ ହରାଇଛି। କଟକ-ଏ ୪୮.୫ ଓଭରରେ ୧୭୪ ରନ୍ କରିଥିଲା। ଜବାବରେ କେନ୍ଦୁଝର ୩୨ ଓଭରରେ ୧୦୩ରେ ଅଟକି ଯାଇଥିଲା। କଟକ-ଏର ରାମଚନ୍ଦ୍ର ବେହେରା ୫ ୱିକେଟ୍ ସଫଳତା ପାଇଥିଲେ। ଅଡ଼ଶପୁର ପଡ଼ିଆରେ ବୌଦ୍ଧ ୭ ୱିକେଟ୍‌ରେ ନୂଆପଡ଼ାକୁ ହରାଇଛି। ନୂଆପଡ଼ା ୨୧.୨ ଓଭରରେ ମାତ୍ର ୬୩ ରନ୍‌ରେ ଅଲ୍‌ଆଉଟ୍ ହୋଇଥିବା ବେଳେ ବୌଦ୍ଧ ୧୪.୩ ଓଭରରେ ୩ୱିକେଟ୍ ମ୍ୟାଚ୍ ଜିତି ନେଇଥିଲା। ଏମ୍‌ଜିଏମ୍ ଗ୍ରାଉଣ୍ଡରେ ଖୋର୍ଦ୍ଧା ୯୯ ରନ୍‌ରେ ଜଗତସିଂହପୁରକୁ ପରାସ୍ତ କରିଛି। ଖୋର୍ଦ୍ଧା ୪୭.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୧୯୭ ରନ୍ କରିଥିଲା। ଜବାବରେ ଜଗତସିଂହପୁର ୨୯.୩ ଓଭରରେ ୯୮ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। କିଟ୍‌ରେ ଭୁବନେଶ୍ୱର-ବି ୭ ୱିକେଟ୍‌ରେ ନୟାଗଡ଼କୁ ହରାଇଛି। ନୟାଗଡ଼ ୪୪.୧ ଓଭରରେ ୧୬୦ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଭୁବନେଶ୍ୱର-ବି ୩୨.୪ ଓଭରରେ ୩ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା। ସେହିପରି ଖୋର୍ଦ୍ଧାରେ ପାରଦୀପ ୬୦ ରନ୍‌ରେ ଗଜପତିକୁ ଏବଂ ଜଟଣୀରେ ସୁନ୍ଦରଗଡ଼ ୮ ୱିକେଟ୍‌ରେ କଳାହାଣ୍ଡିକୁ ପରାସ୍ତ କରିଛି।

## ବାରବାଟୀ ଫ୍ଲଡ୍‌ଲାଇଟ୍ ବିଭ୍ରାଟ ଘଟଣା

# ଓସିଏର ଉତ୍ତରରେ ସନ୍ତୁଷ୍ଟ ନୁହେଁ କ୍ରୀଡ଼ା ବିଭାଗ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଗତ ଫେବୃଆରୀ ୯ରେ କଟକ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦିନିକିଆ ମ୍ୟାଚ୍ ଖେଳାଯାଇଥିଲା। ତେବେ ଖେଳ ମଝିରେ ଫ୍ଲଡଲାଇଟ୍ ବିଭ୍ରାଟ ଯୋଗୁଁ ଓଡ଼ିଶା ଦୁନିଆରେ ନିନ୍ଦିତ ହୋଇଥିଲା। ଏପରିକି ବିଶ୍ୱର ସବୁଠୁ ଧନଶାଳୀ ବୋର୍ଡ ବିସିସିଆଇକୁ ମଧ୍ୟ ଅପଦସ୍ତ ହେବାକୁ ପଡ଼ିଥିଲା। ଏ ନେଇ ଓଡ଼ିଶା କ୍ରିକେଟ୍ ଆସୋସିଏସନ(ଓସିଏ)କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲା ରାଜ୍ୟ କ୍ରୀଡ଼ା ବିଭାଗ। ଆଉ ଓସିଏ ଯେଉଁ କାରଣ ଦର୍ଶାଇଛି ସେଥିରେ ସନ୍ତୁଷ୍ଟ ନୁହନ୍ତି କ୍ରୀଡ଼ା ସରକାର। ବାରବାଟୀ ବିଭ୍ରାଟ ନେଇ ଫେବୃଆରୀ ୧୯ରେ ଓସିଏ ଦେଇଥିବା ରିପୋର୍ଟ ସନ୍ତୋଷ ଜନକ ନହେବାରୁ ପୁଣି ଥରେ ରିପୋର୍ଟ ମଗାଯାଇଛି। ରିପୋର୍ଟ ଆସିଲେ କାର୍ଯ୍ୟନୁଷ୍ଠାନ ପାଇଁ ସୁପାରିଶ କରାଯିବ। ଖର୍ଚ୍ଚ ଦାବୀ ବିବୃତି ବେଳେ ଗୃହରେ କ୍ରୀଡା ମନ୍ତ୍ରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଭାରତ ଓ ଇଂଲଣ୍ଡ ସିରିଜର ଦ୍ୱିତୀୟ ଦିନିକିଆରେ ଭାରତ ବ୍ୟାଟିଂ ବେଳେ ବାରବାଟୀରେ ଗୋଟିଏ ଫ୍ଲଡ ଲାଇଟ୍ ଲିଭି ଯାଇଥିଲା। ଫଳରେ ଖେଳ ଅଧ ଘଣ୍ଟା ଯାଏ ବନ୍ଦ ରହିଥିଲା। ଏହାକୁ ନେଇ ସବୁ ମହଲରେ ଓସିଏକୁ ନିନ୍ଦା କରାଯାଇଥିଲା। କ୍ରିକେଟ୍ ଜଗତରେ ପୂର୍ବରୁ ଏମିତି ଫ୍ଲଡଲାଇନ୍ ବନ୍ଦ ହୋଇଥିଲେ ହେଁ ଏତେ ପୁନର୍ବାର ଚାଲୁ କରିବା ପାଇଁ ଏତେ ସମୟ ଲାଗି ନଥିଲା। ତେଣୁ ଓସିଏ ସହ ବିସିସିଆଇକୁ ମଧ୍ୟ ଅପଦସ୍ତ ହେବାକୁ ପଡ଼ିଥିଲା।

## ଖେଳାଳିଙ୍କ ସହିତ ପରିବାର ଯିବା ପ୍ରସଙ୍ଗ

# ବଦଳିବନି ନିୟମ: ବିସିସିଆଇ

ନୂଆଦିଲ୍ଲୀ: ବିସିସିଆଇର ନୂଆ ଯାତ୍ରା ନୀତିକୁ ନେଇ ଖୁବ୍ ସମାଲୋଚନା କରାଯାଉଛି। ନିକଟରେ ବିରାଟ କୋହଲି ମଧ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଯାହାପରେ ବିସିସିଆଇ ଏହି ନୀତିକୁ ପରିବର୍ତ୍ତନ କରିପାରେ ବୋଲି ଆଶା କରାଯାଉଥିଲା। କିନ୍ତୁ ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)ର ସଚିବ ସାଇକିଆ ସ୍ପଷ୍ଟ କରିଛନ୍ତି ଯେ ପରିବାରକୁ ନେଇ ବର୍ତ୍ତମାନର ଟ୍ରାଭେଲ ନୀତି ବଜାୟ ରହିବ ଏବଂ ଏଥିରେ ବର୍ତ୍ତମାନ ପାଇଁ କୌଣସି ପରିବର୍ତ୍ତନ ହେବ ନାହିଁ। ସାଇକିଆ କ୍ରିକବଜ୍‌କୁ ଦେଇଥିବା ଏକ ସାକ୍ଷାତକାରରେ କହିଛନ୍ତି, ଏହି ସମୟରେ ନୀତି ବଜାୟ ରହିବ। କାରଣ ଏହା ଆମ ଦେଶ, ସଂଗଠନ ଏବଂ ବିସିସିଆଇ ଉଭୟ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ସେ ଆହୁରି ମଧ୍ୟ କହିଛନ୍ତି, 'ନୂଆ ନୀତିକୁ ନେଇ କିଛି ଅସନ୍ତୋଷ କିମ୍ବା ଭିନ୍ନ ମତ ଥାଇପାରେ, କାରଣ ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଲୋକଙ୍କର ମତ ପ୍ରକାଶ କରିବାର ଅଧିକାର ଅଛି।' ଏହି ନୀତି ସମସ୍ତ ଦଳର ସଦସ୍ୟ–ଖେଳାଳି, ପ୍ରଶିକ୍ଷକ, ପରିଚାଳକ, ସହାୟକ କର୍ମଚାରୀ ଏବଂ ତତସମ୍ପର୍କିତ ସମସ୍ତଙ୍କ ପାଇଁ ସମାନ ଭାବରେ ପ୍ରଯୁଜ୍ୟ ଏବଂ ସମସ୍ତଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହାକୁ କାର୍ଯ୍ୟକାରୀ କରାଯାଇଛି।

# ଭାରତରେ କ୍ରିକେଟ ଖେଳିଲେ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ନ୍ୟୁଜିଲ୍ୟାଣ୍ଡ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ ଭାରତ ଗସ୍ତରେ ଅଛନ୍ତି। ଏହି ସମୟରେ, ସେ ଦିଲ୍ଲୀରେ ପିଲାମାନଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କରୁଥିବାର ଦେଖାଯାଇଥିଲା। ତାଙ୍କୁ ଦିଲ୍ଲୀରେ ପିଲାମାନଙ୍କ ସହିତ କ୍ରିକେଟ ଖେଳୁଥିବାର ଦେଖାଯାଇଥିଲା, ଯାହା କ୍ରିକେଟ ଖେଳ ପ୍ରତି ଥିବା ତାଙ୍କର ପ୍ରେମକୁ ଦର୍ଶାଏ। କେବଳ ପିଏମ ଲକ୍ସନ ନୁହେଁ, ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ରସ ଟେଲରଙ୍କୁ ମଧ ପିଲାମାନଙ୍କ ସହିତ ରାସ୍ତାରେ କ୍ରିକେଟ ଖେଳିବାର ଦେଖାଯାଇଥିଲା। ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ ଖ୍ରୀଷ୍ଟମାସ ଦିନ କ୍ରିକେଟ ଖେଳୁଥିବାର ଫଟୋ ପୋଷ୍ଟ କରି ଲେଖିଛନ୍ତି, 'ଆମର କ୍ରିକେଟ ପ୍ରେମ ବ୍ୟତୀତ ନ୍ୟୁଜିଲ୍ୟାଣ୍ଡ ଏବଂ ଭାରତକୁ ଆଉ କିଛି ଯୋଡି ନପାରେ।' ପ୍ରଧାନମନ୍ତ୍ରୀ ଲକ୍ସନ ୧୬ ରୁ ୨୦ ମାର୍ଚ୍ଚ ପର୍ଯ୍ୟନ୍ତ ଭାରତରେ ରହିବେ। ଏହି ସମୟ ମଧ୍ୟରେ ସେ ଭାରତୀୟ ନେତାମାନଙ୍କ ସହ ଉଚ୍ଚସ୍ତରୀୟ ଆଲୋଚନା କରିବେ।

# ଖେଲୋ ଇଣ୍ଡିଆର ଲୋଗୋ ଉନ୍ମୋଚିତ




ନୂଆଦିଲ୍ଲୀ: ଚଳିତ ମାସ ୨୦ରୁ ୨୭ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଆୟୋଜିତ ହେବାକୁଥିବା ଖେଲୋ ଇଣ୍ଡିଆ ପାରା କ୍ରୀଡ଼ା ଲାଗି ଆନ୍‌ଥେମ, ମାସ୍କଟ ଓ ଲୋଗୋ ମଙ୍ଗଳବାର ଉନ୍ମୋଚିତ ହୋଇଛି। ସ୍ଥାନୀୟ ଜବାହରଲାଲ୍ ନେହରୁ ଷ୍ଟାଡିୟମ୍ କମ୍ପ୍ଲେକ୍ସଠାରେ ଆୟୋଜିତ ଏହି ଉତ୍ସବରେ ଅତିଥି ଭାବେ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଯୋଗ ଦେଇ ଏହାକୁ ଉନ୍ମୋଚନ କରିଥିଲେ। ଏହି ଉତ୍ସବରେ କେନ୍ଦ୍ର ରାଜ୍ୟ କ୍ରୀଡ଼ାମନ୍ତ୍ରୀ ରକ୍ଷା ନିଖିଲ ଖଡ଼ସେ, ଭାରତୀୟ ପାରାଲିମ୍ପିକ୍ କମିଟି ସଭାପତି ଦେବେନ୍ଦ୍ର ଝଝରିଆ, ଏସ୍‌ଭାୟାମ ପ୍ରତିଷ୍ଠାତା ଅଧ୍ୟକ୍ଷ ସ୍ନିନୁ ଜିନ୍ଦଲ ପ୍ରମୁଖ ଉପସ୍ଥିତ ଥିଲେ। ମାସ୍କଟର ନାଁ ଉଜ୍ଜ୍ୱଲା ରହିଛି। ସେହିଭଳି 'ଖେଲେଗା ଖେଲେଗା ମେରା ଇଣ୍ଡିଆ, ଜିତେଗା ଜିତେଗା ମେରା ଇଣ୍ଡିଆ' ଆନ୍ଥେମ ରହିଛି। ସୂଚନାଯୋଗ୍ୟ ଯେ ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୨୪ ଜଣ ଭାଗନେବେ।

# ୪ ବର୍ଷ ପାଇଁ ବାସନ୍ଦ ହେଲେ ଅର୍ଚ୍ଚନା

ନୂଆଦିଲ୍ଲୀ: ଭାରତର ଲଙ୍ଗ ଡିଷ୍ଟାନ୍ସ ରନର ଅର୍ଚ୍ଚନା ଯାଦବଙ୍କୁ ୪ ବର୍ଷ ପାଇଁ ବାସନ୍ଦ କରାଯାଇଛି। ଜାନୁୟାରୀ କରାଯାଇଥିବା ଡୋପ ଟେଷ୍ଟରେ ଅର୍ଚ୍ଚନା ନିଷିଦ୍ଧ ଡ୍ରଗ୍ସ ସେବନ କରିଥିବା ଜଣାପଡିଛି। ୱାର୍ଲ୍ଡ ଆଥଲେଟିକ୍ସର ଆଥଲେଟିକ୍ସ ଇଂଟିଗ୍ରେଟି ୟୁନିଟ ଅନୁସାରେ ଅର୍ଚ୍ଚନାଙ୍କ ଶରୀରରୁ ଅକ୍ସିଡ୍ରେଲୋନର ମାତ୍ରା ମିଳିଛି । ଏହି ସିନ୍ଥେଟିକ ଆନାବଲିକ ଷ୍ଟେରୟଡ ଶରୀରରେ ପ୍ରୋଟିନ ଓ ମସଲ୍ସର ବୃଦ୍ଧି କରିଥାଏ । ପୁଣେରେ ଖେଳା ଯାଇଥିବା ହାଫ ମାରାଥନ ଅବସରରେ ତାଙ୍କଠାରୁ ଡୋପ ନମୂନା ସଂଗ୍ରହ କରାଯାଇଥିଲା।




ଏହି ବାସନ୍ଦ ଦଣ୍ଡାଦେଶ ବିରୋଧରେ ଏ ପର୍ଯ୍ୟନ୍ତ ସେ କୌଣସି ଆପତି କରି ନାହାନ୍ତି। ଜାନୁୟାରୁ ୭ରୁ ଏହି ଦଣ୍ଡାଦେଶ ଲାଗୁ କରାଯିବ। ସେ ୨୦୨୯ ପର୍ଯ୍ୟନ୍ତ କୌଣସି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ନାହିଁ । ଏଥିଯୋଗୁ ତାଙ୍କର ଆଥଲେଟିକ୍ସ କ୍ୟାରିୟରର ପ୍ରାୟତଃ ଅନ୍ତ ଘଟିବ ବୋଲି ସମୀକକ୍ଷମାନେ ଆଶଙ୍କା କରିଛନ୍ତି । ତାଙ୍କଠାରୁ ସମସ୍ତ ପୁରସ୍କାର, ପଦକ ଓ ପଂଏଟ ଛଡେଇ ନିଆଯିବ । ୨୦୨୪ ହାଫ ମାରାଥନରେ ସେ ୪ର୍ଥ ସ୍ଥାନରେ ରହିଥିଲେ।


**झारखण्ड सरकार**
**वन, पर्यावरण एवं जलवायु परिवर्तन विभाग, झारखण्ड, राँची**
**कार्यालय–वन संरक्षक एवं राज्य वन वृक्ष विज्ञानी, झारखण्ड, राँची**

**सीसल रेशा बिक्री हेतु अल्पकालिन पुनर्निविदा को स्थगित करने संबंधित सूचना**

वन संरक्षक एवं राज्य वन वृक्ष विज्ञानी, झारखंड, राँची द्वारा 150 मे0 टन सीसल रेशा बिक्री हेतु संशोधित अल्पकालिन पुनर्निविदा दिनांक–26.03.2025 को अपराह्न 01:00 बजे तक मुहरबन्द लिफाफे में आमंत्रित किया गया है, परन्तु विज्ञापन में टंकण भूलवश दिनांक–24.02.2025 प्रकाशित हो गया है, जिसका PR. 348703 दिनांक–19.03.2025 है। उक्त निविदा को स्थगित किया जाता है। अल्पकालिन पुनर्निविदा की अगली तिथि दैनिक समाचार पत्रों एवं विभागीय Website के माध्यम से सूचित किया जायेगा।

वन संरक्षक एवं राज्य वन वृक्ष विज्ञानी, झारखण्ड, राँची

PR 348780 Forest, Environment and Climate Changes(24-25)#D



**वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर**

**लापताः आवश्यक सूचना**



**गुमशुदा लड़की बबिता महतो, उम्र–19 वर्ष**

सर्व साधारण को सूचित किया जाता है कि आवेदक भगीरथ महतो के द्वारा अपनी पुत्री **बबिता महतो, उम्र–19 वर्ष** की गुमशुदगी के संबंध में बोड़ाम थाना में लिखित आवेदन दिया गया है। आवेदन में इनके द्वारा बताया गया कि पुत्री **बबिता महतो, उम्र–19 वर्ष, पिता–भगीरथ महतो, पता–पेनादा, पो0–छोटा बॉंगुरदा, थाना–बोड़ाम, जिला–पूर्वी सिंहभूम, जमशेदपुर** जो दिनांक–11.03.2025 को सुबह करीब 05:00 बजे घर से बिना बताये कहीं चली गई है जो अभी तक वापस नहीं आई है।

आवेदक एवं इनके परिवार वालों के द्वारा अपने स्तर से काफी खोजबीन किया गया, परन्तु कुछ पता नहीं चल सका। **गुमशुदा लड़की का हुलिया निम्न प्रकार है :–उम्र–19 वर्ष, कद–05 फीट, रंग–सांवला, पहनावा–नील रंग का सलवार सुट, भाषा–हिन्दी एवं बंगला।**

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

**वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006**
**पुलिस अधीक्षक (ग्रामीण), पूर्वी सिंहभूम, जमशेदपुर: 9470199228**
**पुलिस उपाधीक्षक (पटमदा) : 9431706496**
**थाना प्रभारी, बोड़ाम : 9430774617**

वरीय पुलिस अधीक्षक, पूर्वी सिंहभूम, जमशेदपुर

PR 348757 (Police)24-25*D



**Govt. of Jharkhand ,Energy Department**
**Jharkhand Renewable Energy Development Agency (JREDA)**
**3rd Floor, S.L.D.C. Building, Kusai Colony, Doranda, Ranchi-834002.**
**Ph.: 0651-2491161, Fax: 0651-2491165,**
**E-mail: info@jreda.com; Website: www.jreda.com**

**e-Procurement Notice**
**Tender reference no.: 18/JREDA/SPP/PAL/24-25**
**Dated: 19.03.2025**

| | | |
|---|---|---|
| 1 | Name of the work | Request for Proposal (RFP) for Design, Engineering, Procurement & Supply, Construction, Commissioning and Comprehensive Operation & Maintenance of Cumulative 09 MW (AC) Grid Connected Ground Mounted Solar Power Plant, for a period of 25 years on Government Land at Palamu District of Jharkhand. |
| 2 | Estimated Cost | Rs. 92.97 Crores. |
| 3 | Time of completion | 12 (Twelve) Months |
| 4 | Date of publication of NIT on website: http:// jharkhandtenders.gov.in | 26.03.2025 (Wednesday) |
| 5 | Date & time of Pre-bid meeting | 04.04.2025 (Friday) at 1.00 P.M. |
| 6 | Last date & time for receipt of online bids | 21.04.2025 (Monday) up to 05:00 PM |
| 7 | Submission of Bid fee and EMD through Online Via SBI Payment Gateway of Jharkhand Tenders. | 21.04.2025 (Monday) up to 05:00 PM |
| 8 | Technical Bid Opening Date | 23.04.2025 (Wednesday) at 3.00 P.M. |
| 9 | Name & address of office inviting tender | Director, Jharkhand Renewable Energy Development Agency(JREDA) 3rd Floor, SLDC Building, Kusai, Doranda, Ranchi- 834002 (Jharkhand) |
| 10 | Contact no. of procurement officer | 0651-2491167/68/61/7903935514 |
| 11 | Helpline no. of e-procurement | 0651-2491167/68/61 |

Any corrigendum/addendum can be seen on website: http://jharkhand tenders.gov.in & www.jreda.com. Further details can be seen on website: http://jharkhandtenders.gov.in & www.jreda.com

Sd/- Director, JsREDA, Ranchis

PR 348810 Energy(24-25).D



**e-Procurement Cell**
**JHARKHAND STATE BUILDING CONSTRUCTION CORPORATION LTD., RANCHI**

**Short Term e-Procurement Notice** Date : 19/03/2025

| Sl. No | Tender Reference No. | Work Name | Amount in (Rs) | Completion Time |
|---|---|---|---|---|
| 1 | JSBCCL/124/2024-25 | Development of infrastructure of Jamshedpur Co-operative Law College, Jamshedpur under Kolhan Univeristy, Chaibasa | 29,90,97,164/- | 21 Months |

| | | |
|---|---|---|
| 2 | Date of Publication of Tender on Website | 26.03.2025 at 11:00 AM |
| 3 | Date of Pre Bid Meeting | 03.04.2025 at 11:00 AM |
| 4 | Venue of Pre Bid Meeting | J.S.B.C.C.L. Office, 3rd Floor |
| 5 | Reply of queries of Pre Bid Meeting | 07.04.2025 at 11:00 AM |
| 6 | Start Date of Submission of Bids | 26.03.2025 at 11:00 AM |
| 7 | Last Date/Time of Submission of Bids | 16.04.2025 at 05:00 PM |
| 8 | Date/Time of opening of Bid | 17.04.2025 at 05:00 PM |
| 9 | Name & Address of office Inviting tender | e-Procurement Cell, Jharkhand State Building Construction Corporation Ltd., Ranchi. |
| 10 | Helpline Number of e-procurement Cell | 0651-2446259 |
| 11 | e-mail ID | jsbccljharkhand@gmail.com |

**Note:- Cost of bidding document for a non-refundable fee & Bid Security (EMD) shall be payable online through http:// Jharkhandtenders.gov.in.**
Any change can be seen on Website **http:// Jharkhandtenders.gov.in.**
Any other information can be seen on **http:// Jharkhandtenders.gov.in.**

**Nodal Officer e-Procurement Cell**
**Jharkhand State Building Construction Corporation Ltd., Ranchi.**

PR 348799 (Jharkhand State Building Construction Corp. ltd.)24-25*D



JAPIT
Jharkhand Agency for Promotion of Information Technology
**(An Autonomous body under Department of Information Technology & e-Governance, Govt of Jharkhand) Ground Floor, Engineer's Hostel – I, Near Golchakkar, Dhurwa, Ranchi, Jharkhand**
**Phone. 0651-2401044, 2401047 email: japit_doit@rediffmail.com**

**NOTICE INVITING TENDER**
**e-Tender Ref No.: JAP-IT/JHSECURE-1/2025**

Invitation of online bid through eProcurement portal i.e. https://jharkhandtenders.gov.in/ for **Procurement of Supply, Installation & Support for High End Server (02), End Point Protection Unit Rate (8,000 Users), Smart LED TV 65" Inch (02) for JAP-IT, Ranchi Jharkhand.**
The invitation of bid is open to all SI/SP who fulfilling the eligibility criteria as mentioned in this Request of Proposal (RFP) document and the bidder must also agree to terms and conditions mentioned under the RFP. Bidders are advised to study the RFP document and Terms & Conditions carefully and completely.

**Tender Schedule**

| S. No. | Basic Requirement | Specific Requirement |
|---|---|---|
| 1. | Tender Ref No. | **JAP-IT/JHSECURE -1/2025** |
| 2. | Name of the Work | Procurement of Supply, Installation & Support for High End Server (02), End Point Protection Unit Rate (8,000 Users), Smart LED TV 65" Inch (02) for JAP-IT, Ranchi Jharkhand |
| 3. | Name & address of the issuer of this tender | The CEO,JAP-IT Ground Floor, Engineers hostel 1,Near Golchakkar, Dhurwa, Ranchi-834004. Tel: 0651-401044 Email: ceo.japit@jharkhandmail.gov.in |
| 4. | Date of download of tender document | 18-03-2025 at 6:00 P.M. |
| 5. | Date for sending Query to ceo.japit@jharkhandmail.gov.in | 24-03-2025 at 02:00 P.M. |
| 6 | Pre-Bid Query Meeting | 25-03-2025 at 02:00 P.M. |
| 7. | Start Date for Submission of Bids online | 28-03-2025 at 05:00 P.M. |
| 8. | Last Date for Submission of Bids online | 09-04-2025 up to 3:00 P.M. |
| 9. | Date of Opening of Pre-qualification & Technical Bid | 11-04-2025 at 3:30 P.M. |
| 10 | Date of Commercial Bid opening | To be announced later |
| 10. | Cost of Tender Document | Rs. **10,000**/- (Rs. Ten Thousand only) online as per Jharkhand e-Procurement portal |
| 11. | Earnest Money Deposit (EMD) | **Rs. 20,00,000/-** (Twenty Lakh Only) online as per Jharkhand e-Procurement portal rule. |
| 12. | Validity of Proposal | The validity of the bid will be **two** years, and an order may be placed for items under the RFP as per requirements. |

➢ The online generated receipt of the Tender cost and EMD must be submitted with online bid documents.
➢ EMD amount will be refunded to bidder through on-line mode in the same bank account through which on-line EMD payment have been made during the tendering process.
➢ Bids shall be submitted online through eProcurement portal i.e. https://jharkhandtenders.gov.in
➢ JAP-IT will not be responsible for delay in online submission due to any reason. For this, bidder is requested to upload the complete bid well advance in time so as to avoid last hour technical issues like slow speed; choking of web site due to heavy load or any other unforeseen problems/technical glitch.
➢ The Authority reserves the right to accept/reject any or all the tender(s) received without assigning any reason thereof.

**Sd/-Officer on Special Duty, JAP-IT, Ranchi**

PR 348716 (Information Technology)24-25*D



ଆୟୁର୍ବେଦିକ ଗୁଣରେ ଭରପୂର ହଳଦୀ। ଯେଉଁଥିପାଇଁ ଏହା ସବୁଠାରୁ ଶକ୍ତିଶାଳୀ ଔଷଧ ଅଟେ। ଏଥିରେ କୋଲେଷ୍ଟ୍ରଲ, ଡାଇବେଟିସ୍, ରକ୍ତହୀନତା, ଆର୍ଥ୍ରାଇଟିସ୍ ଏବଂ କ୍ଷତ ଚିକିତ୍ସା କରିବାର ଶକ୍ତି ଅଛି। ଏହାକୁ କିପରି ବ୍ୟବହାର କରିବେ ଜାଣନ୍ତି। ଅଧିକାଂଶ ଲୋକ କେବଳ ପନିପରିବା କିମ୍ବା ଡାଲି ତିଆରିରେ ହଳଦୀ ବ୍ୟବହାର କରନ୍ତି। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ହଳଦୀକୁ ଅନେକ ଉପାୟରେ ଖାଇ ପାରିବେ। ଆୟୁର୍ବେଦ ଡାକ୍ତରଙ୍କ ମତ ଅନୁଯାୟୀ ଖାଦ୍ୟରେ ରଙ୍ଗ କିମ୍ବା ସ୍ୱାଦ ଦେବା ପାଇଁ ନୁହେଁ ବରଂ ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ପାଇବା ପାଇଁ ହଳଦୀ ବ୍ୟବହାର କରାଯାଏ।ଏହା ଉଭୟ ରୋଗ ରୋକିବାରେ ସାହାଯ୍ୟ କରିଥାଏ। ଭୋକ ବଢ଼ାଇବାରେ ଏବଂ ହଜମ ପ୍ରକ୍ରିୟାରେ ସାହାଯ୍ୟ କରେ ହଳଦୀ। ପ୍ରୋଟିନର ଅବଶୋଷଣ ବୃଦ୍ଧିରେ ସାହାଯ୍ୟ କରେ। ହଳଦୀ ଖାଇବା ଦ୍ୱାରା ଖରାପ କୋଲେଷ୍ଟ୍ରଲ କମିଯାଏ। ରକ୍ତହୀନତା, ଆର୍ଥ୍ରାଇଟିସ୍, କ୍ୟାଣ୍ଡିଡା, ଓଜନ ହ୍ରାସ, ଥକ୍କା, ବ୍ରୋଙ୍କାଇଟିସ୍, ଥଣ୍ଡା ଏବଂ କାଶ, ଫୁସଫୁସ ସଂକ୍ରମଣ, କ୍ଷତ ଆରୋଗ୍ୟ, ମାଂସପେଶୀକୁ ମଜବୁତ କରିବା, ମାସିକ ଋତୁସ୍ରାବ ସମସ୍ୟା, ଚର୍ମ, ଅସ୍ତ୍ରୋପଚାର ପରେ ପୁନରୁଦ୍ଧାର, କର୍କଟ, ଅନିଦ୍ରା, ପାର୍କିନ୍ସନ୍ ଉଦାସୀନତା ଭଳି ରୋଗର ଚିକିତ୍ସାରେ ହଦଳୀକୁ ବ୍ୟବହାର କଲେ ଆରୋଗ୍ୟ ଲାଭ କରିପାରିବେ।



# ଶ୍ରୀଦେବୀଙ୍କ ବାୟୋପିକ୍‌ରେ କାମ କରିବାକୁ ଚାହାଁନ୍ତି ତମନ୍ନା

ଦକ୍ଷିଣ ସିନେ ଜଗତରେ ମୁଖ୍ୟ ଅଭିନେତ୍ରୀ ଭାବେ ପରିଚୟ ହାସଲ କରିବା ପରେ ବଲିଉଡ୍‌ରେ ଲୋକପ୍ରିୟ ହେବାକୁ ଚେଷ୍ଟା ଚଳାଇଛନ୍ତି ତମନ୍ନା ଭାଟିଆ। ନିକଟରେ ଏକ ସାକ୍ଷାତକାରରେ ତମନ୍ନାଙ୍କୁ ପଚରାଗଲା ଯେ ଯଦି ଫିଲ୍ମରେ ଜଣେ ପ୍ରସିଦ୍ଧ ଷ୍ଟାଇଲ୍ ଆଇକନ୍‌ଙ୍କ ଭୂମିକା ନିର୍ବାହ କରିବାକୁ କୁହାଯାଏ, ତେବେ ସେ କାହାକୁ ପସନ୍ଦ କରିବେ। ଟିକିଏ ବି ବିଳମ୍ବ ନକରି ଶ୍ରୀଦେବୀ ମ୍ୟାଡାମ୍ ବୋଲି ତମନ୍ନା କହିଲେ। ଶ୍ରୀଦେବୀଙ୍କୁ ସେ ସୁପର୍ ଆଇକନିକ୍ ଏବଂ ସର୍ବଦା ତାଙ୍କୁ ପସନ୍ଦ କରନ୍ତି ବୋଲି କହିଲେ। ତେବେ ପ୍ରଥମ ଥର ତମନ୍ନା ନିଜର ଇଚ୍ଛା ଜାହିର କରିନାହାନ୍ତି। ଅତୀତରେ ଏକ ସାକ୍ଷାତକାରରେ ଶ୍ରୀଦେବୀଙ୍କ ବାୟୋପିକ୍ କରିବାର ଇଚ୍ଛା ବିଷୟରେ ସେ କହିଥିଲେ। ଏହା ଶ୍ରୀଦେବୀଙ୍କ ପ୍ରତି ତମନ୍ନାଙ୍କର ଗଭୀର ସମ୍ମାନ ଏବଂ ତାଙ୍କ କାହାଣୀକୁ ବଡ଼ ପରଦାକୁ ଆଣିବାର ସ୍ୱପ୍ନକୁ ଦର୍ଶାଉଛି। ଦୀର୍ଘ ୫ ଦଶନ୍ଧିରୁ ଊର୍ଦ୍ଧ୍ୱ ଅବଧିର କ୍ୟାରିଅରରେ ଶ୍ରୀଦେବୀ ତାମିଲ, ତେଲୁଗୁ, ହିନ୍ଦୀ, ମାଲାୟାଲମ୍ ଓ କନ୍ନଡ଼ ଫିଲ୍ମରେ କାମ କରିଥିଲେ। ମାତ୍ର ୪ ବର୍ଷ ବୟସରେ ତାମିଲ ଫିଲ୍ମ 'କନ୍ଧନ କରୁନାଲ' ଜରିଆରେ ଜଣେ ଶିଶୁ କଳାକାର ଭାବେ କ୍ୟାରିଅର ଆରମ୍ଭ କରିଥିଲେ ଶ୍ରୀଦେବୀ। ବଡ଼ ହେବା ପରେ ମୁଖ୍ୟ ନାୟିକା ଭାବେ ଫିଲ୍ମରେ କାମ କଲେ। ତାଙ୍କ ବହୁମୁଖୀ ପ୍ରତିଭା ଦର୍ଶକଙ୍କ ମନ ଜିଣିଲା। ଅନେକ ହିଟ୍ ଫିଲ୍ମରେ ସେ କାମ କରି ଭାରତର ଅଗ୍ରଣି ମହିଳା ସୁପରଷ୍ଟାର ପରିଚୟ ହାସଲ କଲେ। ନିଜ ସମୟର ସର୍ବାଧିକ ପାରିଶ୍ରମିକପ୍ରାପ୍ତ ମହିଳା ଅଭିନେତ୍ରୀ ମଧ୍ୟ ପାଲଟିଲେ। କିନ୍ତୁ ୨୦୧୮ ମସିହାରେ ତାଙ୍କର ଦେହାନ୍ତ ସାରା ବିଶ୍ୱକୁ ସ୍ତବ୍ଧ କରିଦେଲା। ସିନେମାରେ ତାଙ୍କ ପ୍ରଭାବ ଆଜି ବି ରହିଛି। ଶ୍ରୀଦେବୀଙ୍କ ବାୟୋପିକ୍ ବିଷୟରେ କୌଣସି ଔପଚାରିକ ଖବର ନଥିଲେ ମଧ୍ୟ ଏହି ଇଚ୍ଛା ଦିନେ ନିଶ୍ଚୟ ପୂରଣ ହେବ ବୋଲି ତମନ୍ନା ଆଶା ବାନ୍ଧିଛନ୍ତି। ତାଙ୍କ ଅପ୍‌କମିଂ ପ୍ରୋଜେକ୍ଟରେ ଅଛି ତେଲୁଗୁ ସୁପରନ୍ୟାଚୁରାଲ ଥ୍ରିଲର 'ଓଡେଲା-୨'। ତେଲଙ୍ଗାନାର ଓଡେଲା ଗାଁର ବାସ୍ତବ କାହାଣୀ ଦ୍ୱାରା ପ୍ରେରିତ 'ଓଡେଲା ରେଲୱେ ଷ୍ଟେସନ୍'ର ଏହା ସିକ୍ୱେଲ। ଏଥିରେ ତମନ୍ନାଙ୍କ ସହ ହେବାହ ପଟେଲ ଓ ବଶିଷ୍ଠ ଏନ୍. ଶିମ୍ହା ଅଭିନୟ କରିଛନ୍ତି। ବଲିଉଡ୍ ଆକ୍ସନ୍-ଥ୍ରିଲର ଫିଲ୍ମ 'ରେଞ୍ଜର'ରେ ଅଜୟ ଦେବଗନ ଓ ସଞ୍ଜୟ ଦତ୍ତଙ୍କ ସହ ମଧ୍ୟ ତମନ୍ନା ନଜର ଆସିବେ।



ଖରାଦିନେ ତରଭୁଜ ଖାଇବାକୁ ପ୍ରାୟତଃ ସମସ୍ତେ ପସନ୍ଦ କରିଥାନ୍ତି। ଏଥିରେ ଭରପୂର ମାତ୍ରାରେ ଭିଟାମିନ, ମିନେରାଲ୍ସ ଏବଂ ଆଣ୍ଟିଅକ୍ସିଡାଣ୍ଟ ରହିଥାଏ। ଗବେଷକଙ୍କ କହିବାନୁଯାୟୀ ଜଣେ ବ୍ୟକ୍ତି ଗୋଟିଏ ଦିନରେ ୩୦୦ ଗ୍ରାମ ତରଭୁଜ ଖାଇବା ଉଚିତ୍। ଏହା ସ୍ୱାସ୍ଥ୍ୟ ଉପଯୋଗୀ ମଧ୍ୟ ହୋଇଥାଏ। ତେବେ ଏପରି କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କ ସ୍ୱାସ୍ଥ୍ୟ ପାଇଁ ତରଭୁଜ ହାନିକାରକ ସାବ୍ୟସ୍ତ ହୋଇଥାଏ। ଆସନ୍ତୁ ଜାଣିବା ସେ ସମ୍ପର୍କରେ...



## କେଉଁମାନଙ୍କ ପାଇଁ ତରଭୁଜ ହାନିକାରକ



### ମଧୁମେହ ରୋଗୀ

ଏଥିରେ ପ୍ରଚୁର ପରିମାଣରେ ନାଚୁରାଲ ସୁଗାର ରହିଥିବାରୁ ମଧୁମେହ ରୋଗୀଙ୍କ ପାଇଁ ହାନିକାରକ ହୋଇଥାଏ।

### ବୃକକ୍ ରୋଗୀ

ବୃକକ୍ ସମ୍ବନ୍ଧୀୟ ସମସ୍ୟା ଥିବା ବ୍ୟକ୍ତିଙ୍କୁ ତରଭୁଜ ଖାଇବାକୁ ବାରଣ କରାଯାଏ। କାରଣ ତରଭୁଜରୁ ମିଳୁଥିବା ମିନେରାଲ୍ସ ଏହି ରୋଗୀଙ୍କ ପାଇଁ କ୍ଷତିକାରକ।



### ଶ୍ୱାସ ରୋଗୀ

ଏହି ରୋଗୀଙ୍କୁ ଥଣ୍ଡା ଜିନିଷଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଥାଏ। ତେଣୁ ତରଭୁଜରେ ପ୍ରଚୁର ମାତ୍ରାରେ ଜଳୀୟାଂଶ ରହିଥିବାରୁ ଶ୍ୱାସରୋଗୀ ଏହାକୁ ଆଦୌ ଖାଇବା ଉଚିତ ନୁହେଁ।






## ଅଲ୍‌କାଙ୍କ ନମ୍ବର ୱାନ୍ ଫ୍ୟାନ୍

ସାରା ଦୁନିଆକୁ ଥରାଇ ରଖୁଥିଲା। ନାଁ ଶୁଣିଲେ ଥରୁଥିଲେ ଶତ୍ରୁ। ସେ ଆଉ କେହି ନୁହଁନ୍ତି ସେ ଥିଲେ କୁଖ୍ୟାତ ଆତଙ୍କବାଦୀ ଓସାମା ବିନ୍ ଲାଡେନ। ହେଲେ ସେ ବି ଥିଲା କାହାର ଜବରା ଫ୍ୟାନ୍। ଯେବେ ଓସାମା ଆତଙ୍କୀର ସାମ୍ରାଜ୍ୟ ମାଟିରେ ମିଶିଲା, ସେବେ ସାମ୍ନାକୁ ଆସିଲା ସବୁ ସତ। ଜଣାପଡିଥିଲା କି, ସେ ଗୀତ ଶୁଣିବାକୁ ବହୁତ ପସନ୍ଦ କରୁଥିଲା। ଖାସ୍ କରି ଅଲ୍‌କା ୟାଗ୍ନିକଙ୍କ ସଂଗୀତର ଜବରଦସ୍ତ ଫ୍ୟାନ୍ ଥିଲା ଲାଡେନ୍। ଏକଥା ସାମ୍ନାକୁ କେମିତି ଆସିଥିଲା, ଯେବେ ସିଆଇଏ ଓସାମାର ଠିକଣା ଉପରେ ଚଢାଉ କରିଥିଲା। ରେଡ୍ ପରେ ଅନେକ ଘଟଣା ସାମ୍ନାକୁ ଆସିଥିଲା। ଜବତ ହୋଇଥିଲା ଲାଡେନ ବ୍ୟବହାର କରୁଥିବା କମ୍ପ୍ୟୁଟର। ସେଥିରେ ଥିଲା ଉଦିତ୍ ନାରାୟଣ, କୁମାର ସାନୁ ଏବଂ ଅଲ୍‌କା ୟାଗ୍ନିକଙ୍କ ସମେତ ଅନେକ ବଲିଉଡ୍ କଣ୍ଠଶିଳ୍ପୀଙ୍କର ଥିଲା ଚାର୍ଟବଷ୍ଟର ସଙ୍ଗ। ଗୋଟିଏ ପୁରୁଣା ସାକ୍ଷାତକାରରେ ଅଲ୍‌କା ୟାଗ୍ନିକ ଏହାକୁ ନେଇ ପ୍ରତିକ୍ରିୟା ଦେଇଥିଲେ। ଅଲ୍‌କାଙ୍କୁ ପଚରାଯାଇଥିଲା କି, ଓସାମା ବିନ୍ ଲାଡେନ୍ ତା' ସମୟରେ ଆପଣଙ୍କର ବଡ଼ ଫ୍ୟାନ୍ ଥିଲେ। ଏହାକୁ ନେଇ ଆପଣ କ'ଣ କହିବେ...ଅଲ୍‌କା ଏହାର ଉତ୍ତରରେ କହିଥିଲେ-ଏଥିପାଇଁ କ'ଣ ମୁଁ ଦାୟୀ? ସେ ଆହୁରି କହିଥିଲେ- ଓସାମା ବିନ୍ ଲାଡେନ୍ ଯେମିତି ବି ହୁଅନ୍ତୁ ନା କାହିଁକି, ତାଙ୍କ ଭିତରେ ଗୋଟିଏ ଛୋଟ କଳାକାର ରହିଥିବ ନିଶ୍ଚୟ। ସେଥିପାଇଁ ତ ସେ ଥିଲେ ସଂଗୀତ ପ୍ରେମୀ। ସେହି ସାକ୍ଷାତକାରରେ ଅଲ୍‌କା ଖୁଲାସା କରିଥିଲେ କି, ଇଣ୍ଡଷ୍ଟ୍ରୀରେ ହେଉଥିବା ରାଜନୀତି କାରଣରୁ ଅନେକ ଗୀତ ଲୋକଲୋଚନକୁ ଆସିପାରିନି। କାରଣ ମୁଁ ବି ସେବୁର ଶିକାର ହୋଇଛି। ମୋ ହାତରୁ ବି ଅନେକ ଗୀତ ଛଡାଇ ନିଆଯାଇଛି। ମୋ ସହ କାମ କରୁଥିବା କଳାକାର ବି ଏମିତି କରିଛନ୍ତି ମୋ ସହ। ତଥାପି ମୁଁ ପଛକୁ ଫେରିଚାହିଁନି। ମୁଁ ବାସ୍ ମୋ କାମକୁ ଫୋକସ କରେ। ଠିକ୍ ସେମିତି ଲାଡେନ୍ ବି ଯାହା କରୁନା କାହିଁ ଗୀତ ଶୁଣିବାକୁ ଭଲପାଏ।



## ନିଦ ହଜାଇବେ ରଣଦୀପ

ସୋସିଆଲ ମିଡିଆରେ 'ଜାଟ୍' ଫିଲ୍ମକୁ ନେଇ ରହିଛି ବହୁତ ଉତ୍ସାହ। 'ଜାଟ୍'ର ଟିଜର୍ ରିଲିଜ୍ ହେବା ଦିନ ଠାରୁ ପ୍ରଶଂସକମାନେ ଏହାର ଟ୍ରେଲର୍‌କୁ ଅପେକ୍ଷା କରି ରହିଛନ୍ତି। 'ଜାଟ୍'ରେ ରଣଦୀପ ହୁଡା ସମସ୍ତଙ୍କର ନିଦ ହଜାଇ ଦେଇଛନ୍ତି। ତାଙ୍କ ଲୁକ୍‌କୁ ମଧ୍ୟ ବହୁତ ପ୍ରଶଂସା କରାଯାଉଛି। ରଣଦୀପ ହୁଡା ତାଙ୍କ ଯେ କୌଣସି ଫିଲ୍ମରେ ନିଜ ଚରିତ୍ର ଉପରେ ଗଭୀର ଭାବରେ କାମ କରିବା ପାଇଁ ବେଶ୍ ଜଣାଶୁଣା। 'ଜାଟ୍'ରେ ରଣଦୀପ ଜବରଦସ୍ତ ଢଙ୍ଗରେ ଶାରୀରିକ ଏବଂ ମାନସିକ ପରିବର୍ତ୍ତନ କରିଛନ୍ତି। ଏହି ଚଳଚ୍ଚିତ୍ରରେ ସେ ଏକ ଭୟଙ୍କର ଗ୍ୟାଙ୍ଗଷ୍ଟର ଭୂମିକାରେ ଅଭିନୟ କରୁଛନ୍ତି। ଏହି ଚରିତ୍ର ପାଇଁ ସେ ନିଜକୁ ସମ୍ପୂର୍ଣ୍ଣ ରୂପେ ପରିବର୍ତ୍ତନ କରିଛନ୍ତି। ବଡି ଟ୍ରାନ୍ସଫର୍ମେସନ୍ କରିବା ସହ ତାଙ୍କ ସ୍ୱରକୁ ବଦଳାଇଛନ୍ତି। କହିବାକୁ ଗଲେ 'ସରବ୍‌ଜିତ୍' ହେଉ ବା 'ସ୍ୱତନ୍ତ୍ର ବୀର ସାବରକର' ରଣଦୀପ ତାଙ୍କ ଚରିତ୍ରକୁ ଜୀବନ୍ତ କରିବା ପାଇଁ ସର୍ବଦା କଠିନ ପରିଶ୍ରମ କରନ୍ତି। 'ଜାଟ୍' ସହିତ ରଣଦୀପ ସିନେମାର ଭିଲେନ୍ ଚରିତ୍ରମାନଙ୍କୁ ଏକ ନୂଆ ସ୍ତରକୁ ନେବାକୁ ପ୍ରସ୍ତୁତ ଅଛନ୍ତି। ଯାହା ଦର୍ଶକ କେବେ ବି ପୂର୍ବରୁ ଦେଖି ନ ଥିବେ। ଏହି ଚଳଚ୍ଚିତ୍ରଟିକୁ ଗୋପୀଚାନ୍ଦ ମଲିନେନି ନିର୍ଦ୍ଦେଶନା ଦେଇଥିବାବେଳେ ଏହାର ନିର୍ମାତା ହେଉଛନ୍ତି ନବୀନ ୟରନେନି ଏବଂ ରବି ଶଙ୍କର।





ଅଧିକାଂଶ ଲୋକେ ପିଆଜ ରସୁଣ ଖାଇବାକୁ ବାରଣ କରନ୍ତି। ହେଲେ ଏହି ପିଆଜ ଶରୀର ପାଇଁ ଯେ ବହୁ ଉପକାରୀ, ଏକଥା ହୁଏତ ଅନେକଙ୍କୁ ଜଣା ନଥିବ। ପିଆଜ ବିଭିନ୍ନ ବ୍ୟଞ୍ଜନର ସୁଆଦ ବଢ଼ାଇଥାଏ। ତେବେ ଗ୍ରୀଷ୍ମରେ ଏହାର ବ୍ୟବହାର ଶରୀର ପାଇଁ ଖୁବ ଭଲ। ଖାଦ୍ୟ ବିଶେଷଜ୍ଞଙ୍କ ମତରେ ଗ୍ରୀଷ୍ମରେ କଞ୍ଚା ପିଆଜ ଅଧିକ ପରିମାଣରେ ଖାଇବା ଉଚିତ। ଭାତ ହେଉ କିମ୍ବା ରୁଟି ଭୋଜନ ସମୟରେ କଞ୍ଚା ପିଆଜର ସାଲାଡ ଖାଆନ୍ତୁ। ନଚେତ ଦହିରେ ଟିକ ଟିକ କାଟି ପିଆଜକୁ ଖାଇପାରିବେ। ଏହା ଶରୀର ପାଇଁ ବେଶ ଲାଭଦାୟକ।

## ଅଂଶୁଘାତରୁ ରକ୍ଷା କରିବ ପିଆଜ

- ★ ଗ୍ରୀଷ୍ମ ଋତୁରେ ଅଂଶୁଘାତ ହେବା ସାଧାରଣ କଥା। ହେଲେ ଆପଣ ଜାଣିଛନ୍ତି କି ଏଥିରୁ ବର୍ତ୍ତିବା ପାଇଁ କଞ୍ଚା ପିଆଜର ବ୍ୟବହାର ଅତ୍ୟନ୍ତ ଲାଭଦାୟକ। କଞ୍ଚା ପିଆଜ ଖାଇବା ଦ୍ୱାରା ଅଂଶୁଘାତ ହୋଇନଥାଏ ଓ ଅଂଶୁଘାତ ହୋଇଥିଲେ ପିଆଜ ରସ ପିଇଲେ ଭଲ ହୋଇଥାଏ।
- ★ ଗ୍ରୀଷ୍ମରେ ଅଧିକାଂଶ ମଧୁମେହ ରୋଗୀଙ୍କ ରକ୍ତ ଶର୍କରା ବୃଦ୍ଧି ପାଇଥାଏ। ଏହି ବର୍ଗର ଲୋକେ ଦ୍ୱିପହର ଭୋଜନ ସମୟରେ କଞ୍ଚା ପିଆଜ ଫାଳେ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ।
- ★ କଞ୍ଚା ପିଆଜ ଖାଇବା ଦ୍ୱାରା ପେଟ ସମସ୍ୟା ମଧ୍ୟ ଦୂର ହୋଇଥାଏ।
- ★ ପିଆଜ କର୍କଟ ରୋଗରୁ ମଧ୍ୟ ରକ୍ଷା କରିଥାଏ। ବିଭିନ୍ନ ବ୍ୟଞ୍ଜନରେ ଏହାର ଉପଯୋଗ କରିବା ସହ ସ୍ୟାଣ୍ଡୱିଚ ଘରେ ପ୍ରସ୍ତୁତ କରି କଞ୍ଚା ପିଆଜର ଉପଯୋଗ କରନ୍ତୁ। କଞ୍ଚା ପିଆଜରେ ଥିବା ବିଭିନ୍ନ ପୋଷକତତ୍ତ୍ୱ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ।
- ★ ସେହିପରି ଦୁର୍ଗନ୍ଧ ସମସ୍ୟା ଦେଖାଦେଲେ ମଧ୍ୟ କଞ୍ଚା ପିଆଜର ବ୍ୟବହାର କରିପାରିବେ। ଏହାକୁ ଖାଇଲେ ଦୁର୍ଗନ୍ଧ ସମସ୍ୟା ଦୂର ହୋଇଥାଏ ବୋଲି ବିଭିନ୍ନ ଅନୁସନ୍ଧାନରୁ ଜଣାପଡ଼ିଛି।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସଦର ବ୍ଲକର ଝରାପାଲ୍ଲି ପଞ୍ଚାୟତ ଅନ୍ତର୍ଗତ କନାଗୁଡା ଗ୍ରାମର ଅଙ୍ଗନବାଡି କର୍ମୀ ଶ୍ରୀତି ଡାଲି ଉକ୍ତ ଗ୍ରାମର ଜଣେ ବିଧବା ମହିଳା ରତ୍ନା ପଡିଆମୀଙ୍କ ଠାରୁ ଲେବର କାର୍ଡରେ ତାଙ୍କ ସ୍ୱାମୀଙ୍କ ଇନ୍ସୁରାନ୍ସ ଟଙ୍କା ୧ ଲକ୍ଷ ଉଠାଇ ଦେବାପାଇଁ କହି ତାଙ୍କଠାରୁ ସମସ୍ତ କାଗଜପତ୍ର ନେଇ ୧ ବର୍ଷ ତଳେ ଲେବର ଅଫିସରେ ଦାଖଲ କରିଥିଲେ। ଗତ ୧୬ତାରିଖରେ ୧ ଲକ୍ଷ ଟଙ୍କା ତାଙ୍କ ଜମା ଖାତାରେ ଆସିଥିବା ଜାଣି ଅଙ୍ଗନବାଡି କର୍ମୀ ରତ୍ନାଙ୍କୁ ୧୮ ତାରିଖରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ପଦ୍ମଗିରି ଶାଖାକୁ ଡାକି ନେଇ ସମସ୍ତ ଟଙ୍କା ଉଠାଇ ତାଙ୍କୁ ୪୦ ହଜାର ଦେଇଥିଲେ ଓ ବଳକା ବଡ ଅଫିସରଙ୍କୁ ଦେବା ପାଇଁ କହି ରଖିଥିଲେ ଏବଂ ଏହାକୁ କାହାକୁ ନ କହିବାକୁ କହିଥିଲେ। କିନ୍ତୁ ଏହି କଥା ଗ୍ରାମର କିଛି ଭଦ୍ରବ୍ୟକ୍ତି ଜାଣିବା ପରେ ଅଙ୍ଗନବାଡି କର୍ମୀ ତାଙ୍କୁ ଗାଳିଗୁଲଜ କରି ସେ କିଛି ଟଙ୍କା ରଖି ନଥିବା କଥା କହି ଫାଙ୍କି ଦେଇଥିଲେ। ଏମିତିକି ଉକ୍ତ ଅଙ୍ଗନବାଡି କର୍ମୀ ଉକ୍ତ ଗ୍ରାମର ଅନ୍ୟ ୫୦ରୁ ଉର୍ଦ୍ଧ୍ୱ ଲୋକଙ୍କଠାରୁ ଲେବର କାର୍ଡ କରାଇଦେବା ପାଇଁ ଜଣ ପିଛା ୭୦୦ଟଙ୍କା ଲେଖାଏଁ ଆଦାୟ କରି ୧ବର୍ଷ ହେବ ନେଇଯାଇଥିବା କଥା ମଧ୍ୟ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଏନେଇ ରତ୍ନା ପଡିଆମୀ, ବିଜୟ ମାଡକାମୀ, ମୁକୁନ୍ଦ ପଡିଆମୀ, ଚନ୍ଦ୍ର ପଡିଆମୀ ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରି ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ଜଣାଇଛନ୍ତି।

# ନବ ନିର୍ମିତ ନାଳ ପୋଲ ବିପଦମୁଖୀ



ପରଜଙ୍ଗ, (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କନ୍ଦରସିଂହା ଭାଲୁମୁଣ୍ଡା ଛକରୁ ଏକ ପୂର୍ତ୍ତ ବିଭାଗ ରାସ୍ତା କୁମୁସି, ସାଆନ୍ଦା, ଚାନ୍ଦପୁର ଗ୍ରାମ ସମେତ ଅନ୍ୟ କେତେକ ଗାଁ ପାଖ ଦେଇ କାମାକ୍ଷାନଗର ଦିଗରୁ ଢେଙ୍କାନାଳ ଦିଗକୁ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ସହିତ ସଂଯୋଗ ହୋଇଛି। ଭାଲୁମୁଣ୍ଡା ଛକରୁ ଆଲୁଅଝରଣ ପର୍ଯ୍ୟନ୍ତ ରହିଥିବା ରାସ୍ତାଟି ବିଗତ ଦିନରେ ମରାମତି ଅଭାବରୁ ଅତି ଦୟନୀୟ ଅବସ୍ଥାରେ ରହିଥିଲା। ରାସ୍ତାଟି ପୁନଃରୁଦ୍ଧାର କରିବା ପାଇଁ ଆଜକୁ ୨ ବର୍ଷ ପୂର୍ବେ ତତ୍କାଳୀନ ସରକାର ସମୟରେ ଅର୍ଥ ମଞ୍ଜୁର କରାଯାଇ ରାସ୍ତା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଉକ୍ତ ରାସ୍ତା ଉପରେ ଅଧିକାଂଶ ଛୋଟବଡ଼ ନାଳ ଥିବାରୁ ଏହାରି ଉପରେ ନୂତନ ପୋଲ ନିର୍ମାଣ କରାଯାଇଛି। ରାସ୍ତାଟି ଆଜିପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ହୋଇ ନଥିବା ବେଳେ ଭାଲୁମୁଣ୍ଡା ଛକରୁ ସାଆନ୍ଦା ଦିଗକୁ ଯିବା ରାସ୍ତାର ଅଁଳାକଟା ଓ ବସନ୍ତପଡ଼ା ଗ୍ରାମ ପାଖରେ ବାଘୁଆବୋଲ୍ ନାମରେ ଏକ ନାଳ ରହିଛି। ଏହି ନାଳ ଉପରେ ୨ବର୍ଷ ପୂର୍ବେ ନବନିର୍ମିତ ଏକ ପୋଲ ନିର୍ମାଣ କରାଯାଇଥିବା ବେଳେ, ଏହି ପୋଲ ଉପରେ ବିଛାଯାଇଥିବା ରଡ଼ ସବୁ ଉପରକୁ ବାହାରିଥିବା ଦୃଶ୍ୟ ଦେଖିବାକୁ ମିଳିଛି। ବର୍ତ୍ତମାନ ଏହି ପୋଲ ଉପରେ ଉଭୟ ଦିଗକୁ ଛୋଟବଡ ଗାଡ଼ି, ଯାତ୍ରୀବାହୀ ବସ୍ ଓ ଅଧିକାଂଶ ସମୟରେ ମାଲବାହୀ ଗାଡ଼ି ଯାତାୟତ କରୁଥିବା ବେଳେ, ଏହି ରାସ୍ତା କାର୍ଯ୍ୟ ନସରୁଣୁ ନବ ନିର୍ମିତ ପୋଲଟି ସମସ୍ତଙ୍କ ପାଇଁ ବିପଦର ବନ୍ଧୁ ସାଜିଲାଣି। ପୋଲ ନିର୍ମାଣ ସମୟରେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ଯୋଗୁଁ ଏପରି ସମସ୍ୟା ସୃଷ୍ଟି ହୋଇଛି ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି। ଏହି ପୋଲ ପ୍ରତି ବିଭାଗୀୟ ଅଧିକାରୀ ତୁରନ୍ତ ଦୃଷ୍ଟି ନଦେଲେ ଆଗାମୀ ଦିନରେ କୌଣସି ଅଘଟଣ ଘଟିପାରେ ବୋଲି ଆଶଙ୍କା କରାଯାଉଛି।

# ବ୍ଲୁ ଫୋର୍ସ ପୋଲିସ ଓ ରେଡ଼ ଫୋର୍ସ ପୋଲିସର ଦୁଇଦିନିଆ ସମରାଭ୍ୟାସ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ଶତ୍ରୁ ସଂହାର କରିବା ସହ ଆତଙ୍କବାଦୀଙ୍କୁ ପ୍ରବେଶ ନ କରାଇବା ପାଇଁ ନୌସେନା ଅଭିନବ ଉପାୟ ଆପଣାଇଛି। ଚଳିତ ବର୍ଷ ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳରେ ଦୁଇଦିନିଆଁ ମିଳିତ ସମରାଭ୍ୟାସ 'ସାଗର କବଚ' ଅଥବା 'ସି ଭିଜିଲ'ଅନୁଷ୍ଠିତ ହୋଇଯାଇଛି। ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିବାକୁ ପ୍ରଥମ ଦିନ ବୁଧବାର ସକାଳ ଠାରୁ ଆରମ୍ଭ ହୋଇଥିବା ସମରାଭ୍ୟାସ 'ସାଗର କବଚ' ଅଥବା 'ସି ଭିଜିଲି' ଆରମ୍ଭ ହୋଇଛି । ୨୬/୧୧ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ସମଗ୍ର ଭାରତ ଦୋହଲିଯିବା ପରେ ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିବାକୁ ଉଭୟ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ତରଫରୁ ପ୍ରତ୍ୟେକ ବର୍ଷ ଭଳି ଆୟୋଜିତ ହୋଇଛି ମିଳିତ ସମରାଭ୍ୟାସ 'ସାଗର କବଚ'। ଉପକୂଳ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ନୂଆଗଡ, କାଳିଆକଣ, ସହନ, ସୁଦିକେଶର, ଗୁଣ୍ଡଲବା ସମେତ ନୌସେନା ଓ ପୋଲିସର ରଣକୌଶଳ ପ୍ରଦର୍ଶନ କରାଯାଇଛି। ସାମୁଦ୍ରିକ ସୀମାରେ ଅନୁପ୍ରବେଶ ରୋକିବା ଲକ୍ଷ୍ୟରେ ପ୍ରଥମ ଦିନରେ ବୁଧବାର ସକାଳ ୬ରୁ ଆରମ୍ଭ ହୋଇଥିବା ବେଳେ ଏହି ସମରାଭ୍ୟାସରେ ଭାରତୀୟ ତଟରକ୍ଷୀ ବାହିନୀ, ମେରାଇନି ପୋଲିସ, ଅସ୍ତରଙ୍ଗ ପୋଲିସ ସହ ବିଭିନ୍ନ ଥାନା ପୋଲିସ ଏଥିରେ ସାମିଲ ହୋଇଛନ୍ତି। ସୁରକ୍ଷା ବାହିନୀ ଦୁଇ ଭାଗରେ ବିଭକ୍ତ। ବ୍ଲୁ ଫୋର୍ସ ଓ ରେଡ଼ ଫୋର୍ସ। ୨ଟି ଟିମ୍ ହୋଇ ଏହି ସମରାଭ୍ୟାସ ଚାଲିଛି। ରେଡ଼ ଫୋର୍ସ ତଥା ଗୁପ୍ତଶତ୍ରୁ ଭୂମିକା ନିର୍ବାହ କରିବେ ଏବଂ ବ୍ଲୁ ଫୋର୍ସ ପୋଲିସ ତଥା ସୁରକ୍ଷାବାହିନୀର ଭୂମିକା ତୁଲାଇବେ। ଉପକୂଳକୁ ବ୍ଲୁ ବାହିନୀ ଜଗିଥିବା ବେଳେ ରେଡ଼ ବାହିନୀ ଶତ୍ରୁ ପକ୍ଷ ହୋଇ ଦୂର ସମୁଦ୍ରକୁ ଯାତ୍ରା କରି ପୁଣି ଉପକୂଳ ମୁହାଁ ହୋଇ ଆକ୍ରମଣ କରିବା ପାଇଁ ଶତ୍ରୁପକ୍ଷକୁ କଡ଼ା ଜବାବ ଦେବାପାଇଁ ପ୍ରସ୍ତୁତ ଅଛନ୍ତି। ସମୁଦ୍ର ପଥ, ବସ ତଥା ଯାନବାହନ ଆଦିରେ ରେଡ଼ ଫୋର୍ସ ରହିବେ, ତାଙ୍କୁ ମୁକାବିଲା କରିବେ ବ୍ଲୁ ଫୋର୍ସ। ସମୁଦ୍ରରେ ସନ୍ଦେହ ଜନକ ଭାବେ ଯାତାୟତ କରୁଥିବା ଡଙ୍ଗାକୁ ଚିହ୍ନଟ କରିବେ। ବାହ୍ୟ ଶତ୍ରୁ ଠାରୁ ଉପକୂଳକୁ ରକ୍ଷା କରିବା ପାଇଁ ଏହି ସମରାଭ୍ୟାସ ପ୍ରତିବର୍ଷ ଦୁଇଥର କରାଯାଇଥାଏ। କିଭଳି ଭାବେ ଜଳପଥ ଦେଇ ଉପକୂଳକୁ ଶତ୍ରୁ ପଶି ନଯିବେ ସେ ନେଇ ସମସ୍ତ ବିଭାଗକୁ ସଚେତନ କରିବା ଏହି ସମରାଭ୍ୟାସର ମୂଳଲକ୍ଷ୍ୟ। ଏହି ସମରାଭ୍ୟାସ କାର୍ଯ୍ୟକ୍ରମରେ ନୂଆଗଡ଼ ସାମୁଦ୍ରିକ ଥାନାଧିକାରୀ ଅଚ୍ୟୁତାନନ୍ଦ ବେହେରା, ଟେକ୍ନିକାଲ ଷ୍ଟାଫ ମାଷ୍ଟର ପ୍ରକାଶ ଦାସ, ବିପ୍ରଚରଣ ସ୍ୱାଇଁ, ଅତିରିକ୍ତ ମାଷ୍ଟର ସୁଧୀର କୁମାର ପ୍ରଧାନ, କ୍ଷୀରୋଦ କୁମାର ସାହୁ, ଏସଆଇ ଜଗବନ୍ଧୁ ପରିଡ଼ାଙ୍କ ସହ ଅନେକ ଅଧିକାରୀମାନେ ଉପସ୍ଥିତ ରହିବା ସହ ଦୁଇ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି।

# ଧିମେଇ ଚାଲିଛି ପାନୀୟ ବୃହତ୍ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ



ବୋଲଗଡ଼,(ଭାସ୍କର ନ୍ୟୁଜ): କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଣ ସୁବିଧା ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ପାନୀୟ ଜଳ ପ୍ରକଳ୍ପ କରୁଛନ୍ତି। ବୋଲଗଡ଼ ବ୍ଲକ ଅଞ୍ଚଳରେ ନଦୀ ନାଳ ନଥିବା ଯୋଗୁଁ ପାନୀୟ ଜଳର ବଡ଼ ସମସ୍ୟା ଦେଖାଦେଇଥାଏ। ପାନୀୟ ଜଳ ଅଭାବ ଦୂର କରିବାକୁ ୧୯୯୫ ମସିହାରେ ବୃହତ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା। ବୋଲଗଡ଼ ବ୍ଲକ ଅଞ୍ଚଳ ଟାଙ୍ଗରା ଭୂଇଁ ହୋଇଥିବାରୁ ଖରାଦିନରେ ଜଳସ୍ତର ତଳକୁତଳ ଖସିଯିବା ଫଳରେ ପାନୀୟ ଜଳର ଅଭାବ ଯୋଗୁଁ ଲୋକମାନେ ବହୁ ଅସୁବିଧାର ସମ୍ମୁଖିନ ହେବା ସହିତ ବାଧହୋଇ କୂଅ ପୋଖରୀର ଦୂଷିତ ଜଳ ବ୍ୟବହାର କରିଅଛନ୍ତି। କେନ୍ଦ୍ର ସରକାରଙ୍କ 'ବସୁଧା' ଯୋଜନାରେ ୨୦୧୯ ମସିହାରେ ୨୨୪.୨୧ କୋଟି ଟଙ୍କା ଅନୁଦାନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏଥିରେ ବୋଲଗଡ଼- ବେଗୁନିଆ ନିର୍ବାଚନ ମଣ୍ଡଳୀର ୪୦ ଗୋଟି ଗ୍ରାମ ପଞ୍ଚାୟତକୁ ପାନୀୟ ଜଳ ଯୋଗାଣ ନିମନ୍ତେ କଟକ ଜିଲ୍ଲା ଅନ୍ତର୍ଗତ ବୈଦେଶ୍ୱର ଠାରୁ ଏହି ମେଗା ଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଜଳ ପ୍ରକଳ୍ପ କାର୍ଯ୍ୟ ୨୦୧୯ରୁ ଆରମ୍ଭ ହୋଇ ୨୦୨୧ କାର୍ଯ୍ୟ ଅବଧି ଶେଷ ଥିବା ବେଳେ ବର୍ଷରୁ ଅଧିକ ବାରମ୍ବାର ଅବଧି ବୃଦ୍ଧି ହେଲେ ମଧ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। କେବେ ସରିବ କାର୍ଯ୍ୟ ତାହା ଜଣାନାହିଁ ? ଜନସାଧାରଣ କେବେ ପାଇବେ ପାନୀୟ ଜଳ ତାହା କାହାକୁ ଜଣାନାହିଁ ? ବୋଲଗଡ଼ ବ୍ଲକ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସଂସ୍ଥାର କନିଷ୍ଠ ଯନ୍ତ୍ରୀ ସ୍ୱାଗୋତି ଜେନାଙ୍କୁ ଯୋଗାଯୋଗ କରିଥିବା ସତ୍ତ୍ୱେ ତାଙ୍କଠାରୁ କୌଣସି ସନ୍ତୋଷ ଜନକ ଉତ୍ତର ମିଳିପାରି ନାହିଁ। ପାନୀୟ ଜଳ ଯୋଗାଣ ନିର୍ମାଣ କାର୍ଯ୍ୟ ଅହେତୁକ ବିଳମ୍ବ ଯୋଗୁଁ ଲୋକମାନଙ୍କ ମଧ୍ୟରେ ନାନା ପ୍ରଶ୍ନବାଚି ସୃଷ୍ଟି କରୁଛି। ଏହି ପାନୀୟ ଜଳ ଯୋଗାଣ ନିମନ୍ତେ ବିଛା ଯାଇଥିବା ପାଇପଲାଇନ ଗୁଡ଼ିକ ନଷ୍ଟ ହେବାକୁ ବସିଲାଣି। ବହୁ ଜାଗାରେ ରାସ୍ତା ନିର୍ମାଣରେ ପାଇପ ନଷ୍ଟହେବା ସହିତ ଗଭୀର କଂକ୍ରିଟ ରାସ୍ତା ତଳେ ପାଇପ ଗୁଡ଼ିକ ପୋତି ହୋଇଗଲାଣି। ଦିନକୁଦିନ ଜଳପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହେବା ଫଳରେ ଜନସାଧାରଣଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧିପାଉଛି। ଚଳିତ ବର୍ଷ ଗ୍ରୀଷ୍ମ ଋତୁର ଆରମ୍ଭରୁ ପ୍ରଚଣ୍ଡ ରୌଦ୍ରତାପରେ ବୋଲଗଡ଼ ବ୍ଲକ ଅଞ୍ଚଳରେ ପାନୀୟ ଜଳର ଉତ୍କଟ ଅଭାବ ଦେଖା ଦେଇଥିଲେ ମଧ୍ୟ ବୋଲଗଡ଼ ବ୍ଲକ ପାନୀୟ ଜଳ ଯୋଗାଣ ଓ ପରିମଳ ସଂସ୍ଥାର ବିଭାଗୀୟ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ବୋଲଗଡ଼ ବ୍ଲକ ଅଞ୍ଚଳରେ ଥିବା ନଳକୂପ ଓ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସମସ୍ୟା ନେଇ ଲୋକମାନେ ଅଭିଯୋଗ କଲେ ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ଜଳ ସମସ୍ୟା ଦୂର ନ କରି ଲୋକ ଦେଖାଣିଆ ପରିଦର୍ଶନରେ କାର୍ଯ୍ୟ ସାରି ଦେଉଥିବା କଥା ଲୋକମାନେ ପ୍ରକାଶ କରିଅଛନ୍ତି। ଜଣେ ସରକାରୀ କର୍ମଚାରୀ ଗୋଟିଏ ଜାଗାରେ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ କାର୍ଯ୍ୟ କରିବା ନିୟମ ନ ଥିଲେ ମଧ୍ୟ ବୋଲଗଡ଼ ବ୍ଲକ ଜଳ ଯୋଗାଣ ଓ ପରିମଳ ସଂସ୍ଥାର କନିଷ୍ଠ ଯନ୍ତ୍ରୀ ଦୀର୍ଘବର୍ଷ ଧରି କାର୍ଯ୍ୟ କରିବା ଲୋକ ମାନଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟିକରୁଛି। ବୋଲଗଡ଼ ବ୍ଲକ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଓ ବୃହତ୍ ଜଳ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଜନସାଧାରଣମାନେ ଅନୁରୋଧ କରିଅଛନ୍ତି।

# ବିଶିଷ୍ଟ କବି ରମାକାନ୍ତ ରଥଙ୍କୁ ଶ୍ରଦ୍ଧାଞ୍ଜଳି



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକର ଅଗ୍ରଣୀ ସାହିତ୍ୟ ସଂଗଠନ ତିହିଡ଼ି ସାହିତ୍ୟ ସାଂସ୍କୃତିକ ମଞ୍ଚ ପକ୍ଷରୁ ଉତ୍ତର ଷାଠିଏର ପ୍ରଖ୍ୟାତ କବି ପଦ୍ମଭୂଷଣ ରମାକାନ୍ତ ରଥଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳିସଭା ସ୍ଥାନୀୟ ସୈନିକ ସ୍କୁଲ୍ ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମଞ୍ଚର ଉପଦେଷ୍ଟା ବିଶିଷ୍ଟ ପ୍ରାବନ୍ଧିକ ଅଧ୍ୟାପକ ଡକ୍ଟର ବିଶ୍ୱରଞ୍ଜନ ଦାସ ସଭାପତିତ୍ୱ କରିଥିଲେ। ଏଥିରେ ଗାଳ୍ପିକ ତଥା ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ତ୍ରିପାଠୀ, କବି ପି. ହୃଷୀକେଶ, ପ୍ରାବନ୍ଧିକ ବିଭୂତି ଭୂଷଣ ସେନାପତି ଓ ସଂସ୍କୃତି ପ୍ରେମୀ, ସମାଜସେବୀ ଶଚୀକାନ୍ତ ନାୟକ ଯୋଗ ଦେଇ କବି ରମାକାନ୍ତଙ୍କ କବିତାରେ ଥିବା ଶାଶ୍ୱତ ପ୍ରେମ କବିତାକୁ ଜୀବନ୍ତ କରିଥିଲା ବୋଲି କହିଥିଲେ। ପ୍ରାରମ୍ଭରେ କବିଙ୍କ ଅମରାତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ନିବେଦନ କରି ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଆବାହକ ଗାଳ୍ପିକ କୈଳାସ ବେହେରା ମଞ୍ଚ ଆହ୍ୱାନ କରିଥିବା ବେଳେ କବି ନିରଞ୍ଜନ ବାରିକ ପ୍ରାରମ୍ଭିକ ସୂଚନା ଓ ସଂଯୋଜକ ବିସ୍ମୟ ବିହାରୀ ସାହୁ ଶେଷସ୍ପର୍ଶ ପ୍ରଦାନ କରିଥିଲେ। କବିଶ୍ରୀ ଗୋଲକ ପ୍ରସାଦ ବୈୟାରି, ମୁକୁନ୍ଦଦେବ ନାୟକ, ବସନ୍ତ କୁମାର ଦାସ ଓ ହରିହର ମହାଳିକ ସ୍ମୃତିକବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ସଂଜୀତ କୁମାର ବଳ, ବିଶ୍ୱଜିତ ବେହେରା, କବି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ, ସାମ୍ବାଦିକ ପ୍ରଭାତ କୁମାର ରାଉଳ, ଧନେଶ୍ୱର ନାୟକ, ନୀଳମାଧବ ସେନାପତି, କୁମାର ଗଙ୍ଗାଧର, ଆଶୁତୋଷ କରଣ, ନରହରୀ ନାୟକ, ପିତାମ୍ବର ସେଠୀ, ପୁଷ୍ପାଞ୍ଜଳି ତ୍ରିପାଠୀ, ରିନାରାଣୀ ପାତ୍ର ପ୍ରମୁଖ ସ୍ମୃତି ବକ୍ତବ୍ୟ ପ୍ରଦାନ କରିଥିଲେ।

## ମଞ୍ଜୁରୀ ରୋଡ଼ରେ ପଞ୍ଚଦୋଳ ମେଳଣ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ମଞ୍ଜୁରୀରୋଡ଼ ଠାରେ ପଞ୍ଚଦୋଳ ମେଳଣ ଉତ୍ସବ ମଙ୍ଗଳବାର ରାତିରେ ଅନୁଷ୍ଠିତ ହୋଇ ବୁଧବାର ମଧ୍ୟାହ୍ନରେ ଶେଷ ହୋଇଛି। ପ୍ରାୟ ପଞ୍ଚଷଠି ବର୍ଷ ଧରି ଅନୁଷ୍ଠିତ ହେଉଥିବା ଏହି ଦୋଳମେଳଣ କାର୍ଯ୍ୟକ୍ରମରେ ଥାନପତି ସାତସୋଳାର ଗୋପିନାଥଜୀଉ ମେଢ଼ ସମେତ ବନସ୍ତା,ଶାସନ, ବଳିପୁର, ରାଜେନ୍ଦ୍ରପୁର ସମେତ ଯାଜପୁର ଜିଲ୍ଲାର ବୈତରଣୀ ରୋଡ଼, ପଥରପଦା, ଜଳହରି ଓ ଗୋପାଳପୁରର ରାଧାଗୋବିନ୍ଦ ଜୀଉ ସୁସଜ୍ଜିତ ବିମାନରେ ବାଣ ରୋଷଣୀ ଓ ନାନା ନୃତ୍ୟ ସଙ୍ଗୀତ ଆସରରେ ଶୋଭାଯାତ୍ରାରେ ଆସି ମେଳଣ ପୀଠରେ ପହଞ୍ଚିଥିଲେ। ସେଠାରେ ଭୋଗ ଖାଇବା ସହ ରଙ୍ଗ ଅବିର ଲାଗି ହୋଇଥିଲେ। ସ୍ଥାନୀୟ ଜନସାଧାରଣଙ୍କ ସମେତ ପାଖଆଖ ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଲୋକ ଏହି ମେଳଣ ଉପଭୋଗ କରିଥିଲେ। ମେଳଣ କମିଟିର ସଦସ୍ୟମାନଙ୍କ ସମେତ ସ୍ଥାନୀୟ ପୁଲିସ ମେଳଣ ପରିଚାଳନା ଓ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

## ଯାତ୍ରା ଦେଖି ଫେରିବାବେଳେ ଦୁଇ ମୃତ

ଲକ୍ଷ୍ମୀପୁର/ବନ୍ଧୁଗାଁ, (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ନିଲବାଡି ଠାରେ ଚାଲିଥିବା ଦକ୍ଷିଣ ଓଡ଼ିଶା ପ୍ରସିଦ୍ଧ ଅଗ୍ନୀଗଙ୍ଗା ମା'ଙ୍କ ଯାତ୍ରା ଦେଖିବାକୁ ଚଳିତ ବର୍ଷ ଓଡିଶା ଓ ଆନ୍ଧ୍ର ପ୍ରଦେଶର ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଏତେ ଭକ୍ତଙ୍କ ମଧ୍ୟରେ ମାତ୍ର ଦୁଇଜଣ ଙ୍କ ପାଇଁ ଏହି ଯାତ୍ରା ଶେଷ ଯାତ୍ରାରେ ପରିଣତ ହେଲା। ରାୟଗଡା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ ସାନ ଚାନ୍ଦିଲି ଗ୍ରାମର ବି.ଭି.ପ୍ରସନ୍ନ କୁମାର ବାଇକ ଧରି ଯାତ୍ରା ଦେଖିବାକୁ ଆସି ଏକ ନିର୍ମାଣଧୀନ ବ୍ରିଜ ଉପରୁ ତଳେ ପଡି ମୃତ୍ୟୁବରଣ କରିଛନ୍ତି। ସେହିପରି ବନ୍ଧୁଗାଁ ଥାନା ଲୁଣ୍ଡୁରୁକଣା ଗାଁର ଜଣେ ଯୁବକ ସେଙ୍କାରାଓ ପିଡିକା ଯାତ୍ରା ଦେଖି ଅପରାହ୍ନରେ ଘରକୁ ଏକ ଟାଟା ମେଜିକ ଗାଡ଼ି ରେ ଫେରୁଥିବା ବେଳେ ଅଧା ରାସ୍ତାରେ ଗାଡ଼ିରୁ ଖସି ପଡ଼ିଥିଲେ। ଫଳରେ ତାଙ୍କର କାନ ଓ ନାକ ପଟରୁ ରକ୍ତଶ୍ରାବ ହେଉଥିବା ଦେଖି ତାଙ୍କୁ ରାୟଗଡା ଜିଲ୍ଲା ଦାକତାରଖାନାକୁ ପରିବାର ନେଇଥିଲେ। ସେଠାରେ ଗୋଟିଏ ଦିନ ରହିବା ପରେ ବୁଧବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ବନ୍ଧୁଗାଁ ଥାନାରେ ଦୁଇଟି ମାମଲା ରୁଜୁ କରି ପୋଲିସ ଶବ ବ୍ୟବଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି।

## 'ମିଶନ ବାତ୍ସଲ୍ୟ' ଶିଶୁ ଓ ପରିବାରଙ୍କୁ ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତି କର୍ମଶାଳା



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ମିଶନ ଶକ୍ତି ସଭା ଗୃହ ପରିସରରେ ମିଶନ ବାତ୍ସଲ୍ୟ ଯୋଜନା ଅନ୍ତର୍ଭୁକ୍ତ ହିତାଧିକାରୀ ଶିଶୁ ଓ ପରିବାର ବର୍ଗଙ୍କୁ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଆନୁକୂଲ୍ୟରେ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବଦତ୍ତ ଦାଶଙ୍କ ଆବାହତ୍ୱକରେ ଅନୁଷ୍ଠିତ କର୍ମଶାଳାରେ ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକ, ସ୍ୱାସ୍ଥ୍ୟ ବିଭାଗରୁ ଡ଼ା.ଜ୍ୟୋତିପ୍ରକାଶ ସ୍ୱାଇଁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସାନ୍ତ୍ୱନା ଦାସ, ସିଡ଼ିପିଓ ରୀତା ମାଝୀ, ଥାନାଧିକାରିଣୀ ଇଭାରାଣୀ ପରିଡ଼ା, ବିପିଏମ ଶ୍ରୀକାନ୍ତ ଜେନା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସଞ୍ଜୟ କୁମାର ଚାନ୍ଦ ପ୍ରମୁଖ ଯୋଗଦାନ କରି ହିତାଧିକାରୀ ଶିଶୁ ଓ ପରିବାର ବର୍ଗଙ୍କ ରାସନ କାର୍ଡ, ଘରବାଡ଼ି, ଭତ୍ତା ଭଳି ବହୁ ସମସ୍ୟା ଉପରେ ମତ ରଖିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ ମିଶନ ବାତ୍ସଲ୍ୟ ଯୋଜନାରେ ଥିବା ପୃଷ୍ଠପୋଷକତା ଯୋଜନା, ଆଶୀର୍ବାଦ, ଯଶୋଦା ଭଳି ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏତଦଭିନ୍ନ ଅବହେଳିତ, ଅସୁରକ୍ଷିତ ଶିଶୁମାନଙ୍କୁ ତ୍ୱରିତ ସେବା ଏବଂ ଥଇଥାନ ନିମନ୍ତେ ଚାଇଲ୍ଡ ହେଲ୍ପ ଲାଇନ (୧୦୯୮) ନମ୍ବର ବିଷୟରେ ଅବଗତ କରିଥିଲେ। ସୁରକ୍ଷା ଅଧିକାରିଣୀ ଅଣ ଆନୁଷ୍ଠାନିକ ସ୍ୱାଗତିକା ବାରିକ ବିଭିନ୍ନ ସହାୟତା ରାଶି ଏବଂ ତାର ବିନିଯୋଗ ସମ୍ବନ୍ଧରେ ଉଲ୍ଲେଖ କରିଥିଲେ। ଏହି ସଭାରେ ବହୁ ହିତାଧିକାରୀ ଶିଶୁ ଓ ଅଭିଭାବକ, ସୁପର ଭାଇଜର, ମିଶନ ଶକ୍ତି ମହିଳା ସମେତ ବ୍ଲକ ସ୍ତରର ବିଭିନ୍ନ ବିଭାଗର ଅଧିକାରୀ ଯୋଗଦାନ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଧନ୍ୟବାଦ ଅର୍ପଣ କରିଥିଲେ।

## ରାସ୍ତା କାମରେ ନିୟୋଜିତ ରୋଲର ପୋଡିଲେ ଦୁର୍ବୃତ୍ତ

କୋରୁକୋଣ୍ଡା, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ଥାନା ଅଧୀନ ପୋଟ୍ରେଲ ଛକ ନିକଟ ତେନ୍ତୁଳି ଗୁଡା ଠାରେ ରାସ୍ତା କାମରେ ନିୟୋଜିତ ଥିବା ରୋଲର ଗାଡିକୁ କେହି ଦୁର୍ବୃତ୍ତ ପୋଡି ଦେଇଥିବା ଦେଖିବାକୁ ମିଳିଛି। ସୂଚନା ଥାଉକି ମାଲକାଗିରି ଠାରୁ ବାଲିମେଳା ପର୍ଯ୍ୟନ୍ତ ରାସ୍ତା କାମ ମାଲକାନଗିରି ବିଏନଏସ ଠିକା ସଂସ୍ଥା କାମ କରୁଥିବା ବେଳେ ବର୍ତ୍ତମାନ ପୋଟ୍ରେଲ ଠାରୁ ବାଲିମେଳା ପର୍ଯ୍ୟନ୍ତ କାମ ଚାଲୁ ରହିଛି। ଗତ ୧୬ତାରିଖ ରାତିରେ ଉକ୍ତ ସଂସ୍ଥାର ଏକ ରୋଲର ଗାଡି ନଂ- ସିଜି ୧୭କେଇଉ ୭୮୪୬ କେହି ଦୁର୍ବୃତ୍ତ ପୋଡିଦେଇଛନ୍ତି ଏନେଇ କୋରୁକୋଣ୍ଡା ଥାନରେ ସଂସ୍ଥା ତରଫରୁ ଏକ ଲିଖିତ ଭାବେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ କେଶ ନଂ ୩୯/୧୭.୩. ୨୫ ଧାରା ୩୨୪/୫, ୩୨୬/୧ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିବା କହିଛନ୍ତି ଥାନା ଅଧିକାରୀ ହିମାଂଶୁ ଶେଖର ବାରିକ। ଏହାର ତଦନ୍ତ ଭାର ଏଏସଆଇ ସଞ୍ଜୀବ ଖରାଙ୍କୁ ଦିଆଯାଇଛି ଏବଂ ବହୁ ଶୀଘ୍ର ଦୋଷୀକୁ ଧରାଯିବ ବୋଲି ବାରିକ କହିଛନ୍ତି।

# ଖୋଳାଯାଇଥିବା ଗାତରେ ପଡ଼ି ୭ ବର୍ଷର ଶିଶୁ ମୃତ

ଶୁଳିଆପଦା, (ଭାସ୍କର ନ୍ୟୁଜ): ପେଟ୍ରୋଲ ପମ୍ପ ନିର୍ମାଣର ପିଲର୍ ପାଇଁ ଖୋଳା ଯାଇଥିବା ଗାତରେ ପଡି ଜଣେ ୭ ବର୍ଷ ଶିଶୁର ମୃତ୍ୟୁ ଘଟିଛି। ଏଭଳି ଦୁଃଖଦ ଘଟଣା ଘଟିଛି ଶୁଳିଆପଦା ବ୍ଲକ୍ ଦେଉଳି ନିକଟସ୍ଥ ମସିଣାକାଠୀ ଗ୍ରାମରେ। ସୂଚନା ମୁତାବକ ଗତକାଲି ଗାଁରେ ଏକୋଇଶା ପାଳନ ପାଇଁ ଡୁବୁଲ୍ ନାଚ ସହିତ ମାଇକ୍ ବଜାଇ ସମସ୍ତେ ମସ୍ତି କରୁ ଥିବାବେଳେ ଗ୍ରାମର ଜଗନ୍ନାଥ ହେମ୍ବ୍ରମଙ୍କ ୭ ବର୍ଷର ପୁଅ ଅର୍ଜୁନ କାଲି ୪ଟା ଠାରୁ ନିଖୋଜ ଥିଲା। ଘରଲୋକ ଖୋଜାଖୋଜି କରି ପାଇନଥିଲେ। ଆଜି ସକାଳୁ ଘର ପାଖରେର ନୂତନ ପେଟ୍ରୋଲ ପମ୍ପନିର୍ମାଣ ପାଇଁ ଖୋଳା ଯାଇଥିବା ପିଲର୍ ଗାତରେ କାଦୁଅ ସଲବଲ ଅବସ୍ଥାରେ ଦେଖିବାକୁ ପାଇଥିଲେ। ମାତ୍ର ସେତେବେଳକୁ ପିଲାଟିର ମୃତ୍ୟୁ ହୋଇ ସାରିଥିଲା। ଗାତ ଖୋଳି ମାଟି ବସିବା ପାଇଁ ଗାତରେ ପାଣି ଦେଇଥିଲେ। ପିଲାଟି ଖେଳୁଖେଳୁ ଗାତରେ ପଡି ଯାଇଥିବା ଅନୁମାନ କରାଯାଉଛି। ଖବର ପାଇ ଗ୍ରାମରକ୍ଷୀ ଅଜମ୍ବର ପୁଷ୍ଟି ସ୍ଥାନୀୟ ଜମ୍ବିରା ଫାଣ୍ଡି ଓ ଚାନ୍ଦୁଆ ଥାନାକୁ ଖବର ଦେଇଥିଲେ। ଖବର ପାଇ ଚାନ୍ଦୁଆ ଥାନା ଅଧିକାରୀ ମଧୁସୂଦନ ଦତ୍ତ, ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ମାଝି ଓ ଷ୍ଟାଫ୍ ଘଟଣା ସ୍ଥଳରେ ପହଞ୍ଚି ଶୁଳିଆପଦା ତହସିଲଦାର ନାରାଣ ହେମ୍ବ୍ରମଙ୍କୁ ଖବର ଦେଇଥିଲେ। ତହସିଲଦାର ଘଟଣା ସ୍ଥଳରେ ପହଞ୍ଚିବା ପରେ ତାଙ୍କ ଉପସ୍ଥିତିରେ ମୃତଦେହ ଉଠାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଏନେଇ ଚାନ୍ଦୁଆ ଥାନାରେ ମାମଲା ରୁଜୁ ହୋଇଛି।

# ଚଣ୍ଡିଖୋଲ ମେଳଣ ଉଦ୍‌ଯାପିତ

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲାର ସର୍ବପୁରାତନ ଚଣ୍ଡିଖୋଲ ଛକ ରାଧାକୃଷ୍ଣ ମେଳଣ ଉଦ୍‌ଯାପିତ ହୋଇଯାଇଛି। ଏଠି ଆଖପାଖ ଅଞ୍ଚଳର ୨୫ରୁ ଉର୍ଦ୍ଧ୍ୱ ବିମାନ ଯୋଗ ଦେଇଥିଲେ। ମେଳଣ କମିଟି ପକ୍ଷରୁ ମଙ୍ଗଳବାର ରାତ୍ରରେ ମେଲୋଡି ଓ ଆତୋଷବାଜି କରାଯାଇଥିଲା। ବୁଧବାର ସକାଳୁ ବିମାନଗୁଡିକ ସଜବାଜ ହୋଇ କୀର୍ତ୍ତନ, ବାଜା, ଘୋଡାନାଚ, ବାଜା ଆଦି ମାନ କରି ଶୋଭାଯାତ୍ରାରେ ଆସିଥିଲେ। ସୁଙ୍ଗୁଡ଼ ଲଛମନ ବାଲାଜୀ ମଠ ଠାକୁର ଥାନ ପତି ଭାବେ ବସିବା ପରେ ରାନିବନ୍ଧୀ, ଖଣ୍ଡିଆ ବନ୍ଧୀ, ମହାଖଳା, ଭୂଷଣ୍ଡପୁର, ଚଉରପଡା, ସୁନ୍ଦୁରିଆ, ବାଲିଗରୀ, ଖଟୁଆପଡା, ଆଦି ବିମାନ ଗୁଡିକ ଯୋଗ ଦେଇଥିଲେ। ବିମାନ ଗୁଡିକ ବସିବା ପରେ କମିଟି ପକ୍ଷରୁ ଭୋଗ ଓ ବିଦାକି କରାଯାଇଥିଲା। କମିଟିର ମୁଖ୍ୟ କ୍ଷୀରୋଦ ମାହାଲା, ରବୀନ୍ଦ୍ର ରାଉତ, ଅବିନାଶ ଜେନା, ମନମୋହନ ରାଉତ, ମାନଗୋବିନ୍ଦ ଦାଶ, ପ୍ରଭାସ ଜେନା, ପ୍ରତାପ ନାୟକ, ପ୍ରଭାକର ଜେନା, ଜନ୍ମେଜୟ ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ୫୦ହଜାରରୁ ଉର୍ଦ୍ଧ୍ୱ ଜନସମାଗମ ହେବାଶହ ବହୁ ଦୋକାନ ବଜାର ଦେଖିବାକୁ ମିଳିଥିଲା। ବଡ଼ଚଣା ଓ ଚଣ୍ଡିଖୋଲ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ବ୍ୟବସ୍ଥା କରାଯାଇଥିଲା।

## ପୋଲିସକୁ ସୂଚନା ନଦେଇ ଝୁଲନ୍ତା ମୃତ ଦେହକୁ ପୋଡ଼ିଦେଲେ

ଧାମନଗର, (ଭାସ୍କର ନ୍ୟୁଜ): ଧାମନଗର ବ୍ଲକ ଅନ୍ତର୍ଗତ ଧୁଷୁରୀ ଥାନା ଅଧିନ କୋଠାର ପଞ୍ଚାୟତ ବଡ ପୋଖରୀ ଆଡି ରେ ରହୁଥିବା ବିଜୁ ଦାସଙ୍କ ପୁଅ ଶକ୍ତି ଦାସ ୧୮ ବର୍ଷ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ହୋଲି ଦିନ ରଙ୍ଗ ଖେଳ ଚାଲିଥିବା ବେଳେ ପୋଖରୀ ଆଡ଼ିରେ ଥିବା ଏକ ଗଛରେ ଶକ୍ତିର ମୃତ ଦେହ ଝୁଲୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ମଧ୍ୟ ରହିଥିଲା। ହେଲେ ପରିବାର ଲୋକେ ଡାକ୍ତରଖାନା କିମ୍ବା ପୋଲିସକୁ ସୂଚନା ନଦେଇ ତରବରିଆ ଭାବେ ନିକଟ ମଶାଣିରେ ପୋଡ଼ି ଦେଇଥିଲେ। ଯାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସୂଚନା ଥାଉ କି ଶକ୍ତି ଦାସ ଏକ ଯୁବତୀଙ୍କ ସହିତ ପ୍ରେମ ହୋଇଥିଲା। ହୋଲି ପୂର୍ବଦିନ ଏହାକୁ ନେଇ ପରିବାର ପକ୍ଷରୁ ଝଗଡ଼ା ମଧ୍ୟ ହୋଇଥିଲା। ଏହି ଝଗଡ଼ା ଉଗ୍ରରୂପ ନେଇଥିଲା। ତା ପରଦିନ ଶକ୍ତିର ମୃତଦେହ କୋଠାରବଡ ପୋଖରୀ ଆଡ଼ିରେ ଥିବା ଏକ ଗଛରୁ ଉଦ୍ଧାର କରାଯାଇଥିଲା। ହେଲେ ଖବର ପ୍ରଘଟ ହେବା ପୂର୍ବରୁ ତରବରିଆଭାବେ ପୋଡି ଦେଇଥିଲେ। ପୋଲିସକୁ ଖବର ଦେଇ ନଥିଲେ କି ଶବ ବ୍ୟବଚ୍ଛଦ କରିବାକୁ ନେଇନଥିଲେ। ଯାହାକୁ ନେଇ ପରିବାର ଲୋକଙ୍କ ଉପରେ ସନ୍ଦେହ ସୃଷ୍ଟିହୋଇଛି। ତେବେ ଏନେଇ ଶକ୍ତିର ମା' କୁହନ୍ତି କି ପୁଅ ହୋଲି ଦିନ ହୃଦଘାତ ହୋଇଯାଇ ମୃତ୍ୟୁହୋଇଛି। ଅନ୍ୟପକ୍ଷେ ଧୁଷୁରୀ ଥାନା ଅଧିକାରୀ ଶାନ୍ତନୁ ଜେନାଙ୍କୁ ପଚାରିବାରୁ କୁହନ୍ତି କି ଆମ ପାଖରେ କୌଣସି ଅଭିଯୋଗ ପହଞ୍ଚି ନାହିଁ।

# ଆନନ୍ଦ ବଜାରରେ ଲଉଡ଼ି ଖେଳ ଓ ଉଗାଳ ପ୍ରତିଯୋଗିତା



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ସାହାପୁର ପଞ୍ଚାୟତର ଗିରି ଗୋବର୍ଦ୍ଧନ ପଞ୍ଚ ମୌଜା କମିଟି ପକ୍ଷରୁ ଆନନ୍ଦ ବଜାରରେ ୪୮ତମ ଗିରିଗୋବର୍ଦ୍ଧନ ପୂଜା ଅବସରରେ ଲଉଡ଼ି ଖେଳ ଓ ଉଗାଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କମିଟିର ସଭାପତି ପ୍ରଦୀପ ବେହେରାଙ୍କ ପୌରୋହିତ୍ୟ ଓ ବ୍ଲକ ସହସମ୍ପାଦ ପ୍ରତାପ ମହାକୁଡ଼ଙ୍କ ସଂଚାଳନରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ନିଖିଳ ଓଡ଼ିଶା ଯାଦବ ମହାସଂଘର ଜିଲା ଉପସଭାପତି ଗଜେନ୍ଦ୍ର ବାରିକ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ସୁରେଶ ମହାକୁଡ଼, ସମ୍ମାନିତ ଅତିଥି ଭାବେ ବ୍ଲକ ସଂଘ କୋଷାଧ୍ୟକ୍ଷ ଉମାକାନ୍ତ ପରିଡ଼ା, ଗଙ୍ଗାଧର ପଡ଼ିହାରୀ ପ୍ରମୁଖ ଯୋଗଦେଇ ଯାଦବ ସଂଘ ଲଉଡ଼ିଖେଳ ଓ ଉଗାଳ ପ୍ରତିଯୋଗିତା ମାଧ୍ୟମରେ ସଂସ୍କୃତି ଓ ପରମ୍ପାରକୁ ବଜାଇ ରଖିଛି ବୋଲି କହିଥିଲେ। ଶେଷରେ ସମ୍ପାଦକ ସନ୍ତୋଷ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରତିଯୋଗିତାରେ ୫ଟି ଉଗାଳ ଦଳ ଅଂଶଗ୍ରହଣ କରିଥିବା ବେଳେ ବାସୁଦେବପୁର ସୁରେଶ୍ୱରପୁରର ବଂଶୀବାଦକ ଦଳ ପ୍ରଥମ, ଇରମ ଯାଦବ ସଂଘ ଦ୍ୱିତୀୟ, ଖେଡୁଆଳପୁର ଯାଦବ ସଂଘ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଘଣ୍ଟେଶ୍ୱର ଭିଇଁପୁର ଯାଦବ ସଂଘ ଓ ସାହାପୁର ଯାଦବ ସଂଘର ଉଗାଳ ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପୂର୍ବତନ ସମ୍ପାଦକ ଶ୍ରୀକାନ୍ତ ମଲ୍ଲିକ, ଶଶିକାନ୍ତ କବି, ଜଗନ୍ନାଥ ମହାକୁଡ଼, ଅନନ୍ତ ବେହେରା, ଆଲୋକ ବାରିକ, କମଳାକାନ୍ତ ବେହେରା, ବସନ୍ତ ମହାକୁଡ଼, ଲକ୍ଷ୍ମଣ ଭଂଜ, ପ୍ରଦୀପ ମଲ୍ଲିକ, ପ୍ରଭାକର ବାରିକ, ଶରତ ପରିଡ଼ା, ଭଜଗୋବିନ୍ଦ ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସରକାରୀ ଜମି ଦଖଲ କରି କୋଠା ନିର୍ମାଣ ଅଭିଯୋଗ


କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ସହର କାକଟ ମୌଜାରେ ସରକାରୀ ଜମିକୁ ଦଖଲକରି ଗୃହ ନିର୍ମାଣ କରିଥିବା ହେମନ୍ତ ସାହୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉଚ୍ଚ ନ୍ୟାୟାଳୟ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୪ସପ୍ତାହ ମଧ୍ୟରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ତାହାର ତଥ୍ୟ ଉଚ୍ଚ ନ୍ୟାୟାଳୟରେ ଦାଖଲ କରିବା ପାଇଁ କୋର୍ଟ ନିର୍ଦ୍ଦେଶରେ ଉଲ୍ଲେଖ କରିଛନ୍ତି। କାକଟ ଅଞ୍ଚଳର ଅନୁସୟା ପୃଷ୍ଟି ଉଚ୍ଚ ନ୍ୟାୟାଳୟରେ ହେମନ୍ତ ସାହୁଙ୍କ ବିରୋଧରେ ଏକ ରିଟ ପିଟିସନ ଦାଖଲ କରିଥିଲେ। ସେଥିରେ ସେ ଉଲ୍ଲେଖ କରିଥିଲେ ସାଧାରଣ ଜନତାଙ୍କ ପାଇଁ ଜଳ ନିଷ୍କାସନ ଓ ରାସ୍ତା ଅଭିବୃଦ୍ଧି ନିମନ୍ତେ ଉଦ୍ଦିଷ୍ଟ ଜଳସେଚନ ବିଭାଗର ଏକ ଜମିକୁ ଜୋର ଦବରଦସ୍ତ ହେମନ୍ତ ସାହୁ ଅବରୋଧ କରି ସେହି ଜମି ଉପରେ କୋଠା ନିର୍ମାଣ କରୁଛନ୍ତି। ସାହୁଙ୍କ ଅଭିଯୋଗ ହେଉଛି ହେମନ୍ତ ସାହୁ ତାଙ୍କ କୋଠାଟି ସରକାରୀ ଜମି ଓ ରାସ୍ତାକୁ ଅବରୋଧ କରି ନିର୍ମାଣ କରୁଥିବାରୁ ସେହି ରାସ୍ତା କଡରେ ଥିବା ଶିବ ମନ୍ଦିର ଓ ବିମ୍ବଳାଇ ମନ୍ଦିରକୁ ଲୋକମାନେ ଯିବା ଆସିବା କରିବାରେ ଗୁରୁତର ବାଧା ଉପୁଜିଛି। ଏସମ୍ପର୍କରେ ତତ୍କାଳୀନ ଜିଲ୍ଲାପାଳଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଏକ ଲିଖିତ ଅଭିଯୋଗ କରାଯାଇଥିଲେବି କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ତେଣୁ ସାହୁ ଏହା ବିରୋଧରେ ଓଡିଶା ଉଚ୍ଚ ନ୍ୟାୟାଳୟରେ ଏକ ରିଟ ପିଟିସନ ଦାଖଲ କରିଥିଲେ। ସେହି ରିଟ ପିଟିସନର ବିଚାର କରି ଉଚ୍ଚ ନ୍ୟାୟାଳୟ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ଉପରୋକ୍ତ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।



ଡେରାବିଶ(ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଚାଟରାଚକଡ଼ା ପଂଚାୟତ ଅନ୍ତର୍ଗତ ଅଁଳାବାଙ୍କ ସ୍ଥିତ 'ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୋଟାଲ୍ ଫିଟନେସ୍ ଆଣ୍ଡ ଷ୍ଟ୍ରେସ୍ ମ୍ୟାନେଜମେଣ୍ଟ'ର ଛାତ୍ରମାନେ ଓଡ଼ିଶା ପୋଲିସ ବିଭାଗରେ ଚାକିରୀ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବାରୁ ଅନୁଷ୍ଠାନ ତରଫରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାଛଡ଼ା ଏହି ଅନୁଷ୍ଠାନର ତିନି ଛାତ୍ର ଅନ୍ୟଙ୍କୁ ବଂଚାଇବା ପାଇଁ ନିଜେ ରକ୍ତ ଦାନ କରିବାର ମହତ ସେବା ପାଇଁ ସେମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାରୁ ପ୍ରକାଶ ଏହି ଅନୁଷ୍ଠାନରେ ପଢୁଥିବା ଛାତ୍ରଛାତ୍ରୀମାନେ ନିଜେ ବଂଚିବାର ରାହା ଖୋଜିବା ସହିତ ଅନ୍ୟକୁ ବଂଚାଇବାରେ ନିଜକୁ ଉତ୍ସର୍ଗ କରିବା ପାଇଁ ପ୍ରେରଣା ମିଳିଥାଏ। ଏହିକ୍ରମରେ ଚଳିତ ବର୍ଷ ଅନୁଷ୍ଠାନର ତିନି ଛାତ୍ର ଉପେନ୍ଦ୍ର ମହଲା, ପରେଶ ଦାସ ଓ ଜିତେନ୍ଦ୍ର କୁମାର ସାହୁ ପୋଲିସ ବିଭାଗରେ ଚାକିରୀ ପାଇଁ ଯୋଗ୍ୟ ବିବେଚିତ ହୋଇଥିବାରୁ ଓ ଜଣେ ଅସହାୟ ମୁମୂର୍ଷୁ ରୋଗୀର ଚିକିତ୍ସା ପାଇଁ ଅନୁଷ୍ଠାନର ତିନିଜଣ ଛାତ୍ର ମନୋଜ କୁମାର ପ୍ରଧାନ, ଅଭିଜିତ ବେହେରା ଓ ଲଛମନ ସାହୁ ରକ୍ତଦାନ କରିଥିବାରୁ ଏ ସମସ୍ତଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ତେଜେଶ୍ୱର ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗଦେଇ ସମ୍ବର୍ଦ୍ଧିତ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଆଶୀର୍ବାଦ କାମନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଉପଦେଷ୍ଟା କାଙ୍ଗାଳି ଚରଣ ବାରିକ, ନାରାୟଣ ଜେନା, ଡାକ୍ତର ମନୋଜ କୁମାର ମହଲା, କୃଷ୍ଣଚନ୍ଦ୍ର ବେହେରା, ଅଭିମନ୍ୟୁ ଲେଙ୍କା, ଅକ୍ଷୟ ସାହୁ, ବୀରବର ପାତ୍ରଙ୍କ ସମେତ ଅନୁଷ୍ଠାନର ବହୁ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ। ଏହି ଉତ୍ସବକୁ ଅନୁଷ୍ଠାନର ପ୍ରତିଷ୍ଠାତା ଓ ପରିଚାଳକ ସୁବେଦାର ମେଜର ବ୍ରଜକିଶୋର ସାହୁ ପରିଚାଳନା କରିଥିବା ବେଳେ ଶୋନିତା ସାହୁ ଓ ଏସ୍. ମଣ୍ଡଳ ସହଯୋଗ କରିଥିଲେ।

# ଲୋକସଭାରେ ରେଳବାଇ ଆଲୋଚନା

## କେନ୍ଦୁଝର ସମ୍ପର୍କିତ ଦାବି ଉପସ୍ଥାପନ କଲେ ସାଂସଦ



କେନ୍ଦୁଝର(ଭାସ୍କର ନ୍ୟୁଜ୍): ଲୋକସଭାରେ ରେଳବାଇ ସମ୍ପର୍କରେ ଆଲୋଚନାରେ ଅଂଶଗ୍ରହଣ କରି ଅନନ୍ତ ନାୟକ କହିଥିଲେ ଯେ, ଆନନ୍ଦପୁର ଓ ଭଦ୍ରକ ମାଧ୍ୟମରେ ଟାଙ୍ଗିରିଆପାଳରୁ ଧାମରା ଯାଏ ନୂଆ ରେଳ ଲାଇନ ସ୍ଥାପନା କରାଯାଉ। ଏହା ଦ୍ୱାରା ଏହି ଅଂଚଳରେ ଶିଳ୍ପ ଓ କୃଷିକୁ ପ୍ରୋତ୍ସାହନ ମିଳିବା ସହ ବନ୍ଦର ଆଧାରିତ ବାଣିଜ୍ୟକୁ ଲାଭ ମିଳିବ। ଏହା ଦ୍ୱାରା ଓଡିଶାର ଆର୍ଥିକ ବିକାଶରେ କ୍ଷୀପ୍ର ଗତିରେ ହୋଇ ପାରିବ। ଶ୍ରୀ ନାୟକ କହିଥିଲେ ଯେ ହାଓଡା – ବଡବିଲ ଜନ ଶତାବ୍ଦୀ ଏକ୍ସପ୍ରେସକୁ କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟ ପର୍ଯ୍ୟନ୍ତ ବର୍ତମାନ ସଂଯୋଗ ନ ଥିବା କାରଣକୁ ଲୋକ ମାନେ ହଇରାଣ ହେଉଛନ୍ତି। ତେଣୁ ଏହି ଟ୍ରେନକୁ କେନ୍ଦୁଝର ପର୍ଯ୍ୟନ୍ତ ସଂପ୍ରସାରିତ କରାଯାଉ। ଶ୍ରୀ ନାୟକ ପୁରୀ- ବଡବିଲ ଟ୍ରେନକୁ କେନ୍ଦୁଝରର ଅଧିଷ୍ଠାତ୍ରୀ ଦେବୀ ମା ତାରିଣୀ ଏକ୍ସପ୍ରେସ ଭାବେ ନାମିତ କରିବାକୁ ଦାବି କରିଥିଲେ। ଶ୍ରୀ ନାୟକ ପୁରୀ – ବଡବିଲ ଏକ୍ସପ୍ରେସରେ ଏସି କୋଚ ସଂଖ୍ୟା ବୃଦ୍ଧି କରାଯିବା ଓ କେନ୍ଦୁଝରରୁ ବାଲେଶ୍ୱର ଭାୟା ଯାଜପୁର ରୋଡ ଦେଇ ମେମୁ ଟ୍ରେନ ଚଳାଯିବାକୁ ଦାବି କରିଥିଲେ। ସେ କହିଥିଲେ ଯେ, କେନ୍ଦୁଝର ଦେଇ ନୂଆଦିଲ୍ଲୀକୁ ଚଳା ଯାଉଥିବା ଟ୍ରେନ ବର୍ତ୍ତମାନ ସପ୍ତାହରେ ଦିନେ ଯାଉଛି। ଏହାକୁ ଅତି କମରେ ସପ୍ତାହରେ ଦୁଇ ଦିନ ଚଳାଯାଉ। ଶ୍ରୀ ନାୟକ ତାଙ୍କ ଭାଷଣରେ କହିଥିଲେ ଯେ ରାଇସୁଆଁ ରେଳ ଷ୍ଟେସନରେ ଷ୍ଟପେଜ କରାଯାଉ ଯାହାଫଳରେ କେନ୍ଦୁଝର ସଦରର ଲୋକମାନେ ଉପକୃତ ହେବେ। ଶ୍ରୀ ନାୟକ କହିଥିଲେ ଯେ, ବ୍ରହ୍ମପୁର- ଟାଟା ନଗର ବନ୍ଦେ ଭାରତ ଟ୍ରେନର ବର୍ତମାନ ସମୟ ଲୋକ ମାନଙ୍କ ଯିବା ଆସିବା ପାଇଁ ଉପଯୁକ୍ତ ହେଉନାହିଁ। ଏହି କାରଣରୁ ଏହି ଟ୍ରେନର ଲାଭ ଲୋକମାନଙ୍କୁ ମିଳି ପାରୁ ନାହିଁ। ତେଣୁ ସମୟରେ ପରିବର୍ତନ କରାଯାଉ ବୋଲି ସେ ଦାବି କରିଥିଲେ। ଶ୍ରୀ ନାୟକ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟକାଳରେ ରେଳବାଇ ଭିତିଭୂମି ବିକାଶ କ୍ଷେତ୍ରରେ ପ୍ରଚୁର ଅର୍ଥରାଶି ଖର୍ଚ କରାଯାଉଛି। ଆଗାମୀ ଦିନରେ ଏହାର ସୁଫଳ ଦେଖିବାକୁ ମିଳିବ। ଦୁର୍ଘଟଣାକୁ ରୋକିବା ପାଇଁ ଭିତିଭୂମି ବିକାଶ କରାଯିବା ସହ ବନ୍ଦେ ଭାରତ ଭଳି ଟ୍ରେନ ଚଳାଯାଇ ସାରା ଦେଶରେ କନେକ୍ଟିଭିଟିକୁ ବଢାଇବା ପାଇଁ ଯେଉଳି ଭାବେ ପଦକ୍ଷେପ ଗ୍ରହଣ କରାଯାଇଛି ତାହା ଅଭୂତପୂର୍ବ। ଏହି କାର୍ଯ୍ୟ ପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଦେଇଥିଲେ।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ



ଆଳି (ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଅଧିନସ୍ଥ 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା'ରେ ୧୦୫ ଜଣ ବରିଷ୍ଠ ତୀର୍ଥଯାତ୍ରୀ କେନ୍ଦ୍ରାପଡା ଟାଉନ ହଲ ଠାରୁ ଅଯୋଧ୍ୟା – ବାରଣାସୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଏହି ଉପଲକ୍ଷେ ଅପରାହ୍ଣ ୦୩.୦୦ ଘଟିକା ସମୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଟାଉନ ହଲଠାରେ ବରିଷ୍ଠ ନାଗରିକଙ୍କ ପଞ୍ଜୀକରଣ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ଓ ସ୍ୱାସ୍ଥ୍ୟ ଯାଞ୍ଚରେ ଯୋଗ୍ୟ ବିବେଚିତ ହୋଇଥିବା ବରିଷ୍ଠ ନାଗରିକମାନେ ତୀର୍ଥଯାତ୍ରା ପାଇଁ ଉଦ୍ଦିଷ୍ଟ ବସ୍ ଯୋଗେ ଯାତ୍ରା ଆରମ୍ଭ ପାଇଁ ବସିଥିଲେ ଓ ଏମାନଙ୍କ ମଧ୍ୟରେ ୨୭ ବରିଷ୍ଠ ଦମ୍ପତି ଓ ୫୧ ଜଣ ବରିଷ୍ଠ ନାଗରିକ ରହିଥିବା ବେଳେ ପୁରୁଷଙ୍କ ସଂଖ୍ୟା ୫୬ ଓ ମହିଳାଙ୍କ ସଂଖ୍ୟା ୪୯ ରହିଛି ଓ ସୂଚନାଯୋଗ୍ୟ ଯେ, ସେମାନେ ଏଠାରୁ ଯାଇ ଭୁବନେଶ୍ୱର ୟୁନିଟ – ୯ ସ୍ଥିତ ବାଳକ ଉଚ୍ଚ ବିଦ୍ୟାଳୟଠାରେ ରାତ୍ରି ବିଶ୍ରାମ କରିବାର ଆୟୋଜନ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଛି ଓ ଆସନ୍ତା କାଲି ତା. ୧୯.୦୩.୨୦୨୫ ରିଖ ପୂର୍ବାହ୍ଣ ୧୧.୪୫ ଘଟିକା ସମୟରେ ଭୁବନେଶ୍ୱର ରେଳ ଷ୍ଟେସନଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଶୁଭ ଉଦ୍ଘାଟନ ପରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଟ୍ରେନ ଯୋଗେ ସମସ୍ତ ତୀର୍ଥଯାତ୍ରୀ ଅଯୋଧ୍ୟା – ବାରଣାସୀ ଅଭିମୁଖେ ଯାତ୍ରା ଆରମ୍ଭ କରିବେ। ଏହି ଯାତ୍ରାର ସମୟସୀମା ମାର୍ଚ୍ଚ ୧୯ରୁ ଆରମ୍ଭ ହୋଇ ମାର୍ଚ୍ଚ ୨୪ ତାରିଖରେ ଶେଷ ହେବ। କେନ୍ଦ୍ରାପଡାରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ ସମୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରୂପାଲୀ ପ୍ରିୟଦର୍ଶିନୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧିକାରୀ ତ୍ରିଭୁବନ ଜୟସିଂହ, ବରିଷ୍ଠ ତୀର୍ଥଯାତ୍ରୀ ଓ ତାଙ୍କ ପରିବାର ସଦସ୍ୟ, କର୍ମକର୍ତ୍ତା ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଯୁକ୍ତ ୪ ଜଣ ଏସ୍କର୍ଟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଶିଶୋ କଳ୍ପବଟ ଠାରେ ଲଉଡ଼ି ମହୋତ୍ସବ



ଫୁଲନଖରା (ଭାସ୍କର ନ୍ୟୁଜ୍): ବାରଙ୍ଗ ବ୍ଲକ ହରିଅନ୍ତା ପଞ୍ଚାୟତ ଅନ୍ତର୍ଗତ ଶିଶୋ କଳ୍ପବଟ କଳାକାହ୍ନୁ ଯାଦବ ସଂଘ ପକ୍ଷରୁ ୫୫ ବର୍ଷ ପୂର୍ତ୍ତି ଉପଲକ୍ଷେ ବାର୍ଷିକ ଲଉଡି ଉତ୍ସବ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଶିଶୋ ଗ୍ରାମର ଆରାଧ୍ୟ ଦେବ ପ୍ରଭୁ ଶ୍ରୀ ରାଧାମୋହନଙ୍କ ଠାରୁ ଆଜ୍ଞାମାଳ ପାଇ ନିମନ୍ତ୍ରିତ ଲଉଡି ଗ୍ରୁପ ବ୍ରାହ୍ମଣବାଡ଼ି,ରାୟ ରଘୁନାଥପୁର,ହାଜିପୁର ଓ ପୁରଣ ଲଉଡି ଗ୍ରୁପ କଳାକାରମାନେ ଲଉଡି ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନ ପକ୍ଷରୁ ସମସ୍ତ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। କଳ୍ପବଟ ଲଉଡି ସଂଘର ସଭାପତି ରାଧାକୃଷ୍ଣ ବେହେରା, ସମ୍ପାଦକ ରଞ୍ଜନ କୁମାର ବେହେରା, କୋଷାଧ୍ୟକ୍ଷ ବୈକୁଣ୍ଠ ବେହେରା ଓ ରାଧାମୋହନ କମିଟି ସଭାପତି ଉଲ୍ଲାସ ଚନ୍ଦ୍ର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବାଷ ଚନ୍ଦ୍ର ମହାପାତ୍ର, ସୁଶାନ୍ତ ବେହେରା, ପ୍ରଶାନ୍ତ ବେହେରା, ପ୍ରତାପ ବେହେରା, ପରମାନନ୍ଦ ବେହେରା, ପ୍ରମୋଦ ବେହେରା, ମଧୁସୂଦନ ବେହେରା, ସରୋଜ ବେହେରା, ଦିଲ୍ଲୀ ବେହେରା, ବୃନ୍ଦାବନ ବେହେରା ଓ କାଳନ୍ଦୀ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ମହୀଧରପଡା ଲକ୍ଷ୍ମୀନାରାୟଣ ଦେବଙ୍କର ଝୁଲଣ ଯାତ୍ରା

ଫୁଲନଖରା (ଭାସ୍କର ନ୍ୟୁଜ୍): କଟକ ସଦର ଥାନା ଅନ୍ତର୍ଗତ ମହୀଧରପଡା ଗ୍ରାମର ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ଦେବଙ୍କର ପବିତ୍ର ଝୁଲଣ ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମହୀଧରପଡା ମେଡିକାଲ ଛକ ତ୍ରିନାଥଗାଦି ନିକଟରେ ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ଦେବ, ରାଧାମାଧବ ଦେବ, ଗୋପୀନାଥ ଦେବ ଓ ହରିଶଙ୍କର ଦେବ ଠିଆ ହୋଇଥିବା ବେଳେ ଅରିଲୋ ଶ୍ରୀ ଶ୍ରୀ ଯୁଗଳ କିଶୋର ଦେବ ଆସି ପହଞ୍ଚିବା ମାତ୍ରକେ ୫ ଠାକୁର ଏକା ସଙ୍ଗେ ଭୋଗ ଖାଇ ବିରାଟ ଶୋଭାଯାତ୍ରାରେ ଖଣ୍ଡାଗର ଗ୍ରାମରେ ବାଜା ବାଣ, ଷଣ୍ଢ,କଳଘୋଡା ଇତ୍ୟାଦି ଗ୍ରାମ ପ୍ରଦର୍ଶନ କରି ଶେଷରେ ନୃସିଂ ମହାନ୍ତିଙ୍କ ଦାଣ୍ଡରେ ସବୁ ଠାକୁର ଭୋଗ ଖାଇସାରି ମହୀଧରପଡା ଗ୍ରାମ ଅତିକ୍ରମ କରି ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ଦେବଙ୍କ ପୀଠରେ ପହଞ୍ଚି ସମସ୍ତ ଦୋଳମାନ ଭୋଗ ଖାଇଥିଲେ। ଏହାପରେ ନିଜ ଆସ୍ଥାନକୁ ବାହୁଡ଼ି ଚିରାଚରିତ ପନ୍ଥାରେ ଶ୍ରୀ ଲକ୍ଷ୍ମୀ ନାରାୟଣଦେବ ମେଣ୍ଢା କୁଡ଼ିଆ ପୋଡି କରିସାରି ସର୍ବସାଧାରଣଙ୍କ ଦର୍ଶନ ପାଇଁ ଝୁଲଣ ବେଦିରେ ରାତି ୧୨ ପର୍ଯ୍ୟନ୍ତ ବସିରହିଥାନ୍ତି। ପରମ୍ପରା ଅନୁସାରେ ନୂଆ ପାଞ୍ଜି ପଢି ବର୍ଷକର ପାଣିପାଗ ଅବଧାନ ଶୁଣେଇଥାନ୍ତି। ଶହ ଶହ ଦୋକାନ ବଜାର ସକାଳୁ ରାତ୍ର ୧୨ ପର୍ଯ୍ୟନ୍ତ ଲାଗିରହିଥାଏ। ୮ରୁ୧୦ ହଜାର ଭକ୍ତଙ୍କ ସମାଗମ ହୋଇଥିବାର ଦେଖିବାକୁ ମିଳିଥିଲା। ଶାନ୍ତି ଶୃଙ୍ଖଳା ପାଇଁ ପ୍ରଣବ ପଟ୍ଟନାୟକ, ଅଶୋକ ରଥ, କିଶୋରଚନ୍ଦ୍ର ଦାଶ, ଦିବାକର ବେହେରା, ଯତିନ୍ଦ୍ର କୁମାର ମହାନ୍ତି, ଅଜୟ କୁମାର ବେଉରା, ବରଦାପ୍ରସାଦ ବେଉରା, ଶୈଳଦାନନ୍ଦ ସାହୁ, ସୌମ୍ୟ ରଞ୍ଜନ ପଟ୍ଟନାୟକ, ନରେଶ ବାରିକ, ସାମ୍ବାଦିକ ଲଳିତ କୁମାର ଦାଶ, ଲକ୍ଷ୍ମୀନାରାୟଣ ଦେବଙ୍କ ମାର୍ଫରଦର ବିମଳ କିଶୋର ମହାପାତ୍ର ଓ ନଗରୀ ସରପଞ୍ଚ ନରତମ ଦାସ ପ୍ରମୁଖ ଅଗ୍ରଣୀ ଭୂମିକା ନେଇଥିବା ଦେଖିବାକୁ ମିଳିଥିଲା। ସେହିପରି ଅରଡିଆପଡା ଗ୍ରାମର ମା ବାଲୁଙ୍କେଇ ପୀଠରେ ଓ ମା ନବମଳିକା ଠାକୁରାଣୀଙ୍କ ପୀଠରେ ଠାକୁର ବିମାନମାନ ବିରାଟ ଶୋଭା ଯାତ୍ରାରେ ଆସି ପୀଠରେ ଭୋଗ ଖାଇବା ଦେଖିବାକୁ ମିଳିଥିଲା।

# ଅବ୍ୟବସ୍ଥାଘେରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

## ମନିଟର ଅଚଳ,ପାନୀୟଜଳ ସୁବିଧା ନାହିଁ




କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଘୋର ଅବ୍ୟବସ୍ଥା ରହିଥିବା ଅଭିଯୋଗ ହୋଇଛି। ଜରୁରୀକାଳୀନ ଗୁରୁତର ରୋଗୀଙ୍କ ଶରୀର ରେ ଲଗାଯାଇଥିବା ୩ ଟି ମନିଟର ମେସିନ ୧ ମାସ ହେଲା ଅଚଳ ହୋଇଯାଇଛି। ଫଳରେ ରୋଗୀଙ୍କ ବିପି,ପଲସ ପରୀକ୍ଷା ପାଇଁ ସମସ୍ୟା ହେଉଛି। ଏହା ଛଡା ୩ ମହଲା ବିଶିଷ୍ଟ ଶିଶୁ,ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଆକ୍ୱାଗାର୍ଡ ନଥିବାରୁ ବିଶୁଦ୍ଧ ପାନୀୟ ଜଳ ସୁବିଧା ମଧ୍ୟନାହିଁ। ଗ୍ରୀଷ୍ମ ପ୍ରବାହ ଜିଲ୍ଲାରେ ଜାରି ରହିଥିବାରୁ ରୋଗୀ ସମେତ ସମ୍ପର୍କୀୟମାନେ ପାଣି ବୁନ୍ଦେ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଧ୍ୟ ହୋଇ ଲୋକେ ବାହାରୁ ବୋତଲ ପାଣି କିଣି ବହୁ ଖର୍ଚ୍ଚାନ୍ତରେ ପଡୁଥିବା ଅଭିଯୋଗ ହୋଇଛି। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରାଯାଇଥିଲେ କୌଣସି ପଦକ୍ଷେପ ନିଆଯାଉନଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଏଠାରେ ବହୁବାର ବିଭିନ୍ନ ଅବ୍ୟବସ୍ଥା ସମ୍ପର୍କରେ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ କାହିଁକି ମେଡିକାଲ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱ ଦେଉନାହାଁନ୍ତି ସେ ନେଇ ଲୋକେ ପ୍ରଶ୍ନ କରିଛନ୍ତି। ଚିକିତ୍ସା ସୁବିଧା ନପାଇ ଗୁରୁତର ରୋଗୀମାନେ ପ୍ରାଣ ହରାଉଛନ୍ତି। ମାତ୍ର ମେଡିକାଲ ବିଭାଗର ଚେତା ପଶୁନି କି ଏଥିପ୍ରତି ପଦକ୍ଷେପ ଶୂନ ରହିଛି। ତୁରନ୍ତ କେନ୍ଦୁଝର ଜିଲାପାଳ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା ତଳକୁ ଓଲଟିଲା ଟ୍ରେଲର



ବେତନଟୀ(ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ବାଦାମପାହାଡ ଅଞ୍ଚଳରୁ ଲୁହାପଥର ନେଇ ଧାମରା ବନ୍ଦରକୁ ଯାଉଥିବା ଏକ ଟ୍ରେଲର ୧୮ନଂ ଜାତୀୟ ରାଜପଥ ଦାନ୍ତିଆମୁହାଁ ଠାରେ ଦୁର୍ଘଟଣାଗ୍ରସ୍ତ ହେବା ସହିତ ରାସ୍ତା ତଳକୁ ଓଲଟି ପଡିଛି। ଘଟଣାରୁ ପ୍ରକାଶ ପିବି୦୪ ଏସି-୩୦୧୯ ନମ୍ବର ବିଶିଷ୍ଟ ଟ୍ରେଲରଯୋଗେ ଲୁହାପଥର ବୋଝେଇହୋଇ ଧାମରା ଅଭିମୁଖେ ଯାଉଥିବା ବେଳେ କୌଣସି କାରଣରୁ ଟ୍ରେଲର ଉପରୁ ଚାଳକ ଜଣକ ନିଜର ନିୟନ୍ତ୍ରଣ ହରାଇ ବସିବାରୁ ଏହା ରାସ୍ତା ତଳକୁ ଓଲଟିପଡି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଚାଳକ ଓ ହେଲପର ସାମାନ୍ୟ ଆହତହୋଇ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଖବର ପାଇ ବେତନଟୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି କ୍ରେନ ସହାୟତାରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା।

# ଭାରତୀୟ ମଜଦୂର ସଂଘର ବିକ୍ଷୋଭ

ଜଗତସିଂହପୁର(ଭାସ୍କର ନ୍ୟୁଜ୍): ଭାରତୀୟ ମଜଦୂର ସଂଘ ଦ୍ୱାରା ପରିଚାଳିତ, ଆଶା, ଅଙ୍ଗନବାଡି, ପାଚିକା, ମିଶନ ଶକ୍ତି ଇ ସି କର୍ମଚାରୀ ସଂଘ, ବିଦ୍ୟୁତ କର୍ମଚାରୀ ସଂଘ, ଅସଂଗଠିତ ମଜଦୂର କୃଷକସାଥି ଆଦି କର୍ମଚାରୀମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରିବା, ସମାନ କାମକୁ ସମାନ ଦରମା ପ୍ରଦାନ କରିବା, ସାମାଜିବ ନିରାପତ୍ତା ଯୋଗାଇଦେବା, ମାସିକ ପାଞ୍ଚ ହଜାର ଟଙ୍କା ପେନସନ ପ୍ରଦାନ କରିବା ଆଦି ୬ ଦଫା ଦାବୀ ନେଇ ସ୍ଥାନୀୟ ତାରାଦେବୀ ମନ୍ଦିର ପ୍ରାଙ୍ଗଣରୁ ଶତାଧିକ କର୍ମଚାରୀ ନଗର ପରିକ୍ରମା





କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ବଜେଟ ରେ ହୋଇଥିବା କର୍ମଚାରୀ ମାନଙ୍କ ପ୍ରତି ଅବହେଳା ପ୍ରତିବାଦରେ ଭାରତୀୟ ମଜଦୂର ସଂଘ ଜଗତସିଂହପୁର ଜ଼ିଲ୍ଲା ତରଫରୁ ଜିଲ୍ଲାପାଳ ଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଏବଂ ଅର୍ଥମନ୍ତ୍ରୀ ଭାରତ ସରକାରଙ୍କ ଉଦ୍ଦେଶ୍ୟ ରେ ଦାବିପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାରତୀୟ ମଜଦୂର ସଂଘ ଜିଲ୍ଲା ସଭାପତି ଅକ୍ଷୟ କୁମାର ଦାସଙ୍କ ନେତୃତ୍ୱରେ ଜ଼ିଲ୍ଲା ସମ୍ପାଦକ ଅବିନାଶ ଦାସ, କୋଷାଧ୍ୟକ୍ଷ ମାୟାଧର ବିଶ୍ୱାଳ ଙ୍କ ସହିତ ରାଜକିଶୋର ମଲ୍ଲିକ, କେଶବ ଚନ୍ଦ୍ର ଦାସ, ବିଜୟ ଦାସ, ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗନବାଡି ସଂଗଠନ ପକ୍ଷରୁ ଜିଲ୍ଲା ସମ୍ପାଦିକା ପ୍ରତିମା ବେହେରା, ନିବେଦିତା ରାଉତ, ପ୍ରମିଳା ମିଶ୍ର,ନିହାର ରଞ୍ଜନ ସ୍ୱାଇଁ,ଶୁଭଶ୍ରୀ ସ୍ୱାଇଁ, ରାଜୀବ ଲୋଚନ ମହାରଣା, ସୁଶାନ୍ତ ପାତ୍ର, ବିଷ୍ଣୁ ଚରଣ ବିଶ୍ୱାଳ, ମିଶନ ଶକ୍ତି ପକ୍ଷରୁ ରାଜ୍ୟ ସଭାପତି ଯୋଗମାୟା ନନ୍ଦ, ରିତା ଆଚାର୍ଯ୍ୟ କୃଷକ ସାଥି ସଂଗଠକ ପକ୍ଷରୁ ରତି ରଞ୍ଜନ ଦାସ, ନଗ କିଶୋର ମଲ୍ଲିକ, ସୁରେଶ ମଲ୍ଲିକ କୃଷ୍ଣ ଚନ୍ଦ୍ର ବସ୍ତିଆ ପ୍ରମୁଖ ଶତାଧିକ ଶ୍ରମିକ ଯୋଗ ଦେଇଥିଲେ।

# ମିଳୁନି ଜନ୍ମ ପ୍ରମାଣପତ୍ର

## କର୍ମଚାରୀଙ୍କ ଅସହଯୋଗ ଅଭିଯୋଗ

ମାଲକାନାଗିରି (ଭାସ୍କର ନ୍ୟୁଜ୍): ମାଲକାନାଗିରି ଜିଲ୍ଲା ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ଜନ୍ମ ପ୍ରମାଣପତ୍ର ମିଳିବାରେ ଲୋକଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବା ଦେଖିବାକୁ ମିଳିଛି। ସାମାଜିକ କର୍ମୀ ସଦାଶିବ ପୂଜାରୀ ଏହି ସମସ୍ୟାକୁ ଦୃଷ୍ଟିରେ ରଖି ମଙ୍ଗଳବାର ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ସେ ଦେଖିଥିଲେ, ଜନ୍ମ ପ୍ରମାଣପତ୍ର ମିଳିବା ପାଇଁ ଲୋକମାନେ ଘଣ୍ଟା ଘଣ୍ଟା ଅପେକ୍ଷା କରିଛନ୍ତି। କିନ୍ତୁ କର୍ମଚାରୀମାନେ ବୃଦ୍ଧ, ମହିଳା ଓ ଶିଶୁମାନଙ୍କୁ ଅସମ୍ମାନ କରୁଛନ୍ତି। ଏହି ଅସୁବିଧା ଦେଖି ଶ୍ରୀ ପୂଜାରୀ ଚିକିତ୍ସାଳୟ କର୍ମଚାରୀଙ୍କୁ ଲୋକଙ୍କୁ ଭଲ ବ୍ୟବହାର କରିବା ପାଇଁ ତାଗିଦା କରିଥିଲେ। ଏହି ଅବ୍ୟବସ୍ଥା ଆଗକୁ ଯେପରି ନ ହୁଏ ସେଥିପାଇଁ ସେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ମେଡିକାଲ ଅଫିସର ବସନ୍ତ କୁମାର ସାହୁଙ୍କୁ ପଚାରିବାରୁ ବିଦ୍ୟୁତ୍ କାଟ ଏବଂ ନେଟୱର୍କ ସମସ୍ୟା ଯୋଗୁ ଲୋକେ ପ୍ରମାଣପତ୍ର ପାଇବାରେ ଅସୁବିଧା ହେଉଛି ବୋଲି ସେ କହିଛନ୍ତି।



# ପେଟ ପାଟଣା ଆଗରେ ହାର ମାନିଛି ତାତି

## ହାତୁଡ଼ି ପାହାର ପଡ଼ିଲେ ଘରେ ଚୁଲି ଜଳେ



ପୂର୍ବ ପୁରୁଷରୁ ପରମ୍ପରା କ୍ରମେ କମାର ଶାଳ ବୃତ୍ତି କରି ଆସୁଛନ୍ତି ଅସ୍ତରଙ୍ଗ ଅଞ୍ଚଳର କାରିଗର। ଏମାନେ କୁହନ୍ତି ବୃତ୍ତି ଆମ ପୋଷେ କୁଟୁମ୍ବ। ଚଳିତ ବର୍ଷ ରୋଦ୍ରତାପ କମାର ଶାଳର କଷ୍ଟକୁ ଦ୍ୱିଗୁଣିତ କରିଛି। ସରକାରୀ ସ୍ତରରେ ସହାୟତା ମିଳିଲେ କମାର ଶାଳରେ ଜୀବିକା ନିର୍ବାହ କରୁଥିବା କାରିଗରଙ୍କ କଷ୍ଟ କିଛି ମାତ୍ରାରେ ଲାଘବ ହୁଅନ୍ତା।

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ଯେତେବେଳେ ପେଟ ଭୋକ ମଣିଷକୁ କନ୍ଦାଏ ଓ ଅଭାବ ସାରା ଦିନ ଆଉଟୁ ପାଉଟୁ କରେ ସେତେବେଳେ ଜୀବନକୁ କୌଣସି ସ୍ତରକୁ ନେବାକୁ ପ୍ରସ୍ତୁତ ଥାଏ ମଣିଷ। କମାର ଶାଳର ନିଆଁ ସହିତ ଖେଳୁଥିବା ଏମାନେ ଜଣେ ଜଣେ ସୁଦକ୍ଷ କାରିଗର। ନିଆଁର ଝାସକୁ ସହିଯାଇ ଦେହର ଝାଳକୁ ନିଜ ପିନ୍ଧାବସ୍ତ୍ରରେ ପୋଛି ଏମାନେ ଜଣେ କାରିଗର। ଏମାନେ ପ୍ରତିଦିନ ଗରମ ଲୁହାକୁ ଭିନ୍ନ ଏକ ରୂପ ଦିଅନ୍ତି। ଏଠି ହାତୁଡି ରେ ପାହାର ପଡିଲେ ସେଠି ଘରେ ଚୁଲି ଜଳେ। ଏଠି ନିଆଁ ସହ ସମୟ ବିତାଇଲେ ସେଠି ପରିବାର ଚଳେ। ପ୍ରଚଣ୍ଡ ଖରା, ଶୂନଶାନ ରାସ୍ତାଘାଟ ଭିତରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ସାପ୍ତାହିକ ହାଟ ମଧ୍ୟରେ କମାର ଶାଳ। ଯେଉଁଠି ବାହାର ଗରମକୁ ଖାତିରି ନ କରି ପରିବାର ପାଇଁ ପାହାର ପଡୁଥିଲା ଲୁହା ଉପରେ। ନିଜର ବର୍ଷ ବର୍ଷର ବୃତ୍ତି ଆଗରେ ସବୁ କଷ୍ଟକୁ ସ୍ୱୀକାର କରିଛନ୍ତି କମାର। ଜ୍ୱଳନ୍ତ ଅଙ୍ଗାର ନିଆଁରେ ଗରମ ଲୁହାକୁ ହାତୁଡିରେ ପିଟି ତିଆରି କରୁଛନ୍ତି କୋଦାଳ, ଦାଆ, କୋଡ଼ି ସହ ଅନ୍ୟାନ୍ୟ ଲୁହା ସାମଗ୍ରୀ। କାରଣ ଗ୍ରାହକଙ୍କୁ ଜବାବ ଦେଇଛନ୍ତି ଠିକ ସମୟରେ ଜିନିଷ ଦେବେ।

# ସଲାରମଠ ମେଲଣ ଉଦ୍‌ଯାପିତ

ଡେରାବିଶ(ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଖମୋଳ ପଂଚାୟତ ଅନ୍ତର୍ଗତ ବଡ଼ସଲାରୋ ସ୍ଥିତ ସଲାର ମଠ ପ୍ରାଙ୍ଗଣରେ ଡେରାବିଶ ଅଂଚଳର ଶେଷ ମେଲଣ ଗତକାଲି ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି। ଗତକାଲି ସନ୍ଧ୍ୟାରେ ମଠର ବିମାନ ସ୍ଥାନୀୟ ଅଂଚଳର ବିଭିନ୍ନ ଗ୍ରାମକୁ ଯାଇ ଭକ୍ତମାନଙ୍କ ଘରେ ଭୋଗଲାଗି କରାଯିବା ପରେ ଗାଦିଶ୍ୱର ମେଲଣ ପଡ଼ିଆରେ ପ୍ରଥମେ ଉପବେଶନ କରିଥିଲେ। ଏହା ପରେ ଅନୁଆପଡ଼ା, ବନ୍ଧପଡ଼ା, ଗହଗା, କିଜାଙ୍ଗପଡ଼ା, ରଜାଙ୍ଗ, ଡାଳିଜୀ, ଜହ୍ନିମୂଳ, ଖମୋଳ, ଜହଙ୍ଗର, ମାଳପଡ଼ା ଆଦି ଅଂଚଳରୁ ୩୦ରୁ ଉର୍ଦ୍ଧ୍ୱ ବିମାନ ପଡ଼ିଆର ବିଭିନ୍ନ ଦିଗରୁ ପାରମ୍ପରିକା ବାଜା, ସଂକୀର୍ତନ ଓ ରୋଷଣୀରେ ଆସି ମେଲଣ ପଡ଼ିଆର ନିର୍ଦ୍ଧାରିତ ସ୍ଥାନମାନଙ୍କରେ ଉପବେଶନ କରିଥିଲେ।

# ଆଜି ପଖାଳ ଦିବସ: ମହକିବ ଓଡ଼ିଆ ପଖାଳର ବାସ୍ନା



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍): ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ହେଉଛି ପଖାଳ। ଓଡ଼ିଆ ସଂସ୍କୃତି ଓ ପରମ୍ପରା ସହିତ ପଖାଳ ବେଶ୍ ଜଡ଼ିତ। ମହାପ୍ରଭୁ ଜଗନ୍ନାଥଙ୍କ ମଧ ପ୍ରିୟ ଖାଦ୍ୟ ହେଉଛି ପଖାଳ। ଏଥିପାଇଁ ପ୍ରଭୁ ଜଗନ୍ନାଥଙ୍କ ପାଖରେ ଲାଗି ହୋଇଥାଏ ବିଭିନ୍ନ ପଖାଳ ଭୋଗ। ତେଣୁ ପ୍ରତିବର୍ଷ ମାର୍ଚ୍ଚ ୨୦କୁ ପଖାଳ ଦିବସ ଭାବେ ପାଳନ କରାଯାଏ। ଏଥିପାଇଁ ଓଡ଼ିଆଙ୍କ ଘରେ ପଖାଳ ଦିବସ ପାଳନ ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି ହୋଇଛି। ପୂର୍ବରୁ ବାସି ପଖାଳ ସହିତ ଓଲି ପିଆଜ ଓ କଞ୍ଚା ଲଙ୍କାର ସ୍ୱାଦ କିଛି ନିଆରା ଥିଲା। ଏବେ କିନ୍ତୁ ପଖାଳ କଂସା ପାଖରେ ଓଲି ପିଆଜ ସେତେଟା ନାହିଁ। ତା'ସ୍ଥାନରେ ବଢ଼ିଯାଇଛି ବିଭିନ୍ନ ଭେଜ୍ ଓ ନନ୍‌ଭେଜ୍ ଆଇଟମ୍। କହିବାକୁ ଗଲେ ଓଡ଼ିଆ ଘରର ପଖାଳ ଆଜି କେବଳ ଓଡ଼ିଶାରେ ସୀମିତ ହୋଇ ରହିନି। ଦେଶ ଓ ବିଦେଶରେ ମଧ ପଖାଳ ଚାହିଦା କାହିଁରେ କ'ଣ। ରାସ୍ତାକଡର ଝୁମ୍ପୁଡି ହୋଟେଲ ଠାରୁ ଆରମ୍ଭ କରି ପଞ୍ଚ ତାରକା ହୋଟେଲର ମେନୁରେ ପଖାଳ ସ୍ଥାନ ପାଇସାରିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସବୁଜଶାଖା' ତରଫରୁ ପ୍ରତିବର୍ଷ ମଧ ପାଳିତ ହୋଇଥାଏ ଏହି ପଖାଳ ଦିବସ। ଆଜି ପଖାଳ ଦିବସ ଚାହିଦା ଦୃଷ୍ଟିରୁ ବିଭିନ୍ନ ହୋଟେଲ ଓ ବିଭିନ୍ନ ସଂଗଠନ ସ୍ୱତନ୍ତ୍ର ଆଇଟମ୍ ପ୍ରସ୍ତୁତ ହେବାର ବନ୍ଦୋବସ୍ତ ରହିଛି। ଓଡ଼ିଆଙ୍କ ଜନଜୀବନ ସହିତ ପଖାଳର ସମ୍ପର୍କ ବହୁ ନିବିଡ଼ ଓ ପୁରାତନ। ଧନୀ ହେଉ କି ଗରିବ ପଖାଳ ଦିବସକୁ ପାଳନ କରିବା ପାଇଁ ଅସ୍ତରଙ୍ଗବାସୀଙ୍କ ମନରେ ପ୍ରବଳ ଉତ୍କଣ୍ଠା ରହିଛି। ଗ୍ରୀଷ୍ମ ଋତୁ ଆରମ୍ଭରୁ ହିଁ ପ୍ରାୟ ସମସ୍ତଙ୍କ ଘରେ ପଖାଳ ପ୍ରସ୍ତୁତି ହେଉଥିଲେ ଆଜି ଦିନରେ ପଖାଳର ସ୍ୱତନ୍ତ୍ର ଆୟୋଜନ ହୋଇଥାଏ। ଅସ୍ତରଙ୍ଗରେ ସବୁଜ ଶାଖା ଠାରୁ ଆରମ୍ଭ କରି ବଡ ହୋଟେଲରେ ବିଭିନ୍ନ ପଖାଳ ଦିବସ ପାଳନ ହେବାକୁ ଯାଉଛି। କେବଳ ହୋଟେଲ ନୁହେଁ ଅସ୍ତରଙ୍ଗ ଅଞ୍ଚଳର ଗ୍ରାମାଞ୍ଚଳରେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ମଧ ପଖାଳ ଦିବସ ପାଳନ ହେବାକୁ ଯାଉଛି। ବାସି ପଖାଳ, ସଜ ପଖାଳ, ଦହି ପଖାଳ, ଝିରା ଛୁଙ୍କ ଦିଆ ପଖାଳ, ଆମ୍ବ କସି ପଖାଳ ଆଦି କେତେ କ'ଣ ପଖାଳ ପ୍ରସ୍ତୁତ ହେଉଛି। ପଖାଳ ସହିତ ଆମିଷ ଖାଇବାର ସ୍ୱାଦ କିଛି ନିଆରା। ପଖାଳ ଦିବସ ଗୁରୁବାର ପଡୁଥିବାରୁ ବୁଧବାର କିଛି ସଙ୍ଗଠନ ପଖାଳ ଦିବସ ପାଳନ କରିଛନ୍ତି। ଅସ୍ତରଙ୍ଗରେ କିଛି ହୋଟେଲରେ ବିଭିନ୍ନ ସଙ୍ଗଠନ ପଖାଳ ଦିବସ ପାଳିବା ସହ ଓଡ଼ିଆଙ୍କ ପଖାଳ କଂସାର ବେଶ୍ ମଜା ଉଠାଇଛନ୍ତି। ପଖାଳ କଂସା ସହ ଆମିଷରେ ପୋହଳା ମାଛ, ଚିଙ୍ଗୁଡି ଛେଚା,ରୋହି ମାଛ, ଚିକେନ କସା, ଚୁନା ମାଛ ଭଜା, ମାଂସ କସା, ମାଛ ବେସର, ମାଛ ଭଜା, ଅଣ୍ଡା ଆମ୍‌ଲେଟ୍ ଆଦି ଆଇଟମ୍ ରହିଛି। ନିରାମିଶରେ ଆମିଷ ଠାରୁ ଢ଼େର ଆଇଟମ୍ ରହିଛନ୍ତି। ସେଗୁଡ଼ିକ ମଧ୍ୟରେ ଶାଗ ଭଜା, ବଡ଼ି ଚୁରା, ଆଳୁ ଭର୍ତ୍ତା ଓ ପୋଦିନାପତ୍ର ଚଟଣି, କଳରା ଚିପ୍ସ, ସଜନା ଛୁଇଁ ଆଳୁ ବେସର, ବାଇଗଣ ଭଜା, ଆଚାର, ପାମ୍ପଡ, କାକୁଡି ସାଲାଡ଼ ଆଦି ରହିଛି। ରାସ୍ତା ପାର୍ଶ୍ୱ ହୋଟେଲରେ ଆମିଷ ପଖାଳ କଂସା ୭୦ ଟଙ୍କାରୁ ଆରମ୍ଭ କରି ୨୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ନିରାମିଷ ପଖାଳ କଂସା ୫୦ ଟଙ୍କାରୁ ଆରମ୍ଭ କରି ୧୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ନିରାମିଷ ପାଖଳ କଂସା ୫୦ ଟଙ୍କାରୁ ଆରମ୍ଭ କରି ୩୦୦ ଟଙ୍କା ପର୍ଯ୍ୟନ୍ତ ରହିଥିବା ଜଣେ ହୋଟେଲ କର୍ମଚାରୀ କହିଛନ୍ତି।



# ଆମ କଳାହାଣ୍ଡି





## ରହସ୍ୟ ଘେରରେ କ୍ଷୁଦ୍ର ଜଳସେଚନ ଅଧିକ୍ଷଣ ଯନ୍ତ୍ରୀଙ୍କ ନିଲମ୍ବନ ଘଟଣା

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ କଳାହାଣ୍ଡି ଜିଲ୍ଲା କ୍ଷୁଦ୍ର ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଜଗନ୍ନାଥ ମଲିକ ଟେଣ୍ଡର ଜାଲିଆତି ଅଭିଯୋଗରେ ଛନ୍ଦି ହୋଇ ଚାକିରିରୁ ନିଲମ୍ବିତ ହୋଇଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଏହି ଖବର ବ୍ୟାପକ ଭାବେ ପ୍ରଘଟ ନହେବ ଏବଂ ଏହାକୁ କିପରି ଗୁପ୍ତ ରଖାଯିବ ସେଥିପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି କରିତ୍ କର୍ମା ବାବୁଙ୍କ ବିରୋଧରେ ପୂର୍ବରୁ ବହୁବାର ଅଭିଯୋଗ ହୋଇ ଆସୁଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିଲା। କିନ୍ତୁ ଶେଷରେ ବିଡ୍ ନମ୍ବର ୦୩/ ୨୦୨୪-୨୫, ୧୦ଟି କାର୍ଯ୍ୟ ପାଇଁ ଆହ୍ୱାନ କରାଯାଇଥିବା ଟେଣ୍ଡର ଜାଲିଆତି ସମ୍ପୃକ୍ତି ଅଭିଯୋଗରେ ବିଭାଗୀୟ ଉଚ୍ଚ ପଦସ୍ତ ଅଧିକାରୀ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଜଗନ୍ନାଥ ମଲିକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଏହି ସୌଖିନ ବାବୁ ଜଣକ ଭବାନୀପାଟଣା କ୍ଷୁଦ୍ର




ଜଳସେଚନ ବିଭାଗରେ ଅଧିକ୍ଷଣ ଯନ୍ତ୍ରୀ ଭାବେ କାର୍ଯ୍ୟରେ ଯୋଗଦେବା ପରେ ପ୍ରଥମେ ନିଜର ବାସଭବନ ଏବଂ କାର୍ଯ୍ୟାଳୟ ଚାମ୍ବରକୁ ମରାମତି କରିବା ବାହାନାରେ ଅଯଥାରେ ସରକାରୀ ଅର୍ଥକୁ ଅପବ୍ୟବହାର କରି ଚର୍ଚ୍ଚାକୁ ଆସିଥିଲେ। ବାବୁ ଜଣକ ସୂଚନା ଅଧିକାର ଆଇନକୁ ମଧ ବେଖାତିର କରୁଥିଲେ। କାର୍ଯ୍ୟର ସ୍ୱଚ୍ଛତା ତଥା ସାଧାରଣ ଜନତାଙ୍କ ଜାଣିବାର ଅଧିକାର ପାଇଁ ସୂଚନା ଅଧିକାର ଆଇନ ୨୦୦୫ରୁ କାର୍ଯ୍ୟକାରୀ ହୋଇଆସୁ ଥିଲେ ହେଁ ଏହି ବାବୁ ସବୁବେଳେ ସୂଚନା କର୍ମୀଙ୍କୁ ଭୁଆଁ ବୁଲାଇ ଅନ୍ଧାରରେ ରଖି ସୂଚନା ଅଧିକାର ଆଇନକୁ ଖୋଲା ଖୋଲି ଉଲଂଘନ କରିବା ସହ ସରକାରୀ ଅର୍ଥକୁ ବାଟବଣା କରୁଥିଲେ। ଯେକୌଣସି ସରକାରୀ ତଥ୍ୟକୁ ନିଜର ବ୍ୟକ୍ତିଗତ ଗୋପନୀୟ ତଥ୍ୟ ପ୍ରଦାନ କରି ହେବ ନାହିଁ କହି ସୂଚନା ଅଧିକାର ଆଇନ ଧାରା ୮(୧)(ଜ)ର ଅପବ୍ୟବହାର କରିଆସୁଥିଲେ। ଯାହାକୁ ନେଇ ସୂଚନା କର୍ମୀ ନିଜର ଅସନ୍ତୋଷ ବ୍ୟକ୍ତ କରିବା ସହ ସୂଚନା ପାଇବାରୁ ବଞ୍ଚିତ ହୋଇ ନିରାଶ ହେଉଥିଲେ। ଅନ୍ୟପଟେ ସୂଚନାକର୍ମୀଙ୍କୁ ସୂଚନା ପ୍ରଦାନ କଲେ କାଳେ ଦୁର୍ନୀତି ପଦାରେ ପଡିଯିବା ଭୟରେ ସୂଚନାକୁ ଗୁପ୍ତ ରଖିବାକୁ ପ୍ରୟାସ କରୁଥିଲେ। ଏହି ବାବୁ ଜଣକ କାର୍ଯ୍ୟରେ ଯୋଗ ଦେବା ଦିନଠାରୁ ଆଜି ପର୍ଯ୍ୟନ୍ତ ଯେତେ ଗୋଟି ଟେଣ୍ଡର ଏବଂ ନନ୍‌ଟେଣ୍ଡର କାର୍ଯ୍ୟ ହୋଇଛି ତାହା ଭିଜିଲାନସ୍ ତଦନ୍ତ ପରିସରଭୁକ୍ତ ହେବାର ଆବଶ୍ୟକତା ଅଛି ବୋଲି ସାଧାରଣରେ ଦାବି ହେଉଛି।

## ଅଭିଯୋଗ ପରେ ମରାମତି ହୋଇଛି ସୋଲାର ନଳକୂପ

ଓଡ଼ିଶା ଭାସ୍କରର ପ୍ରଭାବ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଦିନକୁ ଦିନ ଗ୍ରୀଷ୍ମପ୍ରବାହ ବଢ଼ିବାରେ ଲାଗିଛି। ପାଣି ପାଇଁ ଲୋକେ ଡ଼ହକବିକଳ ହେଉଥିବା ନଜର ଆସୁଛି। ବନ୍ଦ ପୋଖରୀ ନଈ ନାଳ ଶୁଖିବା ଆରମ୍ଭ ହେଲାଣି। ଆଗକୁ ଗ୍ରୀଷ୍ମପ୍ରବାହ ପ୍ରକୋପକୁ ନଜରରେ ରଖି ସରକାର ଗ୍ରାମ୍ୟ ଜଳ ଯୋଗାଣ ବିଭାଗକୁ ଯୁଦ୍ଧ କାଳୀନ ଭିତ୍ତିରେ ସୋଲାର, ନଳକୂପ ଆଦି ମରାମତି କରିବାକୁ କଡା ନିର୍ଦ୍ଦେଶ ସରକାରଙ୍କ ରହିଛି । ଧର୍ମଗଡ଼ ବ୍ଲକ ପର୍ଲା ଗ୍ରାମ ଠାରେ ଥିବା ସୋଲାର ନଳକୂପ ଦୀର୍ଘଦିନରୁ ଅଚଳ ହୋଇ ପଡ଼ିରହିଥିବା ଖବର ଓଡ଼ିଶା ଭାସ୍କରରେ ପ୍ରସାରିତ ହୋଇଥିଲା। ଏହାର ପ୍ରଭାବରେ ଚେଇଁ ଉଠିଛି ବ୍ଲକ ପ୍ରଶାସନ। ବିଡ଼ିଓ ସଦାଶିବ ନାୟକଙ୍କ କଡ଼ା ନିର୍ଦ୍ଦେଶରେ



ପଞ୍ଚାୟତ କାର୍ଯ୍ୟାଳୟ ଏହାର ମରାମତି କରିଛି। ୨-୩ମାସ ତଳେ ସୋଲାର ଚାଳିତ ପାଓ୍ୱାର ସୁଇଜ ଯନ୍ତ୍ରାଂଶକୁ କେଉଁ ଏକ ଦୁର୍ବୃତ୍ତ ଚୋରି କରି ନେଇଯାଇଥିବା ବେଳେ ସେମିତି ଅଚଳ ହୋଇ ପଡିରହିଥିଲା। ସେହି ଦିନଠାରୁ ପାଣି ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଥିଲେ। ପର୍ଲା -ଜୟନ୍ତପୁର ରାସ୍ତା ଛକ ଦେଇ ଯାତାୟାତ କରୁଥିବା ବାଟୋଇ ପଥିକ ହଇରାଣ ହରକତ ହେଉଥିଲେ। ଏପରିକି ନଳକୂପ ପାଖରେ ବସାବାନ୍ଧି ଥିବା ୪-୫ପରିବାର ଜଳ କଷ୍ଟରେ ସମ୍ମୁଖୀନ ହେଉଥିଲେ। ବର୍ତ୍ତମାନ ମରାମତି ହେବାପରେ ସ୍ୱାଭାବିକ ଭାବେ ପାନୀୟ ଜଳ ବ୍ୟବସ୍ଥା ପାଇପାରୁଥିବା ବେଳେ ଓଡ଼ିଶା ଭାସ୍କରକୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଏପରିକି ବିଡ଼ିଓଙ୍କ ନିର୍ଦ୍ଦେଶ ତୁରନ୍ତ ପଦକ୍ଷେପ ଗ୍ରହଣ କରି ମରାମତି କରିଥିବାରୁ ସ୍ଥାନୀୟ ସରପଞ୍ଚ ବ୍ରିଜଲାଲ ନାଏକ ଓ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷେତ୍ର ମୋହନ ବିହାରୀଙ୍କୁ ପଡ଼ାବାସୀ କୃତଜ୍ଞତା ଜଣାଇଛନ୍ତି।

## ମୋ ଜଙ୍ଗଲ ଜମି ଯୋଜନାରେ ୧୪ ପରିବାରକୁ ଶିରୋନାମା ବଣ୍ଟନ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ଟେର୍ଚ୍ଚାପଲା ଓ ଗୋଇନ୍ଦାମୁଣ୍ଡା ଗାଁର ୧୪ ଆଦିବାସୀ ପରିବାରଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ମୋ ଜଙ୍ଗଲ ଜମି ଯୋଜନାରେ ଶିରୋନାମା ବଣ୍ଟନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମଟି ବ୍ଲକ ସମ୍ମିଳନୀ କକ୍ଷ ଠାରେ ତହସିଲଦାର ଅରୁଣବର୍ଗେ, ବ୍ଲକ ଉପାଧକ୍ଷ ସୁରେନ୍ଦ୍ର ଭୋଇ, କର୍ଲାମୁଣ୍ଡା ବ୍ଲକ ଦାୟିତ୍ୱ ରେ ଥିବା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀନୀ ଭୂମିସୁତା ମାଝୀ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସାଗତ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଏହା ସହିତ ଗୋଇନ୍ଦାମୁଣ୍ଡା ଗ୍ରାମ ସଭାକୁ ଗୋଷ୍ଠୀ ଗତ ଅଧିକାର ଓ ଗୋଷ୍ଠୀ ସମ୍ବଳ ଅଧିକାରରେ ୪୩.୨୦୦ ଏକର ଓ ୫ଟି ପରିବାରର ବ୍ୟକ୍ତିଗତ ଅଧିକାର




(୧୮.୨୩ଏକର )ଏବଂ ଟେର୍ଚ୍ଚାପଲା ଗ୍ରାମ ସଭାଙ୍କୁ ୯ଟି ପରିବାରଙ୍କୁ ବ୍ୟକ୍ତିଗତ ଅଧିକାରରେ (୧୬.୫୧ଏକର )ର ଶିରୋନାମ ବଣ୍ଟନ କରାଯାଇଥିବା ଜଣାପଡିଛି। ଏଥି ସହିତ ଜଙ୍ଗଲରେ ନିଆଁ ନ ଲଗେଇବାପାଇଁ ତଥା ଜଙ୍ଗଲ ସୁରକ୍ଷା, ସଂରକ୍ଷଣ କରିବା ଓ ବନ୍ୟଜନ୍ତୁଙ୍କୁ ଶିକାର ନ କରିବା ପାଇଁ ମଧ ଅଧିକାରୀ ମାନେ ସଚେତନ କରିଥିଲେ। ଶିରୋନାମ ବଣ୍ଟନ କାର୍ଯ୍ୟକ୍ରମକୁ ସଂଯୋଜକ ମୋତିଲାଲ ସାହୁ କରିଥିଲେ।

## ଚାରବାହାଲକୁ ବ୍ଲକ ଘୋଷଣା ପାଇଁ ଦାବି

ଜୁନାଗଡ଼, (ଭାସ୍କର ନ୍ୟୁଜ୍) : ରାଜ୍ୟରେ ନୂତନ ବ୍ଲକ ଗଠନ ଘୋଷଣା କରିବା ପରଠାରୁ ବିଭିନ୍ନ ଜିଲ୍ଲାରେ ବ୍ଲକ ଦାବି ପାଇ ଆନ୍ଦୋଳନ ଜୋର୍ ଧରିଥିବା ବେଳେ, କଳାହାଣ୍ଡି ଜିଲ୍ଲାର ୩୪ଟି ପଞ୍ଚାୟତ ଥିବା ଜୁନାଗଡ଼ ବ୍ଲକ ଅର୍ନ୍ତଗତ ବହୁ ଦିନରୁ ଆଶାବାନ୍ଧି ରହିଥିବା ଚାରବାହାଲ ପଞ୍ଚାୟତକୁ ବ୍ଲକ ପାଇଁ ଦାବି ଜୋର୍ ଧରିଛି। ଏହି ଚାରବାହାଲ ତତ୍କାଳୀନ ଗଡ଼ଜାତ ବଡ ପହିଲିପାରର ରାଜଧାନୀ ଭାବେ ପରିଚିତ। ସଂପୃକ୍ତ ଗ୍ରାମ ପଞ୍ଚାୟତର ପ୍ରତିନିଧି ଦଳ ଜିଲ୍ଲାରୁ ରାଜଧାନୀ ଭୁବନେଶ୍ୱର ଯାଏଁ ନିଜର ଦାବିକୁ ପହଞ୍ଚାଇବାକୁ ଅଞ୍ଚଳବାସୀ ଅଣ୍ଟା ଭିଡିଛନ୍ତି। କିଛି ଦିନ ତଳେ ଏକ ପ୍ରତନିଧି ଦଳ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଚାରବାହାଲ ଅଞ୍ଚଳକୁ ଏକ ବ୍ଲକ ଗଠନ ପାଇଁ ଯେଉଁ ସବୁ ମାପଦଣ୍ଡ ଦରକାର ତାହା ସବୁ ଭିତ୍ତିଭୂମି ଥିବା ସହିତ ଭୌଗୋଳିକ ଅବସ୍ଥିତି ମଧ ଅଛି। ଚାରବାହାଲ ଜନଗଣନା ଅନୁଯାୟୀ ୨୦ ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା, ବ୍ୟାଙ୍କ ସେବା ପାଇଁ ଆଖପାଖ ଅଞ୍ଚଳର ପ୍ରାୟ ୧୦ ଗୋଟି ପଞ୍ଚାୟତ ନିର୍ଭର କରିଥାନ୍ତି। ପ୍ରାଥମିକ କୃଷି ସମବାୟ ସମିତି ୩ରୁ ୪ ପଞ୍ଚାୟତ ଚାଷୀ ମାନଙ୍କୁ ସେବା ଯୋଗାଇବା ସହିତି କଳାହାଣ୍ଡିର ସର୍ବ ବୃହତ୍ ଧାନମଣ୍ଡି ଅଛି। ରାଜସ୍ୱ ନୀରକ୍ଷକ(ଆର୍.ଆଇ)ଙ୍କ ଠାରେ ଆଖପାଖ ଅଞ୍ଚଳର ୧୦ ଖଣ୍ଡ ଗ୍ରାମର ଲୋକ ନିର୍ଭର କରିଥାନ୍ତି, ବ୍ୟବସାୟିକ ଦୃଷ୍ଟିକୋଣରୁ ମଧ ଚାରବାହାଲ ଏକ ମୁଖ୍ୟ ପେଣ୍ଠ ସ୍ଥଳୀ। ବିଗତ ଦିନରେ ଚାରବାହାଲକୁ ଉପଖଣ୍ଡ କରିବାର ଥିଲା କିନ୍ତୁ ଛତିଶଗଡ଼ ପାଖ ହେବା ହେତୁ ଧର୍ମଗଡ଼କୁ ଉପଖଣ୍ଡ ମାନ୍ୟତା ଦିଆଗଲା। ବହୁ ପୁରାତନ କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟ ଚାରବାହାଲ



ସେହି ସମୟରେ ହଷ୍ଟେଲର ସୁବିଧା ସହିତ ଆଖପାଖ ଅଞ୍ଚଳରୁ ଶହ ଶହ ବିଦ୍ୟାର୍ଥୀ ରହି ଶିକ୍ଷା ଲାଭ କରୁଥିଲେ ଏହି ଅଞ୍ଚଳରେ ଦିର୍ଘ ବର୍ଷ ହେବ ଡାକ୍ତରଖାନା ୭ଟି ପଞ୍ଚାୟତର ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇ ଆସୁଛି। ଏଣୁ ଏହି ଅଞ୍ଚଳର ଲୋକଙ୍କୁ ପ୍ରଶାସନିକ ସେବା ସହଜରେ ଯୋଗାଇବା ସହିତ ଏହି ଅଞ୍ଚଳର ବିକାଶ ପାଇଁ ବ୍ଲକ ଗଠନ କରିବା ଆବଶ୍ୟକ ଅଛି ବୋଲି ବୁଦ୍ଧିଜୀବମାନେ ମତବ୍ୟକ୍ତ କରିଛନ୍ତି। ଏହି ପ୍ରତିନିଧି ଦଳରେ ସରପଞ୍ଚ ପ୍ରତିନିଧି ରାମ ନାରାୟଣ ପଣ୍ଡା, ମିନକେତନ ଦଳପତି, ପ୍ରାଣ ପଣ୍ଡା, ରବି ନାରାୟଣ ଚଲାନ, ରୁଚେନ୍ ବାଗ, ନିକୁଞ୍ଜ ଚଲାନ, ଆଦିତ୍ୟ ପଣ୍ଡା, ଭୀଷ୍ମ ଧ ମଝି, ମହେନ୍ଦ୍ର ସିଂ, ପ୍ରମୁଖ ଦଳରେ ସାମିଲ ହୋଇ ଦାବି ଦେଇଛନ୍ତି। ଚାରବାହାଲ, କଲୋପଲା, ମହିଚଲା, ସନ୍ନ୍ୟାସୀ କୁଣ୍ଡମାଳ, ମାଲିଗୁଡ଼ା, ହାବସ୍ପୂର, ଗୌଡ ଛେଣ୍ଡିଆ, ଦାସୀ ଗାଁ, ମୁଣ୍ଡୁରାଗୁଡା, ବଡ ତେମରି, ରଣମାଳ, ମୋଟେର, ଉହ ଗାଁ, ତାରାପୁର, ନନ୍ଦ ଗାଁକୁ ନେଇ ବ୍ଲକ ଦାବି କରିଛନ୍ତି।

## ଜଳ ଜୀବନ ମିଶନ ଫେଲ ମାରିବା ନେଇ ଅଭିଯୋଗ

### ନା ଚାଲୁଛି ବସୁଧା, ନା ଶୋଷ ମେଣ୍ଟାଉଛି ମେଗା ପ୍ରୋଜେକ୍ଟ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକରେ ଗ୍ରୀଷ୍ମପ୍ରବାହ ଆରମ୍ଭରୁ ଲୋକ ପାଣି ପାଇଁ ତ୍ରାହି ତ୍ରାହି ଡାକିଲେଣି। ବର୍ତ୍ତମାନ ନଈ ନାଳ ଶୁଖିବା ଆରମ୍ଭ ହୋଇଥିବା ବେଳେ ଭୂତଳଜଳ ମଧ କମିବାରେ ଲାଗିଲାଣି। ଗୋଟିଏ ପଟେ ବାସୁଧା ଚାଲୁନଥିବା ବେଳେ ଅନ୍ୟପଟେ ମେଗା ପ୍ରୋଜେକ୍ଟ ଟଙ୍କା ପ୍ରବଳକୁ କାମ ଦୁର୍ବଳ ହେଉଛି । ବର୍ତ୍ତମାନ ପାଣି ପାଇଁ ଲୋକେ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ କରୁଛନ୍ତି। କିଡନୀ ରୋଗ ଜୀବନ ନେଉଥିଲେ ସୁଦ୍ଧା ନଳକୂପର ଫ୍ଲୋରାଇଡ଼ ପାଣି ପିଇ ଶୋଷ ମେଣ୍ଟାଇବା ପାଇଁ ମହିଳାଙ୍କ ଲମ୍ବା ଲାଇନ ଦେଖିବାକି ମିଳୁଛି । ଗୋଲାମୁଣ୍ଡା ବ୍ଲକର ଫରଙ୍ଗ ପଞ୍ଚାୟତ ଅର୍ନ୍ତଗତ ଅମଠା ଗ୍ରାମର ୪ ନମ୍ବର ଓ୍ୱାର୍ଡରେ ମହିଳାମାନେ ପ୍ରତିଦିନ ପାଣି ପାଇଁ ସଂଘର୍ଷ କରୁଛନ୍ତି। ବାସୁଧା ଅଛି, ଘରକୁ ଘର ପାଣି ସପ୍ଲାଇ ହୋଇଛି, ଷ୍ଟାଣ୍ଡପୋଷ୍ଟ ନିର୍ମାଣ ହୋଇକି ଭାଙ୍ଗି ମଧ ଗଲାଣି ହେଲେ ଦିନେ ବି ପାଣି ଟୋପେ ପାଇ ନାହାନ୍ତି ଅଞ୍ଚଳବାସୀ। ସେହିଭଳି ମେଗା ପ୍ରୋଜେକ୍ଟ ପକ୍ଷରୁ ପ୍ରତିଘରେ ପାଇପ ବିଛାଇ ପାଣି କନେକସନ କରାଯାଇଛି, କିନ୍ତୁ କେବେ ବି ପାଣି ଟୋପେ ପାଇ ନାହାନ୍ତି । ଫ୍ଲୋରାଇଡ଼ ପାଣି ପିଇଲେ କିଡନୀ ରୋଗ ହୋଇ



ଜୀବନ ଯିବା ସୁନିଶ୍ଚିତ ବୋଲି ଜାଣିଛନ୍ତି। ହେଲେ ଅନ୍ୟ ଉପାୟ ନ ପାଇ ବାଧ ହୋଇ ଶୋଷ ମେଣ୍ଟାଇବା ପାଇଁ ମହିଳା ମାନେ ନଳକୂପରେ ଲମ୍ବା ଲାଇନ ଲାଗାଇ ପାଣି ନେଇଥାନ୍ତି। ଗୋଲାମୁଣ୍ଡା ବ୍ଲକରେ ନିର୍ମାଣ ହେଉଥିବା ମେଗା ପ୍ରୋଜେକ୍ଟ କଥା ନ କହିଲେ ଭଲ। ଏହି ମେଗା ପ୍ରୋଜେକ୍ଟରେ ଟଙ୍କା ପ୍ରବଳ କିନ୍ତୁ କାମ ସମ୍ପୂର୍ଣ୍ଣ ଭାବେ ଦୁର୍ବଳ । ବ୍ଲକର ୨୮ଟି ପଞ୍ଚାୟତର ୧୨୧ ଗୋଟି ଗାଁକୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ୧୬୮ କୋଟି ଟଙ୍କା ବିନିମୟରେ ବନ୍ଧାଗାଁ ନିକଟସ୍ଥ ତେଲନଦୀ କୂଳରେ ମେଗା ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ଏହି କାମକୁ ହାଇଦ୍ରାବାଦର ମେଘା ଇଂଜିନିୟରିଂ ଆଣ୍ଡ ଇନଫ୍ରାଷ୍ଟ୍ରକଚର ଲିମିଟେଡ୍‌କୁ ପ୍ରଦାନ କରାଯାଇଥିଲା । ଏହି କାମ ଗତ ୨୦୨୧ ମସିହା ମାର୍ଚ୍ଚ ୧୦ ତାରିଖରେ ଆରମ୍ଭ ହୋଇଥିବା ବେଳେ ଚଳିତ ମାର୍ଚ୍ଚ ମାସ ୯ ତାରିଖରେ ଶେଷ ହୋଇଥିବା ନେଇ ସୂଚନା ବୋର୍ଡରେ ଉଲ୍ଲେଖ ହୋଇଛି । ହେଲେ ୧୨୧ ଗାଁ ବଦଳରେ ୧୨ଟି ଗାଁକୁ ପାଣି ଯୋଗାଇ ଦିଆଯାଇଛି । ଗୋଲାମୁଣ୍ଡା ବ୍ଲକର ବୃନ୍ଦାବାହାଲ, ବୈଜଳପୁର, ଡୁମେରବାହାଲ, ଲିମସେର, ଚପ୍ରିୟା, ଟିଙ୍ଗିପଦର, ଗ୍ରୀଣ୍ଡୋଲ, ଅମୁର୍ଲାପଦର, ଅନ୍ତର୍ଲା, ବାଗମୁଣ୍ଡା, ଗଣ୍ଡାମେର, କାର୍ଲି, ସୁକନିମୁଣ୍ଡା, କୁରେଇସୁନି, ତୁରେଛଡା, ଧାମନପୁର, ପ୍ରଭୃତି ଗ୍ରାମରେ ଫ୍ଲୋରାଇଡ ପାଣି ଯୋଗୁଁ ଭୂତଳ ଜଳ ପାନୀୟ ଉପଯୋଗୀ ହୋଇ ପାରୁନାହିଁ। ପାଣିରେ ଫ୍ଲୋରାଇଡ୍ ମାତ୍ରା ଅଧିକ ରହିବା କାରଣରୁ ଏହି ଗ୍ରାମ ମାନଙ୍କରେ ଥିବା ଶତାଧିକ ଲୋକ କିଡ୍‌ନି ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଲେଣି। ବର୍ତ୍ତମାନ ଗୋଲାମୁଣ୍ଡା ବ୍ଲକବାସୀଙ୍କ ପାଇଁ ବିଶୁଦ୍ଧ ପାନୀୟଜଳ ପାଇଁ ଏଯାବତ କିଛି ଠୋସ ପଦକ୍ଷେପ ନିଆଯାଉ ନଥିବାରୁ ଲୋକେ ଆତଙ୍କିତ ହୋଇ ପଡ଼ିଛନ୍ତି। ପାଇପ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲେ ମଧ ବହୁ ପ୍ରକଳ୍ପ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଫ୍ଲୋରାଇଡ ଥିବା ଅଞ୍ଚଳର ସମସ୍ତ ଲୋକଙ୍କ ପାଖରେ ପାନୀୟ ଜଳଯୋଗାଣ ପାଇଁ ବ୍ୟବସ୍ଥା ନ ହେବା ଯୋଗୁଁ ଫ୍ଲୋରାଇଡ୍ ପାଣି ପିଇ ଅକାଳରେ ଜୀବନ ଯାଉଛି। କିଡନୀ ରୋଗରେ ଆଉ କେତେ ମୁଣ୍ଡ ଗଡ଼ିଲେ ଲୋକଙ୍କ ପାଖକୁ ବିଶୁଦ୍ଧ ପାନୀୟ ଜଳ ମିଳିବ ବୋଲି ଲୋକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି ।

## ସରିଲା ପାଟଖଣ୍ଡା ବୁଢାରଜା ଝାମୁଯାତ୍ରା

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍ ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତ ଥୁଆଙ୍ଗପଦର ପାଟଖଣ୍ଡା ବୁଢାରଜା ଝାମୁଯାତ୍ରା ପାରମ୍ପରିକ ରୀତିନୀତି ଅନୁସାରେ ମଙ୍ଗଳବାର ସମ୍ପନ୍ନ ହୋଇଛି। ପ୍ରଥମେ ଗାଁରୁ ବିଭିନ୍ନ ପ୍ରକାର ଶସ୍ୟ ସଂଗ୍ରହ କରି ନୂଆଁ ବାଉଁଶରେ ୭ଟି ଚାଙ୍ଗୁଡ଼ିରେ ନିକଟସ୍ଥ ନଦୀରୁ ବାଲି କଢାଯାଇଥିଲା। ପରେ ଗାଁରୁ ସଂଗୃହିତ ବିହନକୁ ଗଜା ହେବାପାଇଁ ବାଲି ଚାଙ୍ଗୁଡ଼ିରେ ପକାଯାଇଥିଲା। ସେହି ବାଲି ଗଜାକୁ ସାତଦିନ ପର୍ଯ୍ୟନ୍ତ ମନ୍ଦିର ପୂଜକ ପୂଜାର୍ଚ୍ଚନା କରିଥିଲେ ଓ ନିକଟସ୍ଥ ତାଦିଶୋରୁ ଜଙ୍ଗଲକୁ ଯାଇ ବେଲକଣ୍ଟା ଆଣି ପୂଜକମାନେ ଝାମେର ଦୋଳି ପ୍ରସ୍ତୁତ କରିଥିଲେ। ଯାତ୍ରା ଦିନ ବେଲକଣ୍ଟା ଦୋଳିରେ ବସି ଭକ୍ତଙ୍କୁ ଦର୍ଶନ ଦେଇଥିବା ବେଳେ ପାଟଖଣ୍ଡା ବୁଢାରଜା କାଳେସୀ ରଡ ନିଆଁ ଉପରେ ଚାଲିବା ଦୃଶ୍ୟ ସମସ୍ତଙ୍କୁ ବିମୋହିତ କରିଥିଲା। ଏହି ସମୟରେ ବାଜା, ଘୁମୁରା ଓ କୀର୍ତ୍ତନର ଶବ୍ଦ ଗୁଞ୍ଜରି ଉଠୁଥିଲା। ଯାତ୍ରା ସରିଲା ପରେ ମାନସିକ କରିଥିବା ଲୋକଙ୍କ ଦ୍ୱାରା କୁକୁଡା, ପାରା, ବତକ, ଛେଳି ଆଦି ବଳି ଦିଆଯାଇଥିଲା। ମୁଖ୍ୟ ପୂଜକ ବାନ ମାଝୀ, ଉଆଁସୁ ହରିଜନ, ବାହୁକ ବିଟୁ ମାଝୀ, ବୁଢାରଜା ସାଂସ୍କୃତିକ ଅନୁଷ୍ଠାନ ସଦସ୍ୟ ରାମଚନ୍ଦ୍ର ମାଝୀ, ବିଜୟ ମାଝୀ, ପ୍ରଦୀପ ମାଝୀ ପ୍ରମୁଖ ସହଯୋଗ କରିଥିଲେ।

### ବିଭିନ୍ନ ସମସ୍ୟା ନେଇ ଆଲୋଚନା

## ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ ପର୍ଯ୍ୟଟନସ୍ଥଳ ତିଖାଳି ଓ ପତୋରା ଡ୍ୟାମ୍ ପରିଭ୍ରମଣ




କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : ଗୋଷ୍ଠୀ ଶିକ୍ଷା ଅଧିକାରୀ, କେସିଙ୍ଗା ଆନନ୍ଦ କୁମାର ବେହେରାଙ୍କ ଅଧକ୍ଷତାରେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପ୍ରାୟୋଜିତ କାର୍ଯ୍ୟକ୍ରମ ପର୍ଯ୍ୟଟନ ସ୍ଥଳ ପରିଭ୍ରମଣରେ କେସିଙ୍ଗା ବ୍ଲକର ୩୫ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ୧୫ଟି ଉଚ୍ଚ ବିଦ୍ୟାଳୟର ୧୫୦ ଜଣ ଛାତ୍ରଛାତ୍ରୀ ତଥା ୧୩ ଜଣ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ତଥା ୪ ଜଣ ଗାଇଡ ଶିକ୍ଷୟତ୍ରୀ ଓ ୧୫ ଜଣ ଗାଇଡ ଶିକ୍ଷକ ପରିଭ୍ରମଣରେ ଯାଇଥିଲେ। ପ୍ରଥମେ ଛାତ୍ରଛାତ୍ରୀଙ୍କ ପଞ୍ଜିକରଣ ପ୍ରକ୍ରିୟା କରାଯାଇ ସେମାନଙ୍କୁ ଦର୍ଶନୀୟ ସ୍ଥାନ ପତୋରା ଡ୍ୟାମ୍ ବିଷୟରେ ଏକ ସମ୍ପୂର୍ଣ୍ଣ ବିବରଣୀ ଇତିହାସ ଗୋଟିଏ ଲେଖାଏଁ ନୋଟ ପ୍ୟାଡ଼, କଲମ ଓ ଫାଇଲ ଦିଆଯାଇଥିଲା। ସେଥିରେ ସେମାନେ ପୂରା ଦିନଟିକୁ କିପରି ଉପଭୋଗ କଲେ କଣ ସବୁ ଦେଖିଲେ, ଜାଣିଲେ ତାହା ଲେଖିବା ପାଇଁ ସୂଚନା ଦିଆଯାଇଥିଲା। କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ୩ଟି ବସ୍‌ର ବନ୍ଦୋବସ୍ତ କରାଯାଇଥିଲା। ଏହା ପରେ ବସ୍ ଗୁଡ଼ିକ ପ୍ରଥମେ ତିଖାଳି ଡ୍ୟାମ ଅଭିମୁଖେ ଯାତ୍ରା କରିଥିଲା। ସେଠାରେ ଛାତ୍ରଛାତ୍ରୀ ମାନେ ସୁନ୍ଦର୍ ଭାବରେ ଭ୍ରମଣ କରି ନିଜ ନିଜ ବିଭିନ୍ନ ଫଟୋ ଚିତ୍ର ଉଠେଇବାରେ ଭାଗ ନେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ବେହେରା ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସମ୍ପତି ଛୁରାଙ୍କ ସହ ସମସ୍ତେ ଫଟୋ ଉତ୍ତୋଳନ କରିଥିଲେ। ଏହାପରେ ଛାତ୍ରଛାତ୍ରୀଙ୍କୁ ନେଇ ବସ ଗୁଡ଼ିକ ପତୋରା ଡେମ୍ ଅଭିମୁଖେ ଯାତ୍ରା କରିଥିଲା। ପ୍ରାୟ ୧୧ଟା ବେଳକୁ ସମସ୍ତେ ପହଞ୍ଚି ପ୍ରଥମେ ସେଠାର ଯୋଗେଶ୍ୱର ଶିବ ମନ୍ଦିର ପୀଠ ଦର୍ଶନ କରିଥିଲେ। ଏହାପରେ ସମସ୍ତେ ରୋଷେଇ ସ୍ଥଳକୁ ଆସି କିଛି ସମୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ବେହେରା ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ଛୁରା ତଥା ଅନ୍ୟାନ୍ୟ ଗାଇଡ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ସହ ଭାବର ଆଦାନ ପ୍ରଦାନ କରିଥିଲ। ତାପରେ ବସ୍ ଗୁଡ଼ିକ ପ୍ରାୟ ରାତି ୭ ଟାରେ ଆସି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା ।

## ରକ୍ଷଣାବେକ୍ଷଣା ଦିଗରେ ଦୃଷ୍ଟି ଦେବାକୁ ଦାବି





ଅସାମାଜିକ ବ୍ୟକ୍ତି କରୁଛନ୍ତି ବସଷ୍ଟାଣ୍ଡ ନଷ୍ଟ

କୋକସରା, (ଭାସ୍କର ନ୍ୟୁଜ୍ ) : ଗ୍ରାମାଞ୍ଚଳରୁ ବ୍ଲକ ସଦର ମହକୁମାକୁ ଯୋଗାଯୋଗ କ୍ଷେତ୍ରରେ ସୁଗମ କରିବା ପାଇଁ ପୂର୍ବ ରାଜ୍ୟ ସରକାର ସମୟରେ ଲୋକଙ୍କ ସୁବିଧା ନିମନ୍ତେ ସୁଲଭ ବସ୍ ସେବା ଆରମ୍ଭ ହୋଇଥିଲା। ଏବଂ ପ୍ରତି ଗ୍ରାମ ପଞ୍ଚାୟତରେ ଲକ୍ଷାଧିକ ଟଙ୍କାରେ ସରକାରୀ ବସଷ୍ଟାଣ୍ଡ ଗୁଡ଼ିକ ନିର୍ମାଣ କରାଯାଇଥିଲା। ଉଦ୍ଦେଶ୍ୟ ଥିଲା ଯାତ୍ରୀମାନେ ବସ ଅପେକ୍ଷା କରିବା ସହ ବିଶ୍ରାମ ନେବା। ହେଲେ କୋକସରା ବ୍ଲକର ୨୨ ଗୋଟି ପଞ୍ଚାୟତରେ ନିର୍ମାଣ ହୋଇଥିବା ବସଷ୍ଟାଣ୍ଡ ଗୁଡ଼ିକୁ କିଛି ଅସାମାଜିକ ଲୋକେ ଭଙ୍ଗାରୁଜା କରି ନଷ୍ଟ କରିଥିବା ଦେଖିବାକୁ ମିଳୁଛି। ଟେମରା ପଞ୍ଚାୟତର ହଂସପଡା, ମହିମା ରାସ୍ତାର ପୁରୁଣା ମଦ ଭାଟି ଛକ ନିକଟରେ ନିର୍ମାଣ ହୋଇଥିବା ବସଷ୍ଟାଣ୍ଡର ମାର୍ବଲ ଉପାଡ଼ି ଭାଙ୍ଗିଥିବା ବେଳେ ସୁରକ୍ଷା ପାଇଁ ଲଗାଯାଇଥିବା ଷ୍ଟିଲ ବାରିକେଡ ଗୁଡ଼ିକକୁ ମଧ ଭାଙ୍ଗି ଦେଇଥିବା ଦେଖିବାକୁ ମିଳୁଛି। ଗତ କିଛିଦିନ ହେବ ଏହି ବସଷ୍ଟାଣ୍ଡ ଠିକ୍ ଠାକ୍ ରହିଥିବାବେଳେ କିଛି ଅସାମାଜିକ ଲୋକେ ମାର୍ବଲ ଓ ଷ୍ଟିଲ ବାରିକେଡକୁ ଉପାଡ଼ି ନେଇ ଯିବାକୁ ଚେଷ୍ଟା କରିଛନ୍ତି, ଏଣୁ ଏହା ଭାଙ୍ଗିଯାଇ ନଷ୍ଟ ହୋଇଥିବା ପୂର୍ବତନ ସମିତି ସଭ୍ୟ ରାଜେନ୍ଦ୍ର ନାଏକଙ୍କ ସମେତ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେହିପରି ଗମ୍ଭାରୀଗୁଡା ପଞ୍ଚାୟତର ଅଁଳାଗୁଡା ଛକରେ ଥିବା ବସଷ୍ଟାଣ୍ଡ ମଧ ଅସାମାଜିକ ଲୋକଙ୍କ ପାଇଁ ଭାଙ୍ଗିରୁଜି ଦୟନୀୟ ଅବସ୍ଥାରେ ପଡ଼ି ରହିଥିବାବେଳେ ବ୍ଲକର ଏକାଧିକ ପଞ୍ଚାୟତରେ ଥିବା ବସଷ୍ଟାଣ୍ଡ ଗୁଡ଼ିକ ମଧ ସମାନ ଅବସ୍ଥାରେ ଥିବା ଦେଖିବାକୁ ମିଳୁଛି। ତେଣୁ ପ୍ରଶାସନ ଏ ଦିଗରେ ଦୃଷ୍ଟିଦେବା ସହ ଏହାର ଯତ୍ନ ନେବାକୁ ଜନ ସାଧାରଣରେ ଦାବି ହୋଇଛି।

## ରାଶିଫଳ

ଗୁରୁବାର, ୨୦ ମାର୍ଚ୍ଚ ୨୦୨୫



**ମେଷ:** ସାମାଜିକ କଲ୍ୟାଣ କାମରେ ପୂର୍ଣ୍ଣ ସହଯୋଗ କରିବେ। କାର୍ଯ୍ୟ କ୍ଷେତ୍ରରେ ସୁଖ-ଶାନ୍ତି ବୃଦ୍ଧି ହେବ। ଶତୃମାନେ ମିତ୍ରଭାବ ଆଚରଣ କରିବେ। ପରିବାରରେ ଆଦରଣୀୟ ହୋଇ ସୁଖଭୋଗ କରିବେ। ବ୍ୟବସାୟକ୍ଷେତ୍ରରେ ଅନେକ ସୂତ୍ରରୁ କିଛି ଧନ ପାଇବାର ଯୋଗ ଅଛି।




**ବୃଷ:** ରାଜନୀତିରେ କାର୍ଯ୍ୟରେ ପ୍ରେରଣା ଓ ଉତ୍ସାହ ପ୍ରାପ୍ତି ହେବ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଶାରୀରିକ ଓ ମାନସିକ ସ୍ଥିରତା ଦେଖାଦେବ। ଛାତ୍ର-ଛାତ୍ରୀମାନେ ନିଜ ଗୋଡରେ ନିଜେ ଠିଆ ହେବାକୁ ସାହସ ବାନ୍ଧିବେ। ନିର୍ମାଣଧୀନ କାର୍ଯ୍ୟ ସମ୍ପନ୍ନ ହେବ।



**ମିଥୁନ:** ସାଙ୍ଗସାଥିମାନେ ସାହାଯ୍ୟ କରିବେ ଓ ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ଛାତ୍ର-ଛାତ୍ରୀମାନଙ୍କର ପରୀକ୍ଷା ପ୍ରତିଯୋଗିତାରେ ସଫଳତା ମିଳିବ। ବ୍ୟବସାୟକ୍ଷେତ୍ରରେ କାରବାରର ଗତି ରୀତିରେ ପରିବର୍ତ୍ତନର ଆଶଙ୍କା ନାହିଁ। କର୍ମକ୍ଷେତ୍ରରେ ପାରିଶ୍ରମିକ ତୁଳନାରେ ଅଧିକ ଶ୍ରମ କରିବେ।



**କର୍କଟ:** ସହକର୍ମୀ ମାନଙ୍କର ସମର୍ଥନ ଏବଂ ଅଧସ୍ତନଙ୍କର ସହଯୋଗ ଯୋଗୁ କର୍ମକ୍ଷେତ୍ରରେ ସମ୍ମାନ ବୃଦ୍ଧି ଏବଂ ସୁନାମ ଅର୍ଜନ କରିବେ। ବନ୍ଧୁ, ମିତ୍ର ଏବଂ ଉଚ୍ଚପଦାଧି କାରୀଙ୍କ ଠାରୁ ସାହାଯ୍ୟ ସହଯୋଗ ପାଇବେ।



**ସିଂହ:** ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇଯିବ। ସହକର୍ମୀ ଓ ଅଧସ୍ତନ କର୍ମଚାରୀଙ୍କ ସହ ସମ୍ପର୍କ ଭଲ ରହିବ ଓ ବରିଷ୍ଠ ବ୍ୟକ୍ତିଙ୍କ ସହ ସୁସମ୍ପର୍କ ସ୍ଥାପିତ ହେବ। ବ୍ୟବସାୟରେ ଆଶାତୀତ ଲାଭକରି ଖୁସିହେବେ। ଆନୁଷ୍ଠାନିକ କାମରେ ଠିକ୍ ପରାମର୍ଶ ଦେଇ ଆଦର, ସମ୍ମାନ ଓ ପ୍ରଶଂସା ମିଳିବ।




**କନ୍ୟା:** ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବ। ଛାତ୍ର-ଛାତ୍ରୀମାନଙ୍କର ବିଦ୍ୟାରେ ଉନ୍ନତି ଘଟିବ। କର୍ମକ୍ଷେତ୍ରଟି ସୁଦୃଢ ହେବ। ପ୍ରମୋଶନ ସୂଚନାପାଇ ଖୁସି ହେବେ। ପାରିବାରିକ ଏବଂ ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ।



**ତୁଳା:** ସନ୍ତାନଙ୍କର ଉନ୍ନତିରେ ଖୁସି ହେବେ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ନୂତନକର୍ମପ୍ରାପ୍ତିର ସୂଚନା ପାଇବେ। ବ୍ୟବସାୟକ୍ଷେତ୍ରରେ ପୁଞ୍ଜିଲଗାଣ, ଉଦ୍ୟୋଗ, ଧନ ଆଦାନ ପ୍ରଦାନରେ ଲାଭବାନ୍ ହେବେ। ପରିବାରର ସମସ୍ୟାର ସମାଧାନ ହୋଇଯିବ। ରାଜନୀତି କ୍ଷେତ୍ରରେ ସାମାଜିକ କଲ୍ୟାଣ ଓ ଜୀବନସ୍ତର ପରିବର୍ତ୍ତନର ଉଦ୍ୟମ କରିବେ।




**ବିଛା:** ସନ୍ତାନ ସନ୍ତତିଙ୍କ ମର୍ଜି ରକ୍ଷାକରି ଶାନ୍ତି ପାଇବେ। ସାମାଜିକ କାର୍ଯ୍ୟରେ ରତ ହେଲେ ସାଧୁ-ସନ୍ଥ ଓ ଗୁରୁଜନଙ୍କ ଶୁଭାଶୀର୍ବାଦ ପ୍ରାପ୍ତ ହେବ। କିଣା ବିକା ବା କମିଶିନ୍ ବ୍ୟବସାୟରେ ଆଶାତୀତ ଲାଭକରି କିଛି ନୂତନ ପଦାର୍ଥ ସଂଗ୍ରହ କରିବେ। ନିର୍ମାଣ ମୂଳକ ଯୋଜନାରେ ଆଗେଇ ପାରିବେ ଓ ଅଧା-ଅଧୁରାଥିବା କାର୍ଯ୍ୟ ପୂରଣ ହୋଇଯିବ।



**ଧନୁ:** ଶାରୀରିକ ସୁସ୍ଥତା ସହ ମାନସିକ ଶାନ୍ତି ଦେଖାଦେବ। ବ୍ୟବସାୟରେ ଉଧାର ଦେଇ ଫେରି ପାଇବା ସହଜ ହେବ। ପାରିବାରିକ କ୍ଷେତ୍ରରେ ସାଧାରଣ ଚଳଣି ଅତୁଟ ରହିବ। ପରୀକ୍ଷା, ପ୍ରତିଯୋଗୀତା, ସାକ୍ଷାତକାରରେ ବିଜୟୀ ହେବେ। ଅନେକ କ୍ଷେତ୍ରରେ ସ୍ୱାଭିମାନ ରକ୍ଷା ହେବ।



**ମକର:** ଜାଗା, ଜମି, ଗୃହପୋକରଣ କ୍ରୟ କରିବେ। ଆୟ ଉପାର୍ଜନରେ ବାଧା ନାହିଁ। ବାଦବିବାଦ, ପରୀକ୍ଷା ପ୍ରତିଯୋଗିତା, ମାଲିମୋକଦ୍ଦମା ଓ ସାକ୍ଷାତ୍କାରରେ ବିଜୟୀ ହେବେ। ବକେୟା ଅର୍ଥ କିଛି ମିଳିବ। ମାନସିକ ଶାନ୍ତି ଓ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପାରିବାରିକକ୍ଷେତ୍ରରେ ସ୍ନେହସଦ୍ଭାବର ବୃଦ୍ଧିହେବ। କର୍ମସଂଧାନୀ ମାନେ କର୍ମନିଯୁକ୍ତି କ୍ଷେତ୍ରରେ ସଫଳ ହେବେ। କର୍ମକ୍ଷେତ୍ରରେ ସାମାଜିକ ପ୍ରତିଷ୍ଠା ଓ ମାନ-ସମ୍ମାନ ବୃଦ୍ଧି ହେବ।



**କୁମ୍ଭ:** ବ୍ୟବସାୟକ୍ଷେତ୍ରରେ ସୁଖ ସମୃଦ୍ଧି ବୃଦ୍ଧି ଓ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ହେବ। ରାଜନୀତି କ୍ଷେତ୍ରରେ ସଫଳତା ଏବଂ ଲୋକ ସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବ। ଧାର୍ମିକ କାର୍ଯ୍ୟରେ ରୁଚି ବୃଦ୍ଧି ପାଇବ। କର୍ମ କ୍ଷେତ୍ରରେ ମାନ-ସମ୍ମାନ ବୃଦ୍ଧି ହେବ। କୌଣସି ପୁରାତନ ରୋଗରୁ ମୁକ୍ତି ମିଳିବ।



**ମୀନ:** ତଳ ମହଲରୁ ଆଶାତୀତ ଲାଭ ପାଇବେ। ବିଦ୍ୟାରେ ଉନ୍ନତି କରିବେ। କର୍ମକ୍ଷେତ୍ରରେ ଚିନ୍ତା କରିଥିବା କାମ ଗୁଡିକ ଠିକ୍ ଭାବେ ସଂପୂର୍ଣ୍ଣ ହେବ। କୋର୍ଟ-କଚେରୀ ଧନ୍ଦା ମଧ୍ୟରେ ଆଶ୍ୱସ୍ତି ବଢିବ। ଭୋଗ ବିଳାସକୁ ତୁଚ୍ଛମଣି କର୍ତ୍ତବ୍ୟ ସାଧନକୁ ଭଗବତ୍ ସେବାଭଳି ମାନ୍ୟତା ଦେବେ। ବ୍ୟବସାୟକ୍ଷେତ୍ରରେ ସୁଖ ସମୃଦ୍ଧି ବୃଦ୍ଧି ଓ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ହେବ।



ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯